# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ନଭେମ୍ବର ୧୭ /୨୦୧୮ (୧୬ ପୃଷ୍ଠା) (ପିଲାଙ୍କ ଧରିତ୍ରୀ) Rayagada, Saturday, November 17 / 2018 (Career & Appointment) | ★

୮ମ ଭାଗ ୨୭୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ମିଷ୍ଟର ୟୁନିଭର୍ସ ବଡିବିଲ୍ଡିଂରେ ଭାଗନେବେ ଜନ୍ମେଜୟ**
ଓଡ଼ିଶାର ପ୍ରତିଷ୍ଠିତ ବଡିବିଲ୍ଡର ଜନ୍ମେଜୟ ମହାନ୍ତି ଜର୍ମାନୀର ହାମ୍‌ବର୍ଗଠାରେ ହେବାକୁ ଯାଉଥିବା ମିଷ୍ଟର ୟୁନିଭର୍ସ ବିଶ୍ୱ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ଭାଗନେବେ। ୧୫

୦୨ **ପ୍ରିୟଙ୍କାଙ୍କ ବିବାହ ପାଇଁ ପ୍ରସ୍ତୁତି**
ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ବାହାଘର ପାଇଁ ଯୋଧପୁରଠାରେ ପ୍ରସ୍ତୁତି ଆରମ୍ଭ ହୋଇଛି।



# ଆନ୍ଧ୍ର ହାତକୁ ଟେକିଦେଲେ ସ୍ୱାସ୍ଥ୍ୟକେନ୍ଦ୍ର

## ■ସ୍ୱାସ୍ଥ୍ୟକେନ୍ଦ୍ର ଘେରି ତାଲା ମାରିଲେ ଶତାଧିକ ଗ୍ରାମବାସୀ

ଲମତାପୁଟ/ଅନକାଡେଲି, ୧୬।୧୧(ଡି.ଏନ୍.ଏ.)

**ଘରୋଇକରଣ ପ୍ରତିବାଦରେ ଦାବିପତ୍ର**



ମାଓବାଦୀ ପ୍ରବଣ ତଥା ଆଦିବାସୀ ବହୁଳ କୋରାପୁଟ ଜିଲାର ଲମତାପୁଟ ବ୍ଲକ ଅନକାଡେଲି ସ୍ଥିତ ପ୍ରୋଜେକ୍ଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ତାଲା ପକାଇଛନ୍ତି ଗ୍ରାମବାସୀ। ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ପକ୍ଷରୁ ଆନ୍ଧ୍ରର ଏକ ଘରୋଇ ମେଡିକାଲକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରୁ କର୍ମଚାରୀଙ୍କ ବଦଳି ସହ ଏହାକୁ ବନ୍ଦ ରଖାଯାଇଥିଲା। ଏହାର ପ୍ରତିବାଦରେ ଅନକାଡେଲି ଅଞ୍ଚଳର ଶତାଧିକ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇଛନ୍ତି।

ସୂଚନା ଅନୁଯାୟୀ, ଅନକାଡେଲି ପ୍ରୋଜେକ୍ଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା ଦାୟିତ୍ୱ ନଭେମ୍ବର ୧ରୁ ଆନ୍ଧ୍ରପ୍ରଦେଶର ଏକ ଘରୋଇ ହସ୍‌ପିଟାଲକୁ ଦେବା ପାଇଁ ଚୁକ୍ତି ହୋଇଥିଲା। ଏହି ଘରୋଇକରଣ ପ୍ରକ୍ରିୟାରେ ସ୍ୱାସ୍ଥ୍ୟକେନ୍ଦ୍ରର ନିୟମିତ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଗଲା। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ କୌଣସି ଡାକ୍ତର କିମ୍ବା କର୍ମଚାରୀ ନାହାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ଟି ପଞ୍ଚାୟତ ସମେତ ମାଛକୁଣ୍ଡ, ଡିକେନପୁଟ, ବାଦିଗଡ଼, ଅନକାଡେଲି, ଯୋଡ଼ାମ୍ବ, ଗୋଡ଼ିପୁଟ, ରିଡାଲ, ଗୁଡାଲପୁଟ, ବଡ଼ଡୁରାଲ, ହନ୍ତାଲପୁଟ ତଥା ମାଲକାନଗିରି ଜିଲା ଖଇରପୁଟ ବ୍ଲକର କେତେକ ଗ୍ରାମବାସୀ ଭରସା କରିଥାନ୍ତି। ଗତ ନଭେମ୍ବର ୧ରୁ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି କର୍ମଚାରୀ ନଥିବା ହେତୁ କେନ୍ଦ୍ର ଖୋଲାଯାଇ ନାହିଁ। ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନକାଡେଲିରୁ ଲମତାପୁଟ ୨୭ କିଲୋମିଟର ବାଟ ହୋଇଥିବା ବେଳେ ବାଧହୋଇ ରୋଗୀ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆସୁଛନ୍ତି। ଫଳରେ ବୁଧବାର ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଘେରାଉ କରିଥିଲେ। ଏହାସତ୍ତ୍ୱେ କୌଣସି ଅଧିକାରୀ ଆସି ନଥିବା ଯୋଗୁଁ ଶୁକ୍ରବାର ଅଞ୍ଚଳର ଶତାଧିକ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଘେରାଉ କରିଛନ୍ତି। ପ୍ରୋଜେକ୍ଟ ସୁପରିଣ୍ଟେଣ୍ଡେଣ୍ଟ ହାଇଦ୍ରାବାଦରେ ରହୁଥିବା ହେତୁ କୌଣସି ଆଲୋଚନା ହୋଇପାରି ନାହିଁ। ଶୁକ୍ରବାର ସନ୍ଧ୍ୟାରେ ଇଞ୍ଜିନିୟର ଜେ. ସତ୍ୟନାରାୟଣ ପହଞ୍ଚି ବହୁ ସମୟ ଆଲୋଚନା କରିଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ। କର୍ମଚାରୀ ନିଯୁକ୍ତି ଓ ସ୍ୱାସ୍ଥ୍ୟକେନ୍ଦ୍ର ନିୟମିତ ନ ଚାଲିବା ପର୍ଯ୍ୟନ୍ତ ତାଲା ଖୋଲିବନି କି ଘେରାଉ ବନ୍ଦ ହେବନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ଅଞ୍ଚଳର ପି.ଏସ୍.ଏନ୍. ମୂର୍ତ୍ତି, ଦଇତାରି ହନ୍ତାଳ, ଦୟା ହନ୍ତାଳ, ଡମ୍ବୁ ଖିଲଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଘେରାଉରେ ସାମିଲ ଥିଲେ।


# ଆନ୍ଧ୍ରକୁ ସିବିଆଇ ବାଟ ବନ୍ଦ

## ■ 'ସାଧାରଣ ସମ୍ମତି' ପ୍ରତ୍ୟାହାର କଲେ ଚନ୍ଦ୍ରାବାବୁ ସରକାର

ଅମରାବତୀ,୧୬।୧୧(ଆଇଏଏନ୍‌ଏସ୍)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଆଉ ଆନ୍ଧ୍ରପ୍ରଦେଶକୁ ପ୍ରବେଶ କରିପାରିବ ନାହିଁ। ରାଜ୍ୟ ସରକାରଙ୍କ ବିନା ଅନୁମତିରେ ସେଠାକାର କୌଣସି ବ୍ୟାପାରରେ ହସ୍ତକ୍ଷେପ କରିପାରିବ ନାହିଁ। ଏପରି କି ସିବିଆଇ ଆନ୍ଧ୍ରପ୍ରଦେଶର କୌଣସି ସ୍ଥାନରେ ଚଢ଼ାଉ କିମ୍ବା କୌଣସି ମାମଲାର ତଦନ୍ତ ମଧ୍ୟ କରିପାରିବ ନାହିଁ। ରାଜ୍ୟ ଓ ସିବିଆଇ ମଧ୍ୟରେ ଥିବା 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର କରି ତଦନ୍ତକାରୀ ସଂସ୍ଥା ପାଇଁ ସବୁ ବାଟ ବନ୍ଦ କରିଦେଇଛନ୍ତି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସରକାର। ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଏହି ଅପ୍ରତ୍ୟାଶିତ ପଦକ୍ଷେପ ପରେ ସିବିଆଇକୁ ଲାଗିଛି ଶକ୍ତ ଝଟକା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରର ଏନ୍‌ଡିଏ ସରକାର କ୍ଷମତାର ଅପବ୍ୟବହାର କରି ସିବିଆଇକୁ ବିରୋଧୀଙ୍କ ବିପକ୍ଷରେ ଲଗାଉଥିବା ଅଭିଯୋଗ ଆଣି ଚନ୍ଦ୍ରାବାବୁଙ୍କ ସପକ୍ଷରେ ବାହାରିଛନ୍ତି।

ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ଆସିଥିବାବେଳେ ଚନ୍ଦ୍ରାବାବୁଙ୍କ ସଦ୍ୟ ପଦକ୍ଷେପ ତଦନ୍ତକାରୀ ସଂସ୍ଥାକୁ ଅଧିକ ବିବାଦୀୟ କରିଦେଇଛି। ଆନ୍ଧ୍ରପ୍ରଦେଶ ସରକାର ଗତ ଅଗଷ୍ଟ ୩ରେ ସିବିଆଇକୁ ପ୍ରଦାନ କରିଥିବା 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର କରିନେଇଛନ୍ତି। ଏନେଇ ରାଜ୍ୟ ଗୃହ ବିଭାଗ ପ୍ରଧାନ ସଚିବ ଏ.ଆର. ଅନୁରାଧା ନଭେମ୍ବର ୮ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଅତ୍ୟନ୍ତ ଗୋପନୀୟ ବୋଲି ବିବେଚନା କରାଯାଉଥିବା ଉକ୍ତ ନିର୍ଦ୍ଦେଶନାମା ୧୫ ତାରିଖ (ଗୁରୁବାର) ରାତିରେ ପ୍ରଘଟ ହୋଇଛି। ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଡିଏସ୍‌ପିଇ) ଆକ୍ଟ, ୧୯୪୬ର ଧାରା ୬ ଅନୁସାରେ ରାଜ୍ୟ ସରକାର ନିଜ କ୍ଷମତା ଓ ପ୍ରଶାସନିକ ଅଧିକାର ପ୍ରୟୋଗ କରି ସିବିଆଇଠାରୁ 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର କରିନେଇଥିବା ଏଥିରେ ଉଲ୍ଲେଖ ରହିଛି। ଆନ୍ଧ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସିବିଆଇରେ ଚାଲିଥିବା ଅନ୍ତର୍ବିବାଦ ଯୋଗୁ ତଦନ୍ତକାରୀ ସଂସ୍ଥା ଏହାର ବିଶ୍ୱସନୀୟତା ହରାଇଛି। ସେହିପରି ରାଜ୍ୟ ବ୍ୟାପାରରେ ସିବିଆଇର ହସ୍ତକ୍ଷେପକୁ ସରକାର ଅନାବଶ୍ୟକ ବୋଲି ଅନୁଭବ କରିବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ସିବିଆଇ ନିର୍ଦ୍ଦେଶକଙ୍କ ନିକଟକୁ ଏହି ନିର୍ଦ୍ଦେଶନାମାର ଏକ ନକଲ ପଠାଯାଇଥିବା ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଟିଡିପି ସମର୍ଥନ ପ୍ରତ୍ୟାହାର କରିବା ପରେ କେନ୍ଦ୍ର ଓ ଆନ୍ଧ୍ର ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଦୃଷ୍ଟିରୁ ଚନ୍ଦ୍ରାବାବୁଙ୍କ ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। କାରଣ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ଦାବି କରୁଥିବା ଟିଡିପି ନେତାମାନଙ୍କୁ ଟାର୍ଗେଟ କରିବାକୁ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ବ୍ୟବହାର କରୁଥିବା ଦଳର ଅଧ୍ୟକ୍ଷ ଚନ୍ଦ୍ରାବାବୁ ଅଭିଯୋଗ କରିଆସୁଛନ୍ତି। ପ୍ରକାଶ ଯେ, କିଛି ସପ୍ତାହ ହେଲା ☞ପୃଷ୍ଠା-୪



ଏନ୍. ଚନ୍ଦ୍ରାବାବୁ ନାଇଡୁ

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

## ନେତାଗିରି ଲୋଭ

**ସର୍ବସାଧାରଣଙ୍କ ପାଇଁ ବିଶେଷ ସୂଚନା**

ରାୟଗଡା ଜିଲା ପ୍ରତିନିଧି ଭାବେ 'ଧରିତ୍ରୀ'ରେ କାମ କରୁଥିବା ଶିବଦତ୍ତ ସାହୁ ଇତି ମଧ୍ୟରେ ଆମ ସଂସ୍ଥା ଛାଡି ଦେଇଛନ୍ତି। ଏହା ପରେ ସେ ଯଦି 'ଧରିତ୍ରୀ' ନାମ ନେଇ କୌଣସି ବ୍ୟକ୍ତି ବିଶେଷ, ସରକାରୀ, ବେସରକାରୀ ସଂସ୍ଥା କିମ୍ବା କୌଣସି ଅନୁଷ୍ଠାନ ସହ ଖବର ପ୍ରକାଶନ କିମ୍ବା ଆର୍ଥିକ କାରବାର କରନ୍ତି ତେବେ ଏଥିପାଇଁ 'ଧରିତ୍ରୀ'ଦାୟୀ ରହିବ ନାହିଁ।

# ସରକାରଙ୍କୁ ଚାଷୀ ଅଡୁଆ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

**ବିଧାନସଭାରେ ଘେରିଲେ ବିରୋଧୀ**

**ହଟ୍ଟଗୋଳ: ଶନିବାର ଯାଏ ଗୃହ ମୁଲତବୀ**

ଆଗେ ଚାଷୀ ସମସ୍ୟା ଆଲୋଚନା ହେଉ, ପରେ ଅନ୍ୟ କଥା । ଚାଷୀ ସମସ୍ୟାକୁ ନେଇ ବିରୋଧୀ ବିଧାନସଭାରେ ଗର୍ଜିଛନ୍ତି। ବିରୋଧୀଙ୍କ ପ୍ରଚଣ୍ଡ ଆକ୍ରମଣରେ ସରକାର କିଳିବିଳି ହୋଇ ଯାଇଛନ୍ତି। ବିରୋଧୀ ଦଳ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ବାଏଁ ବାଏଁ ଉଡି ଯାଇଥିଲା। ପରିସ୍ଥିତି ଅସମ୍ଭାଳ ହେବାରୁ ମାତ୍ର ୫ ମିନିଟ ପରେ ବାଧ ହୋଇ ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହକୁ ଶନିବାର ଯାଏ ମୁଲତବୀ ଘୋଷଣା ☞ପୃଷ୍ଠା-୪

## ସୋମବାର ଶପଥ ନେବେ ଜଷ୍ଟିସ ପୂଜାହାରୀ



ଶତ୍ରୁଘ୍ନ ପୂଜାହାରୀ

କଟକ ଅଫିସ, ୧୬।୧୧

ହାଇକୋର୍ଟ ବିଚାରପତି ଭାବେ ଶତ୍ରୁଘ୍ନ ପୂଜାହାରୀ ସୋମବାର ପୂର୍ବାହ୍ନ ୧୦ଟା ୧୫ରେ ଶପଥ ନେବେ। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଜଷ୍ଟିସ ପୂଜାହାରୀଙ୍କୁ ଶପଥ ପାଠ କରାଇବେ। ପୂଜାହାରୀ ଏବେ ମାଡ୍ରାସ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟରତ। ଅକ୍ଟୋବର ଶେଷ ସପ୍ତାହରେ ଓଡ଼ିଶା ହାଇକୋର୍ଟର ୨ ବିଚାରପତି ଇନ୍ଦ୍ରଜିତ ମହାନ୍ତି ଓ ସୁଜିତ ନାରାୟଣ ପ୍ରସାଦଙ୍କୁ ଯଥାକ୍ରମେ ବମ୍ବେ ଏବଂ ଝାଡ଼ଖଣ୍ଡ ହାଇକୋର୍ଟକୁ ବଦଳି କରାଯାଇଥିଲା। ସେହିପରି ଜଷ୍ଟିସ ପୂଜାହାରୀଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ଅନୁମୋଦନ କରାଯାଇଥିଲା।

**ଆଜିର ମନ୍ତବ୍ୟ**

"ବେଆଇନ ଭାବେ ଗଚ୍ଛିତ ରଖିଥିବା ଟଙ୍କା ହରାଇଥିବାରୁ କଂଗ୍ରେସ ବିମୁଦ୍ରୀକରଣ ପରେ କାନ୍ଦୁଛି ।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ରବି ଋତୁରେ ୬୯.୯୫ ଲକ୍ଷ ହେକ୍ଟର ଜମିରେ ଡାଲି ଚାଷ ହୋଇଛି। ଏହା ଗତ ବର୍ଷ ତୁଳନାରେ ୧୮% କମ୍ ।
–କୃଷି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 16.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 56 | 101 | 111 |
| DKL | 59 | 105 | 115 |
| BDK | 58 | 103 | 113 |
| BLS | 58 | 103 | 113 |
| ANG | 62 | 109 | 119 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers








"ଭାରତ ଓ ଚାଇନା ପରସ୍ପର ମଧ୍ୟରେ ସାମରିକ ସହଯୋଗିତା ବୃଦ୍ଧିକରିବା ଉଚିତ। ଦୁଇ ପଡ଼ୋଶୀ ମଧ୍ୟରେ ପାରସ୍ପରିକ ବିଶ୍ୱାସ ବଢ଼ିଲେ ସମସ୍ତ ପ୍ରକାର ମତଭେଦ ଦୂର କରାଯାଇପାରିବ।

-ଜେନ୍ ୱି ଫେଙ୍ଗେ, ଚାଇନା ପ୍ରତିରକ୍ଷାମନ୍ତ୍ରୀ



## ସଂକ୍ଷେପରେ

### ଜଳିଗଲା ବସ୍: ୪୨ ଦଗ୍ଧ

**ହାରାରେ,୧୬।୧୧(ପି.ଟି.):** ଜିମ୍ବାୱେରେ ଏକ ବସ୍ ଦୁର୍ଘଟଣା ଘଟି ୪୨ ଜଣ ପ୍ରାଣ ହରାଇଛନ୍ତି। ଗୁରୁବାର ରାତିରେ ବସ୍‌ଟି ଯାତ୍ରା କରୁଥିବାବେଳେ ସେଥିରେ କେହି ସନ୍ଦିଗ୍ଧ ଏକ ଗ୍ୟାସ୍ ଟାଙ୍କି ରଖିଦେଇଥିଲେ। ହଠାତ୍ ତାହା ବିସ୍ଫୋରଣ ହେବାରୁ ଏତେସଂଖ୍ୟକ ଯାତ୍ରୀଙ୍କ ଜୀବନ ଯାଇଛି। ବିସ୍ଫୋରଣ ପରେ ବସ୍‌ଟି ହୁ ହୁ ହୋଇ ଜଳିଉଠିଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏହି ଘଟଣାରେ ଅନେକେ ମଧ୍ୟ ଆହତ ହୋଇଛନ୍ତି।

### ଖୋଲିଲା ସାବରିମାଳା ମନ୍ଦିର

**ସାବରିମାଳା,୧୬।୧୧(ପି.ଟି.):** ଅନେକ ବାଦ ବିବାଦ ଲାଗିରହିବା ସତ୍ତ୍ୱେ କେରଳର ସାବରିମାଳାରେ ଥିବା ଭଗବାନ ଆୟାପ୍ପାଙ୍କ ମନ୍ଦିର ଶୁକ୍ରବାର ଖୋଲିଛି। ଏଠାରେ ଏବେ ଦୁଇମାସ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିବ। ଅପରାହ୍ନ ୫ଟାରେ ପହଡ଼ ଖୋଲିବା ପରେ ଭକ୍ତଙ୍କ ଭିଡ଼ କାହିଁରେ କେତେ। ବିରୋଧ ଓ ବିକ୍ଷୋଭ ଜାରି ରହୁଥିବାରୁ ସୁରକ୍ଷାବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅନ୍ୟପଟେ ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ବିରୋଧ କରାଯାଉଥିବାରୁ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି ସାମାଜିକ କର୍ମୀ ତୃପ୍ତି ଦେଶାଇ। ଭଗବାନ ଆୟାପ୍ପାଙ୍କ ଦର୍ଶନ ଲାଗି ଶୁକ୍ରବାର ପୂର୍ବାହ୍ନରେ ସେ କେରଳର କୋଚି ବିମାନବନ୍ଦରରେ ପହଞ୍ଚିବା କ୍ଷଣି ତାଙ୍କୁ ବିରୋଧ କରାଯାଇଥିଲା। ଶହଶହ ଆୟାପ୍ପାଙ୍କ ଭକ୍ତ ତାଙ୍କୁ ଘେରିଯିବା ସହ ପଥ ଅବରୋଧ କରିଥିଲେ। ଏସବୁ ଭିତରେ ବିମାନବନ୍ଦରରେ ହାଇଡ୍ରାମା ଦେଖିବାକୁ ମିଳିଥିଲା।

### ଇତିହାସର ଆଇନାରେ

### ନଭେମ୍ବର ୧୭ର ପ୍ରମୁଖ ଘଟଣା

୧୫୫୮ ନଭେମ୍ବର ୧୭ରେ ଏଲିଜାବେଥ୍ ପ୍ରଥମ ଇଂଲଣ୍ଡ ଏବଂ ଆୟର୍ଲାଣ୍ଡର ମହାରାଣୀ ଆସନରେ ବସିଥିଲେ।

୧୮୨୦ ନଭେମ୍ବର ୧୭ରେ କ୍ୟାପ୍‌ଟେନ୍ ନାଥାନିଏଲ୍ ପାମର୍ ପ୍ରଥମ ଆମେରିକୀୟ ଭାବେ ଆଣ୍ଟର୍କଟିକାରେ ପହଞ୍ଚିଥିଲେ। ତାଙ୍କ ନାମାନୁସାରେ ପାମର୍ ପେନିନ୍‌ସୁଲାର ନାମକରଣ କରାଯାଇଛି।

# ଜାଲରେ ସିବିଆଇ

**ନୂଆଦିଲ୍ଲୀ/ଅମରାବତୀ,୧୬।୧୧**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହେଉଛି ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା। କେହି ରାଜନେତା ବା ବରିଷ୍ଠ ଅଧିକାରୀ ଦୁର୍ନୀତି କରିଥିବା ଅଭିଯୋଗ ଆସିଲେ ବା କୌଣସି ବଡ଼ଧରଣର ଅପରାଧ ଘଟିଲେ ସିବିଆଇ ତଦନ୍ତ ଜରୁରୀ ହୋଇପଡ଼େ। ସିବିଆଇର ଜାଲରେ ଛନ୍ଦି ହେଉଥିବା ଅଭିଯୁକ୍ତଙ୍କ ଛାତିରେ ଛନକା ପଶେ। ହେଲେ ବିଗତ କିଛିଦିନର ଘଟଣାକ୍ରମକୁ ଦେଖିଲେ ଖୋଦ୍ ସିବିଆଇ ବିବାଦ ଓ ବିଭ୍ରାଟର ଜାଲରେ ଛନ୍ଦି ହୋଇଯାଇଥିବା ମନେହୁଏ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ହେଲା ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ଓ ଅନ୍ୟଟି ଆନ୍ଧ୍ରପ୍ରଦେଶକୁ ଟିଡିପି ସରକାର ତଦନ୍ତକାରୀ ସଂସ୍ଥାର ବାଟ ବନ୍ଦ କରିବା। ଏହା କେବଳ ସିବିଆଇକୁ କାଠଗଡ଼ାରେ ଛିଡ଼ା କରାଇନାହିଁ, ବରଂ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କ ଉଦ୍ଦେଶ୍ୟ ଉପରେ ମଧ୍ୟ ପ୍ରଶ୍ନଚିହ୍ନ ଲଗାଇଛି।

ଆନ୍ଧ୍ର ସରକାରଙ୍କ ଗୋପନୀୟ ପତ୍ର ଗୁରୁବାର ରାତିରେ ପ୍ରଘଟ ହେବା ପରେ ଜାତୀୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। କେନ୍ଦ୍ରର ଏନ୍‌ଡିଏ ସରକାର ନିଜ ରାଜନୈତିକ ମହତ୍ତ୍ୱାକାଂକ୍ଷାକୁ ଚରିତାର୍ଥ କରିବା ପାଇଁ ବିରୋଧୀଙ୍କ ପଛରେ ସିବିଆଇ ଭଳି ସଂସ୍ଥାଗୁଡ଼ିକୁ ଲଗାଉଛନ୍ତି। ସିବିଆଇ କେନ୍ଦ୍ରର ଏକ ଅସ୍ତ୍ରଭାବେ କାମ କରୁଛି। ଏହି ସଂସ୍ଥାରେ ଅନ୍ତର୍ଦ୍ୱନ୍ଦ୍ୱ ଓ ଭିତିରି କଳହ ଏହାର ବିଶ୍ୱସନୀୟତାକୁ ନଷ୍ଟ କରିଦେଇଛି। ତେଣୁ ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଆନ୍ଦୋଳନ ଚଳାଇଥିବା ଟିଡିପି ନେତାମାନଙ୍କ ବିରୋଧରେ ସିବିଆଇକୁ ଅସ୍ତ୍ର କରାଯାଇପାରେ। ସେହିପରି ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ବିରୋଧୀ ଦଳଗୁଡ଼ିକୁ ନେଇ ଭାଜପା ବିରୋଧରେ ଏକ ସାମ୍ମୁଖ୍ୟ ଗଠନ କରୁଥିବାରୁ କେନ୍ଦ୍ର ସେମାନଙ୍କ ବିପକ୍ଷରେ ସିବିଆଇକୁ ବ୍ୟବହାର କରିପାରନ୍ତି। ଏଭଳି ଆଶଙ୍କା ସୃଷ୍ଟି ହେବା ପରେ ଆନ୍ଧ୍ର ସରକାର ଆଇନଜୀବୀ ଓ ବୁଦ୍ଧିଜୀବୀଙ୍କ ପରାମର୍ଶକ୍ରମେ 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର କରି ରାଜ୍ୟକୁ ସିବିଆଇର ବାଟ ବନ୍ଦ କରିଦେଇଥିବା ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଏନ୍. ଚିନା ରାଜାପ୍ପା କହିଛନ୍ତି। ଏହା ପୂର୍ବରୁ ପଡ଼ୋଶୀ କର୍ନାଟକ ସରକାର ମଧ୍ୟ ଏଭଳି ସମ୍ମତି ପ୍ରତ୍ୟାହାର କରିଥିବା ସେ ସୂଚନା ଦେଇଛନ୍ତି। ଚନ୍ଦ୍ରାବାବୁଙ୍କ ଏହି ନିଷ୍ପତ୍ତିକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମର୍ଥନ ମିଳିଛି। କେନ୍ଦ୍ର ସରକାର ବିରୋଧୀଙ୍କୁ ହଇରାଣ କରିବା ପାଇଁ ସିବିଆଇ ଭଳି ସଂସ୍ଥାଗୁଡ଼ିକୁ ବ୍ୟବହାର କରୁଥିବାରୁ ଆନ୍ଧ୍ର ସରକାରଙ୍କ ପଦକ୍ଷେପ ଯଥାର୍ଥ ବୋଲି ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ସିବିଆଇକୁ ଭୟ କରୁଥିବାରୁ ଏଭଳି ବିବାଦୀୟ ନିଷ୍ପତ୍ତି ନେଇଥିବା ବିରୋଧୀ ୱାଇଏସ୍‌ଆର୍ କଂଗ୍ରେସ ଅଭିଯୋଗ କରିଛି। ସେହିପରି ଭାଜପା ମୁଖପାତ୍ର ଜିଭିଏଲ୍ ନରସିଂହା କହିଛନ୍ତି, କଂଗ୍ରେସ, ଟିଡିପି ଏବଂ ଟିଏମ୍‌ସି ଭଳି ବିରୋଧୀ ଦଳଗୁଡ଼ିକ ନିଜ ସ୍ୱାର୍ଥରକ୍ଷା ପାଇଁ 'ଭ୍ରଷ୍ଟାଚାରର ଏକ ମହାମେଣ୍ଟ' ଗଠନ କରିଛନ୍ତି। ତେଣୁ ଚନ୍ଦ୍ରାବାବୁ ସରକାର ଦୁର୍ନୀତିକୁ ଘଣ୍ଟ ଘୋଡ଼ାଇବା ଲାଗି ବିଚଳିତ ହୋଇ ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି।




> ଏନ୍‌ଡିଏ ସରକାର ସିବିଆଇ ଏବଂ ଆର୍‌ବିଆଇ ଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକୁ ନଷ୍ଟ କରିବାରେ ଲାଗିଛି। ନିଜ ସ୍ୱାର୍ଥସାଧନ ଓ ରାଜନୈତିକ ପ୍ରତିଶୋଧ ପାଇଁ ସେଗୁଡ଼ିକୁ ବ୍ୟବହାର କରାଯାଉଛି। ସବୁ ଦିଗରୁ ବିଫଳ ହୋଇଥିବା ଏହି ସରକାରଠାରୁ ଦେଶକୁ ବଞ୍ଚାଇବାରେ ଟିଏମ୍‌ସି ପ୍ରମୁଖ ଭୂମିକା ଗ୍ରହଣ କରିବ।
>
> **- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



### ସାଧାରଣ ସମ୍ମତି କ'ଣ

ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଡିଏସ୍‌ପିଇ) ଆକ୍ଟ, ୧୯୪୬ ଅନୁସାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପରିଚାଳିତ ହୋଇଥାଏ। ଏହି ଆଇନର ଧାରା ୬ ଅନୁଯାୟୀ ରାଜ୍ୟ ସରକାରଗୁଡ଼ିକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। ରାଜ୍ୟରେ କୌଣସି ମାମଲାର ତଦନ୍ତ ବା ତାକୁ ନେଇ ଚଢ଼ାଉ କରିବା ପାଇଁ ସିବିଆଇକୁ ସରକାରଙ୍କ ଅନୁମତି ଆବଶ୍ୟକ ହୋଇଥାଏ। ଏହି ଧାରା ଅନୁସାରେ ରାଜ୍ୟ ସରକାରଗୁଡ଼ିକ ଦୁର୍ନୀତି ମାମଲାର ତଦନ୍ତ ପାଇଁ ପ୍ରତିବର୍ଷ ବିଜ୍ଞପ୍ତି ଜାରି କରି ସିବିଆଇକୁ 'ସାଧାରଣ ସମ୍ମତି' ପ୍ରଦାନ କରିଥାନ୍ତି। ସେହିପରି ରାଜ୍ୟ ସରକାର ଚାହିଁଲେ ନିଜ କ୍ଷମତା ଓ ପ୍ରଶାସନିକ ଅଧିକାର ପ୍ରୟୋଗ କରି ଉକ୍ତ 'ସାଧାରଣ ସମ୍ମତି'କୁ ପ୍ରତ୍ୟାହାର ମଧ୍ୟ କରିଥାନ୍ତି।

### ବର୍ମାଙ୍କ ବିରୋଧରେ ନିନ୍ଦନୀୟ ଅଭିଯୋଗ: ସୁପ୍ରିମକୋର୍ଟରେ ୨୦ରେ ଶୁଣାଣି

**ନୂଆଦିଲ୍ଲୀ,୧୬।୧୧(ପି.ଟି.):** ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ କରୁଥିବା କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ସୁପ୍ରିମକୋର୍ଟଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥିରେ ତାଙ୍କ ବିରୋଧରେ କେତେକ 'ଅତ୍ୟନ୍ତ ନିନ୍ଦନୀୟ' ଅଭିଯୋଗ ଆସିଥିବା ସିଭିସି ଦର୍ଶାଇବା ସହ ସେଗୁଡ଼ିକର ତଦନ୍ତ ପାଇଁ ସିଭିସି ଅଧିକ ସମୟ ମାଗିଥିବା ଶୁକ୍ରବାର ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି। ସିଭିସିଙ୍କ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ସୁପ୍ରିମକୋର୍ଟ ବନ୍ଦ ଲଫାପାରେ ଏହାର ନକଲ ବର୍ମାଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ମା ତାକୁ ପଢ଼ିବା ପରେ ୧୯ ସୁଦ୍ଧା ଜବାବ ଦାଖଲ କରିବେ ।

■ ତାମିଲନାଡୁରେ ପ୍ରକୃତିର କୋପ

# 'ଗାଜା' ନେଲା ୧୩ ଜୀବନ

**ଚେନ୍ନାଇ,୧୬।୧୧(ପି.ଟି.)**

- ■ବାତ୍ୟା ଯୋଗୁ ତାମିଲନାଡୁରେ ବ୍ୟାପକ କ୍ଷୟକ୍ଷତି
- ■ଅନେକ ଘରଦ୍ୱାର ନଷ୍ଟ, ଯୋଗାଯୋଗ ବିଚ୍ଛିନ୍ନ
- ■କେନ୍ଦ୍ର ଯୋଗାଇବ ସହାୟତା: ରାଜନାଥ
- ■ସହାୟତା ରାଶି ଘୋଷଣା କଲେ ପାଲାନିସ୍ୱାମୀ

'ତିତ୍‌ଲି' ପରେ ଏବେ ଆଉ ଏକ ସାମୁଦ୍ରିକ ଝଡ଼ 'ଗାଜା' ଆଣିଛି ବିପତ୍ତି। ଏହି ଘୂର୍ଣ୍ଣିଝଡ଼ ତାମିଲନାଡୁକୁ ଛୁଇଁବା ପରେ ଭୟଙ୍କର ତାଣ୍ଡବ ରଚିଛି। ପ୍ରବଳ ବର୍ଷା ସାଙ୍ଗକୁ ପବନ ବୋହିବାରୁ ଅନେକ ଘରଦ୍ୱାର ନଷ୍ଟ ହୋଇଯିବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବାତ୍ୟା ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୩ ଜଣ ପ୍ରାଣ ହରାଇଛନ୍ତି। ତେବେ ବାତ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲ ଲାଗି ତାମିଲନାଡୁ ସରକାରଙ୍କୁ କେନ୍ଦ୍ର ସମସ୍ତ ସହାୟତା ଯୋଗାଇଦେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

ମିଳିଥିବା ସୂଚାନ ମୁତାବକ ଗୁରୁବାର ରାତି ୧୨ଟା ୩୦ରୁ ୨ଟା ୩୦ ସୁଦ୍ଧା 'ଗାଜା' ନାଗପାଟ୍ଟିନମ୍ ଏବଂ ବେଦରାଣ୍ୟମ୍ ମଧ୍ୟ ଦେଇ ଅତିକ୍ରମ କରିଥିଲା। ଏତିକିବେଳେ ଘଣ୍ଟା ପ୍ରତି ୧୧୦ରୁ ୧୨୯କି.ମି. ବେଗରେ ପବନ ବହିଥିଲା। ବାତ୍ୟା ଯୋଗୁ ନାଗପଟ୍ଟିନମ୍ ରେଲୱେ ଷ୍ଟେଶନର ଛପର ଉଡ଼ିଯାଇଛି। ସେହିପରି ଅନେକ ଲୋକଙ୍କୁ ବାସହରା କରିଛି ଏହି ବାତ୍ୟା। ଅନେକ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାଇଛି। କେବଳ ତାମିଲନାଡୁ ନୁହେଁ ପଣ୍ଡିଚେରୀରେ ମଧ୍ୟ 'ଗାଜା' ରଚାଇଛି ତାଣ୍ଡବ। ବିଭିନ୍ନ ସ୍ଥାନରେ ଯୋଗାଯୋଗ ଠପ୍ ହୋଇଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିଛି। ୫୦୦ କି.ମି. ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିବା ତାମିଲନାଡୁର ଶକ୍ତି ବିଭାଗ ସୂତ୍ରରୁ ପ୍ରକାଶ।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ ମୃତାହତଙ୍କ ସଂଖ୍ୟା ବିଷୟରେ କହିଛନ୍ତି। ମୃତକଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ବାତ୍ୟା ଯୋଗୁ ତଳିଆ ଅଞ୍ଚଳର ୮୨,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ପଠାଇଦିଆଯାଇଛି। ୪୭୧ ରିଲିଫ୍ କେନ୍ଦ୍ରରେ ଏମାନେ ଆଶ୍ରୟ ନେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପାଲାନିସ୍ୱାମୀଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇ ବାତ୍ୟା ପରିସ୍ଥିତି ସମ୍ପର୍କରେ ପଚାରିବୁଝିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ। ଶୁକ୍ରବାର ମଧ୍ୟ ତାମିଲନାଡୁର ବିଭିନ୍ନ ଜିଲାରେ ବର୍ଷା ଲାଗିରହିଛି। ଶନିବାର ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।




## ଫୁର୍‌ସତ

# ପ୍ରିୟଙ୍କାଙ୍କ ବିବାହ ପାଇଁ ପ୍ରସ୍ତୁତି

**ଯୋଧପୁର**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ବାହାଘର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ତାଙ୍କ ମା' ମଧୁ ଚୋପ୍ରାଙ୍କୁ ସବୁ ଦାୟିତ୍ୱ ସମ୍ଭାଳିବାକୁ ପଡୁଛି। ପୂର୍ବତନ ବିଶ୍ୱ ସୁନ୍ଦରୀ ପ୍ରିୟଙ୍କା ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସଙ୍କୁ ବିବାହ କରିବାକୁ ଯାଉଥିବାବେଳେ ଏହି ବହୁଚର୍ଚ୍ଚିତ ବାହାଘର ପାଇଁ ମା' ମଧୁ ଯୋଧପୁର ସହରକୁ ପସନ୍ଦ କରିଛନ୍ତି। ଏଥିପାଇଁ ଚାଲିଥିବା ପ୍ରସ୍ତୁତି ସମ୍ପର୍କରେ ସେ କହନ୍ତି, ବର୍ତ୍ତମାନ କିଛି କହିହେବ ନାହିଁ। ବାହାଘର ବେଳେ ଯାହା କହିବି। ବର୍ତ୍ତମାନ ପ୍ରିୟଙ୍କା ତାଙ୍କର ନୂଆ ଫିଲ୍ମ 'ଦି ସ୍କାଏ ଇଜ୍ ପିଙ୍କ୍' ପାଇଁ ପୁରୁଣା ଦିଲ୍ଲୀରେ ଶୁଟିଂରେ ବ୍ୟସ୍ତ ଅଛନ୍ତି। ତାଙ୍କ ସହ ମୁଖ୍ୟ ଭୂମିକାରେ ଅଛନ୍ତି ଫରହାନ୍ ଅଖତର ଏବଂ ନିର୍ଦ୍ଦେଶନା ଦେଉଛନ୍ତି ସୋନାଲି ବୋଷ୍। ପ୍ରିୟଙ୍କା ଏବଂ ନିକ୍ ସ୍ଥାନୀୟ ଉମେଦ ଭବନ ପ୍ୟାଲେସ୍‌ରେ ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ତେବେ ଏ ସମ୍ପର୍କିତ ବିସ୍ତୃତ ବିବରଣୀ ଗୁପ୍ତ ରଖାଯାଇଛି। କିନ୍ତୁ ବିବାହ ପରେ ବଲିଉଡ୍ କଳାକାରଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଭୋଜି ଉତ୍ସବ ଆୟୋଜନ କରାଯିବ ବୋଲି ସୂଚନା ମିଳୁଛି। ପ୍ରିୟଙ୍କା ତାଙ୍କ ନୂଆ ଫିଲ୍ମ ଶୁଟିଂ ପୂର୍ବରୁ ନ୍ୟୁୟର୍କରେ ବ୍ରାଇଡାଲ୍ ଶାୱର ପାଳନ କରିବା ସହିତ ଆମଷ୍ଟରଡମ ଏବଂ ଇଟାଲୀରେ ବ୍ୟାଚଲରେଟ୍ ପାର୍ଟି ଆୟୋଜନ କରିଥିଲେ। ଅଗଷ୍ଟରେ ମୁମ୍ବାଇ ସ୍ଥିତ ପ୍ରିୟଙ୍କାଙ୍କ ବାସଭବନରେ ପାରମ୍ପରିକ 'ରୋକା' ଉତ୍ସବ ପାଳିତ ହୋଇଥିଲା।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୧୭.୮ |
| ଚାନ୍ଦବାଲି | ୩୨.୮ | ୧୯.୧ |
| କଟକ | ୩୩.୫ | ୧୭.୬ |
| ପାରାଦ୍ୱୀପ | ୩୧.୯ | ୨୦.୨ |
| ଭୁବନେଶ୍ୱର | ୩୪.୭ | ୧୭.୮ |
| ଗୋପାଳପୁର | ୩୪.୮ | ୧୯.୮ |
| ପୁରୀ | ୩୨.୪ | ୨୧.୦ |
| ଅନୁଗୋଳ | ୩୩.୧ | ୧୪.୬ |
| ବାରିପଦା | ୩୧.୪ | ୧୮.୦ |
| ଝାରସୁଗୁଡ଼ା | ୩୨.୬ | ୧୬.୪ |
| କେନ୍ଦୁଝର | ୩୦.୭ | ୧୫.୯ |
| ସମ୍ବଲପୁର | ୩୩.୪ | ୧୬.୮ |
| ସୁନ୍ଦରଗଡ଼ | ୩୨.୦ | ୧୮.୦ |
| ହୀରାକୁଦ | ୩୨.୭ | ୧୬.୬ |
| ତାଳଚେର | ୩୫.୧ | ୧୫.୩ |
| ଭବାନୀପାଟଣା | ୩୩.୫ | ୧୫.୦ |
| ବଲାଙ୍ଗୀର | ୩୩.୭ | ୧୬.୨ |
| କୋରାପୁଟ | ୩୨.୦ | ୧୪.୬ |
| ଫୁଲବାଣୀ | ୩୩.୦ | ୦୯.୮ |
| ଟିଟିଲାଗଡ଼ | --- | ୧୫.୦ |
| ମାଲକାନଗିରି | ୩୬.୦ | --- |
| ସୋନପୁର | ୩୪.୪ | ୧୪.୬ |
| ଦାରିଙ୍ଗିବାଡ଼ି | ୨୯.୦ | ୧୫.୬ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଶିଶୁ ଯୌନଶୋଷଣ ବିରୋଧରେ ଅନ୍ତର୍ଜାତୀୟ ଆଇନ ପାଇଁ ପ୍ରସ୍ତାବ

**ଭାଟିକାନ୍ ସିଟି**

ଅନଲାଇନ୍‌ରେ ଶିଶୁ ଯୌନଶୋଷଣର ପ୍ରସାର ବିରୋଧରେ ଅନ୍ତର୍ଜାତୀୟ ସ୍ତରରେ ଏକ ଆଇନ ପ୍ରଣୟନ ପାଇଁ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ ବିଶିଷ୍ଟ ସମାଜସେବୀ କୈଳାସ ସତ୍ୟାର୍ଥୀ ପ୍ରସ୍ତାବ ଦେଇଛନ୍ତି। ସେ ଭାଟିକାନ୍ ସିଟିର ପୋପ୍ ଫ୍ରାନ୍ସିସ୍‌ଙ୍କୁ ଭେଟି ତାଙ୍କୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଏଠାରେ କ୍ୟାଥଲିକ୍ ଚର୍ଚ୍ଚ ମୁଖ୍ୟଙ୍କୁ ଭେଟି ସତ୍ୟାର୍ଥୀ କହିଲେ, ଅନଲାଇନ୍ ଅପରାଧ କୌଣସି ଦେଶର ସୀମା ଅତିକ୍ରମ କରିଯାଉଥିବାରୁ ଏଥିପାଇଁ ପ୍ରସ୍ତାବିତ ଆଇନ ନିମନ୍ତେ ଅନ୍ତର୍ଜାତୀୟ ଆଇନ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ଏହି ଆନ୍ଦୋଳନକୁ ସମର୍ଥନ କରିବା ନିମନ୍ତେ ସତ୍ୟାର୍ଥୀ ଜାତି, ଧର୍ମ, ସମ୍ପ୍ରଦାୟ, ରାଜନୈତିକ ଦଳ ନିର୍ବିଶେଷରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଭେଟିଥିବା ପ୍ରକାଶ କରିଥିଲେ। ସେ ମଧ୍ୟ ଏକ ସମାବେଶ ଆୟୋଜନ ପାଇଁ ଦାବି କରି ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ପତ୍ର ଲେଖିଥିବା କହିଛନ୍ତି। ତାଙ୍କର ଏହି ଅନୁରୋଧ ଜାତିସଂଘର ମହାସଚିବ ଏବଂ ୩୬ ସଦସ୍ୟ ବିଶିଷ୍ଟ ଆନ୍ତଃ ସରକାରୀ ଅର୍ଥନୈତିକ ସହଯୋଗ ଓ ଉନ୍ନୟନ ସଂଗଠନ ନିକଟରେ ଉପସ୍ଥାପନ କରାଯାଇଛି। ଖ୍ରୀଷ୍ଟିଆନ୍ ଧର୍ମଗୁରୁଙ୍କୁ ଶିଶୁ ଯୌନଶୋଷଣରୁ ନିବୃତ୍ତ କରିବା ଉଦ୍ଦେଶ୍ୟରେ ୨୦୧୯ ଫେବୃୟାରୀରେ ଭାଟିକାନ୍ ସିଟିରେ ବିଶ୍ୱର କ୍ୟାଥଲିକ୍ ବିଶପ୍ ସଭାପତିମାନଙ୍କର ଏକ ବୈଠକ ଡକାଯାଇଥିବାବେଳେ ଏହା ପୂର୍ବରୁ ପୋପ୍‌ଙ୍କୁ ସତ୍ୟାର୍ଥୀ ଭେଟିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେହୋଇଛି।



# ହାତୀ ହସ୍ପିଟାଲ୍: ଭାରତରେ ପ୍ରଥମ

**ମଥୁରା/ଆଗ୍ରା**

ଉତ୍ତରପ୍ରଦେଶ ଫାରା ବ୍ଲକ୍‌ର ଚୁର୍‌ମୁରା ଗ୍ରାମରେ ହାତୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ହସ୍ପିଟାଲ୍ ଖୋଲାଯାଇଛି। ଏପରି ଏକ ଚିକିତ୍ସାଳୟ ଖୋଲାଯିବା ଦେଶରେ ପ୍ରଥମ। ଏହାକୁ ଶୁକ୍ରବାର ଉନ୍ମୋଚନ କରିଛନ୍ତି ଆଗ୍ରା ଡିଭିଜନାଲ୍ କମିଶନର ଅନିଲ କୁମାର। ଏହି ସ୍ୱତନ୍ତ୍ର ମେଡିକାଲ ସେଣ୍ଟରରେ ଡିଜିଟାଲ୍ ଏକ୍ସ-ରେ, ଲେଜର ଟ୍ରିଟ୍‌ମେଣ୍ଟ, ଡେଣ୍ଟାଲ୍ ଏକ୍ସ-ରେ, ଥର୍ମାଲ୍ ଇମେଜିଂ, ଅଲଟ୍ରା ସୋନୋଗ୍ରାଫି, ହାଇଡ୍ରୋଥେରାପି ଆଦି ସୁବିଧା ରହିଛି। ଏହା ହାତୀ ସଂରକ୍ଷଣ କେନ୍ଦ୍ର ନିକଟରେ ଅବସ୍ଥିତ। ଏଠାରେ ଆହତ ଓ ଦୁର୍ବଳ ହାତୀଙ୍କର ଉତ୍ତମ ମାନର ଚିକିତ୍ସା କରାଯିବା ସହିତ ଯଥାର୍ଥ ଯତ୍ନ ନିଆଯିବ। ପଶୁଧନ ଚିକିତ୍ସା ତାଲିମ୍ ନେଉଥିବା ଛାତ୍ରୀଛାତ୍ର ନିରାପଦ ଦୂରତାରେ ରହି ହାତୀଙ୍କ ଆଚରଣ ଏବଂ ଚିକିତ୍ସା ବିଷୟରେ ଜ୍ଞାନଲାଭ କରିପାରିବେ। ଏ ସମ୍ପର୍କରେ ୱାଇଲ୍ଡ ଲାଇଫ୍ ଏସ୍‌ଓଏସ୍ ସିଇଓ କାର୍ତ୍ତିକ୍ ସତ୍ୟନାରାୟଣ କହନ୍ତି, ହାତୀ ସଂରକ୍ଷଣ ପ୍ରକ୍ରିୟାରେ ଏହି ହସ୍ପିଟାଲ୍ ଏକ ମାଇଲ୍‌ଖୁଣ୍ଟ। ଏହି ଚିକିତ୍ସାଳୟରେ ହାତୀଙ୍କର ଉପଯୁକ୍ତ ଚିକିତ୍ସା କରାଯିବା ସହିତ ହାତୀ ପରିଚାଳନା ପାଇଁ ଏହାକୁ ଏକ ବିକଶିତ କେନ୍ଦ୍ରରେ ପରିଣତ କରାଯିବ। ୨୦୧୦ରେ ୱାଇଲ୍ଡଲାଇଫ୍ ଏସ୍‌ଓଏସ୍ ପ୍ରଥମକରି ଏକ ହାତୀ ସଂରକ୍ଷଣ ଓ ଯତ୍ନକେନ୍ଦ୍ର ପ୍ରତିଷ୍ଠା କରିଥିଲା। ବର୍ତ୍ତମାନ ଏଠାରେ ୨୦ଟି ହାତୀଙ୍କର ସ୍ୱତନ୍ତ୍ର ଚିକିତ୍ସା କରାଯାଉଛି।







# ଜର୍ଜ ତିର୍କୀଙ୍କୁ ମିଳିଲା କଂଗ୍ରେସ ବିଧାୟକ ମାନ୍ୟତା

- ବିଧାନସଭା ସିଟ୍ ନଂ ୧୧
- ସଗରିଆଙ୍କ ଇସ୍ତଫା ବିଷୟ ଗୃହକୁ ଜଣାଇଲେ ବାଚସ୍ପତି

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

କଂଗ୍ରେସର କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। ସଗରିଆଙ୍କ ଇସ୍ତଫା ପତ୍ର ନଭେମ୍ବର ୬ ତାରିଖରୁ ଗ୍ରହଣ କରାଯାଇଛି ବୋଲି ବାଚସ୍ପତି ପ୍ରଦୀପ ଅମାତ ଶୁକ୍ରବାର ବିଧାନସଭାରେ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ବାଚସ୍ପତି ସମତାକ୍ରାନ୍ତି ଦଳର ସୁନ୍ଦରଗଡ଼ ବୀରମିତ୍ରପୁର ବିଧାୟକ ପ୍ରାର୍ଥୀ ଜର୍ଜ ତିର୍କୀଙ୍କୁ କଂଗ୍ରେସ ଦଳର ବିଧାୟକ ଭାବେ ମାନ୍ୟତା ଦେଇଛନ୍ତି। ସେ କଂଗ୍ରେସର ନୂତନ ସଦସ୍ୟ ହେଲେ ବୋଲି ଘୋଷଣା କରିବା ସହ ତାଙ୍କୁ ବିଧାନସଭାର ବ୍ଲକ ଏ୍‌ର ସିଟ୍ ନଂ.୧୧ ଆବଣ୍ଟନ କରିଛନ୍ତି। ଏହି ଅଧିବେଶନରେ ସେ କଂଗ୍ରେସ ସଦସ୍ୟମାନେ ବସୁଥିବା ବ୍ଲକ୍‌ରେ ବସିବେ। ସୂଚନାଯୋଗ୍ୟ ଯେ, ତିର୍କୀ ଗତମାସରେ ନୂଆଦିଲ୍ଲୀଠାରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଥିଲେ। ଏହି ଅବସରରେ ବାଚସ୍ପତି ଗୃହକୁ ସୂଚନା ଦେଇ କହିଥିଲେ, ଜର୍ଜ ତିର୍କୀ ୨୦୧୮ ନଭେମ୍ବର ୨ ତାରିଖରେ ଜଣାଇଛନ୍ତି ଯେ ସମତାକ୍ରାନ୍ତି ଦଳ ଜାତୀୟ କଂଗ୍ରେସରେ ବିଲୀନ ହୋଇଯାଇଛି। ଏହାଛଡା ବିରୋଧୀ ଦଳ ନେତା ମଧ୍ୟ ଏ ନେଇ ବାଚସ୍ପତିଙ୍କୁ ଅବଗତ କରାଇଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ତିର୍କୀଙ୍କୁ କଂଗ୍ରେସ ସଦସ୍ୟ ଭାବେ ନଭେମ୍ବର ୨ ତାରିଖରୁ ଘୋଷଣା କରାଗଲା ବୋଲି ସେ କହିଥିଲେ।

## ଆୟରଙ୍କ ଆପତ୍ତିଜନକ ମନ୍ତବ୍ୟ

# ବାଚସ୍ପତିଙ୍କୁ ରିପୋର୍ଟ ଦେଲା ଗୃହ କମିଟି

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ଉପରେ କଟୁ ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ରଙ୍କ ତଦନ୍ତ କରୁଥିବା ବିଧାନସଭା ଗୃହ କମିଟି ବାଚସ୍ପତି ପ୍ରଦୀପ ଅମାତଙ୍କୁ ରିପୋର୍ଟ ପ୍ରଦାନ କରିଛି। ଶୁକ୍ରବାର ହଟ୍ଟଗୋଳ ଯୋଗୁ ଗୃହ ଚାଲିପାରି ନ ଥିଲା। ଫଳରେ ଗୃହରେ ଏହାକୁ ଉପସ୍ଥାପନ କରାଯାଇପାରି ନ ଥିଲା। ଶନିବାର ରିପୋର୍ଟ ଗୃହରେ ଉପସ୍ଥାପନ କରାଯିବ। ରିପୋର୍ଟର ନିର୍ଯାସ ଉପରେ ନିର୍ଭର କରୁଛି ଆୟରଙ୍କ ଭାଗ୍ୟ। ତେବେ ମିଳିଥିବା ସୂଚନା ଅନୁଯାୟୀ, ଆୟରଙ୍କ ମନ୍ତବ୍ୟକୁ କମିଟି ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛି। ଆୟର ଗୃହର ସ୍ୱାଧିକାର ଭଙ୍ଗ କରିଛନ୍ତି। ବିଧାନସଭାରେ ବ୍ୟକ୍ତିଗତ ଭାବେ ହାଜର ହୋଇ କ୍ଷମା ପ୍ରାର୍ଥନା କରିବାକୁ କମିଟି ସୁପାରିସ କରିଥିବା ସୂଚନା ମିଳିଛି। ରିପୋର୍ଟକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି। ଗୃହ କମିଟି ନିକଟରେ ଆୟର ଦୁଇଥର ହାଜର ହୋଇ ନିଜ ଦୋଷ ସ୍ୱୀକାର କରିବା ସହ ସତ୍ୟପାଠ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଆୟରଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଗତ ବିଧାନସଭାରେ ତୁମ୍ଭିତୋଫାନ ହୋଇଥିଲା। ଓଡିଶା ପୋଲିସର ଅନୁରୋଧ କ୍ରମେ ଦିଲ୍ଲୀ ପୋଲିସ ସେପ୍ଟେମ୍ବର ୨୦ ତାରିଖରେ ଆୟରଙ୍କୁ ଗିରଫ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଦଳଗତ ନିର୍ବିଶେଷରେ ଗତ ମୌସୁମୀ ଅଧିବେଶନରେ ତାଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୃହ କମିଟି ଗଠନ କରାଯାଇଛି। ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି। ଅକ୍ଟୋବର ୧୭ ତାରିଖରେ ଆୟର ନିଜ ଭୁଲ୍ ପାଇଁ ପୁଣି ଇ-ମେଲ୍ ଜରିଆରେ ବାଚସ୍ପତିଙ୍କୁ କ୍ଷମା ମାଗିଥିଲେ। ଏ ନେଇ ସେ ବିଧାନସଭା ଗୃହ କମିଟିକୁ ମଧ୍ୟ ଜଣାଇଥିଲେ।

**ଆଜି ବିଧାନସଭାରେ ଉପସ୍ଥାପନ ହେବ ରିପୋର୍ଟ**





ଶୀତ ଅଧିବେଶନ ଆରମ୍ଭ: ବିଧାନସଭାରେ ପ୍ରବେଶ କରୁଛନ୍ତି (ବାମ)ରୁ ବାଚସ୍ପତି ପ୍ରଦୀପ ଅମାତ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ର।

# ଶାସକ ଦଳକୁ ଘେରିବାକୁ ଭାଜପା ବିଧାୟକଙ୍କ ରଣନୀତି

**ଭାଜପା ବିଧାୟକ ଦଳ ବୈଠକ**

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ବିଧାନସଭା ଶୀତ ଅଧିବେଶନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଭାଜପା ନେତାମାନେ ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ବିଧାନସଭାର ଆରମ୍ଭ ଦିନ ଅପରାହ୍ନରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂ ଦେଓଙ୍କ ନେତୃତ୍ୱରେ ବସିଥିବା ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ବୈଠକ ଶେଷରେ ଦଳର ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ରବି ନାୟକ କହିଛନ୍ତି ଯେ, ଗୃହରେ ଚାଷୀ ସମସ୍ୟାକୁ ଜୋର୍‌ଦାର ଭାବେ ଉଠାଯିବ। ମରୁଡ଼ି ପରିସ୍ଥିତି, ଚକଡା ପୋକ ପାଇଁ ଚାଷୀମାନେ ବହୁ କ୍ଷତି ସହିଛନ୍ତି। ପଶ୍ଚିମ ଓଡିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କୋର୍ଟ ଅଢେଇ ମାସ ଧରି ବନ୍ଦ ରହିବା, ବ୍ରହ୍ମ ବିଭ୍ରାଟ, ରତ୍ନଭଣ୍ଡାର ଚାବି ହଜିବା, ପିସି କାରବାର ବ୍ୟାପକ ହେବା, ତିତ୍‌ଲିର କ୍ଷୟକ୍ଷତି ଏବଂ ସରକାର ସଚେତନ ନ ଥିବାରୁ ୭୦ରୁ ଅଧିକ ଜୀବନ ହାନି ହେବା, ଆମ ଗାଁ ଆମ ବିକାଶରେ ସରକାର ଲୋକଙ୍କୁ ଦେଉଥିବା ମିଥ୍ୟା ପ୍ରତିଶ୍ରୁତି, ବିଜୁ ଯୁବ ବାହିନୀର ଗୁଣ୍ଡାରାଜ, ବିଜୁ ସ୍ୱାସ୍ଥ୍ୟ ଯୋଜନାର କାର୍ଯ୍ୟକାରିତାକୁ ନେଇ ଉଠିଥିବା ପ୍ରଶ୍ନ, ମେକ୍ ଇନ ଓଡିଶା କନକ୍ଲେଭରେ ଓଡିଆ ଶିଳ୍ପ ଉଦ୍ୟୋଗୀମାନଙ୍କୁ ଅଣଦେଖା କରିବା, ରାଜ୍ୟରେ ବେକାରି ଯୁବକ ଯୁବତୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଦି ପ୍ରସଙ୍ଗ ଗୃହରେ ଜୋର୍‌ଦାର ଭାବେ ଉଠାଯିବ। ସରକାର ନୂଆ ନିଯୁକ୍ତି ସୃଷ୍ଟି ନ କରିବା ଭଳି ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବ ବୋଲି ରବି ନାଏକ ସୂଚନା ଦେଇଛନ୍ତି। ମୃତ୍ୟୁପରେ ମହାପ୍ରୟାଣ ଗାଡି ଅଭାବରୁ କାନ୍ଧରେ ଶବ ବୁହା ହେବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ। ଏହା ସତ୍ତ୍ୱେ ସରକାର କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରୁନାହାନ୍ତି। ଖାଦ୍ୟ ସୁରକ୍ଷା ଯୋଜନା ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ସୁବିଧା ଦେବାରୁ ବଞ୍ଚିତ କରାଯାଉଛି, ହାତୀ ଏବଂ ବାଘ ସଂଖ୍ୟା କମିବା ତଥା ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବାରେ ସରକାରଙ୍କ ଆନ୍ତରିକତା ନ ଥିବା, ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ନ ପାରିବା, ଆଦିବାସୀମାନଙ୍କୁ ପ୍ରୋତ୍ସାହନ ନ ଦେବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଚଳିତ ବିଧାନସଭାରେ ଶାସକ ଦଳକୁ ଭାଜପା ଘେରିବ ବୋଲି ସେ କହିଛନ୍ତି।




# ୩୪,୬୫୧ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ରାଜ୍ୟରେ ୩୪,୬୫୧ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ସେଥିମଧ୍ୟରୁ ୧୩,୫୬୬ କେନ୍ଦ୍ରରେ ଗୃହ ନିର୍ମାଣାଧୀନ ରହିଛି। ସେହିପରି ୧୨,୧୫୬ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି। ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଧାନସଭାରେ ପ୍ରଦାନ କରିଥିବା ଉତ୍ତରରେ ଉପରୋକ୍ତ ତଥ୍ୟ ଉଲ୍ଲେଖ କରିଛନ୍ତି। ଶାସକ ଦଳ ସଦସ୍ୟା ତଥା ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ପ୍ରଶ୍ନରେ ମନ୍ତ୍ରୀ ସାମଲ ଶୁକ୍ରବାର ଗୃହରେ ଲିଖିତ ଭାବେ ଏହି ଉତ୍ତର ରଖିଛନ୍ତି। ଉପରୋକ୍ତ ଗୃହକୁ ବାଦ୍ ଦେଇ ୮୯୨୯ କେନ୍ଦ୍ର ଗୃହ ନିର୍ମାଣ ପାଇଁ ଗ୍ରାମାଞ୍ଚଳରେ ଏମ୍‌ଜିଏନ୍‌ଆରଇଜିଏସ୍ ସହାୟତା ଏବଂ ନଗରାଞ୍ଚଳରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଗୃହ ନିର୍ମାଣ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଜିଲାରେ ଡିଏମ୍‌ଏଫ ପାଣ୍ଠିରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି। ଜିଲାୱାରି ଅନୁଧ୍ୟାନ କଲେ କେବଳ ଗଞ୍ଜାମ ଜିଲାରେ ୨୯୬୪ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏହାଛଡା ବାଲେଶ୍ୱର ୨୮୪୫, କଟକ ୨୩୨୫, ପୁରୀ ୧୯୮୭, ଯାଜପୁର ୧୯୮୨ ଏବଂ ସୁନ୍ଦରଗଡ ଜିଲାର ୧୩୨୨ଟି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ମାଲକାନଗିରି ଜିଲାରେ ସର୍ବନିମ୍ନ ୭୮ଟି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ଜଣାପଡିଛି।






## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ରଶ୍ମି ପରିବାରବର୍ଗ


ରିୟାନ୍ସ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଇଣ୍ଡଷ୍ଟ୍ରିଆଲ ଏଷ୍ଟେଟ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

automobile

SALE

Bolero Plus, Swft Dzire, Indigo, Verna, Scropio, Tata Ace, Magic, Maximo Dala, Passenger. 9853020992. D-58009

real estate

SALE

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳିବ। 8338932027. D-64365

Booking flats 2BHK, 3BHK in 1160 sqft. and 1320 sqft. Patrapada BMC Mall 3500/-sft. Broker Excuse. 9176647692. D-9228

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଛି। First possession then registration. 8847851850. D-64362

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs Contact: 9937059891, 9348253463, 8908292617.** D-9483

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-9482

1BHK, 2BHK, 3BHK approved flats at Hitech Heaven near Godiapokhari Chowk, Bhubaneswar. 9937927876, 9937494527. D-9409

**Residential plots at Atala, Balianta immediate possession, registration. Contact: 9437147826.** D-9465

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

ସୁନ୍ଦରପଦା ଗୁହା ମୌଜାରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9439364818, 9337766961. D-9148

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

Electric, water supply ସହିତ yellowzone ଘରବାଡ଼ି ପ୍ଲଟ୍ available near Pahala, 500 mtr. from NH- 16. 8117074692, 7991080015. D-9472

**Limited gharabadi plot at Pahal 20,00,000/-, Balianta 13,00,000/-. Ready for construction: 9040059669.** D-65065

astrology

Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

construction

For construction of residential/ commercial buildings. Please contact: 7008268129, 9439143273. D-62139

to-let

Flat for rent residence in BJB Nagar 3BR 2nd floor with garage. Contact: 9937203178. D-62136

For office at Saheednagar near Saheed Sporting Club. Contact: 8249559413. D-9478

DESK rented-shared office space available for startup business. No Security. Rent starts Rs. 1800/- monthly, location- Samantarapur, Bhubaneswar. M: 6309629747. D-9447

2000 sqft. ground floor house available for office/ godown at Sisupal Chhaka main road side. Contact: 9438303202. D-62138

education

Admission open. Medical Registration, BAMS, BHMS, BUMS, D.Pharma, Nursing. Contact: 9893869473. D-65175

ପାଠକଙ୍କ ପାଇଁ ସୂଚନା: ବ୍ୟାପିଏଁଏରେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସେମାନଙ୍କ ସଂପର୍କରେ ଭଲ ଭାବେ ଯାଞ୍ଚ କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I Sasmita Mohanty, D/o- Surendra Kumar Mohanty resident of Plot No.- 1130/ 1131, Satabdi Nagar, Unit- VIII, Baramunda, Bhubaneswar 751003, Odisha changed my name to Sushmita Mohanty vide affidavit dated 16.11.2018. D-9477

## LOST

Original share certificate of company KEC International Ltd. has been lost, if found contact below. Details of share certificate: Folio No.- 00005461, Name of share holder- Pranati Mohanty, Certificate No.- 8931, Distinctive Nos.- 9672981- 9673130, No. of shares- 150, Pranati Mohanty. M: 9938614591. D-9473

I Sri Ajit Kumar Nayak, S/o- Nrusingha Charan Nayak, Village/Po- Khirosorasada, Dist.- Jajpur lost original ROR of Khata No.- 453/1346, Plot No.- 990/3105 Sale Deed No.- 4111 Dt. 21.04.2006, conveyance Deed No.- 9005 Dt.- 28.08.2005 of Mauza Jayadev Vihar while travelling Mastercanteen to A.G. Dt.- 27.11.2016. No transaction to be intertient on the above document. D-9464

## ତୃତୀୟ ଜନ୍ମଦିନ ଶୁଭେଚ୍ଛା



(ରାଲି)
**ଗରିମା ମହାପାତ୍ର**
ହରବଣ୍ଡୀ ସାହି, ପୁରୀ- (୧)

ଆଜି ତୋର ତୃତୀୟ ଜନ୍ମଦିବସରେ ଜଗନ୍ନାଥ ଶ୍ରୀଚରଣରେ ତୋର ଦୀର୍ଘାୟୁ କାମନା କରୁଛୁ। ଶୁଭେଚ୍ଛା ସହ: ବାପା, ବୋଉ, ଅଜା, ଆଈ, ଜେଜେ, ଜେଜେମା, ବଡ଼ବାପା, ସାନବାପା, ପିଉସା, ପିଉସୀ, ଅପା, ଦଦେଇ, ଦେଢ଼େଇ, ଲିପୁନ, ସତ୍ୟମ୍, ସୁମ୍ମି, ଟିଆ, ଗୁଲୁ, ପାପା, ମାମା, ବନ୍ଧୁ ଓ ପରିବାରବର୍ଗ। ଧ-୬୭୩୯

## ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



(ସିଣ୍ଟୁ)
**ସିଦ୍ଧାର୍ଥଶଙ୍କର ଦାଶ**

ଗ୍ରାମ- କେନ୍ଦୁପାଲି, ପୋ-ଗୋଡ଼ଗଡ଼ା, ଜି- ଢେଙ୍କାନାଳ, ବର୍ତ୍ତମାନ ଠିକଣା- ଗ୍ରା/ପୋ- ବଳଭଦ୍ର, ଭାୟା- ଧାମ, ଜି- ବାଲେଶ୍ୱର

ମାଁ ଦକ୍ଷିଣେଶ୍ୱର ଦୁର୍ଗାଦେବୀ ଏବଂ ରାମକୃଷ୍ଣଙ୍କ ଆଶୀର୍ବାଦ ସଦାସର୍ବଦା ରହିଥାଉ। ତୋର ଭଲପାଇ ବିଷ୍ଟୁଶୁଭେଚ୍ଛା ରହିଥାଉ... ଶୁଭେଚ୍ଛା ସହ: ବାପା, ମାମା, ବାପା, ମାଁ, ଜେଜେ ବାପା, ଜେଜେ ପିଉସା, ମିମିଦିଦି, ପ୍ରଭାତ ପିଉସା, ବେବି ମିଚ୍ଚି, ଶୁଭମ୍ ଜେଜେ ... ଓ ସମସ୍ତ ପରିବାରବର୍ଗ। ଧ-୭୦୬୫୫

## 1st Birthday Wish



(Bubo)
**Riyansh Das**
Pandra, BBSR

ରିୟାନ୍ସର ପ୍ରଥମ ଶୁଭ ଜନ୍ମଦିନରେ ଆମେ ସମସ୍ତଙ୍କର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ଦୀର୍ଘାୟୁ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ବାପା, ବୋଉ, ଦାଦା, ମାମୁ, ମାଇଁ, ମାଉସୀ, ଦାଦୁ, ପୁନମ୍, ପୁଲା, ଗୁଲୁ ଓ ଅନ୍ୟମାନଙ୍କ ତରଫରୁ ଅଶେଷ ଅଶେଷ ଆଶୀର୍ବାଦ। ଧ-୯୪୭୩

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୩୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋରେ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଜନ୍ମଦିନ ଶୁଭେଚ୍ଛା



(ମାମା)
**ଦୀପ୍ତିମୟୀ ମହାନ୍ତି**
ଗୁରୁଡିଝାଟିଆ, କଟକ

ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୁମ ଜୀବନ ହସଖୁସି, ଧନଧାନ୍ୟରେ ଭରିରହୁ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ବାପା, ବୋଉ, ମଉସା, ମାଉସୀ, ପିଉସା, ପିଉସୀ, ମାମୁ, ମାଇଁ, କାହ୍ନା, ସୋନି, ଦାଦା, ଖୁଡୀ, ସମସ୍ତ ପରିବାରବର୍ଗ ଏବଂ ବନ୍ଧୁମାନେ। ଧ-୯୪୮୫

# ମନେ ପଡ଼ନ୍ତି

## ପ୍ରଥମ ବାର୍ଷିକଶ୍ରାଦ୍ଧ



**ସ୍ୱର୍ଗତା ସୁମିତ୍ରା ପୃଷ୍ଟି**

ସ୍ୱାମୀ- ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୃଷ୍ଟି
କର୍ଲିଜେନ୍, ଦୋଳମଣ୍ଡପ ସାହି, ପୁରୀ
ଜନ୍ମ: ଅକ୍ଷୟ ତୃତୀୟା ୧୯୨୩
ମୃତ୍ୟୁ: ୧୭।୧୧।୨୦୧୭

'ନ ହେ ବାଙ୍କ କାହ୍ନାକୁ ନ ଦୁ'ଟେଜ କରାଯାଉ। ନ ଦେବିକ ନ କହିବାଣାର ସର୍ବେ ସେମାନେ ପଡ଼ନ୍ତି।'

ମାଁ ତୋର ଅଭାବ ଅନୁଭବ କରୁ କରୁ ଆମମାନଙ୍କ ଉପରେ ଆଉ। ପୁତ୍ର- ଶିବଦତ୍ତ ପୃଷ୍ଟି, ପୁତ୍ରବଧୂ, ପ୍ରପୌତ୍ର, କନ୍ୟା- ଲକ୍ଷ୍ମୀ ଓ ବିଜୟବାଳା ପୃଷ୍ଟି। ଧ-୯୪୦୦

## ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା କ୍ଷୀରୋଦବାଳା ପଟ୍ଟନାୟକ**

ତମାଣ୍ଡୋ, ଭୁବନେଶ୍ୱର
ଧରାବତରଣ: ତା. ୧୫।୦୪।୧୯୪୫
ସ୍ୱର୍ଗାରୋହଣ: ତା. ୦୭।୧୧।୨୦୧୮
(ବାପାବଡ଼ି)

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ସୁଖି ଓ ମୋକ୍ଷପ୍ରାପ୍ତି ନିମନ୍ତେ ପରମକାରୁଣିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ସ୍ୱାମୀ- ବିଭୂତିଭୂଷଣ, ପୁତ୍ର- ସୁଜାତ, ପୁତ୍ରବଧୂ- ରଞ୍ଜିତା, ନାତି- ଦକ୍ଷନ, ନାତୁଣୀ- ଧୋମା, ଝିଅ- ରଙ୍ଗିଲିନ, ଭଉଣୀ- ଗୁଡ଼ୁଲ, ଭଣଜାବୋହୂ- ସ୍ନେହା, ଭାଇଁ- ସ୍ୱାତିକୃତ୍ୟ, ବନ୍ଧୁ ଓ ସୋକସନ୍ତପ୍ତ ପରିବାରବର୍ଗ। ଧ-୭୦୩୩୦

## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ପ୍ରାଚୀ ପଟ୍ଟନାୟକ**

ଆବିର୍ଭାବ: ୧୨।୦୩।୧୯୭୭
ତିରୋଧାନ: ୦୬।୧୧।୨୦୧୮

ତୁମର ଅମର ଆତ୍ମା ଆରପାରିରେ ଚିରଶାନ୍ତି ଲାଭକରୁ, ଏହା ହିଁ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ମା, ବାବି, ବାବୁ, ଭାନା, ରିସୁ, ଆଶୁ, ଶୋଭନ, ସାଙ୍ଗସାଥୀ ଓ ପରିବାରବର୍ଗ। ଧ-୬୪୭୩୯

## ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତି**

ତିରୋଧାନ: ଅଁଳାନବମୀ- ୨୦୦୨

ବାପା ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ଆପଣଙ୍କର ପିଲାମାନେ- ବାପୁନ, ଦୀପୁ, ଲିପା, ମାନା, ବିଚି, ଶିବ। ଧ-୯୪୭୮


# ବିଜେଡି ଆଇଟି ସେଲ୍ ଗଠିତ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ):** ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ଭାବେ ଏକ ଆଇଟି ସେଲ୍ ଗଠନ କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଆଇଟି ସେଲ୍ ଗଠିତ ହୋଇଛି। ସେଲ୍‌ର ଅଧ୍ୟକ୍ଷ ଭାବେ ଅମର ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡିର ଆଭିମୁଖ୍ୟ, ବାର୍ତ୍ତା ଓ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଏହି ସେଲ୍ ଠିକ୍ ଏବଂ ତ୍ୱରିତ ବାର୍ତ୍ତା ପ୍ରଦାନ କରିବ ବୋଲି କୁହାଯାଇଛି। ସେହିପରି ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର, ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର, ମୁଖପାତ୍ର ସସ୍ମିତ ପାତ୍ର ଓ ସୁଲୋଚନା ଦାସ ଏବଂ ପ୍ରସନ୍ନଜିତ୍ ପତିଙ୍କୁ ଆଇଟି ସେଲ୍‌ର ସଦସ୍ୟଭାବେ ମନୋନୀତ କରାଯାଇଛି।

# ଦେବାଶିଷଙ୍କ ସହ ୧୦ ଜଣଙ୍କୁ ଜାମିନ

## ପୂର୍ବତନ ପୌର ଉପାଧ୍ୟକ୍ଷଙ୍କୁ ଆକ୍ରମଣ ମାମଲା



ଦେବାଶିଷ ପାତ୍ର

**ଆନନ୍ଦପୁର, ୧୬।୧୧(ସ୍ୱ.ପ୍ର.)** ଘସିପୁରା ଥାନାରେ ରୁଜୁ ହୋଇଥିବା ଏକ ମାମଲାର ବିଚାର କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କ ସମେତ ୧୦ ଜଣଙ୍କୁ ଶୁକ୍ରବାର ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତି ଜାମିନ୍ ମଞ୍ଜୁର କରିଛନ୍ତି। ସେମାନେ ହେଲେ ନିରଞ୍ଜନ ସାହୁ, ଆଶିଷ ବେହେରା, ଅଜୟ ସାହୁ, ଅକ୍ଷୟ ସାହୁ, ମନୋରଞ୍ଜନ ସାହୁ, କାଳିଆ ମହାକୁଡ଼, ବିଶ୍ୱଜିତ୍ ମହାରଣା, ସିଦ୍ଧୁ ବେହେରା, ମହେଶ୍ୱର ସାହୁ। ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶ ସାହୁଙ୍କୁ ଆକ୍ରମଣ ଏବଂ ଘସିପୁରା ଥାନାରେ ରୁଜୁ ହୋଇଥିବା ଏକ ମାମଲା (ନଂ. ୧୮୧/୧୮) ବିଚାର ହୋଇଥିଲା। ଆଇନଜୀବୀଙ୍କ ଆବେଦନ ପ୍ରତ୍ୟାହୃତ ପରେ ଦେବାଶିଷଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ଓଡ଼ିଶା ସଂଘର ସଭାପତି ସଞ୍ଜୟ କୁମାର ମିଶ୍ର ଓ ପ୍ରତିପକ୍ଷ ସରକାରୀ ଓକିଲଙ୍କ ଯୁକ୍ତି ଶୁଣିବା ପରେ ୨୦ ହଜାର ଟଙ୍କାର ୨ ଜଣ ଜାମିନ୍‌ଦାରଙ୍କ ବଳରେ ଜାମିନ୍ ମଞ୍ଜୁର ହୋଇଥିବା ଜଣାଯାଇଛି। ଦେବାଶିଷଙ୍କ ସହ ଅନ୍ୟମାନଙ୍କ ନାମରେ କେନ୍ଦୁଝର ଜିଲା କୋର୍ଟରେ ଏକ ମାମଲା (ନଂ.୫୮/୨୦୧୮)ର ବିଚାରାଧୀନ ରହିଥିବାରୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସେମାନଙ୍କୁ ଜିଲା ବିଚାର ବିଭାଗୀୟ ହାଜତରେ ରହିବାକୁ ପଡ଼ିବ ବୋଲି ଜଣାପଡ଼ିଛି। ସେପ୍ଟେମ୍ବର ୬ ତାରିଖରେ ଘସିପୁରା ବସଷ୍ଟାଣ୍ଡ ପରିସରରେ ଆନନ୍ଦପୁରର ପୂର୍ବତନ ପୌର ଉପାଧ୍ୟକ୍ଷ ସୁରେଶଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ ଘସିପୁରା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଦେବାଶିଷଙ୍କୁ ପୋଲିସ ଗିରଫ କରିଥିଲା। ପରେ ଅନ୍ୟମାନେ ଥାନାରେ ଆତ୍ମସମର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଆନ୍ଧ୍ରକୁ ସିବିଆଇ...

କେଜେରେଶ ଟିଡିପି ନେତାଙ୍କ ଘରେ ଓ ଅଫିସ୍‌ରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କେନ୍ଦ୍ର ସରକାର ସେମାନଙ୍କ ବିରୋଧରେ ସିବିଆଇକୁ ବ୍ୟବହାର କରିପାରନ୍ତି ବୋଲି କେଜେରେଶ ଟିଡିପି ନେତା ମଧ୍ୟ ଆଶଙ୍କା ବ୍ୟକ୍ତ କରିଛନ୍ତି। ହାଇଦ୍ରାବାଦ୍ ଚନ୍ଦ୍ରବାବୁ ଏବେ ବିରୋଧୀ ଦଳଙ୍କୁ ଏକାଠି କରି ଭାଜପା ବିରୋଧରେ ଏକ ସାମ୍ମୁଖ୍ୟ ଗଠନ ପାଇଁ ଉଦ୍ୟମ କରୁଛନ୍ତି। ତେଣୁ ବିରୋଧୀଙ୍କ ବିପକ୍ଷରେ ମୋଦି ସରକାର ସିବିଆଇକୁ ଅସ୍ତ୍ର ଭାବେ ବ୍ୟବହାର କରିପାରନ୍ତି ବୋଲି ଚନ୍ଦ୍ରବାବୁ କହିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଆନ୍ଧ୍ରର ଟିଡିପି ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

### ସରକାରଙ୍କୁ ଚାଷୀ...

କରିଦେଇଛନ୍ତି। ଶୁକ୍ରବାର ବିଧାନସଭା ଶୀତ ଅଧିବେଶନ ଆରମ୍ଭରୁ ଏଭଳି ଚିତ୍ର ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ୧୧ଟାରେ ବାଚସ୍ପତି ସଭା କାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ସଦସ୍ୟମାନେ ଛିଡ଼ା ହୋଇ ତାଙ୍କୁ ସ୍ୱାଗତ କରିଥିଲେ। ଆରମ୍ଭରୁ ବିଧାନସଭାର ପୂର୍ବତନ ସଦସ୍ୟ ଏବଂ ସୁରକ୍ଷା କର୍ମୀଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ୧୩ ମିନିଟ ଧରି ଏହି ଆଲୋଚନା ହୋଇଥିଲା। ଶୋକ ପ୍ରସ୍ତାବ ଆଲୋଚନା ଶେଷ ହେବା ପରେ ବିରୋଧୀ ଦଳ ନେତା ଚାଷୀ ସମସ୍ୟା ପ୍ରସଙ୍ଗ ଉଠାଇ ଆଲୋଚନା କରିବାକୁ ଦାବି କରିଥିଲେ। ବାଚସ୍ପତି ବିରୋଧୀ ଦଳଙ୍କ କଥାକୁ ନ ଶୁଣି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଉଦ୍ୟମ କଲାବେଳକୁ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ତିରଞ୍ଜୀବ ବିଶ୍ୱାଳ, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଭୁଜବଳ ମାଝି, କେ. ସୂର୍ଯ୍ୟ ରାଓ, ପ୍ରଫୁଲ୍ଲ ମାଝି, ଚନ୍ଦ୍ରଶେଖର ମାଝି ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଗଣତନ୍ତ୍ରକୁ ହତ୍ୟା କଲା କିଏ, ନବୀନ ପଟ୍ଟନାୟକ ଆଉ କିଏ...., ଚାଷୀ ମାରଣ ନୀତି ଚଳିବ ନାହିଁ ଚଳିବ ନାହିଁ ସ୍ଲୋଗାନ ଦେଇ ଗୃହକୁ କମ୍ପାଇ ଦେଇଥିଲେ। ଭାଜପା ସଦସ୍ୟମାନେ ମଧ୍ୟ କଂଗ୍ରେସ ସହିତ ତାଳ ମିଳାଇ ହଟ୍ଟଗୋଳରେ ସାମିଲ ହୋଇଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ଗୃହକୁ ୧୧ଟା ୧୫ମିନିଟ୍ ପର୍ଯ୍ୟନ୍ତ ଓ ୧୨ଟା ୧୫ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୧୫ ମିନିଟରେ ଗୃହ କାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। କଂଗ୍ରେସ ସଦସ୍ୟମାନେ ଗୃହକୁ ଆସି ପୁଣି ପରିସ୍ଥିତି ଜଟିଳ କରିଥିଲେ। ଭାଜପା ସଦସ୍ୟମାନେ ନିଜ ସିଟ୍‌ରେ ଛିଡ଼ା ହୋଇ ହଟ୍ଟଗୋଳ କରିଥିଲେ। ବାଚସ୍ପତି ବାଧ୍ୟହୋଇ ୧୨ଟା ୧୮ ମିନିଟ୍‌ରେ ଗୃହକୁ ଶନିବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।

## ବିଧାନସଭାରେ ଶୋକ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**-ବିଧାନସଭାର ପରଲୋକଗତ ସଦସ୍ୟ, ସିଆରପିଏଫ୍ ଯବାନ ଏବଂ ଦୂରଦର୍ଶନର ପୂର୍ବତନ କ୍ୟାମେରାମ୍ୟାନ୍‌ଙ୍କ ବିୟୋଗରେ ଶୁକ୍ରବାର ଶୋକପ୍ରକାଶ କରାଯାଇଛି। ବିଧାନସଭା ଗୃହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ବାଚସ୍ପତି ପ୍ରଦୀପ କୁମାର ଅମାତ ପୂର୍ବତନ ସରକାରୀ ଉପମୁଖ୍ୟ ସଚେତକ ସ୍ୱର୍ଗତ ପ୍ରସନ୍ନ କୁମାର ପାଲ, ପୂର୍ବତନ ସଦସ୍ୟ ବଂଶୀଧର ସାହୁ, ୨୯ ଆସାମ ରାଇଫଲର ପୂର୍ବତନ ରାଇଫଲ ମ୍ୟାନ୍ ଚମ୍ପେଶ୍ୱର ମହାକୁଡ଼, ସିଆରପିଏଫ୍ ପୂର୍ବତନ ଡ୍ରାଇଭର ବ୍ରଜମୋହନ ବେହେରା ଏବଂ ଦୂରଦର୍ଶନର ପୂର୍ବତନ କ୍ୟାମେରାମ୍ୟାନ୍ ଅଚ୍ୟୁତାନନ୍ଦ ସାହୁଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ଗୃହରେ ଶୋକ ପ୍ରସ୍ତାବ ଆଗତ କରିବା ସହ ସ୍ୱର୍ଗତ ସଦସ୍ୟ, ଯବାନ ଓ କ୍ୟାମେରାମ୍ୟାନ୍‌ଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ନିଜର ସମବେଦନା ଜଣାଇଥିଲେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ପୂର୍ବତନ ସଦସ୍ୟ ଏବଂ ଯବାନଙ୍କ ବିୟୋଗରେ ଶୋକପ୍ରକାଶ କରିଥିଲେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୧୩ ମିନିଟ ପର୍ଯ୍ୟନ୍ତ ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗଳାଜଡ଼ୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରାହୁଙ୍କ ନକ୍ଷତ୍ରରୁ ଚନ୍ଦ୍ର ହେତୁ ଅର୍ଥ, ସାମାଜିକ ସମ୍ମାନ ଆପଣଙ୍କୁ ଶାନ୍ତି ଦେଇପାରିବ ନାହିଁ। ଅବଶ୍ୟ ଦ୍ୱିତୀ ନକ୍ଷତ୍ର ଗତ କିଛିଦିନ ହେଲା ଯାହା ଭାଗ୍ୟରେ ତାହା ଆଜି ସହଜ ଓ ସୁବିଧାରେ ପାଇପାରିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ତଥା ନୂତନ କର୍ମାରମ୍ଭ ପ୍ରବୃତ୍ତିରେ ସୁଫଳ ପାଇବେ।

**ବୃଷ** ରବି ଦେବଗୁରୁଙ୍କ ସାନ୍ନିଧ୍ୟରେ ଓ ନକ୍ଷତ୍ରରୁ ହେତୁ ଯାହା ପାଇବା କଥା ତାହାକୁ କେହି ଅଟକାଇ ରଖିପାରିବେ ନାହିଁ। କିନ୍ତୁ କୁଜିଲା ନକ୍ଷତ୍ରର ଶାରୀରିକ ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ ତଥା ଲେଖାପଢ଼ା କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** ରାଶ୍ୟାଧିପ ବୁଧ ସ୍ୱନକ୍ଷତ୍ରରୁ ହେତୁ ଋଣ ପରିଶୋଧ, ଶତ୍ରୁତାର ସମାଧାନ, ଦୂରଯାତ୍ରା, ନୂତନ ନିଯୁକ୍ତିର ସୂଚନା ମଧ୍ୟ ପାଇପାରନ୍ତି। କର୍ମକ୍ଷେତ୍ରରୁ ମନ୍ଥର କରିପାରେ। ଗତକାଲିର ଅଟକି ରହିଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟ ଆଜି ସାହାଯ୍ୟ ଲାଭକରି କିଛି ଅଂଶରେ ବଢ଼ିଯିବ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଉନ୍ନତି କରି ଖୁସି ହେବେ।

**କର୍କଟ** ଶୁକ୍ରଗ୍ରହ ସ୍ୱଗୃହୀ ହୋଇ କେନ୍ଦ୍ରରୁ କାରଣରୁ ପାରିବାରିକ ଜୀବନ ହେଉଥିବାରେ ଅବିବାହିତ ହେବ। ଅତୀତ କଥାକୁ ଚିନ୍ତା କରି ଆପଣ ଯେତେବେଳେ ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ।

**ସିଂହ** ବଳହୀନ ରବି କେନ୍ଦ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟର କ୍ରମ ଅବନତି ସାଙ୍ଗକୁ ପାରିବାରିକ ଜୀବନରେ ଅଶାନ୍ତିର ଝଲକ ଦେଖାଯାଉଛି। ଆର୍ଥିକ ଅନଟନ ମଧ୍ୟରେ ଅର୍ଥନିଃଶ୍ୱାସୀ ହେବେ, କିନ୍ତୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇବେ। କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** ଶନି ପାପଗ୍ରହ କେତୁ ନକ୍ଷତ୍ରରୁ ହୋଇ କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ପ୍ରଭାବିତ କରିବ। ଫଳରେ କାର୍ଯ୍ୟହାନି ସାଙ୍ଗକୁ ମନସ୍ତାପ ମଧ୍ୟରେ ଅଧିକାଂଶ ସମୟ ଅତିବାହିତ ହେବ। ଦୂରଯାତ୍ରା କରିବାକୁ ପଡ଼ିପାରେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ସମସ୍ୟା ରହିଥିଲେ ମଧ୍ୟ ଦୈହିକ ସୁସ୍ଥତା ଓ ଭୋଗବିଳାସ ମଧ୍ୟରେ ଦୁଃଖକୁ ଭୁଲି ଯାଇପାରିବେ। ରାହୁ ଓ କେତୁଙ୍କ ପ୍ରଭାବରେ ସାମୟିକ ଭୁଲ୍ ବୁଝାମଣା କାରଣରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା ,ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଏକାଧିକ ଗ୍ରହ ରାଶିରେ ରହି ବିଭିନ୍ନ କାମରେ ଆପଣଙ୍କୁ ନିଯୁକ୍ତ କରାଇପାରନ୍ତି। ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଅନୁରାଧା ନକ୍ଷତ୍ରର ମନ ଉଦାସ ରହିପାରେ। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** ବୃହସ୍ପତି ମନ୍ଦଗ୍ରହ ଶନି ନକ୍ଷତ୍ରରୁ ପ୍ରତ୍ୟେକ କାମ ଧିମା ଗତିରେ ଆଗକୁ ବଢ଼ିବ। ବନ୍ଧୁଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାଖ ପଡୋଶୀମାନେ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହିନ ପାରି ଅପପ୍ରଚାର ଚଳାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ମକର** ଶାରୀରିକ ଓ ମାନସିକ ସୁସ୍ଥତା କାମ କରିବାର ଉତ୍ସାହକୁ ଦ୍ୱିଗୁଣିତ କରିବ। କିନ୍ତୁ ତାହା ସାଙ୍ଗକୁ ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ଓ ଭାବପ୍ରବଣତାରେ ଆପଣଙ୍କ ବ୍ୟକ୍ତିମାନେ କରି ଦେଇପାରନ୍ତି। ଆଶା କରୁଥିବା ଜିନିଷ କିମ୍ବା ଖବର ବନ୍ଧୁଙ୍କ ନିକଟରୁ ପାଇ ଖୁସି ହୋଇପାରନ୍ତି। ଲେଖାପଢ଼ା, କଳା, ସାହିତ୍ୟ, ବ୍ୟବସାୟ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ରାଶିସ୍ଥ ବୃହସ୍ପତିଗ୍ରହ ପ୍ରଭାବରୁ ଆପଣ ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ଅତି ସୁବିଧାରେ ପାଇପାରିବେ। ହଠାତ୍ ଜଣେ ବନ୍ଧୁ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** ପୂର୍ବବର୍ତ୍ତୀ କେତେକାଂଶରେ ଦୂରୀଭୂତ ହୋଇଯିବା କାରଣରୁ ମାନସିକ ସ୍ତରରେ ପ୍ରଫୁଲ୍ଲତା ଅନୁଭବ କରିବେ। କିନ୍ତୁ ଉତରଭାଦ୍ରପଦ୍ ନକ୍ଷତ୍ରରୁ ଅଟକିରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି କାର୍ତ୍ତିକ ଶୁକ୍ଳ ପକ୍ଷର ଅଁଳା ନବମୀ ଶନିବାର, ଦିବା ଘ୧୧।୨୭ମି. ଗତେ ଦଶମୀ, ଶ୍ରୀରାଧାଙ୍କ ପାଦ ଦର୍ଶନ, ନଭେମ୍ବର ୧୭ତାରିଖ, ରାଶି ନକ୍ଷତ୍ର -ଶତଭିଷା/କୁମ୍ଭ, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୯।୨୮ମି. ଗତେ ଘ୧୫।୫୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୧୫ମି. ଗତେ ଘ୧୦।୧୫ମି. ଘ୧୦।୫୩ମି. ଗତେ ଘ୨।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮।୪୫ମି. ଗତେ ଘ୧୦।୦୯ମି. ମଧ୍ୟେ ରାହୁକାଳ।




■ ସାତକୋଶିଆରେ ମହାବଳ ମହାବୀର ମୃତ୍ୟୁ ଘଟଣା

# ଘଟଣାସ୍ଥଳରେ ଏନ୍‌ଟିସିଏ, ଡବ୍ଲ୍ୟୁଆଇଆଇ ବିଶେଷଜ୍ଞ

**ବନ୍ତଲା, ୧୬।୧୧ (ଡି.ଏନ.ଏ.)**


ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ କାହ୍ନାରୁ ଆସିଥିବା ମହାବଳ ମହାବୀର ମୃତ୍ୟୁ ଘଟଣାର ଅନୁଧ୍ୟାନ ଆରମ୍ଭ କରିଛି ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଓ ଡବ୍ଲ୍ୟୁଆଇଆଇ (ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ)। ଏନ୍‌ଟିସିଏ ଆଇଜି ଅମିତ ମଲ୍ଲିକ ଓ ଡବ୍ଲ୍ୟୁଆଇଆଇର ବରିଷ୍ଠ ବିଶେଷଜ୍ଞ ଡ. କେ. ରମେଶ ଶୁକ୍ରବାର ଅନୁଗୋଳରେ ପହଞ୍ଚିବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ସ୍ଥାନୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଶନିବାର ପର୍ଯ୍ୟନ୍ତ ଦୁଇ ବିଶେଷଜ୍ଞ ସାତକୋଶିଆରେ ରହି ତନ୍ନତନ୍ନ କରି ଘଟଣାର ଯାଞ୍ଚ କରିବେ। ଅପରପକ୍ଷରେ ଟ୍ରାଙ୍କୁଲାଇଜ ପରଠାରୁ ବାଘୁଣୀ ସୁନ୍ଦରୀ ଏନ୍‌କ୍ଲୋଜର ମଧ୍ୟରେ ସ୍ୱାଭାବିକ ଭାବେ ଚଳପ୍ରଚଳ କରୁଥିବା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି।

ଏନ୍‌ଟିସିଏ ଓ ଡବ୍ଲ୍ୟୁଆଇଆଇର ଦୁଇ ଅଧିକାରୀ ପହଞ୍ଚିବା ପରେ ପ୍ରଥମେ ଅନୁଗୋଳ ବନ ବିଭାଗ ବଙ୍ଗଳାରେ ସ୍ଥାନୀୟ ଅଧିକାରୀମାନଙ୍କୁ ଭେଟିଥିଲେ। ଅପରାହ୍ନରେ ଉଭୟ ବିଶେଷଜ୍ଞ ମହାବୀରର ମୃତ୍ୟୁ ସ୍ଥାନ ପରିଦର୍ଶନ କରି ତଦନ୍ତ କରିଥିଲେ। ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ପଣ୍ଡା, ସାତକୋଶିଆ ଡିଏଫ୍‌ଓ ରାମସ୍ୱାମୀ ପି, ଅନୁଗୋଳ ଡିଏଫ୍‌ଓ ଭି. କାର୍ତ୍ତିକ, ଏସିଏଫ୍ ଶୁଭେନ୍ଦୁ ବେହେରା, ଆର୍.କେ. ସ୍ୱାଇଁ, ସରୋଜ କୁମାର ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ବନ ବିଭାଗ ବଙ୍ଗଳାରେ ଏନ୍‌ଟିସିଏ ଆଇଜି ଓ ଡବ୍ଲ୍ୟୁଆଇଆଇ ବିଶେଷଜ୍ଞ।

## ୧୦ ଡିଗ୍ରୀ ତଳକୁ ଖସିଲା ପାରଦ ଫୁଲବାଣୀ ୯.୮ ଡିଗ୍ରୀ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ): ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ତଳମୁହାଁ ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୧୪.୬, ସୋନପୁର ୧୪.୬, ଦାରିଙ୍ଗବାଡି ୧୫.୬, ଝାରସୁଗୁଡା ୧୬.୪, କେନ୍ଦୁଝର ୧୫.୯, ସମ୍ବଲପୁର ୧୬.୮, ହୀରାକୁଦ ୧୬.୬, ତାଳଚେର ୧୫.୩, ଭବାନୀପାଟଣା ୧୫, ବଲାଙ୍ଗୀର ୧୬.୨ ଏବଂ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୪.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୦ ତାରିଖ ପରେ ରାଜ୍ୟରେ ଶୀତର ପ୍ରକୋପ ଆହୁରି ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି।



ଧରିତ୍ରୀ ସମ୍ବାଦ ପତ୍ରରେ ପ୍ରକାଶିତ ଖବରର ପ୍ରତିବାଦ

ଭୁବନେଶ୍ୱର ତା ୧୬-୧୧-୨୦୧୮ ରିଖ ପୃଷ୍ଠା-୧ ରେ ପ୍ରକାଶିତ " ନିର୍ବାଚନ କମିଶନଙ୍କ ସାଂଘାତିକ ଖେଳ " ସଂପର୍କିତ ଖବର ସତ୍ୟ ନୁହେଁ ।

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାତୀୟ ଭୋଟର ତାଲିକା ବିଶୁଦ୍ଧି କରଣ ଓ ସାବ୍ୟସ୍ତକରଣ କାର୍ଯ୍ୟକ୍ରମ (National Electoral Roll Purification & Authentication Programme) ସାରା ରାଜ୍ୟରେ ୨୦୧୫ ମାର୍ଚ୍ଚ ୩ ତାରିଖରୁ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଏକ ଉଦ୍ଦେଶ୍ୟ ଥିଲା ଭୋଟର ଫଟୋ ପରିଚୟ ପତ୍ର ସଂଖ୍ୟା ସହ ଆଧାର କାର୍ଡ ସଂଖ୍ୟା ସଂଯୋଗ ଓ ଭୋଟର ତାଲିକାରେ ଥିବା ବିଭିନ୍ନ ତ୍ରୁଟିର ସଂଶୋଧନ ।

ପରବର୍ତ୍ତୀ ସମୟରେ ଏହି ସଂପର୍କରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ରିଟ୍ ପିଟିସନ୍ (ସିଭିଲ) କେଶ୍ ନମ୍ବର -୪୯୪ / ୨୦୧୨ ତା ୧୧.୦୮.୨୦୧୫ ରିଖ ଆଦେଶ ପରିପ୍ରେକ୍ଷୀରେ ଭାରତ ନିର୍ବାଚନ ଆୟୋଗ ଏହି କାର୍ଯ୍ୟକ୍ରମ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ ।

ପୁନଶ୍ଚ ଓଡିଶାରେ ଭୋଟର ଫଟୋ ପରିଚୟ ପତ୍ର ସଂଖ୍ୟା ସହ ଆଧାର କାର୍ଡ ସଂଖ୍ୟା ସଂଯୋଗ କରାଯାଇ ନାହିଁ ଏବଂ ଏହାକୁ ସରକାରୀ ସଂସ୍ଥା ମାନଙ୍କୁ ପ୍ରଦାନ କରିବା ଖବର ତଥ୍ୟ ଭିତ୍ତିକ ନୁହେଁ ।

ସୂଚନା ଅଧିକାରୀ,
ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ଓଡିଶା

ଧରିତ୍ରୀର ତା.୧୬.୧୧.୨୦୧୮ରିଖ ପୃଷ୍ଠା-୧ରେ 'ନିର୍ବାଚନ କମିଶନଙ୍କ ସାଂଘାତିକ ଖେଳ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି। ଆମ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁସାରେ ଉକ୍ତ ଖବର ପ୍ରସ୍ତୁତ କରାଯାଇଛି। ଏଥିରେ ଓଡ଼ିଶା ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନାହିଁ। ମିଳିଥିବା ପ୍ରତିବାଦ ପତ୍ରର ଅବିକଳ ନକଲ ଏଠାରେ ପ୍ରକାଶ କରୁଛୁ।

## ବୋର୍ଡ ବୈଠକ ପରେ ଟାଟା ସନ୍ସର ସ୍ୱୀକାରୋକ୍ତି: ଜେଟ୍ ଏୟାରୱେଜରୁ ପ୍ରସ୍ତାବ ମିଳିନି

ମୁମ୍ବାଇ,୧୬।୧୧

ସଙ୍କଟଗ୍ରସ୍ତ ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜକୁ କିଣିବା ନେଇ ଟାଟା ସନ୍ସ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ କମ୍ପାନୀ କିଣିବା ନେଇ ଜେଟ୍‌ରୁ କୌଣସି ପ୍ରସ୍ତାବ ଆସିନି ବୋଲି ବୋର୍ଡ ବୈଠକ ଶେଷରେ ଟାଟା ସନ୍ସ ପକ୍ଷରୁ କୁହାଯାଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୂର୍ଣ୍ଣ ସେବା ବିମାନ କମ୍ପାନୀ ବିସ୍ତାରା ଏବଂ ଏୟାର ଏସିଆ ଇଣ୍ଡିଆ ସହ ମିଶି ଟାଟା ସନ୍ସ ଯୌଥ ଭାବେ ଦୁଇଟି ବିମାନ କମ୍ପାନୀ ପରିଚାଳନା କରୁଛି। ତେବେ ଗ୍ରୁପ୍ ଦ୍ୱାରା ପରିଚାଳିତ ନିଜସ୍ୱ ଏକ ବିମାନ କମ୍ପାନୀ ପାଇଁ ଟାଟା ପକ୍ଷରୁ ଦୀର୍ଘଦିନ ହେଲା ଉଦ୍ୟମ ହୋଇଆସୁଛି। ସିଙ୍ଗାପୁର ଏୟାରଲାଇନ୍ସ ସହ ମିଶି ଟାଟା ସନ୍ସ ନରେଶ ଗୋଏଲଙ୍କ ମାଲିକାନାରେ ଥିବା ଜେଟ୍ ଏୟାରୱେଜକୁ କିଣିବାକୁ ଯାଉଛି ବୋଲି ଗତ କିଛି ଦିନ ହେବ ମିଡିଆରେ ବେଶ୍ ଚର୍ଚ୍ଚା ହେଉଥିଲା। ଏପରିକି ଏହି ଖବର ପ୍ରଚାରିତ ହେବା ପରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଜେଟ୍ ଏୟାରୱେଜ ଶେୟାର ମୂଲ୍ୟ ଇତିମଧ୍ୟରେ ୮ ପ୍ରତିଶତ ବୃଦ୍ଧି ପାଇ ୩୪୬.୮୫ଟଙ୍କାରେ ପହଞ୍ଚିଯାଇଛି। ଜେଟ୍‌କୁ ରକ୍ଷା କରିବା ଲାଗି ଟାଟାକୁ ହସ୍ତକ୍ଷେପ କରିବାକୁ କେନ୍ଦ୍ର ସରକାର ଅନୁରୋଧ କରିଥିବା ନେଇ ମିଡିଆରେ ଆଉ ଏକ ଚର୍ଚ୍ଚା ବେଶ୍ ଜୋର ଧରିଛି। ଅନ୍ୟପକ୍ଷରେ ବୋର୍ଡ ବୈଠକ ଶେଷରେ ଟାଟା ସନ୍ସ ପକ୍ଷରୁ କୁହାଯାଇଛି ଯେ, ଆଲୋଚନା ପ୍ରାରମ୍ଭିକ ସ୍ତରରେ ହୋଇଛି। ଏଥିପାଇଁ କୌଣସି ପ୍ରସ୍ତାବ ଆସିନି।

## ସୌଭାଗ୍ୟ ମିଶ୍ର ପାଇବେ ସାରଳା ସମ୍ମାନ

**କଟକ ଅଫିସ, ୧୬।୧୧**

ଖ୍ୟାତନାମା କବି ପ୍ରଫେସର ଡ. ସୌଭାଗ୍ୟ କୁମାର ମିଶ୍ର ଚଳିତବର୍ଷର ମର୍ଯ୍ୟାଦାଜନକ ସାରଳା ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତା ୨୨ ତାରିଖ ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦର ୩୭ତମ ବାର୍ଷିକୋତ୍ସବ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଡ. ମିଶ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରିବେ। ପୁରସ୍କାର ସ୍ୱରୂପ ୫୦ହଜାର ଟଙ୍କା ଅର୍ଥରାଶି, ତାମ୍ରଫଳକ ଓ ଉପଢୌକନ ଦିଆଯିବ ବୋଲି ସଂସଦର ପ୍ରତିଷ୍ଠାତା ତଥା ସଭାପତି ଇଂ ପ୍ରଭାକର ସ୍ୱାଇଁ ଏବଂ ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ପ୍ରଫେସର ସୌଭାଗ୍ୟ ମିଶ୍ରଙ୍କ ସୃଷ୍ଟିସମ୍ଭାର ମଧ୍ୟରେ ଆମ୍ରନେପଦୀ, ଚରାଚର, ଅନ୍ଧ ମହୁମାଛି, ଦ୍ୱାସୁପର୍ଣ୍ଣା, ମାତ୍ରାସ୍ପର୍ଶ, ଉତ୍ତାନପାଦ ପ୍ରଭୃତି କବିତା ସଂକଳନ ଏବଂ କଥା ଚାରିପଦ ଗଳ୍ପ ସଂକଳନ ପ୍ରଭୃତି ଉଲ୍ଲେଖନୀୟ। ସେ ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଗଙ୍ଗାଧର ମେହେର ଜାତୀୟ କବିତା ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ତାଙ୍କର ଜନ୍ମ ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ଶାସନରେ ୧୯୪୧ ସେପ୍ଟେମ୍ବର ୫ରେ ହୋଇଥିଲା। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ପଦରୁ ଅବସର ଗ୍ରହଣ କରିଛନ୍ତି।




DADLS-179

ମହାନ୍ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୧୭ ନଭେମ୍ବର(ଅଁଳା ନବମୀ) ୨୦୧୮



ସମୟ – ସକାଳ ଘ.୯.୩୦.ମି.
ଏଜି ଛକସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ
ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ଦିବା ଘ.୧୦.୩୦ମି.–ଆଲୋଚନାଚକ୍ର ଜୟଦେବ ଭବନ
ବିଷୟ : "ଜୟୀ ରାଜଗୁରୁଙ୍କର ଜୀବନୀ ଓ ଭାରତର ସ୍ୱାଧୀନତା ସଂଗ୍ରାମକୁ ଅବଦାନ"

ସାଧାରଣ ସଭା
ସମୟ – ସଂଧ୍ୟା ୫ ଘଟିକା
ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସବର୍ମା, ମାନ୍ୟବର ବିଧାୟକ

ମୁଖ୍ୟ ବକ୍ତା – ଡ. ସୋମାଚାନ୍ଦ, ଇତିହାସ ବିଭାଗ ମୁଖ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ (ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ, ଓଡ଼ିଶାଙ୍କ ଦ୍ୱାରା ଗୀତ ଗୋବିନ୍ଦ ଓ ଶୋଭନୀୟ ବିଦ୍ୟାଳୟ, କୋଣାର୍କର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶହୀଦ୍ ସଲାମ୍ ନୃତ୍ୟ ନାଟିକା, କଳିଙ୍ଗ କନ୍ୟା ପାଇକ ଆଖଡା ପରିବେଷଣ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0392/1819

YOU ACE THE TEST. AND WE'LL HANDLE THE REST.

Don't forget to take the Centurion University Entrance Exam to get priority on Scholarship programs.

Call: 8260077222

You don't need to take multiple tests if you're still unsure about your graduation stream. Unlike other universities, we have just one test, the Centurion University Entrance Exam. The scores from this test is valid for admission into any course. So save the date and start your bright future.

Campuses: Bhubaneswar, Parakalemundi, Visakhapatnam, Bolangir, Rayagada & Chatrapur.

Centurion UNIVERSITY
NAAC "A" GRADE, UGC & AICTE APPROVED

# ନେତାଗିରି ଲୋଭ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆଜିକାଲି ବାବୁମାନଙ୍କର ନେତାଗିରି ପ୍ରତି ଲୋଭ ବଢ଼ିଯାଇଛି । ରାଜସ୍ଥାନରେ ବିଧାନସଭା ନିର୍ବାଚନ ଆଉ ଅଳ୍ପଦିନ ବାକି ଥିବାବେଳେ ଟିକେଟ୍ ପାଇଁ ନେତାମାନଙ୍କୁ ପୂର୍ବତନ ଆଇଏଏସ୍ ଓ ଆଇପିଏସ୍ ବାବୁମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡୁଛି । ଉଭୟ ଜାତୀୟ ଦଳ ଭାଜପା ଓ କଂଗ୍ରେସରେ ଯୋଗଦେବା ଓ ଟିକେଟ୍ ପାଇବା ପାଇଁ ପୂର୍ବତନ ବାବୁମାନେ ଧାଡ଼ି ଲଗାଇଥିବା ଦେଖିବାକୁ ମିଳୁଛି । ତେବେ ଏହା କଦାପି ଏକ ନୂଆ ଧାରା ନୁହେଁ । ତଥାପି କେଉଁ ଅବସରପ୍ରାପ୍ତ ବାବୁମାନଙ୍କୁ ରାଜନୀତି-କୀଟ ଦଂଶିଛି, ତାହା ଜାଣିବାକୁ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇବା ସ୍ୱାଭାବିକ । ନେତାମାନଙ୍କ ସହ ଘନିଷ୍ଠତା ଭିତରେ ନିଜର ବାବୁଗିରିର କ୍ୟାରିୟର ଶେଷ କରିବା ଏବଂ ଅଖଣ୍ଡ କ୍ଷମତା ଭୋଗ କରିବା ପରେ କେତେକ ଅବସରପ୍ରାପ୍ତ ବାବୁ ରାଜନୀତିର ଆଖଡ଼ାଶାଳରେ ପ୍ରବେଶ କରିବା ଲାଗି ଆଗ୍ରହ ପ୍ରକାଶ କରିବାର କାରଣ ସ୍ପଷ୍ଟ । ପ୍ରାପ୍ତ ସୂଚନା ଅନୁସାରେ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅଜୟ ସିଂ ଚିତ୍ତୋରା ବିଦ୍ୟାଧରପୁର ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସରୁ ଟିକେଟ୍ ପାଇବାକୁ ଚେଷ୍ଟା କରୁଛନ୍ତି । ସେହିପରି ଆଉ ଜଣେ ପୂର୍ବତନ ଆଇଏଏସ୍ ଅଫିସର ଲାଲ୍‌ଚାନ୍ଦ ଅସ୍ୱାଲ ଡୁଡୁ ନିର୍ବାଚନମଣ୍ଡଳୀରୁ ଲଢ଼ିବା ପାଇଁ ଟିକେଟ୍ ଚାହୁଁଛନ୍ତି । ରାଜସ୍ଥାନରେ ଏପରି ଅନେକ ପୂର୍ବତନ ବାବୁ ଅଛନ୍ତି, ଯେଉଁମାନେ ଚାକିରିରୁ ଅବସର ପରେ ସଫଳ ରାଜନୈତିକ ଜୀବନ ଅତିବାହିତ କରୁଛନ୍ତି । ନମୋ ନାରାୟଣ ମୀନା ମନମୋହନ ସିଂଙ୍କ ସରକାରରେ ଦୁଇଥର ମନ୍ତ୍ରୀ ହୋଇଥିଲେ । ତାଙ୍କ ଭାଇ ତଥା ରାଜସ୍ଥାନର ପୂର୍ବତନ ଡିଜିପି ହରିଶ୍ ମୀନା ବର୍ତ୍ତମାନ ଦୌସାରୁ ଭାଜପା ଏମ୍‌ପି ଅଛନ୍ତି । ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମଧ୍ୟ ଜଣେ ଆଇଏଏସ୍ ଅଫିସର ଥିଲେ । ତେବେ କୌତୂହଳର ବିଷୟ ହେଲା ରାଜ୍ୟର କୌଣସି ମହିଳା ଅଫିସର ଏପର୍ଯ୍ୟନ୍ତ ଅବସର ପରେ ରାଜନୀତିରେ ବିକଳ୍ପ କ୍ୟାରିୟର ବାଛିନାହାନ୍ତି ।

### ଭିତରେ ଭିତରେ ଗୁଞ୍ଜରଣ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ଯେଉଁସବୁ ନାଟକବାଜି ଚାଲିଛି ଏବଂ ସେମାନଙ୍କ ଅନ୍ତର୍ବିବାଦ ଦାଣ୍ଡରେ ପଡ଼ି ହାଟରେ ଗଡୁଛି, ତାହା ଦେଖି ବିଭିନ୍ନ ବର୍ଗର ବାବୁମାନେ କିଛିବର୍ଷ ତଳେ ମୋଦି ସରକାର ଆରମ୍ଭ କରିଥିବା ୩୬୦-ଡିଗ୍ରୀ ମୂଲ୍ୟାୟନ ପଦ୍ଧତି ଉପରେ ପ୍ରଶ୍ନ ଉଠାଇଛନ୍ତି । ବାସ୍ତବରେ ସିବିଆଇ ବାବୁମାନେ ପରସ୍ପର ଉପରକୁ ଏବେ ଯେଉଁ ଗୁରୁତର ଅଭିଯୋଗର ଚାପୁଡ଼ା ଫୋପାଡୁଛନ୍ତି, ତାହା ହେଉଛି ଏହି ପଦ୍ଧତିର ପରିଣାମ । ୩୬୦-ଡିଗ୍ରୀ ପଦ୍ଧତି ପ୍ରଚଳନ ମୂଳରେ ଥିଲା ଗୋଟିଏ ବିଶ୍ୱାସ ଯେ, ବରିଷ୍ଠ ବାବୁମାନେ ସାଧାରଣତଃ ଅଧସ୍ତନ ବାବୁମାନଙ୍କ ସହ ସମ୍ପର୍କ ଖରାପ କରିବାକୁ ଚାହୁଁ ନ ଥିବାରୁ ତାଙ୍କର ବାର୍ଷିକ ଗୁପ୍ତ ରିପୋର୍ଟ (ଏସିଆର୍) ଓ ବାର୍ଷିକ ଦକ୍ଷତା ଆକଳନ ରିପୋର୍ଟ (ଏପିଏଆର୍)ରେ କିଛି ଖରାପ ଲେଖନ୍ତି ନାହିଁ । ତେବେ ନୂତନ ବ୍ୟବସ୍ଥା କେବଳ ଅସ୍ୱଚ୍ଛ ନୁହେଁ, ବରଂ ପ୍ରତିଷ୍ଠିତ ସଂଯନ୍ତ୍ର (ମେକାନିଜ୍‌ମ)ର ବିରୋଧୀ । ପର୍ଯ୍ୟବେକ୍ଷକମାନଙ୍କ ମତରେ ରାଜସ୍ୱ ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅନେକ ବରିଷ୍ଠ ଅଧିକାରୀ ପରସ୍ପର ବିରୋଧରେ ଲିଖିତ ଅଭିଯୋଗ ଦାଏର କରିଛନ୍ତି । ଜଣେ ର' ଅଧିକାରୀ ମଧ୍ୟ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚନାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି । ଉକ୍ତ ବରିଷ୍ଠ ଅଧିକାରୀମାନଙ୍କ ତାଲିକାଭୁକ୍ତୀକରଣ, ଚୟନ ଓ ନିଯୁକ୍ତି ୩୬୦-ଡିଗ୍ରୀ ପଦ୍ଧତିରେ କରାଯାଇଥିଲା । ତେଣୁ ଏ ପଦ୍ଧତି ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଏଥିରୁ ପ୍ରମାଣିତ ହେଉଛି ।

### ଗୋଇନ୍ଦା ବନାମ ଗୋଇନ୍ଦା

ଦେଶର ସର୍ବୋଚ୍ଚ ଗୋଇନ୍ଦା ସଂସ୍ଥାରେ ଏବେ ଏକ ଅଦ୍ଭୁତ ପରିସ୍ଥିତି ଦେଖିବାକୁ ମିଳୁଛି । ଏହାର ବରିଷ୍ଠ ଅଧିକାରୀମାନଙ୍କ ଭିତରେ ଥିବା ଶତ୍ରୁତା ଓ ପରସ୍ପର-ବିରୋଧୀ ବୟାନ ଯୋଗୁ ସଂସ୍ଥା ବଦନାମ ହେବାକୁ ଯାଉଛି । ବରିଷ୍ଠ ଗୋଇନ୍ଦାଙ୍କ ଭିତରେ ଦେଖାଦେଇଥିବା ଏହି ବିବାଦ ଏପରି ଭୟାନକ ହୋଇଛି ଯେ, ତାହା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)କୁ ମଧ୍ୟ ଅଡୁଆରେ ପକାଇଦେଇଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ଅସୁବିଧାଜନକ ପରିସ୍ଥିତିର ସାମ୍ନା କରୁଛି । ପ୍ରବର୍ତ୍ତନ ନିର୍ଦ୍ଦେଶକ କର୍ନାଲ ସିଂଙ୍କ କାର୍ଯ୍ୟକାଳ ୨୦୧୯ ଏପ୍ରିଲରେ ପୂରୁଥିବା ବେଳେ ସେ ଆଉ ଏକ ଅବଧି କାର୍ଯ୍ୟକାଳ ବୃଦ୍ଧି ପାଇଁ ଆଶା ବାନ୍ଧିଥିଲେ । କିନ୍ତୁ ତାଙ୍କୁ ସେ ସୁଯୋଗ ମିଳିବ ନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି । ତେବେ ଶେଷ ମୁହୂର୍ତ୍ତରେ ମୋଦି ସରକାରଙ୍କ ମତି ପରିବର୍ତ୍ତନର କାରଣ ଜଣାପଡ଼ି ନାହିଁ । ପର୍ଯ୍ୟବେକ୍ଷକମାନଙ୍କ କହିବା ଅନୁସାରେ ଇଡିର ଯୁଗ୍ମ ନିର୍ଦ୍ଦେଶକ ରାଜେଶ୍ୱର ସିଂ 'ଷ୍ଟଡି ଲିଭ୍'ରେ ଯିବାର ଅଛି । ଯାହା ଜଣାଯାଏ, ସିଂ ଓ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା (ଯାହାଙ୍କୁ ଛୁଟିରେ ପଠାଇ ଦିଆଯାଇଛି)ଙ୍କର ସରକାର-ବିରୋଧୀ ମନୋଭାବ ରହିଛି । ନିକଟରେ ସିଂ ଅର୍ଥ ସଚିବ ହସମୁଖ ଆଧିଆଙ୍କ ବିରୋଧରେ ଏକ ଚିଠିରେ ଗୁରୁତର ଅଭିଯୋଗ ଆଣିଥିଲେ । ତାଙ୍କର ସେହି ଚିଠି ଗଣମାଧ୍ୟମରେ ଲିକ୍ ହୋଇ ପ୍ରସାରିତ ହେବା ପରେ ସେ ନିଜ ଅଭିଯୋଗକୁ ପ୍ରତ୍ୟାହାର କରିନେବା ସହ ଏଥିପାଇଁ କ୍ଷମାପ୍ରାର୍ଥନା କରିଥିଲେ । ତେବେ ସିବିଆଇ ମୁଖ୍ୟାଳୟରେ ଯାହାସବୁ ଚାଲିଛି, ତାହା ଉକ୍ତ ସଂସ୍ଥାର ସୁନାମକୁ ମାଟିରେ ମିଶାଇ ଦେଇଛି । ସରକାର ଓ ଉକ୍ତ ସଂସ୍ଥା ଭିତରେ ଚାଲିଥିବା ଝଗଡ଼ା ବି ଶୁଭଲକ୍ଷଣ ନୁହେଁ । ତେବେ ଏ ବିବାଦର ଝଡ଼ ଏବେ ଥମିବାର ସମ୍ଭାବନା ଦେଖାଯାଉ ନାହିଁ ।

Email: dilipcherian@gmail.com

# କଶ୍ମୀର ମିଶ୍ରଣର ଅଜଣା ତଥ୍ୟ



ଡ. ବାଞ୍ଛାନିଧି ପଣ୍ଡା

କଶ୍ମୀର ମହାରାଜା ହରି ସିଂ କଶ୍ମୀରକୁ ଭାରତ କିମ୍ବା ପାକିସ୍ତାନରେ ବିଲୟ କରାଇବେ ଏ ନେଇ ଦ୍ୱିଧାରେ ଥିଲେ । କଶ୍ମୀରକୁ ଭାରତରେ ବିଲୟ କରିବା ପାଇଁ ଆରଏସ୍ଏସ୍ କାର୍ଯ୍ୟକର୍ତ୍ତାମାନେ ରାଜାଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କଲେ । କଶ୍ମୀରର ସଂଘଚାଳକ ପ୍ରେମନାଥ ଡୋଗ୍ରା ଏବଂ ପଞ୍ଜାବର ସଂଘଚାଳକ ରାୟବାହାଦୁର ଶ୍ରୀ ବଦ୍ରିନାଥ ମହାରାଜାଙ୍କ ସହିତ ଭାରତରେ ମିଶ୍ରଣ ସଂକ୍ରାନ୍ତରେ କଥାବାର୍ତ୍ତା କରିଥିଲେ । ଇତିମଧ୍ୟରେ ୧୯୪୭ ଅକ୍ଟୋବର ୧୧ ତାରିଖରେ ପାକିସ୍ତାନ ଭାରତବର୍ଷ ଉପରେ ଆକ୍ରମଣ କରିଦେଲା । ଜମ୍ମୁ-କଶ୍ମୀରରେ ପାକିସ୍ତାନୀ ସୈନ୍ୟଙ୍କ ଦ୍ୱାରା ଲୁଟ, ପୋଡାଜଳା ଓ ବଳାତ୍କାରର ନାରକୀୟ ଲୀଳା ଚାଲିଲା । କଶ୍ମୀରକୁ ଭାରତରେ ମିଶାଇବା ପାଇଁ ଗାନ୍ଧିଜୀ ଓ ଆଚାର୍ଯ୍ୟ କୃପାଲାନୀ ମହାରାଜାଙ୍କୁ ରାଜି କରାଇବାରେ ଅସଫଳ ହେଲେ । ପରିସ୍ଥିତିର ଗୁରୁତ୍ୱ ଅନୁଭବ କରି ସର୍ଦ୍ଦାର ପଟେଲ ଜମ୍ମୁ-କଶ୍ମୀରର ଦିୱାନ ମେହେରଚନ୍ଦ ମହାଜନଙ୍କ ମାଧ୍ୟମରେ ଆରଏସ୍ଏସ୍‌ର ଅଖିଳ ଭାରତୀୟ ମୁଖ୍ୟ ମାଧବ ସଦାଶିବ ଗୋଲୱାଲକର (ଶ୍ରୀଗୁରୁଜୀ)ଙ୍କ ସହିତ ସମ୍ପର୍କ ସ୍ଥାପନ କରି ବ୍ୟକ୍ତିଗତ ଅନୁରୋଧ କରିଥିଲେ । ସର୍ଦ୍ଦାର ପଟେଲ ଜାଣିଥିଲେ ଯେ ମହାରାଜ ହରି ସିଂ ଶ୍ରୀଗୁରୁଜୀଙ୍କୁ ଖୁବ୍ ସମ୍ମାନ କରନ୍ତି । ତେଣୁ ଶ୍ରୀଗୁରୁଜୀ ତାଙ୍କ ପ୍ରଭାବ ବିସ୍ତାର କରି ମହାରାଜାଙ୍କୁ ଭାରତରେ ବିଲୟ ପାଇଁ ରାଜି କରାଇବା ସର୍ଦ୍ଦାର ପଟେଲ ଚାହୁଁଥିଲେ । ଶ୍ରୀଗୁରୁଜୀ ନିଜର ସମସ୍ତ କାର୍ଯ୍ୟକ୍ରମ ସ୍ଥଗିତ କରି ନାଗପୁରରୁ ଦିଲ୍ଲୀ ଓ ଦିଲ୍ଲୀରୁ ଶ୍ରୀନଗରରେ ୧୯୪୭ ଅକ୍ଟୋବର ୧୭ ତାରିଖରେ ପହଞ୍ଚିଲେ । ତାଙ୍କର ଏହି ଯାତ୍ରା ପାଇଁ ବିମାନର ବ୍ୟବସ୍ଥା ସ୍ୱୟଂ ସର୍ଦ୍ଦାର ପଟେଲ କରିଥିଲେ । ୧୮ ତାରିଖ ସକାଳେ ଶ୍ରୀଗୁରୁଜୀ ଓ ମହାରାଜ ହରି ସିଂଙ୍କ ସାକ୍ଷାତ ହେଲା । ଜମ୍ମୁ-କଶ୍ମୀରର ପାକିସ୍ତାନରେ ବିଲୟର ଭୟଙ୍କର ପରିଣତି ବିଷୟରେ ଶ୍ରୀଗୁରୁଜୀ ମହାରାଜାଙ୍କୁ ବୁଝାଇଲେ । ମହାରାଜାଙ୍କ ଶଙ୍କାକୁଳ ମନସ୍ତତ୍ତ୍ୱକୁ ଜାଣିପାରି ଶ୍ରୀଗୁରୁଜୀ ତାଙ୍କୁ ଆରଏସ୍ଏସ୍ ତରଫରୁ ସମ୍ପୂର୍ଣ୍ଣ ସହାୟତାର ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀଗୁରୁଜୀଙ୍କ ଦ୍ୱାରା ମହାରାଜା ଖୁବ୍ ପ୍ରଭାବିତ ହୋଇ ଅକ୍ଟୋବର ୨୪ ତାରିଖରେ ଦିଲ୍ଲୀ ସରକାରଙ୍କୁ ଭାରତରେ ଜମ୍ମୁ-କଶ୍ମୀରର ମିଶ୍ରଣ ପାଇଁ ପ୍ରସ୍ତାବ ପଠାଇଲେ । ଅକ୍ଟୋବର ୨୬ ତାରିଖରେ ବିଲୟପତ୍ରରେ ଦସ୍ତଖତ କରିଦେଲେ । ୧୯୪୭ର ପାକିସ୍ତାନ ଆକ୍ରମଣ ସମୟରେ ପ୍ରଭାବିତ ମାର୍ଗରେ ପଡୁଥିବା ଗ୍ରାମବାସୀଙ୍କ ଭିତରେ ଦେଶଭକ୍ତି ଓ ଅନୁଶାସନର ବାତାବରଣ ତିଆରି କରି ଶତ୍ରୁମାନଙ୍କ ମୁକାବିଲା କରିବା ସକାଶେ ଆରଏସ୍ଏସ୍‌ର ସ୍ୱୟଂସେବକମାନେ ଗ୍ରାମବାସୀଙ୍କୁ ମାନସିକ ପ୍ରସ୍ତୁତ କରିବା କାର୍ଯ୍ୟରେ ଲାଗିଥିଲେ । ସଂଘର ଏହି ଅମୂଲ୍ୟ ସହଯୋଗ ଯୋଗୁ ବିଭିନ୍ନ ସ୍ଥାନରେ ଆକ୍ରମଣକୁ ପ୍ରତିହତ କରିବା ସମ୍ଭବ ହୋଇଥିଲା । ଅକ୍ଟୋବର ୨୫ ତାରିଖରେ ମହାରାଜ ହରି ସିଂଙ୍କୁ ଅପହରଣ କରିନେବାର ଯୋଜନାକୁ ପୂର୍ବରୁ ମହାରାଜାଙ୍କୁ ଜଣାଇ ସ୍ୱୟଂସେବକମାନେ ଏହାକୁ ବିଫଳ କରି ଦେଇଥିଲେ ।

ପାକିସ୍ତାନର ଆକ୍ରମଣ ଫଳରେ କଶ୍ମୀରର କୋଟଲୀ ସହର ସମ୍ପୂର୍ଣ୍ଣ ଘେରାବନ୍ଦୀ ଭିତରେ ପଡିଯାଇଥିଲା । ମହାରାଜ ହରି ସିଂଙ୍କ ସେନାର ଯେଉଁ ଛୋଟ ଦଳଟି ମୋର୍ଚ୍ଚା ସମ୍ଭାଳିଥିଲା ତା'ର ଗୋଳାବାରୁଦ ସମାପ୍ତ ହେବାକୁ ବସିଥିଲା । ଭାରତୀୟ ବାୟୁସେନା ସେମାନଙ୍କୁ ସାହାଯ୍ୟ କରିବା ପାଇଁ କିଛି ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ପେଟି ବିମାନରୁ ପକାଇଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସେହି ପେଟିଗୁଡିକ ପାକିସ୍ତାନୀ ସେନାର ଫାୟାରିଂ ରେଞ୍ଜ ମଧ୍ୟରେ ପଡିଗଲା । ଅସ୍ତ୍ରଶସ୍ତ୍ର ବିନା ଶତ୍ରୁ ଗୁଳିରେ ମରିବା ଅପେକ୍ଷା ପେଟିଗୁଡିକୁ ଉଦ୍ଧାର କରିବା ଅତ୍ୟନ୍ତ ଆବଶ୍ୟକ ଥିଲା । କୋଟଲୀ ସହରର ଆରଏସ୍ଏସ୍ ମୁଖ୍ୟ ସୂର୍ଯ୍ୟପ୍ରକାଶ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତା କୃଷ୍ଣଲାଲ ଏବଂ ଅନ୍ୟ ଛଅଜଣ ସ୍ୱୟଂସେବକ ମହାରାଜାଙ୍କ ସୈନ୍ୟମାନଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିଲେ । ଆଗରେ ଗୋଟିଏ ନାଳ ଥିଲା । ନାଳ ଆରପଟେ ପଡିଥିଲା ସେହି ଗୋଳାବାରୁଦ ପେଟି । ଆଠଜଣ ସ୍ୱୟଂସେବକ ନାଳ ପାର ହୋଇ ଶତ୍ରୁପକ୍ଷର ଗୁଳି ବୃଷ୍ଟି ଭିତରେ ଗୁରୁଣ୍ଡି ଗୁରୁଣ୍ଡି ପେଟିଗୁଡିକ ପାଖରେ ପହଞ୍ଚିଲେ । ପେଟିଗୁଡିକୁ ନେଇ ଫେରିବା ସମୟରେ ଶତ୍ରୁ ଗୁଳିରେ ଚାରିଜଣ ଶହୀଦ ହୋଇଗଲେ । ମହାରାଜାଙ୍କ ସେନା ଗୋଳାବାରୁଦ ପାଇବା ପରେ ପୁଣି ଯୁଦ୍ଧ ଆରମ୍ଭ କରି ସୂର୍ଯ୍ୟୋଦୟ ପୂର୍ବରୁ ସାମ୍ନାରେ ଥିବା ପାହାଡକୁ ପାକିସ୍ତାନୀ କବ୍‌ଜାରୁ ମୁକ୍ତ କରି କୋଟଲୀ ସହରକୁ ରକ୍ଷା କରିବାରେ ସମର୍ଥ ହୋଇଥିଲା ।


କୋଟଲୀ ସହରଠାରୁ ୨୦ କିମି ଦୂର ଉତ୍ତରପଶ୍ଚିମ ଦିଗରେ ପଲଂଧାରୀ ଗ୍ରାମରେ ପାକିସ୍ତାନୀ ସେନା ୧୨୦୦ ହିନ୍ଦୁ ଶିଖଙ୍କୁ ଘେରାଉ କରି ରଖିଥିଲେ । ଏହି ହିନ୍ଦୁମାନଙ୍କୁ ରକ୍ଷା କରିବା ପାଇଁ ଲ୍ୟୁଟନାଣ୍ଟ ବୀରେଶ୍ୱରୀ ସିଂଙ୍କ ନେତୃତ୍ୱରେ ୭୧ଜଣ ସୈନିକ ଓ ଇନ୍ସପେକ୍ଟର ହରି ସିଂଙ୍କ ନେତୃତ୍ୱରେ ୧୫ ଜଣ ପୋଲିସ ଥିଲେ । ଶତ୍ରୁପକ୍ଷର ସେନା ତୁଳନାରେ ଏହି ସଂଖ୍ୟା ନଗଣ୍ୟ ଥିଲା । ତେଣୁ ସ୍ଥାନୀୟ ୧୦୦ ଜଣ ସ୍ୱୟଂସେବକ ସେନାକୁ ସାହାଯ୍ୟ କରିବା ପାଇଁ ସାଙ୍ଗରେ ଯାଇଥିଲେ । ଦୀର୍ଘ ସମୟର ସଂଘର୍ଷରେ ଶତ୍ରୁପକ୍ଷର ଅନେକ ଲୋକଙ୍କୁ ମାରିବା ସଙ୍ଗେ ସଙ୍ଗେ ସମସ୍ତ ସ୍ୱୟଂସେବକ ବୀରଗତି ପ୍ରାପ୍ତ ହୋଇଥିଲେ । ଜମ୍ମୁ-କଶ୍ମୀର ସରକାରଙ୍କ ତରଫରୁ ତିଆରି ହୋଇଥିବା ବେସାମରିକ ସୈନ୍ୟବାହିନୀ 'ନ୍ୟାଶ୍‌ନାଲ ମିଲିସିଆ'ରେ ବହୁସଂଖ୍ୟାରେ ସ୍ୱୟଂସେବକ ସାମିଲ ହୋଇ ପ୍ରତ୍ୟକ୍ଷ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ ।

ଭାରତରେ କଶ୍ମୀରର ବିଲୟପତ୍ରରେ ମହାରାଜା ହରି ସିଂଙ୍କ ସ୍ୱାକ୍ଷର ପରେ ଭାରତୀୟ ବାୟୁସେନା ଶ୍ରୀନଗରରେ ଅବତରଣ କରିବାର ଯୋଜନା ଥିଲା । କିନ୍ତୁ ଭାରତୀୟ ଡାକୋଟା ବିମାନର ଅବତରଣ ପାଇଁ ଶ୍ରୀନଗର ବିମାନଘାଟି ଉପଯୁକ୍ତ ନ ଥିଲା । ପ୍ରବଳ ବରଫପାତ ଯୋଗୁ ବିମାନ ବନ୍ଦରର ରନ୍‌ୱେ ବରଫରେ ପୂର୍ଣ୍ଣ ଥିଲା । ଏହି ବିମାନଘାଟିକୁ ଚଉଡା କରିବାର ଜରୁରୀ କାର୍ଯ୍ୟକୁ ସେନାଧିକାରୀଙ୍କ ଅନୁରୋଧକ୍ରମେ ଆର୍‌ଏସ୍‌ଏସ୍ ସ୍ୱୟଂସେବକମାନେ ହାତକୁ ନେଲେ । ପାଞ୍ଚଶହ ସ୍ୱୟଂସେବକ ଦିନରାତି ପରିଶ୍ରମ କରି ବିମାନଘାଟିକୁ ବିମାନ ଅବତରଣ ପାଇଁ ପ୍ରସ୍ତୁତ କରିଦେଲେ । ଫଳସ୍ୱରୂପ ଭାରତୀୟ ସେନାର ସମସ୍ତ ବିମାନ ସେଠାରେ ଓହ୍ଲାଇ ପାରିଥିଲା ଏବଂ ପାକିସ୍ତାନୀ ଆକ୍ରମଣର ମୁକାବିଲା କରିପାରିଥିଲା । ସୈନ୍ୟବାହିନୀର ସୈନିକମାନଙ୍କ ଯାତାୟାତ ପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନୂତନ ରାସ୍ତାର ନିର୍ମାଣ ଓ ପୁରାତନ ରାସ୍ତାର ମରାମତିମଧ୍ୟ ସ୍ୱୟଂସେବକମାନେ ସୈନିକମାନଙ୍କ ସହ ମିଶି କରିଥିଲେ ।

ଅକ୍ଟୋବର ୨୨/୨୭ ବେଳକୁ ଜମ୍ମୁ ଓ ସିଆଲକୋଟ୍ ସୀମାନ୍ତରେ ଥିବା ଗ୍ରାମଗୁଡ଼ିକରେ ନିଆଁ ଜଳି ଉଠିଲା ଓ ୧୨ଟି ଗ୍ରାମ କେତେକ ମୁସଲମାନ ଉପଦ୍ରବକାରୀଙ୍କ ଦ୍ୱାରା ଭସ୍ମୀଭୂତ ହୋଇଗଲା । ତାଲାବ କଟିକାନ୍ ଅଞ୍ଚଳରେ ବାରମ୍ବାର ଦଙ୍ଗା ହେଲା । ସୁରକ୍ଷାବଳ ଅଭାବରୁ ଜମ୍ମୁ ଓ ଆଖପାଖ ଗ୍ରାମାଞ୍ଚଳ ଲୋକେ ଭୟଙ୍କର ବିପଦଗ୍ରସ୍ତ ହୋଇଥିଲେ । ମାତ୍ର ସ୍ୱୟଂସେବକମାନେ ଗ୍ରାମବାସୀଙ୍କ ରକ୍ଷାର ଦାୟିତ୍ୱ ନେଇ ମୁସଲମାନ ଆକ୍ରମଣକାରୀଙ୍କ ସମ୍ମୁଖୀନ ହେଲେ । ସେମାନଙ୍କ ଆକ୍ରମଣକୁ ବିଫଳ କରି ତାଙ୍କ ଯୋଜନାକୁ ପଣ୍ଡ କରିଦେଲେ । ସ୍ୱୟଂସେବକଙ୍କ ପରାକ୍ରମ ବିନା ଜମ୍ମୁର ରକ୍ଷା ଅସମ୍ଭବ ହୋଇ ପଡିଥାଆନ୍ତା ଏବଂ ଜମ୍ମୁ ବ୍ୟତୀତ ଭାରତୀୟ ସୈନିକମାନଙ୍କୁ କଶ୍ମୀର ସୁରକ୍ଷାର ସୁଯୋଗ ମଧ୍ୟ ମିଳି ନ ଥାଆନ୍ତା । କିନ୍ତୁ ପ୍ରଚାର ପ୍ରସାର ଅଭାବରୁ ସ୍ୱୟଂସେବକମାନଙ୍କ ଏହି କୃତିତ୍ୱକୁ ବହୁ ଲୋକ ଜାଣିପାରି ନାହାନ୍ତି । ସେମାନଙ୍କୁ ମଧ୍ୟ ଆବଶ୍ୟକ ସ୍ୱୀକୃତି ମିଳିପାରି ନାହିଁ ।

ପଦ୍ମପୁର, ବରଗଡ, ମୋ-୯୬୭୭୯୧୧୫୯୦

# ୟୁ.ଏସ୍. କନ୍‌ସୁଲେଟ୍‌ର ସେବା



କାଥେରିନ ହଡ୍ଡା

ଦଶବର୍ଷ ତଳେ ୨୦୦୮ରେ ଆମେରିକୀୟ ଧ୍ୱଜା ହାଇଦ୍ରାବାଦସ୍ଥିତ ୟୁ.ଏସ୍. କନ୍‌ସୁଲେଟ (ବାଣିଜ୍ୟ ଦୂତାବାସ)ରେ ପ୍ରଥମଥର ଉତ୍ତୋଳନ ହୋଇଥିଲା । ଆମେରିକା ସରକାରଙ୍କ ଦ୍ୱାରା ଏଭଳି ବୈଦେଶିକ କେନ୍ଦ୍ର ସ୍ଥାପନ କରିବା ବିରଳ ହୋଇଥିବା ବେଳେ, ହାଇଦ୍ରାବାଦ ଟେକ୍ନୋଲୋଜି ଓ ସମୃଦ୍ଧିର କେନ୍ଦ୍ର ହୋଇଥିବାରୁ, ଆମ ସରକାର ଆମେରିକା ଓ ଭାରତ ମଧ୍ୟରେ ବୈଦେଶିକ ଓ ଅର୍ଥନୈତିକ ସମ୍ପର୍କ ସୁଦୃଢ଼ କରିବା ପାଇଁ ଏଠାରେ ବିଶେଷ କ୍ଷମତା ଥିବା ଦେଖିବାକୁ ପାଇଥିଲେ । ଏହା ଏବେ ପ୍ରତିଫଳିତ ହୋଇଛି ଏବଂ ଗତ ଦଶନ୍ଧି ମଧ୍ୟରେ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡିଶା ଆମ ଦୁଇ ଦେଶ ମଧ୍ୟରେ ସହଭାଗିତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି ।

ଗତ ଦଶବର୍ଷରେ ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ବ୍ୟାପାର ଓ ପୁଞ୍ଜିନିବେଶ, ସାମରିକ ପ୍ରତିରକ୍ଷା, କୃଷି, ଶକ୍ତି, ପରିବେଶ, ବିଜ୍ଞାନ ଓ ଟେକ୍ନୋଲୋଜି ଓ ସ୍ୱାସ୍ଥ୍ୟ ଆଦି ବିଭିନ୍ନ ଦିଗରେ ଆହୁରି ମଜଭୁତ ହୋଇଛି । ଆମ କନ୍‌ସୁଲେଟରେ ଏ ଦିଗରେ ଏକାଠି କାମ କରୁଥିବା ଆମେରିକୀୟ ଓ ଭାରତୀୟ କର୍ମଚାରୀ ଦଳକୁ ନେଇ ଆମେ ଗର୍ବିତ । ଆମେ ବୋଧହୁଏ ଆମ କନ୍‌ସୁଲେଟ୍‌ର ସେବାଗୁଡିକ ପାଇଁ ସବୁଠାରୁ ଅଧିକ ପ୍ରଶଂସିତ ଓ ଆମେ ଏହି କେନ୍ଦ୍ର ଖୋଲିବା ଦିନୁ ଆଜି ପର୍ଯ୍ୟନ୍ତ ୧୧ ଲକ୍ଷରୁ ଅଧିକ ଭାରତୀୟଙ୍କୁ ଭିଜା ଯୋଗାଇ ପାରିଛୁ । ହାଇଦ୍ରାବାଦ ସାରା ବିଶ୍ୱର ସବୁଠାରୁ ବ୍ୟସ୍ତ ଭିଜା କେନ୍ଦ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଓ ସାରା ବିଶ୍ୱରେ ଛାତ୍ର ଏବଂ ବାଣିଜ୍ୟିକ ଭିଜା ପ୍ରଦାନ କରୁଥିବା କେନ୍ଦ୍ର ତାଲିକାରେ ଏହା ପ୍ରଥମ ଦଶ ଭିତରେ ରହିଛି । ଏଥିରୁ ସ୍ପଷ୍ଟ ଯେ ଏହାଦ୍ୱାରା ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ବୃଦ୍ଧି ହେଉଛି । ଆମେ ଭାରତୀୟଙ୍କୁ ଭିଜା ପ୍ରଦାନ କରିବା ସହ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡିଶାକୁ ଯାତ୍ରା କରୁଥିବା, ଏଠି କାମ କରୁଥିବା ଓ ଏଠାରେ ରହୁଥିବା ଏକ ଲକ୍ଷରୁ ଅଧିକ ଆମେରିକୀୟ ନାଗରିକଙ୍କୁ ମଧ୍ୟ ବିଭିନ୍ନ ସେବା ପ୍ରଦାନ କରିଥାଉ । ଏହି ଆମେରିକୀୟ ନାଗରିକମାନେ ପାସପୋର୍ଟ ହେଉ କିମ୍ବା ଆପତ୍‌କାଳୀନ ସେବା ପାଇଁ ଆମ କନ୍‌ସୁଲେଟ ଟିମ୍ ଉପରେ ନିର୍ଭର କରିଥାନ୍ତି ଓ ସେମାନେ ଆମ ମିଶନ୍ ପାଇଁ ସର୍ବପ୍ରଥମ ଅଟନ୍ତି ।

ଏହି ଦଶବର୍ଷ ମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ଅନେକ ବ୍ୟବସାୟିକ ସହଭାଗିତା ମଧ୍ୟ ଘଟିଛି । ହାଇଦ୍ରାବାଦରେ ବୋଇଙ୍ଗ୍, ଲକହିଡ଼ ମାର୍ଟିନ, ଉବର, ଆପଲ, ଆମାଜନ ଓ ଏମିତି ଅନେକ ବଡ଼ ଆମେରିକୀୟ କମ୍ପାନୀ ନିଜ ଶାଖା ଖୋଲିଛନ୍ତି । ଏମାନେ ଏଠି ୧୫ ବର୍ଷରୁ କାର୍ଯ୍ୟକାରୀ ଥିବା ଡେଲ୍ ଓ ଏଠାରେ ୨୦ ବର୍ଷ ପୂରଣ କରୁଥିବା ମାଇକ୍ରୋସଫ୍ଟ ଭଳି ଅଗ୍ରଣୀ କମ୍ପାନୀମାନଙ୍କ ତାଲିକାରେ ସାମିଲ ହୋଇଛନ୍ତି । ୧୩୦ରୁ ଅଧିକ ଆମେରିକୀୟ କମ୍ପାନୀ ଏଠାରେ ହଜାର ହଜାର ନିଯୁକ୍ତି ସୃଷ୍ଟି କରି ଦୁଇଦେଶର ଅର୍ଥନୈତିକ ସମୃଦ୍ଧିରେ ସହଯୋଗ କରିଛନ୍ତି । ଗତ ପାଞ୍ଚବର୍ଷ ଭିତରେ ଆମ କନ୍‌ସୁଲେଟ୍ ସହ ଜଡ଼ିତ ଏହି ତିନିରାଜ୍ୟରେ ମିଳିତ



ବୈଦେଶିକ ପୁଞ୍ଜି ନିବେଶ ୧ ଲକ୍ଷ କୋଟି ଟପିଛି, ଯେଉଁଥିରେ ଅଧିକାଂଶ ୟୁ.ଏସ୍. ନିବେଶ ରହିଛି ।

ବୋଧହୁଏ ଏହି ଅଞ୍ଚଳର ବିଶେଷ କ୍ଷମତାକୁ ଦର୍ଶାଇବା ପାଇଁ ଗତବର୍ଷ ଭାରତ ଓ ଆମେରିକା ମିଳିତଭାବେ ଆୟୋଜନ କରିଥିବା ଜିଇଏସ୍ (ଗ୍ଲୋବାଲ ଏଣ୍ଟରପ୍ରିନିଓରଶିପ୍ ସମିଟ୍)ଠାରୁ ବଡ ଉଦାହରଣ ଆଉ କିଛି ହୋଇ ନ ପାରେ । ଏହି ଆନ୍ତର୍ଜାତିକ ସମ୍ମିଳନୀର ସଫଳତାରେ ଆମ କନ୍‌ସୁଲେଟ୍‌ର ବିଶେଷ ଭୂମିକା ରହିଥିଲା । ଏଠାରେ ସାରା ବିଶ୍ୱରୁ ହଜାର ହଜାର ନିବେଶକ, ଉଦ୍ୟୋଗ ଜଗତର ସଫଳ ବ୍ୟକ୍ତି ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଆମେରିକୀୟ ରାଷ୍ଟ୍ରପତିଙ୍କର ଉପଦେଷ୍ଟା ଇଭାନକା ଟ୍ରମ୍ପ ମଧ୍ୟ ଯୋଗ ଦେଇଥିଲେ ।

ଆମେ ବିଭିନ୍ନ କ୍ଷେତ୍ରରେ ଦୁଇଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କ ଓ ସାଂସ୍କୃତିକ ଆଦାନପ୍ରଦାନ ସୁଦୃଢ଼ କରିଛୁ । ଗତ ଦଶନ୍ଧିରେ ତିନିରାଜ୍ୟ (ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଓଡିଶା)ରୁ ପ୍ରାୟ ୭୦୦୦ ନାଗରିକ ଆମେରିକା ଯାଇ ବିଭିନ୍ନ exchange programmesରେ ଭାଗ ନେଇଛନ୍ତି ଓ ଆମ ଦେଶରେ ଦେଖିଥିବା ନିଜ ଅନୁଭବ ନିଜ ଅଞ୍ଚଳର ସହକର୍ମୀ ଓ ଲୋକସମୂହଙ୍କ ପାଖରେ ପହଁଚାଇଛନ୍ତି । ଆମେରିକା ସହଯୋଗରେ ବିଭିନ୍ନ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରମ୍ଭ କରିଥିବା ମାନବ ଚାଲାଣ ବିରୋଧୀ କାର୍ଯ୍ୟକ୍ରମ ଦ୍ୱାରା ହଜାର ହଜାର ନାରୀ ଓ ବାଳିକା ନିଜକୁ ଚାଲାଣକାରୀଙ୍କଠାରୁ ରକ୍ଷାକରି ପାରିଛନ୍ତି । ଆମେରିକା ଭାରତୀୟ ସହଯୋଗୀଙ୍କ ସାଙ୍ଗରେ ମିଶି ଯକ୍ଷ୍ମା, ଏଡ୍‌ସ ଭଳି ବିଭିନ୍ନ ଉତ୍କଟ ରୋଗର ମୂଳୋତ୍ପାଟନ କରିବାକୁ ମଧ୍ୟ ଉଦ୍ୟମ ଚଳାଇଛି ।

ଭାରତର ଏହି ତିନିରାଜ୍ୟର ଉତ୍କୃଷ୍ଟ ଐତିହାସିକ ସମ୍ପତ୍ତି ପ୍ରତି ଆମ ଯୋଗଦାନ ପାଇଁ ମଧ୍ୟ ଆମେ ଗର୍ବିତ । ଆମେ ହାଇଦ୍ରାବାଦସ୍ଥିତ କୁତବ୍‌ଶାହୀ ସମାଧି ଓ ମହା ଲିକା ବାଇ ସମାଧିର ସଂରକ୍ଷଣ ପ୍ରତି U.S. Ambassadors Fund for Cultural Preservation ଦ୍ୱାରା ୨.୨ କୋଟି ଅର୍ଥସହଯୋଗ କରିଛୁ । ସେହିଭଳି ଆଗାମୀ ଦିନରେ ଆମେ ଅନ୍ୟ ଐତିହାସିକ ସ୍ମାରକୀର ସଂରକ୍ଷଣ ପ୍ରକଳ୍ପରେ ସହଯୋଗ କରିବାକୁ ଆଶା କରୁଛୁ ।

ଆଗାମୀ ୨୦୨୧ରେ ଆମର ଏହି ଅଞ୍ଚଳ ପ୍ରତି ପ୍ରତିବଦ୍ଧତା ପୂରଣ ପାଇଁ ଏକ ନୂତନ କନ୍‌ସୁଲେଟ୍ ହାଇଦ୍ରାବାଦର ଆର୍ଥିକ ଜିଲାରେ ଉଦ୍‌ଘାଟିତ ହେବ । ଏହାଦ୍ୱାରା ଆମେ ଅଧିକ ଭିଜା ସେବା ପ୍ରଦାନ କରିପାରିବୁ, ସାଂସ୍କୃତିକ ସମ୍ପର୍କ ଦୃଢ କରିପାରିବୁ ଏବଂ ଭାରତ ଓ ଆମେରିକାର ସହଭାଗିତା ଆହୁରି ମଜବୁତ କରିପାରିବୁ । ଆମର ଏହି ଦଶବର୍ଷର ଯାତ୍ରାକୁ ସଫଳ କରିବାରେ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ଓଡିଶାର ରାଜ୍ୟ ସରକାରଙ୍କର ବିଶେଷ ସହଯୋଗ ରହିଛି । ଆମେ ସେମାନଙ୍କ ପ୍ରତି କୃତଜ୍ଞ ।

କନ୍‌ସୁଲ ଜେନେରାଲ, ୟୁ.ଏସ୍. କନ୍‌ସୁଲେଟ୍, ହାଇଦ୍ରାବାଦ

## ଏଇ ଭାରତରେ

କେତେକ ରୋଗ ଔଷଧ ଦ୍ୱାରା ଆରୋଗ୍ୟ ହୋଇ ନ ପାରିଲେ ଅସ୍ତ୍ରୋପଚାର ଦରକାର ପଡେ । ନ ହେଲେ ବଞ୍ଚିବା ମୁସ୍କିଲ । ଏପରି ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଥିବା ଏକ ୩ମାସର ଶିଶୁକନ୍ୟାର ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଏପରି ଏକ ଘଟଣା ଘଟିଛି ନୂଆଦିଲ୍ଲୀରେ । ନାମ୍ବି ନାମକ ଏହି ଶିଶୁର ହୃତ୍‌ପିଣ୍ଡରେ ଏକ ଛିଦ୍ର ଥିବା ପରୀକ୍ଷାରୁ ଜଣାପଡ଼ିଥିଲା । ଏଥିପାଇଁ ଜରୁରୀ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଲା । ତାଙ୍କ ପିତା ତଥା ଫରିଦାବାଦ୍‌ର ବାସିନ୍ଦା ଅଜୟ କୁମାରଙ୍କ କହିବାନୁଯାୟୀ, ତାଙ୍କ ଝିଅ ବାରମ୍ବାର କାଶିବା ସହିତ ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ କରୁଥିଲା । ତେଣୁ ତାକୁ ସଫ୍‌ଦରଜଙ୍ଗ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ପରୀକ୍ଷା ନିରୀକ୍ଷା ପରେ ଜଣାପଡ଼ିଲା ଯେ, ତା'ର ହୃତ୍‌ପିଣ୍ଡରେ ଏକ ଛିଦ୍ର ଅଛି । ତେଣୁ ହସ୍ପିଟାଲ୍ କର୍ତ୍ତୃପକ୍ଷ ଏମ୍‌ସରେ ଚିକିତ୍ସା କରାଇବା ପାଇଁ ପରାମର୍ଶ ଦେଇଥିଲେ । ତେଣୁ ତାଙ୍କ ପରିବାର ଅକ୍ଟୋବର ମଧ୍ୟଭାଗରେ ଝିଅକୁ ଏମ୍‌ସ ନେଇଥିଲେ । ସେଠାରେ ମଧ୍ୟ ଡାକ୍ତର ଅନୁରୂପ ପରାମର୍ଶ ଦେଇଥିଲେ । ୨୦୨୪ ଫେବୃୟାରୀରେ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର କହିଥିଲେ । କିନ୍ତୁ ଏକ ଦୀର୍ଘ ଅବଧିକୁ ଅପେକ୍ଷା କରିବାକୁ ସେମାନଙ୍କ ଧୈର୍ଯ୍ୟ ନ ଥିଲା । କାରଣ ଝିଅଟି ଖୁବ୍ ଯନ୍ତ୍ରଣା ପାଉଥିଲା । ଏହାପରେ ଉକ୍ତ ପରିବାର ଏକ ଚାରିଟେବଲ ଟ୍ରଷ୍ଟ 'ହାର୍ଟ କେୟାର ଫାଉଣ୍ଡେଶନ୍ ଅଫ୍ ଇଣ୍ଡିଆ'(ଏଚ୍‌ସିଏଫ୍‌ଆଇ)ର ଦ୍ୱାରସ୍ଥ ହୋଇଥିଲେ । ପରିସ୍ଥିତିର ଗୁରୁତ୍ୱ ବୁଝିବା ପରେ ବିଶେଷଜ୍ଞ ଟିମ୍ ଆସନ୍ତା ସପ୍ତାହରେ ଅସ୍ତ୍ରୋପଚାର କରାଇବାକୁ ନିଷ୍ପତ୍ତି ନେଇଛନ୍ତି ।

### ଚିରନ୍ତନୀ

ଆକାଶ ଧରା ଅଭେଦ ସମ
ନୟନପଥେ ଭାତିଲା ମମ
ସେ ଗୀତ ଆଜି ଦୂରତା ସବୁ
ନିମିଷେ ଦେଲା ନାଶି
ଶରତ-ଧଳା ବଉଦ ସମ ଚକିତେ ଗଲା ଭାସି ।

(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୭ ନଭେମ୍ବର ୧୯୯୩

- ଶ୍ରୀନଗରର ପବିତ୍ର ହଜରତବଲ ଦରଘା ଭିତରେ ୧ ମାସ ଧରି ଆତ୍ମଗୋପନ କରିଥିବା ଉଗ୍ରପନ୍ଥୀମାନେ ନିରାପତ୍ତା ବାହିନୀ ନିକଟରେ ଆତ୍ମସମର୍ପଣ କଲେ ଓ ପଣବନ୍ଦୀଙ୍କୁ ମୁକ୍ତ କଲେ ।
- ତାମିଲ ବିଦ୍ରୋହୀ ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ଏକ ସାମରିକ ଘାଟି ଉପରେ ଆକ୍ରମଣ କରି ୭୦ ସୈନ୍ୟଙ୍କୁ ବନ୍ଦୀ କରିଛନ୍ତି ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | C | | 5 | 3 | | 1 | 8 | | | 2 | | | |
| | 3 | | | 9 | 8 | | | | | | | | | |
| | B | | | | | 9 | | 7 | | 4 | | | D | 6 |
| 4 | | 1 | C | | | | | | | | | | 0 | 8 |
| | 2 | | B | | A | | E | | | 0 | | | | |
| | | | | | C | | 3 | | | | | | | |
| | | | 3 | | 4 | | 5 | E | | | 9 | | | 0 |
| A | | | | | | | | | | | C | E | 4 | 3 |
| D | E | B | 7 | | | 0 | | | | 1 | | | | |
| | 5 | 9 | D | | | 6 | | 1 | | 7 | | | | C |
| | | 2 | 5 | | | D | | 9 | | | | | | |
| | | | 0 | | 9 | | 8 | 3 | 6 | | | | | 2 |
| B | 0 | 6 | 8 | 4 | 7 | | | | | | | | | |
| | | | 6 | 1 | E | | 0 | | | | 8 | D | | |
| C | 7 | | | | | | | | | | A | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 8 | A | 0 | 1 | 9 | B | 5 | E | C | 2 | 4 | 7 | 3 | D |
| 1 | 5 | 3 | 7 | 4 | D | 6 | C | 0 | 9 | E | A | 8 | 2 | B |
| C | 0 | 7 | E | 2 | 6 | 4 | 8 | A | B | 3 | D | 5 | 1 | 9 |
| D | 4 | E | 8 | 3 | B | 2 | 9 | 1 | 5 | 7 | 6 | A | C | 0 |
| B | 2 | 9 | 5 | A | C | D | 7 | 3 | 8 | 1 | 0 | 4 | E | 6 |
| 5 | 6 | C | 9 | 7 | 2 | E | 1 | B | A | 8 | 3 | 0 | D | 4 |
| 4 | 3 | B | 1 | D | 8 | 7 | 6 | 5 | 0 | 9 | 2 | E | A | C |
| 7 | A | 2 | B | 6 | E | 0 | 4 | 8 | 1 | D | C | 9 | 5 | 3 |
| 0 | 9 | D | A | 5 | 4 | C | 3 | 2 | 6 | B | E | 1 | 7 | 8 |
| 8 | E | 1 | 3 | C | 0 | 9 | A | D | 7 | 4 | 5 | B | 6 | 2 |
| A | C | 5 | 2 | B | 3 | 8 | D | 7 | 4 | 0 | 1 | 6 | 9 | E |
| 2 | B | 6 | 4 | E | A | 1 | 0 | 9 | 3 | C | 7 | D | 8 | 5 |
| E | D | 0 | 6 | 8 | 1 | 5 | B | C | 2 | A | 9 | 3 | 4 | 7 |
| 9 | 1 | 4 | C | 0 | 7 | 3 | E | 6 | D | 5 | 8 | 2 | B | A |
| 3 | 7 | 8 | D | 9 | 5 | A | 2 | 4 | E | 6 | B | C | 0 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିସ-ଓକିଲ ବିବାଦ

ମହାଶୟ,

ଦୀର୍ଘ ଦୁଇ ମାସ ହେବ ଚାଲିଥିବା ପୋଲିସ-ଓକିଲ ବିବାଦର ପୂର୍ଣ୍ଣଚ୍ଛେଦ ପଡିବାକୁ ଯାଉଥିବା ବେଳେ ପୁନଃ ଭଞ୍ଜନଗର ବୁଗୁଡା ଥାନାର ପୁଲିସ କର୍ମଚାରୀଗଣ ମିଳିତଭାବେ ଜନୈକ ଓକିଲଙ୍କୁ ମାଡ଼ ମାରି କ୍ଷତବିକ୍ଷତ କରିବା ଘଟଣା ନାନାଦି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୋଲିସ ଏତେ ସ୍ୱେଚ୍ଛାଚାରୀ ଓ ବିଶୃଙ୍ଖଳ କାହିଁକି ? ଏପରି କର୍ମଚାରୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦିଆଯାଉ ନାହିଁ କାହିଁକି ?

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

### ଉଚ୍ଚା ସଡ଼କ ହରକତ

ସରକାରୀ ଯୋଜନାରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନୂତନ ସଡ଼କ ନିର୍ମାଣ ଓ ପୁନଃନିର୍ମାଣ କରାଯାଉଛି । ସଡ଼କଗୁଡିକର ଉଚ୍ଚତା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଉଛି । ଛୋଟ ଛୋଟ ନାଳବାଟ ବନ୍ଦ ହେଉଛି । ଫସି ଯାଉଛନ୍ତି ଧାରରେ ବହୁପୂର୍ବରୁ ବସବାସ କରି ଆସୁଥିବା ପରିବାର ଓ ଦୋକାନୀ । ପାଣି ପଶି ସବୁ ଠପ୍ । ଡ୍ରେନେଜ୍ ବ୍ୟବସ୍ଥା କାମ କରୁନାହିଁ । ବାଟ ନ ରଖି ସହରତଳି ଅଞ୍ଚଳରେ ଗଢି ଉଠୁଥିବା ନୂତନ ସାହିର ଲୋକେ ମଧ୍ୟ ବେଙ୍ଗ ମୁତିଦେଲେ ଉବୁଟୁବୁ ହେଉଛନ୍ତି । ନିଜ ଭୁଲ ନ ଦେଖି ପ୍ରଶାସନକୁ ଦୋଷ ଦେଉଛନ୍ତି । ଏପରି ଅସୁବିଧାର ସ୍ଥାୟୀ ସମାଧାନ ଦରକାର ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ସର୍ବକ୍ଷମା ଯୋଜନା

ସର୍ବକ୍ଷମା ଯୋଜନାରେ ସରକାରୀ ଜମି କୌଣସି ବ୍ୟକ୍ତିବିଶେଷ, ଅନୁଷ୍ଠାନ ନାମରେ ବୈଧ ନ ହେଉ । ଜନସାଧାରଣଙ୍କ ସ୍ୱାର୍ଥରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ନିର୍ମାଣ, ଡ୍ରେନ୍, ପାର୍କ, ରାସ୍ତା ଉପରେ ବ୍ୟକ୍ତିଗତ ନିର୍ମାଣକୁ ତୁରନ୍ତ ହଟାଯାଉ । ସର୍ବକ୍ଷମା ଯୋଜନାରେ କେବଳ ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ଉପରେ ବିଡିଏ ପ୍ଲାନ୍‌ଠାରୁ ଭିନ୍ନ କିମ୍ବା ଅଧିକ ନିର୍ମାଣକୁ ବୈଧ କରାଯିବା ନିମନ୍ତେ ସ୍ୱଳ୍ପ ମୂଲ୍ୟରେ ତ୍ୱରିତ, ସରଳ ଓ ସମାଧାନର ବାଟ ଫିଟୁ । ଏବର ସର୍ବକ୍ଷମା ଯୋଜନା ଜନସାଧାରଣଙ୍କ ନିମନ୍ତେ ଜଟିଳ ଓ ଅତ୍ୟନ୍ତ ବ୍ୟୟସାପେକ୍ଷ । ଲୋକାଭିମୁଖୀ ସରକାରଙ୍କଠାରୁ ଜନସାଧାରଣ ଏତିକି ନ୍ୟାୟ ଆଶା କରନ୍ତି ।

ସ୍ୱୟଂସିଦ୍ଧା ପରିଡ଼ା, ପାଇକନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ ରାଜ୍ୟସ୍ତରୀୟ ନବଜାତ ଶିଶୁ ଯତ୍ନ ସପ୍ତାହ ଉଦ୍‌ଘାଟିତ

# ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ହାର ୮୫ ପ୍ରତିଶତ ଟପିଛି

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

■ ଏସ୍‌ଏନ୍‌ସିୟୁରେ ଚିକିତ୍ସିତ ହୋଇଛନ୍ତି ୪୬ ହଜାରରୁ ଅଧିକ ଶିଶୁ

■ ୨୦୧୮-୧୯କୁ ନବଜାତ ଶିଶୁ ଯତ୍ନ ବର୍ଷ ଭାବେ ପାଳନ କରାଯିବ


ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ଗତ ୧୦ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁହାର ୬୫ ପ୍ରତିଶତରୁ ହ୍ରାସ ପାଇ ୪୦ ପ୍ରତିଶତ ହୋଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ରାଜ୍ୟସ୍ତରୀୟ ନବଜାତ ଶିଶୁ ଯତ୍ନ ସପ୍ତାହ ପାଳନ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଜେନା ଶୁଭାରମ୍ଭ କରି କହିଥିଲେ, ଅପରିପକ୍ୱ ଏବଂ କମ ଓଜନର ଶିଶୁ ଜନ୍ମ ହେବା, ଜୀବାଣୁ ସଂକ୍ରମଣ ଏବଂ ଜନ୍ମ ସମୟରେ ଜଟିଳତା ଏହାର ପ୍ରମୁଖ କାରଣ। ବର୍ତ୍ତମାନ ରାଜ୍ୟରେ ଆନୁଷ୍ଠାନିକ(ସ୍ୱାସ୍ଥ୍ୟକେନ୍ଦ୍ରରେ) ପ୍ରସବ ହାର ୮୫ ପ୍ରତିଶତରୁ ଅଧିକ ହେଲାଣି। ୩୦ ଜିଲାରେ ୩୭ ଏସ୍‌ଏନ୍‌ସିୟୁ କାର୍ଯ୍ୟକ୍ଷମ ହୋଇଛି। ଏଠାରେ ତାଲିମପ୍ରାପ୍ତ ଡାକ୍ତର ଓ ନର୍ସମାନଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ଗତବର୍ଷ ୪୬ ହଜାରରୁ ଊର୍ଦ୍ଧ୍ୱ ଶିଶୁ ଏସ୍‌ଏନ୍‌ସିୟୁରେ ଚିକିତ୍ସିତ ହୋଇଛନ୍ତି। ୨୦୧୮-୧୯ ବର୍ଷକୁ ନବଜାତ ଶିଶୁ ଯତ୍ନ ବର୍ଷ ଭାବେ ପାଳନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସମ୍ମାନିତ ଅତିଥିଭାବେ ବିଭାଗୀୟ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଧା ଯୋଗଦେଇ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁ ବିକାଶର ପ୍ରକ୍ରିୟା ଆରମ୍ଭ ହୋଇଛି ତାହାକୁ ଅଧିକ କ୍ରିୟାଶୀଳ କରି ଆଗେଇ ନେବାକୁ ହେବ ବୋଲି ଡାକ୍ତର ଓ ପାରାମେଡିକ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଶାଳିନି ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା ଏସ୍‌ଏନ୍‌ସିୟୁରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ନୟାଗଡ, ରାୟଗଡା ଏବଂ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯଥାକ୍ରମେ ପ୍ରଥମ, ୨ୟ ଏବଂ ୩ୟ ପୁରସ୍କାର ପ୍ରଦାନ କରିଥିଲେ। ଘରେ ଜନ୍ମିତ ଶିଶୁମାନଙ୍କ ଯତ୍ନ କ୍ଷେତ୍ରରେ ସୁନ୍ଦରଗଡ ଜିଲାକୁ ପ୍ରଥମ, ସୁବର୍ଣ୍ଣପୁର ଜିଲାକୁ ୨ୟ ଏବଂ ବୌଦ୍ଧ ଜିଲାକୁ ୩ୟ ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ଅନୁଷ୍ଠାନରେ ପ୍ରସବ ଗୃହରେ ଉନ୍ନତି ଏବଂ ରାଜ୍ୟ ପ୍ରମାଣୀକରଣ ପାଇଁ କଳାହାଣ୍ଡି ଓ ଢେଙ୍କାନାଳ ଜିଲାକୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଡା. ବି.କେ. ବ୍ରହ୍ମା ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ଲିଙ୍ଗରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ପ୍ରଶାସନ ଉପରେ ବର୍ଷିଲେ ଶଙ୍କରାଚାର୍ଯ୍ୟ

ପୁରୀ ଅଫିସ,୧୬।୧୧



**ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗ**

■ ମୋ ସହ ଆଲୋଚନା କଲେ ବାହାରିବ ସମାଧାନର ସୂତ୍ର

ବିଭିନ୍ନ ପ୍ରସଙ୍ଗକୁ ନେଇ ଗତ ୩ ବର୍ଷ ଧରି ବଦନାମ ହେବାରେ ଲାଗିଛି ଶ୍ରୀମନ୍ଦିର। ଦିନକୁ ଦିନ ଧାର୍ମିକ ଓ ପ୍ରଶାସନିକ ପ୍ରସଙ୍ଗକୁ ନେଇ ବିଭିନ୍ନ ବିବାଦ ମୁଣ୍ଡ ଟେକୁଛି। ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ସେବାୟତ ସମସ୍ତେ ବଦନାମ ହେଉଛନ୍ତି। ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ଗତ ଅକ୍ଟୋବର ୩ରେ ପୁରୀ ବନ୍ଦ ବେଳେ ଘଟିଥିବା ହିଂସା ସବୁ ସୀମା ସରହଦକୁ ଅତିକ୍ରମ କରିଛି। ଏହି ପ୍ରସଙ୍ଗ ଥମି ନ ଥିବାବେଳେ ପୁଣି ପୁରୁଣା ବ୍ରହ୍ମ ବିଭ୍ରାଟ ଏବଂ ଦାରୁ ଚୟନ ପ୍ରସଙ୍ଗ ଏବେ ସତେଜ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ବ୍ରହ୍ମ ବିଭ୍ରାଟ ଘଟଣାରେ ନୋଟିସ ଜାରି କରିବା ପରେ ମହାରଣା ସେବକ କୃଷ୍ଣଚନ୍ଦ୍ର ମହାରଣା ଦାରୁ ଚୟନ ଏବଂ ମାନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଆରୋପ ପ୍ରତ୍ୟାରୋପ ଚଳାଇଥିବା ବେଳେ ଏ ସମ୍ପର୍କରେ ମତ ରଖିଛନ୍ତି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଶୁକ୍ରବାର ଖବରଦାତାଙ୍କ ଏ ସମ୍ପର୍କିତ ପ୍ରଶ୍ନରେ ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ, ଧାର୍ମିକ, ଆଧ୍ୟାତ୍ମିକ କ୍ଷେତ୍ରରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନ୍ୟାୟାଧୀଶ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ତାଙ୍କ ସହ ଏହି ସମସ୍ୟା ନେଇ କୌଣସି ପ୍ରକାର ଆଲୋଚନା କରିନାହିଁ। ଯଦି ଏହି ସମସ୍ୟା ନେଇ ଆଲୋଚନା କରିବ ସମାଧାନର ସୂତ୍ର ନିଶ୍ଚିତ ବାହାରିବ। କ୍ଷୀର ପାଣି ସବୁ ଅଲଗା ହୋଇଯିବ। ଶ୍ରୀମନ୍ଦିର ପ୍ରଶାସନ ଦିଶାହୀନ ହୋଇପଡିଛି। ମନ୍ଦିର ପରିଚାଳନା କମିଟି କାହିଁକି ଶୋଇପଡିଛି ବୋଲି ପ୍ରଶ୍ନ କରିବା ସହ ଏହି ସମସ୍ୟା ମୋ ପାଖରେ ପହଞ୍ଚିଲେ ସମାଧାନର ସୂତ୍ର ନିଶ୍ଚିତ ବାହାରିବ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

ନିୟମ ପରିବର୍ତ୍ତନ ପ୍ରସ୍ତାବ ଦେଲେ ସରକାର

# ଆର୍‌ବିଆଇ ବୋର୍ଡକୁ ମିଳିବ ଅଧିକ କ୍ଷମତା

ନୂଆଦିଲ୍ଲୀ,୧୬।୧୧

ଏକାଧିକ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କ ମତଭେଦ ରହିଛି। ଏହାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଉପରେ ଅଧିକ ନଜର ରଖିବା ଉଦ୍ଦେଶ୍ୟରେ ନିୟମ ପରିବର୍ତ୍ତନ କରି ବୋର୍ଡକୁ ଅଧିକ କ୍ଷମତା ଦେବାକୁ ସରକାର ଚାହୁଁଛନ୍ତି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପରିଚାଳିତ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କ ବୋର୍ଡ ଡ୍ରାଫ୍ଟ ରେଗୁଲେଶନ ମାଧ୍ୟମରେ କମିଟି ଗଠନ କରୁ। ଏହି କମିଟି କେନ୍ଦ୍ରୀୟ ବ୍ୟାଙ୍କର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯଥା ଆର୍ଥିକ ସ୍ଥିରତା, ମୁଦ୍ରା ସ୍ଥାନାନ୍ତର ନୀତି ଏବଂ ବୈଦେଶିକ ବିନିମୟ ପରିଚାଳନା ଭଳି କାର୍ଯ୍ୟଗୁଡିକୁ ତଦାରଖ କରିପାରିବ। ସରକାରଙ୍କ ଏହି ପ୍ରସ୍ତାବ ଦ୍ୱାରା ରିଜର୍ଭ ବ୍ୟାଙ୍କ ବୋର୍ଡକୁ ଅଧିକ କ୍ଷମତା ମିଳିଯିବ ଏବଂ କେନ୍ଦ୍ରୀୟ ବ୍ୟାଙ୍କର କାର୍ଯ୍ୟ ଉପରେ ନଜର ରଖିପାରିବ। ଏଭଳି କମିଟି ଗଠନ କରିବା ଦ୍ୱାରା ରିଜର୍ଭ ବ୍ୟାଙ୍କ ଆଇନରେ ସଂଶୋଧନ ଆଣିବାକୁ ପଡିବ ନାହିଁ ଏବଂ ସରକାରଙ୍କ କର୍ତ୍ତୃତ୍ୱ ବଜାୟ ରହିବ। ଏହି ନବୀନତମ ପ୍ରସ୍ତାବ ମତଭେଦକୁ ଆହୁରି ତୀବ୍ର କରିବ ବୋଲି କୁହାଯାଉଛି। ଆସନ୍ତା ସୋମବାର ହେବାକୁ ଥିବା ବୋର୍ଡ ବୈଠକରେ ଏହି ପ୍ରସ୍ତାବ ଉପରେ ଗରମାଗରମ ଆଲୋଚନା ହେବାର ସମ୍ଭାବନା ରହିଛି। ତେବେ ଏଭଳି ପ୍ରସ୍ତାବ ନେଇ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଏବଂ ରିଜର୍ଭ ବ୍ୟାଙ୍କରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।




ସରକାରଙ୍କୁ କାଠଗଡ଼ାକୁ ଟାଣିଲେ ଟ୍ୟାକ୍ସ ଆସୋସିଏଶନ

# ଆଇଟି କମିଶନରଙ୍କୁ ପ୍ରୋତ୍ସାହନ ଦେବାକୁ ବିରୋଧ

ନୂଆଦିଲ୍ଲୀ,୧୬।୧୧

ଟିକସ ବିବାଦ କ୍ଷେତ୍ରରେ ସରକାରଙ୍କ ସପକ୍ଷରେ ରାୟ ଦେବା ପାଇଁ ଆୟକର ବିଭାଗ ପକ୍ଷରୁ ବିଚାରପତି କ୍ଷମତା ପାଇଥିବା ଆୟକର କମିଶନର(ଅପିଲ)ଙ୍କୁ ପ୍ରୋତ୍ସାହନ ରାଶି ଦେବାକୁ ବିରୋଧ କରିଛି ଅଲ୍ ଇଣ୍ଡିଆ ଟ୍ୟାକ୍ସ ପ୍ରାକ୍ଟିଶନର୍ସ ଆସୋସିଏଶନ। ଏହା ସେଣ୍ଟ୍ରାଲ ବୋର୍ଡ ଅଫ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ମାମଲା ଦାଏର କରିଛି। ସରକାରଙ୍କ ସପକ୍ଷରେ ଯେତେ ଅଧିକ ରାୟ ପ୍ରକାଶ ପାଇବ ଆୟକର କମିଶନର(ଅପିଲ)ଙ୍କ ସେହି ଅନୁପାତରେ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ସିବିଡିଟି ପକ୍ଷରୁ ଏକ ନୀତି ପ୍ରଣୟନ କରାଯାଇଛି। ଏହାଦ୍ୱାରା ଟିକସ ଆତଙ୍କବାଦ ବଢ଼ିବା ସହିତ ବିବାଦ ଅଧିକ ହେବ। ତେବେ ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଆୟକର ସମ୍ପର୍କିତ ବିବାଦର ପ୍ରଥମ ଶୁଣାଣି ଆୟକର କମିଶନର କରିଥାନ୍ତି। ଏଠାରୁ ଆବଶ୍ୟକ ମୁତାବକ ରାୟ ନ ମିଳିଲେ କମ୍ପାନୀ କିମ୍ବା ଟିକସଦାତା ଉପରିସ୍ଥ ଅଦାଲତକୁ ଯାଇପାରିବେ। ଅନ୍ୟପକ୍ଷରେ ଆସୋସିଏଶନ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ ନୂଆ ନୀତି ଦ୍ୱାରା ନିରପେକ୍ଷତା ବଜାୟ ରହିବ ନାହିଁ ବୋଲି ଆସୋସିଏଶନ ଅଭିଯୋଗ କରିଛି।

**ଆଲ୍ଲାହାବାଦ ବ୍ୟାଙ୍କ**

**ଭୁବନେଶ୍ୱର ମୁଖ୍ୟ ଶାଖା**
୧୫୯, ବାପୁଜୀ ନଗର,
ଭୁବନେଶ୍ୱର-୭୫୧୦୦୯,
ଫୋନ୍: ୦୬୭୪-୨୫୯୮୦୪୪

**ଦଖଲ ନୋଟିସ୍**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ- ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ସାଙ୍କେତିକ ଦଖଲକୁ ନେଇଛନ୍ତି । ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**"ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।"**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ /ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ କୁମାର ସ୍ୱାଇଁ,** ପିତା: ଶ୍ରୀ ଭଜବନ ସ୍ୱାଇଁ, ବୃନ୍ଦାବନ କଲୋନୀ, ମେନ୍ ରୋଡ୍, ଗାନ୍ଧୀ ଚୌକ, ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡା, ଓଡ଼ିଶା-୭୬୮୨୧୬ / **ଗ୍ୟାରେଣ୍ଟିଦାତା:ଶ୍ରୀ ଲକ୍ଷ୍ମୀଧର ପରିଡା,** ଏଲବି-୩୦୫, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୧୮ | ୧୨.୦୯.୨୦୧୮ ସୁଦ୍ଧା ଟ.୨୩,୮୬,୪୭୨/- + ସେବାବଦ ସୁଧ | ୧୨.୦୯.୨୦୧୮ / ୧୪.୧୧.୨୦୧୮ | ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୧, ୨ୟ ମହଲା, ବ୍ଲକ୍-ବି ସହିତ ପାର୍କିଂ ସ୍ପେସ୍ ନଂ.: ଏ-୪, ମାଣିକ ଭିଲ୍ଲା, ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ବର୍ଗଫୁଟ, ଖାତା ନଂ.: ୪୨୩/୮୧୩, ପ୍ଲଟ୍ ନଂ.: ୧୦୮୯, ମୌଜା: ଭୁବନେଶ୍ୱର ସହର, ୟୁନିଟ୍ ନଂ.: ୩୭, ଗଡଗୋପିନାଥ ପ୍ରସାଦ, ଜିଲ୍ଲା: ଖୋର୍ଦ୍ଧା, ଏହାର ଚଉହଦି ଉତ୍ତର: ପ୍ଲଟ୍ ନଂ.: ୧୦୮୯ (ଅଂଶ), ଦକ୍ଷିଣ: ଫ୍ଲାଟ୍ ନଂ.: ୨ (୨ୟ ମହଲା), ପୂର୍ବ: ଫ୍ଲାଟ୍ ନଂ.: ୪ (୨ୟ ମହଲା), ପଶ୍ଚିମ: ପ୍ଲଟ୍ ନଂ.: ୧୦୮୯ ଏବଂ ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୬.୧୧.୨୦୧୮

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



## ସଂକ୍ଷେପରେ

### ୪୩ କେଜି ଗଞ୍ଜେଇ ଜବତ, ୨ ଗିରଫ



ଚିତ୍ରକୋଣ୍ଡା,୧୬।୧୧-ମାଲକାନଗିରି ଜିଲା କାଲିମେଳା ବ୍ଲକ ଅଞ୍ଚଳରୁ ଚିତ୍ରକୋଣ୍ଡା ପୋଲିସ ଗୁରୁବାର ୪୩ କେଜି ୨ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏମପିଭି-୧୧ ଗ୍ରାମର ନିହାର ହାଲଦାର ଏବଂ ଏମପିଭି-୩୨ ଗ୍ରାମର ମୋନଜିତ୍ କବିରାଜ। ଗୁରୁବାର ଚିତ୍ରକୋଣ୍ଡା-କାଲିମେଳା ରୋଡରେ ପୋଲିସ ଗାଡିମୋଟର ଯାଞ୍ଚ କରୁଥିବା ବେଳେ ନିହାର ଓ ମୋନଜିତ୍ ବାଇକ୍ ଯୋଗେ ଦ୍ରୁତ ଗତିରେ ଆସୁଥିଲେ। ସେମାନଙ୍କୁ ସନ୍ଦେହରେ ଅଟକାଇ ପୋଲିସ ଯାଞ୍ଚ କରିବା ବେଳେ ଗାଡିରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ଶୁକ୍ରବାର ପୋଲିସ ୧୧୯/୧୮ରେ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

### କୁନାଲ ଭାଜପାରୁ ନିଲମ୍ବିତ

ମାଲକାନଗିରି,୧୬।୧୧ – ମାଲକାନଗିରି ଜିଲା ଭଜପାର ସଭାପତି ଅଶୋକ ପରିଡା ଶୁକ୍ରବାର ଦଳର ବରଷ୍ଠ କର୍ମୀ କୁନାଲ ମିଶ୍ରଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି। ଏନେଇ ସେ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । କୁନାଲ ସୋସିଆଲ ମିଡିଆରେ ଦଳ ବିରୋଧୀ ମନ୍ତବ୍ୟ ଦେଇ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଏବଂ ଦଳର ବରିଷ୍ଠ ପଦାଧିକାରୀଙ୍କୁ ଅସମ୍ମାନ କରୁଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା।

■ ସରିଲା ୨ ଦିନିଆ ସର୍ଗିଫୁଲ ଉତ୍ସବ

# ରାଜ୍ୟସ୍ତରକୁ ୩୦ ମନୋନୀତ

ମାଲକାନଗିରି/କାଲିମେଳା, ୧୬।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ମାଲ୍ୟବନ୍ତ ଛାତ୍ରାବାସ ପରିସରରେ ୨ ଦିନିଆ ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ମୁଖ୍ୟବକ୍ତା ରୂପେ ଆଦିବାସୀ ବିକାଶ ପରିଷଦର ଅଧ୍ୟକ୍ଷ ଆଡମା ରାବା, ଆଦିବାସୀ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରାମ କୃଷ୍ଣ ଗଣ୍ଡ ଯୋଗ ଦେଇଥିଲେ । ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଉତ୍ସବରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୮୬୦ ଜଣ ପ୍ରତିଯୋଗୀଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରତିଭା ପ୍ରଦର୍ଶନ ପାଇଁ ପ୍ରଶଂସା କରିଥିଲେ। ଏହି ଅବସରରେ କତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ୭୦ ପ୍ରତିଯୋଗୀଙ୍କ ମଧ୍ୟରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ୩୦ ଜଣ ମନୋନୀତ ହୋଇଛନ୍ତି। ଉତସବକୁ ୨୮ଟି ପ୍ରକଳ୍ପ ପରିବେଶ ସମ୍ବନ୍ଧୀୟ ଆସିଥିଲା। ସୂଚନାଯୋଗ୍ୟ ଯେ, କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ର ମାଲକାନଗିରି ଜିଲାର ଅନୁସୂଚିତ ଜାତି ଓ ଜନଜାତିର । କାର୍ଯ୍ୟକ୍ରମକୁ ଜିଲାର ସମସ୍ତ ବ୍ଲକ ମଙ୍ଗଳ ଅଧିକାରୀ, ଡିଡବ୍ଲ୍ୟୁଓ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନା କରିଥିଲେ ।

କାଲିମେଳା ଆଶ୍ରମ ବିଦ୍ୟାଳୟର ଛାତ୍ରୀ ମିଥୁଲା ଖିଲ ଗୁରୁବାର ଅନୁଷ୍ଠିତ ଜିଲାସ୍ତରୀୟ କନିଷ୍ଠ ବର୍ଗ ସର୍ଗିଫୁଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜ୍ୟସ୍ତରୀୟ ସର୍ଗିଫୁଲ-୨୦୧୮କୁ ମନୋନୀତ ହୋଇଛନ୍ତି। ମିଥୁଲା କାଲିମେଳା ଆଶ୍ରମ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ଗତ ୯ ତାରିଖରେ କାଲିମେଳାରୁ ବ୍ଲକସ୍ତରୀୟ ପ୍ରତିଯୋଗିତାରୁ ସେ ମନୋନୀତ ହେବା ପରେ ଜିଲା ସ୍ତରରେ ଅଂଶଗ୍ରହଣ କରିଥିଲେ । ପରେ ଜିଲା ସ୍ତରରେ ହୋଇଥିବା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ପାଇ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ଏହି ଖବର ପାଇ କାଲିମେଳା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ବେହେରା, ଶିକ୍ଷୟିତ୍ରୀ ଶିକ୍ଷକମାନେ ଏବଂ ଛାତ୍ରୀଛାତ୍ର ମାନେ ଖୁସି ପ୍ରକାଶ କରିଛନ୍ତି।




ସର୍ଗିଫୁଲ ଉତ୍ସବରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।



ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ମିଥୁଲା ଖିଲ ।

# ମାଲକାନଗିରି, ପୋଲସରାର ବହୁକର୍ମୀ ବିଜେଡିରେ ସାମିଲ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ବିଧାୟକ ମାନସ ମାଡକାମୀ ଓ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ଏବଂ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଆୟୋଜିତ ମିଶ୍ରଣ ପର୍ବରେ କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି। ଦଳ ପ୍ରତି ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ଯୋଗ ଦେଇଥିବା ସମସ୍ତ କର୍ମୀଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିଛନ୍ତି। ସେହିପରି ଉଭୟ ନିର୍ବାଚନମଣ୍ଡଳୀର ଶତାଧିକ କର୍ମୀଙ୍କ ଯୋଗଦାନ ସ୍ଥାନୀୟ ଅଞ୍ଚଳରେ ବିଜେଡିର ଶକ୍ତି ବୃଦ୍ଧି କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ବିଜେଡିରେ ସାମିଲ ହୋଇଥିବା କର୍ମୀମାନଙ୍କ ମଧ୍ୟରେ ମାଲକାନଗିର ଜିଲା ତମସା ସରପଞ୍ଚ ଭୀମା ମାଡକାମୀ, ତଣ୍ଡାପାଲ୍ଲୀ ସରପଞ୍ଚ ନନ୍ଦ ଆଜମିରା, ଚାଲାଣଗୁଡ଼ା ସରପଞ୍ଚ ପୁଷ୍ପାରାଣୀ ପଡ଼ିଆମୀ, ପୂର୍ବତନ ସରପଞ୍ଚ ଇର୍ମା ପଡ଼ିଆମୀ, ମୋଟୁ ସରପଞ୍ଚ ମୁନା ସଡ଼ି, ପୁସୁଗୁଡ଼ା ସରପଞ୍ଚ ରାବା ରାମା, ମହାରାଜପାଲ୍ଲୀ ପଞ୍ଚାୟତ ସମିତି ସଭ୍ୟ ମର୍ଟର୍ନ କିଟାୟା, ତେଲରାଇ ନାଏବ ସରପଞ୍ଚ ଆଡମା କବାସୀ ଏବଂ ପଦ୍ମଗିରି ନାଏବ ସରପଞ୍ଚ ସୁନାଧାର ମାଡକାମୀ କାଲିମେଳା ପୂର୍ବତନ ସରପଞ୍ଚ ମୁକୁନ୍ଦ ନାୟକ ପ୍ରମୁଖ। ସେହିପରି ପୋଲସରା ନିର୍ବାଚନ ମଣ୍ଡଳୀର ନିମିଣା ସରପଞ୍ଚ ହରପ୍ରିୟା ସାହୁ, ସମିତି ସଭ୍ୟ ଦେବରାଜ ସେଠୀ, ୱାର୍ଡ ମେମ୍ବର ରେଣୁକା ସାହୁ, ତପନ ସାହୁ, ପ୍ରଣବ ଗୌଡ଼, ଲକ୍ଷ୍ମୀ ଗୌଡ଼, ଶରତ ଚନ୍ଦ୍ର ଗୌଡ଼, ରଞ୍ଜିତା ଗୌଡ଼, ସୁରଥ ସ୍ୱାଇଁ, ଝୁଲତା ଗୌଡ଼, ସଂଗୀତା ଗୌଡ଼, ଜୟନ୍ତୀ ସାହୁ, ଜେ. ଡେଙ୍ଗାପଦର ସରପଞ୍ଚ ସୂର୍ଯ୍ୟ ଜେନାଙ୍କ ସମେତ ଅନ୍ୟମାନେ ବିଜେଡିରେ ସାମିଲ ହୋଇଛନ୍ତି।



ବିଜେଡିରେ ସାମିଲ ହୋଇଥିବା କର୍ମୀମାନେ ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯେତେ ଖାଇଲେ ନ ପୂରିଲା ପେଟ,**
**ବିରି ଓଳିଆରେ ମାଇଲା ଥଣ୍ଟ ।**

ଯାହାର ଖାଦ୍ୟ ପ୍ରତି ଅଧିକ ଲୋଭ ରହିଥାଏ ସେ ଯେତେ ପେଟ ପୂରାଇ ଖାଇଥିଲେ ମଧ୍ୟ ଆହୁରି ଖାଦ୍ୟ ଖାଇବା ନେଇ ମନ ବଳାଇଥାଏ। ଖାଦ୍ୟଲୋଭୀ ବ୍ୟକ୍ତିଙ୍କୁ ଖାଦ୍ୟ ଛଡ଼ା ଆଉ କିଛି ବି ଦୃଶ୍ୟ ହୋଇ ନ ଥାଏ। ପେଟୁ ସ୍ୱଭାବ ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ରହିଥିବା ଅହେତୁକ ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଯାହାର ଲାଗି ଚୋରି କଲି,**
**ସେ ଡାକୁଛି ଚୋର ବୋଲି ।**

ଯାହା ପ୍ରତି ମନରେ ସ୍ନେହ, ଆଦର ତଥା ଦରଦଭାବ ରହିଥାଏ ତା'ପ୍ରତି ମନରେ ସ୍ୱତଃପ୍ରବୃତଃ ଦୁର୍ବଳତା ରହିଥାଏ। ଏଭଳି ସ୍ଥିତିରେ ଉକ୍ତ ଆତ୍ମୀୟ ବ୍ୟକ୍ତିର ରୁକ୍ଷ ବ୍ୟବହାର ଭଲ ପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଯାହାକୁ ଖୁସି କରିବା ଲାଗି ଯିଏ ନାନା ବିପଦକୁ ଭ୍ରୂକ୍ଷେପ ନ କରି ବହୁ କଷ୍ଟ ସ୍ୱୀକାର କରି କାର୍ଯ୍ୟ କରେ ସେ ବାହାବା ବା ପ୍ରଶଂସା ବଦଳରେ ଯଦି ଲାଞ୍ଛନା ପାଏ ତା'ହେଲେ ମନର ବେଦନା ଦ୍ୱିଗୁଣିତ ହୋଇଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଯୁବତୀଙ୍କୁ ଗଣବଳାତ୍କାର ଘଟଣା, ୨ ଗିରଫ

**ବାଳସୁଧାର ଗୃହକୁ ଗଲେ ୨ ନାବାଳକ**

ପୋଲସରା, ୧୬।୧୧(ଡି.ଏନ.ଏ.)–

ପୋଲସରା ଥାନା ଅଞ୍ଚଳରେ ବୁଧବାର ରାତିରେ ଭଉଣୀଭାଇଙ୍କ ସହ ଶୋଇଥିବା ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ୪ଜଣ ଦୁର୍ବୃତ୍ତ ଘରୁ ଉଠାଇ ନେଇ ବଳାତ୍କାର କରିଥିଲେ। ପୀଡିତାଙ୍କ ଏତଲା ଅନୁଯାୟୀ ଗୁରୁବାର ପୋଲିସ ନଂ.୨୨୦/୧୮ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିଲା। ଶୁକ୍ରବାର ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୨ଜଣ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ଗିରଫ ଦୁଇ ଯୁବକ ହେଲେ ପୋଲସରା ଥାନା ଅଞ୍ଚଳର ସଞ୍ଜୟ ଗୌଡ ଓ ବାବୁ ଗୌଡ।

ପ୍ରକାଶ ଯେ, ବୁଧବାର ରାତିରେ ଯୁବତୀ ଜଣକ ସାନଭଉଣୀ ଓ ଭାଇଙ୍କ ସହ ଘରେ ଶୋଇଥିବାବେଳେ ୪ ଜଣ ଦୁର୍ବୃତ୍ତ ବାରିପଟ କବାଟ ତାଡି ଘରେ ପଶିଥିଲେ। ଯୁବତୀଙ୍କ ମୁହଁକୁ ଚାପିଧରି ବାରିପଟକୁ ଉଠାଇ ନେଇ ଆକ୍ରମଣ କରିବା ସହ ଗଣବଳାତ୍କାର କରିଥିଲେ। ପାଟିଶୁଣି ପଡିଶା ଘରର ଲୋକେ ଉଠି ପଡିବାରୁ ଦୁର୍ବୃତ୍ତମାନେ ଛାଡି ପଳାଇଥିଲେ। ସୂଚନା ଅନୁଯାୟୀ, ଯୁବତୀଙ୍କ ବାପା-ମା' ଭୁବନେଶ୍ୱରରେ ରହି ଦିନ ମଜୁରିଆ କାମ କରୁଥିବାବେଳେ ଯୁବତୀ ଜଣକ ଗାଁରେ ତାଙ୍କ ସାନ ଭଉଣୀ ଓ ଭାଇଙ୍କ ସହ ରହୁଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


# ଆନ୍ତଃ ଯୁବକ୍ଲବ ସ୍ପୋର୍ଟ୍ସ ମିଟ୍




ସ୍ପୋର୍ଟସ ମିଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

କୁଡୁମୁଲୁଗୁମ୍ମା, ୧୬।୧୧ (ଡି.ଏନ୍.ଏ.)

ସିରିପେଟା ଗ୍ରାମଠାରେ ନେହେରୁ ଯୁବକେନ୍ଦ୍ର ପ୍ରଯୋଜନାରେ ଆନ୍ତଃ ଯୁବ କ୍ଲବ ସ୍ପୋର୍ଟସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତ୍ରିରଙ୍ଗା ଯୁବ ସଂଘ ସହଯୋଗରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୪ଟି କ୍ଲବ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ନାଏବ ସରପଞ୍ଚ ମେନକା ଶିଶା, ସ୍ୱେଚ୍ଛାସେବୀ ଶ୍ରୀନିବାସ ମୁଦୁଲି, ପ୍ରଧାନଶିକ୍ଷକ ଫଗୁରାମ ମୁର୍ମୁ, ଯୁବକ ସଂଘ ସଭାପତି ସହଦେବ ଶିଶା, ସମ୍ପାଦକ ଗୋପୀନାଥ ଭୂମିଆ, ମାଲକାନଗିରି ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସନ୍ତୋଷ କୁମାର ପାତ୍ର ଏବଂ ବାସୁଦେବ ଫଟକା ଉପସ୍ଥିତ ଥିଲେ। ଏହି ଅବସରରେ ଭଲିବଲ, କବାଡି, ଫୁଟବଲ ଟୁର୍ନାମେଣ୍ଟ ହୋଇଥିଲା। ଉଭୟ ବିଜେତା ଓ ଉପବିଜେତା, ୫ କି.ମି. ଦୌଡ଼ରେ କୃତିତ୍ୱ ହାସଲ କରିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀ, ୧୦୦ ଓ ୨୦୦ ମିଟର ଦୌଡ଼ରେ ସଫଳତା ହାସଲ କରିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ପଦକ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ବାଳକୃଷ୍ଣ ପ୍ରଧାନ ଯୋଗ ଦେଇ ଏଭଳି କ୍ରୀଡ଼ା ମାଧ୍ୟମରେ ଗ୍ରାମାଞ୍ଚଳ ପ୍ରତିଭା ଲୋକଲୋଚନକୁ ଆସିପାରିବେ ବୋଲି ପ୍ରକାଶ କରିଥିଲେ। କୁଡୁମୁଲୁଗୁମ୍ମା ପୂର୍ବତନ ସରପଞ୍ଚ ଗୋପୀ ପାଙ୍ଗି, ଯୁବ ସଙ୍ଗଠକ ସୁଧୀର ପ୍ରଧାନ ପ୍ରମୁଖ ଯୋଗଦେଇ ବିଜୟୀ ଦଳରୁ କୃତୀ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ। ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286
7750921101

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁଁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ



### ଶିଶୁ ଭିକ୍ଷାବୃତ୍ତି ମୁକ୍ତ ଲକ୍ଷ୍ୟରେ ଭାରତ ଯାତ୍ରା ଆଶିଷଙ୍କୁ ସ୍ୱାଗତ

ସେମିଳିଗୁଡ଼ା,୧୬।୧୧(ସ୍ୱ.ପ୍ର.): ଶିଶୁ ଭିକ୍ଷାବୃତ୍ତି ମୁକ୍ତ କରିବା ଲକ୍ଷ୍ୟରେ ଭାରତ ପଦଯାତ୍ରା କରୁଥିବା ଜମ୍ମୁ କଶ୍ମୀରର ଯୁବକ ଆଶିଷ ଶର୍ମାଙ୍କୁ ସେମିଳିଗୁଡ଼ାରେ ସ୍ୱାଗତ କରାଯାଇଛି। ହାତରେ ଭାରତର ଜାତୀୟ ପତାକା ଆଉ କେଇ ହଳ ପୋଷାକ ଧରି ସେ ଭାରତ ପଦଯାତ୍ରା କରୁଛନ୍ତି। ଆଶିଷ ୨୦୧୭, ଅଗଷ୍ଟ ମାସରୁ ଜମ୍ମୁ କଶ୍ମୀରରୁ ଭାରତ ପଦଯାତ୍ରା ଆରମ୍ଭ କରିଥିଲେ । ଏଯାଏ ସେ ୨୬ ରାଜ୍ୟରେ ପଦଯାତ୍ରା କରି ସାରିଲେଣି। ଏହାପରେ ସେ ଆନ୍ଧ୍ର ପ୍ରଦେଶ ଯିବେ ବୋଲି କହିଛନ୍ତି।

### ରୋଗୀଙ୍କୁ କ୍ଷୀର, ପାଉଁରୁଟି ବଣ୍ଟନ

ଲମତାପୁଟ,୧୬।୧୧(ଡି.ଏନ୍.ଏ.): ଲମତାପୁଟ ବ୍ଲକ୍ ଖବରଦାତାମାନେ ଜାତୀୟ ପ୍ରେସ୍ ଦିବସରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଶା କିରଣ ହସ୍ପିଟାଲ ରୋଗୀଙ୍କୁ କ୍ଷୀର ଏବଂ ପାଉଁରୁଟି ବଣ୍ଟନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୌମ୍ୟ ସାର୍ଥକ ମିଶ୍ର , ମାଛକୁଣ୍ଡ ତହସିଲଦାର ସ୍ନେହପ୍ରଭା ମାଝି, ଆଶା କିରଣ ହସ୍ପିଟାଲ ଡାକ୍ତର ମାଥ୍ୟୁ , ଡାକ୍ତର ସତ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲମତାପୁଟ ପ୍ରେସ୍ କ୍ଲବ୍ ସଭାପତି ପ୍ରତାପ ନିମାଲା, ନବୀନ ପାଲକା, ଜଗଦ୍‌ଜୀବନ କଟିମ, ଭକ୍ତରାମ ବାଙ୍କିଆ, ଭି. ଉଦୟ କୁମାର, ମନୋଜ ନାୟକ, ସୁରେଶ ଲମ୍ବଡ଼ା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

### ଜଳିଗଲା ୫ ଏକର ଜମିର ଧାନ

ଝରିଗାଁ, ୧୬।୧୧(ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ରତାଖଣ୍ଡି ପଞ୍ଚାୟତ ଡେପଗୁଡା ଗ୍ରାମର ସାହେବ ସାନ୍ତାଙ୍କ ଖଳାରେ ନିଆଁ ଲାଗି ସେଠାରେ ରଖାଯାଇଥିବା ୫ ଏକର ଜମିର ଧାନ ପୋଡି ଯାଇଛି। ଶୁକ୍ରବାର ଅପରାହ୍ନରେ ପ୍ରାୟ ୪ ଟା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏ ନେଇ ଗ୍ରାମବାସୀ ଅଗ୍ନିଶ୍ରମ ବିଭାଗକୁ ଜଣାଇଥିଲେ। ଦମକଳ ବାହିନୀ ଓ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ମଧ୍ୟରେ ସବୁ ଧାନ ପୋଡି ନଷ୍ଟ ହୋଇଯାଇଥିଲା।

### ସାହିତ୍ୟିକ ଲଳିତ ମୋହନଙ୍କ ସ୍ମୃତିସଭା

ନବରଙ୍ଗପୁର,୧୬।୧୧(ଡି.ଏନ୍.ଏ.): ଭାରତ ବିକାଶ ପରିଷଦ ପକ୍ଷରୁ ସାହିତ୍ୟିକ ଲଳିତ ମୋହନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ସ୍ଥାନୀୟ ପତଂଜଳୀ ଚିକିତ୍ସା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଲଳିତ ମୋହନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନିଗମା ନନ୍ଦ ଆଶ୍ରମର ସଭାପତି ତଥା ସାହିତ୍ୟିକ ନାରାୟଣ ପଣ୍ଡା, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା, ସୁରେଶ ମିଶ୍ର, ଭାରତ ବିକାଶ ପରିଷଦର ଗଣେଶ୍ୱର ଦାଶ, ସୁଷମା ଜୈନ, ଚନ୍ଦ୍ର କୁମାର ଆଚାର୍ଯ୍ୟ, ଶ୍ରୀଧର ଶତପଥୀ, ବିଘ୍ନରାଜ ବ୍ରହ୍ମା, ଶାନ୍ତନୁ ପାତ୍ର, ତ୍ରିନାଥ ମିଶ୍ର, ସିଏଚ୍. ଉଷାରାଣୀ, ସଙ୍ଗୀତା ପାତ୍ର, ରୀନା ପ୍ରଧାନ, ରତିକାନ୍ତ ଦୁବେ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

### ଅଜଣା ଗାଡ଼ି ଧକ୍କାରେ ଜଣେ ଗୁରୁତର

ଗଞ୍ଜାମ,୧୬।୧୧(ଡି.ଏନ.ଏ.): ରଷିକୁଲ୍ୟା ବ୍ରିଜ ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଝାଡୁକୁଦା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁତୁରା ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ଶୁକ୍ରବାର ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ଗଞ୍ଜାମ ଥାନା ଅଗସ୍ତିନୂଆଗାଁର ରବୀନ୍ଦ୍ର ମହାରଣା। ସେ ଗ୍ରାମରରେ ଛତ୍ରପୁର ପଟେ ଯାଉଥିବା ବେଳେ ପଛରୁ ଏକ ଟ୍ରକ ଧକ୍କା ଦେବାରୁ ସେ ବାଇକରୁ ପଡ଼ିଯାଇଥିଲେ।

# ଅଧା କାମକରି ଟଙ୍କା ଚଳୁ

ଦଶମନ୍ତପୁର,୧୬।୧୧(ଡି.ଏନ୍.ଏ.)

ଆବାସ ଯୋଜନା କାମ ଅଧା ହୋଇଛି। ଚଟାଣରେ କଂକ୍ରିଟ ହୋଇନି। ଘର, ଝରକାରେ କବାଟ ଲାଗିନି। କିନ୍ତୁ ବ୍ୟାଙ୍କ ଖାତାରୁ ମଞ୍ଜୁର ଅର୍ଥ ଠିକାଦାର ଉଠାଇ ନେଇଛି। କାମ ସମ୍ପୂର୍ଣ୍ଣ କରିବାକୁ କହିଲେ ଆଜିକାଲି କହି ଠିକାଦାର ଫାଙ୍କି ଚାଲିଛନ୍ତି ବୋଲି ୩ ଆବାସ ଯୋଜନା ହିତାଧିକାରୀ ଅଭିଯୋଗ କରିଛନ୍ତି।

ଦଶମନ୍ତପୁର ବ୍ଲକ୍ ଏ. ମାଲକାନଗିରି ପଞ୍ଚାୟତ ଏ ଜାନୀଗୁଡ଼ାରେ ୨୦୧୬-୧୭ ଆର୍ଥିକ ବର୍ଷରେ ୩ ଜଣଙ୍କୁ ସରକାରଙ୍କ ପକ୍ଷରୁ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଲଇଚନ ଜାନି, ଦାଶ ମୁଦୁଲି ଏବଂ ସାର ଜାନିଙ୍କୁ ଏହି କାର୍ଯ୍ୟାଦେଶ ମିଳିଥିଲା। ସେମାନଙ୍କ ପାଇଁ ଯୋଜନା ମୁତାବକ ଅର୍ଥରାଶି ମଞ୍ଜୁର ହୋଇଥିଲା। କିନ୍ତୁ ପୂର୍ବତନ ସରପଞ୍ଚ ଘନ ଜାନୀ ନିଜେ ଏହି ଗୃହଗୁଡ଼ିକ ନିର୍ମାଣ କରିବାକୁ ଠିକା ନେଇଥିଲେ। ହେଲେ ଗୃହଗୁଡ଼ିକ ଅଧା କାମ କରି ୨୦୧୭ ମସିହାରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରୁ ସମସ୍ତ ଅର୍ଥ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଘରଗୁଡ଼ିକର ଛାତ ପଡ଼ିଛି। ଘର ସମ୍ମୁଖ କାନ୍ଥରେ ଯୋଜନା ଏବଂ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ଲିଖିତ ହୋଇଛି। ଘର ଚଟାଣରେ କଂକ୍ରିଟ୍ ହୋଇନି। ଆଉ ପ୍ଲାଷ୍ଟର କଥା କିଏ ପଚାରେ । ଗୃହଗୁଡ଼ିକରେ କବାଟ ନାହିଁ କି ଝରକାରେ ମଧ୍ୟ କବାଟ ଲାଗିନି। ହେଲେ ସେମାନଙ୍କ ବ୍ୟାଙ୍କ ଖାତାରୁ ମଞ୍ଜୁର ସମସ୍ତ ଅର୍ଥ ଉଠାଣ ସରିଛି। ବାକି କାମ ଆଜିକାଲି କରିବେ କହି ଠିକାଦାର ଭୁଲେଇ ଚାଲିଛନ୍ତି ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ସେମାନେ ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି। ଗୃହକାମ ସମ୍ପୂର୍ଣ୍ଣ କରା ନ ଗଲେ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅର୍ଥ ନିଅଣ୍ଟ ହେବାରୁ କାମ କରିପାରୁ ନାହିଁ ବୋଲି ସମ୍ପୃକ୍ତ ଠିକାଦାର କହିଛନ୍ତି। ବିଭାଗୀୟ ପିଇଓ ବାସୁଦେବ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ ବିଡିଓଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବେ ବୋଲି କହିଛନ୍ତି।


ଅଭିଯୋଗ କରିଥିବା ୩ ହିତାଧିକାରୀ ।

**୩ ହିତାଧିକାରୀଙ୍କ ଅଭିଯୋଗ**
- ଚଟାଣ କାମ ହେଇନି
- ଘର, ଝରକା କବାଟ ଲାଗିନି
- ମଞ୍ଜୁର ଅର୍ଥ ଖାଇଗଲେ ଠିକାଦାର

# ଗୁରୁତର ଅନନ୍ତଙ୍କୁ ମିଳିଲା ସହାୟତା

ଦଶମନ୍ତପୁର,୧୬।୧୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ୍ ପରଜା ବେଡ଼ାପଦର ପଞ୍ଚାୟତ ସେମ୍ନି ଗ୍ରାମର ଅନନ୍ତ ଜାନି ବିରୁଡ଼ି ଆକ୍ରମଣରେ ଗୁରୁତର ହୋଇ ମରଣ ସହ ଲଢୁଥିବାବେଳେ ସ୍ଥାନୀୟ ପ୍ରଶାସନ ସହାୟତାର ହାତ ବଢ଼ାଇଛି। ଏ ନେଇ ଗତ ୩ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କ ନିର୍ଦ୍ଦେଶକ୍ରମେ ଅନନ୍ତଙ୍କୁ ଅର୍ଜୁନ ପାତ୍ରଙ୍କ ଉପସ୍ଥିତିରେ ରେଡ୍‌କ୍ରସ ପକ୍ଷରୁ ୫୫୦୦ ଟଙ୍କା ପ୍ରଦାନ କରାଯାଇଛି।

# ଜାତୀୟ ପ୍ରେସ୍ ଦିବସ ପାଳିତ

ଜୟପୁର/ସେମିଳିଗୁଡ଼ା, ୧୬।୧୧(ଡି.ଏନ.ଏ/ ସ୍ୱ.ପ୍ର.)

ଜୟପୁର ସାମ୍ବାଦିକ ସଂଘ ପକ୍ଷରୁ ଋତୁରାଜ କଲ୍ୟାଣ ମଣ୍ଡପରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି । ଖବରଦାତା ନିରପେକ୍ଷ ଖବର କରିବା ସହ ମାଓବାଦୀ ଅଞ୍ଚଳରେ ସତର୍କ ରହିବାକୁ ଆହ୍ୱାନ ଦିଆଯାଇଛି। ଏଥିରେ ସଭାପତି ବସନ୍ତ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଟି. ଗୌରୀଶଙ୍କର, ଉପସଭାପତ ପଦ୍ମନାଭ ହୋତା, ସଂପାଦକ ରବି ନାୟକ, ସହ ସଂପାଦକ ଗୌରୀପ୍ରସାଦ ପଟ୍ଟନାୟକ, କୋଷାଧକ୍ଷ ତରୁଣ ମହାପାତ୍ର, ଭି. ଅକ୍ଷୟ ମିଶ୍ର, ପ୍ରମୋଦ ପଟ୍ଟନାୟକ, ଜଗତ ରଞ୍ଜନ ପାଣିଗ୍ରାହୀ, ସୁକାନ୍ତ ବେହେରା, ସତ୍ୟନାରାୟଣ ପଟ୍ଟନାୟକ, ସୁମନ୍ତ ସାହୁ, ସୁପ୍ରୀତ ପୂଜାରୀ, ରମେଶ ସାହୁ, ଶ୍ରୀକାନ୍ତ ସାହୁ, ଗୋକୁଳ ତ୍ରିପାଠୀ, ସନ୍ଦୀପ ଦଳାଇ, ସତିଶ ବିଶ୍ୱାସରାୟ, ଅମିତ ମହାନ୍ତି, ମନୋହର ତ୍ରିପାଠୀ, ଦେବୀ ମହାନ୍ତି ଉପସ୍ଥିତ ଥିଲେ।

ସେମିଳିଗୁଡ଼ା ପ୍ରେସ୍ କ୍ଲବ୍ କ୍ୟାମ୍ପସ୍‌ରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। କ୍ଲବ୍ ସଭାପତି ଅଜୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତରଦାୟୀ ସାମ୍ବାଦିକତା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଏଥିରେ ସାଂସ୍କୃତିକ ସମ୍ପାଦକ ରାଜକିଶୋର ନାୟକ, ଯୋଗାଯୋଗ ସମ୍ପାଦକ ବାବୁ ପଟ୍ଟନାୟକ, କାର୍ଯ୍ୟକାରୀ ସଭ୍ୟ କେ. ରାଓ, ପ୍ରସନ୍ନ ଦାସ, କାର୍ଯ୍ୟାଳୟ ସମ୍ପାଦକ ବାସୁଦେବ ବରାଡ଼ ଯୋଗ ଦେଇଥିଲେ।

# ୨୬ରୁ କୋଲାବରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ

ଜୟପୁର, ୧୬।୧୧(ଡି.ଏନ୍.ଏ.)

କୋଲାବ ଜଳବିଦ୍ୟୁତ ଉତ୍ପାଦନ କେନ୍ଦ୍ରର ମରାମତି ପାଇଁ ଉତ୍ପାଦନ ବନ୍ଦ ରଖିବାକୁ ପୂର୍ବରୁ ଯେଉଁ ସମୟ ସାରଣୀ ରହିଥିଲା, ସେଥିରେ ପରିବର୍ତ୍ତନ ହୋଇଛି। ଚଳିତ ମାସ ୧୫ରୁ ୨୭ ତାରିଖ ବଦଳରେ ୨୬ରୁ ନଭେମ୍ବର ୮ ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ ବନ୍ଦ କରାଯାଇ ମରାମତି କରାଯିବ ବୋଲି ନିଷ୍ପତ୍ତି ହୋଇଛି । କୋଲାବ ପ୍ରକଳ୍ପରେ ବିଦ୍ୟୁତ ଉତ୍ପାଦନ ପାଇଁ ଜଳ ଛଡ଼ାଯାଇ ଟରବାଇନ୍ ଘୂରାଯାଏ। ସେଥିରୁ ଉଦବୃତ ଜଳକୁ ସତୀଗୁଡ଼ା ଡ୍ୟାମ୍‌ରେ ଗଚ୍ଛିତ କରାଯାଇ ଚାଷ ପାଇଁ କେନାଲରେ ଛଡ଼ାଯାଇଥାଏ। ବିଦ୍ୟୁତ ଉତ୍ପାଦନ ବନ୍ଦ ହେଲେ ପାଣି ଟନେଲ ମାଧ୍ୟମରେ ଭଲବ ହାଉସକୁ ଯିବା ପର୍ଯ୍ୟନ୍ତ ବନ୍ଦ କରାଯିବ । ସତୀଗୁଡା ଡ୍ୟାମରୁ ଜୟପୁର ସହରକୁ ଦୈନିକ ପିଇବା ଏବଂ ନିତ୍ୟ ବ୍ୟବହାର ପାଇଁ ୧୪ ନିୟୁତ ଲିଟର ଜଳ ଯୋଗାଣ ହୋଇଥାଏ । ଜଳ ସଙ୍କଟ ଆଶଙ୍କା କରି ଏହି ସମୟରେ ପରିବର୍ତ୍ତନ କରାଯାଇଥିବା ଇରିଗେସନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନ୍ଦିପ ଜ୍ଞାନ ଭତ୍ରା କହିଛନ୍ତି।

■ କ୍ରୀଡ଼ା ପ୍ରତିଯୋଗିତା ଚୟନ ଶିବିର

# ୧୦୦ ଯୋଗଦେଲେ, ୩୬ ମନୋନୀତ


ଚୟନ ଶିବିରରେ ଉପସ୍ଥିତ ଖେଳାଳିମାନେ ।

ଦାମନଯୋଡ଼ି,୧୬।୧୧(ଡି.ଏନ୍.ଏ.)

ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ୍ ଓ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ପାଇଁ ଖେଳାଳିଙ୍କ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ନାଲ୍‌କୋ ଟାଉନଶିପ୍ ସରସ୍ୱତୀ ବିଦ୍ୟାମନ୍ଦିରରେ ଏକ ଚୟନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୧୪ ବ୍ଲକ୍‌ରୁ ୧୦୦ ଜଣ ଖେଳାଳି ଯୋଗଦେଇ ଥିଲେ। ୧୭ରୁ କମ୍ ବର୍ଷର କ୍ରିକେଟ୍ ଦଳ ପାଇଁ ୧୬ ଜଣ ମନୋନୀତ ହୋଇଥିବାବେଳେ ୧୪-୧୭ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ବିଭାଗରେ ବ୍ୟାଡ଼ମିଣ୍ଟନ ପାଇଁ ୨୦ ଜଣ ମନୋନୀତ ହୋଇଛନ୍ତି। ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଆସନ୍ତା ୧୯ ତାରିଖରୁ ସମ୍ବଲପୁରର ଚନ୍ଦ୍ରଶେଖର ବେହେରା ହାଇସ୍କୁଲରେ ଅନୁଷ୍ଠିତ ହେବ। କ୍ରିକେଟ ପ୍ରତିଯୋଗିତା ପାଇଁ ସମୟ ଏବଂ ସ୍ଥାନ ପରେ ସ୍ଥିର ହେବ ବୋଲି କୁହାଯାଇଛି। ଚୟନ ଶିବିରରେ ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ୨୫ ଜଣ ଅଧିକାରୀ ଉପସ୍ଥିତ ଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର ଅଧକ୍ଷ ତଥା ସାଂଗଠନିକ ସମ୍ପାଦକ ଶୁଭ୍ରାଂଶୁ ଶେଖର ବାହିନୀପତି, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବିପ୍ର ଚରଣ ପଣ୍ଡା, ବିଜୟ ଆଚାର୍ଯ୍ୟ. ଖବରଦାତା ନରସଂହ ବ୍ରହ୍ମା ଉପସ୍ଥିତ ଥିଲେ। କ୍ରିକେଟ ଚୟନକର୍ତ୍ତା ରୂପେ ରମେଶ ଚନ୍ଦ୍ର ସ୍ୱାଇଁ, ଗଜନୀ ଶ୍ରୀନିବାସ, ଶୁଭେନ୍ଦୁ ପ୍ରଧାନ, ରଘୁନାଥ ବେହେରା, ଦୁର୍ଗା ପ୍ରସାଦ ମାଝି ଥିବାବେଳେ ବ୍ୟାଡ଼ମିଣ୍ଟନରେ ସନ୍ଦୀପ ପଟ୍ଟନାୟକ, ନୀରୋଦ ପ୍ରଧାନ ଚୟନକର୍ତ୍ତା ଥିଲେ। ବାସୁଦେବ ସେନାପତି ପରିଚାଳନାରେ ସହଯୋଗ କରିଥିଲେ।

# ଜିଲା ଡମ୍ ସଂଗଠନ ଜାତି ସମ୍ମିଳନୀ

ଜୟପୁର,୧୬।୧୧(ଡି.ଏନ୍.ଏ.)

ବୋରିଗୁମ୍ମା ବ୍ଲକ କୁମୁଲିରେ ଜିଲା ଡମ ସଂଗଠନ ପକ୍ଷରୁ ଏକ ଜାତି ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ କୁମୁଲି ପଞ୍ଚାୟତର ୨୫୦ରୁ ଉର୍ଦ୍ଧ୍ୱ ଡମ୍ ଜାତିର ଲୋକେ ସଂଗଠନ ସଦସ୍ୟତା ଗ୍ରହଣ କରିଛନ୍ତି। ନିକଟସ୍ଥ ପୂର୍ଣ୍ଣଗୁଡା ତୋଟାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଜିଲା ଡମ ସଂଗଠନ ସଭାପତି ପବିତ୍ର ଖରା, ଯୁଗ୍ମ ସଂପାଦକ ରାଜୁ ଟାଣ୍ଡିଲ ଯୋଗଦେଇ ସଂଗଠନ ମଜଭୁତ କରିବା ସହ ଜାତିର ସମସ୍ୟା ସମାଧାନ ପାଇଁ ଆଲୋଚନା କରିଥିଲେ। ଏଥିରେ ବୋରିଗୁମ୍ମା ଜୋନ ସଂପାଦକ ରେକାମ ପାତ୍ର, ସଭାପତି ହରିହର ହରିଜନ, ଶଙ୍କର ହରିଜନ, ରଘୁନାଥ ହରିଜନ, ସମାରୁ ହରିଜନ ଉପସ୍ଥିତ ଥିଲେ । ଏହି ଅବସରରେ କୁମୁଲ ଗ୍ରାମ ହାଟପଦାରୁ ଏକ ଶୋଭାଯାତ୍ରା ସମ୍ମିଳନୀରେ ପହଞ୍ଚିଥିଲା।



ସମ୍ମିଳନୀରେ ଯୋଗଦାନ କରିଥିବା ସଂଗଠନର କର୍ମକର୍ତ୍ତା ।

■ କେବିକେ ମୁଖ୍ୟ ପ୍ରଶାସକଙ୍କ ନବରଙ୍ଗପୁର ଗସ୍ତ

# ପୁଷ୍ଟିହୀନତା ଦୂରୀକରଣ କାର୍ଯ୍ୟକ୍ରମର ସମୀକ୍ଷା

ନବରଙ୍ଗପୁର, ୧୬।୧୧(ବି.ପ୍ର.)

କେବିକେ ମୁଖ୍ୟ ପ୍ରଶାସକ ସୁଦର୍ଶନ ପାଲ ଠାକୁର ଦୁଇଦିନିଆ ନବରଙ୍ଗପୁର ଜିଲା ଗସ୍ତରେ ଆସି ସମାଜ କଲ୍ୟାଣ ବିଭାଗ ପକ୍ଷରୁ ପୁଷ୍ଟିହୀନତା ଦୂରୀକରଣ ପାଇଁ ନିଆ ଯାଉଥିବା ପଦକ୍ଷେପ ଉପରେ ସମୀକ୍ଷା କରିଛନ୍ତି। ସେ ସ୍ଥାନୀୟ ସର୍କିଟ ହାଉସରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଜିଲାରେ ପୁଷ୍ଟିହୀନତା ଦୂରୀକରଣ ଉପରେ ଜିଲାପାଳଙ୍କ ପଦକ୍ଷେପ ଓ ସମାଜ କଲ୍ୟାଣ ବିଭାଗର କାର୍ଯ୍ୟ ଶୈଳିକୁ କେବିକେ ମୁଖ୍ୟ ପ୍ରଶାସକ ପ୍ରଶଂଶା କରିଥିଲେ। ଏହି ସମୀକ୍ଷାରେ ଜିଲାପାଳ ଡ଼ଃ. ଅଜିତ କୁମାର ମିଶ୍ର, ସମାଜ କଲ୍ୟାଣ ଅଧିକାରୀ ନିମାଇଁ ଚରଣ ସ୍ୱର୍ଣ୍ଣକାରଙ୍କ ସମେତ ୧୦ଟି ବ୍ଲକର ସିଡିପିଓ, ସୁପରଭାଇଜର ଉପସ୍ଥିତ ଥିଲେ।

ପ୍ରକାଶ ଯେ, କେବିକେ ମୁଖ୍ୟ ପ୍ରଶାସକ ଠାକୁର ଗତ ଜୁଲାଇ ମାସରେ ନବରଙ୍ଗପୁର ଗସ୍ତରେ ଆସିଥିଲେ। ଏହି ସମୟରେ ଜିଲାରେ ୨୨୫୧ ଜଣ ଶିଶୁ କମଳା ରଙ୍ଗ (ପୁଷ୍ଟିହୀନତା) ଭାବେ ଚିହ୍ନଟ ହୋଇଥିଲେ। ସୁଷମ ଖାଦ୍ୟ, ପୁଷ୍ଟି ସାଧନ କେନ୍ଦ୍ରରେ ଚିକିତ୍ସା ବ୍ୟବସ୍ଥା ପରେ ୧୧୬୦ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିଛି। ୩ ମାସ ମଧ୍ୟରେ ୩୬୮ ଜଣ ଶିଶୁ ପୁଷ୍ଟିହୀନତାରେ ପୀଡିତ ହୋଇଛନ୍ତି। ଅକ୍ଟୋବର ମାସ ସୁଦ୍ଧା ଜିଲାରେ ୧୮୮୩ ଜଣ ଶିଶୁ ପୁଷ୍ଟିହୀନତାର ଶିକାର ଥିବା ଜଣାପଡିଛି। ଜିଲାପାଳ ଡ଼ଃ. ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲା ସମାଜ କଲ୍ୟାଣ ଅଧିକାରୀ, ସିଡିପିଓ, ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀ ମାନେ ୧୮୮୩ ଜଣ ଶିଶୁଙ୍କୁ ପୋଷ୍ୟ ସନ୍ତାନଭାବେ ଗ୍ରହଣ କରି ସେମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଦାୟିତ୍ୱ ନେଇଛନ୍ତି। ଶିଶୁମାନଙ୍କୁ କିଭଳି ଛତୁଆ ଗରମ କରି ଖୁଆଇବା, ଓଜନ କରିବା ସେ ନେଇ ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜର ସିଡିପିଓ ମାନେ ଗାଁଗାଁ ବୁଲି ପରିବାର ଲୋକଙ୍କୁ ପ୍ରଶିକ୍ଷଣ ଦେଉଥିବା ଜିଲା ସମାଜ କଲ୍ୟାଣ ଅଧିକାରୀ ସୂଚନା ଦେଇଥିଲେ । କେବିକେ ପ୍ରଶାସକ ଜୁଲାଇ ମାସ ଗସ୍ତ ବେଳେ ତେନ୍ତୁଳିଖୁଣ୍ଟି ବ୍ଲକ ଲଦିପଦର ଗାଁକୁ ଯାଇଥିଲେ। ସେଠାରେ ମଧୁ ଜାନୀଙ୍କ ଦୁଇ ଜଣ ଜାଆଁଳା ଶିଶୁ ରଂଜି ଜାନୀ ଓ ସଂଜୟ ଜାନୀ ପୁଷ୍ଟିହୀନତାର ଶିକାର ଭାବେ ଚିହ୍ନଟ କରାଯାଇଥିଲା। ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କେବିକେ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଥିଲେ। ପୁଷ୍ଟିକର ଖାଦ୍ୟ, ଛତୁଆ, ବାଦାମଲଡୁ ଓ ରନ୍ଧାଖାଦ୍ୟ କିଭଳି ଖାଇବେ ତହାର ତାହା ମାଆ ଓ ପରିବାର ବର୍ଗଙ୍କୁ ଅଙ୍ଗନୱାଡି କର୍ମୀ ସୁପର ଭାଇଜର ମାନେ ତାଲିମ ଦେବାକୁ କହିଥିଲେ। ୩ ମାସ ମଧ୍ୟରେ ଉକ୍ତ ଦୁଇ ଜଣ ଶିଶୁଙ୍କ ସ୍ୱସ୍ଥ୍ୟରେ ଉନ୍ନତି ଘଟିବା ସହ ଓଜନ ମଧ୍ୟ ବୃଦ୍ଧି ଘଟିଥିବା ନିମାଇ ଚରଣ ସ୍ୱର୍ଣ୍ଣକାର କହିଛନ୍ତି।

- ପୁଷ୍ଟିହୀନତାରେ ଶିକାର ୧୮୮୩ ଜଣ ଶିଶୁଙ୍କୁ ପୋଷ୍ୟ ସନ୍ତାନଭାବେ ଗ୍ରହଣ କରିଛି ପ୍ରଶାସନ
- ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା


କେବିକେ ମୁଖ୍ୟ ପ୍ରଶାସକଙ୍କ ସହ ନବରଙ୍ଗପୁର ଜିଲାପାଳ ଓ ଅନ୍ୟମାନେ ।

■ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ

# କୁଇଜରେ ଅରଶ୍ରୀ ଦ୍ୱିତୀୟ, ବକ୍ତୃତାରେ ରାଜୀବ ତୃତୀୟ

ନବରଙ୍ଗପୁର,୧୬।୧୧(ବି.ପ୍ର. )

ଭୁବନେଶ୍ୱର ୟୁନିଟ ୯ ଉଚ୍ଚ ବାଳକ ବିଦ୍ୟାଳୟରେ ଅନୁଷ୍ଠିତ ୩ ଦିନିଆ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ନବରଙ୍ଗପୁର ଜିଲାରୁ ୨୩ଜଣ ଛାତ୍ରୀଛାତ୍ର ୧୧ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିମଧ୍ୟରୁ ସରକାରୀ ସ୍ୱାମୀ ବିବେକାନନ୍ଦ ଉନ୍ନିତ ହାଇସ୍କୁଲର ଅରଶ୍ରୀ ସିବାନୀ ମିଶ୍ର କୁଇଜରେ ଦ୍ୱିତୀୟ ସ୍ଥାନ ପାଇଥିବା ବେଳେ ସେହି ବିଦ୍ୟାଳୟର ରାଜୀବ କୁମାର ପଣ୍ଡା ବକ୍ତୃତା ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରଶନ୍ନ ପାଟଶାଣୀ, ବିଭାଗୀୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଏସ୍‌ପିଡି ଭୁପେନ୍ଦ୍ର ସିଂ ପୁନିହା, ସ୍ଥାନୀୟ ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ।


କୃତୀ ଛାତ୍ରୀଛାତ୍ର ।

# ଖପର ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

ରାଇଘର,୧୬।୧୧(ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁମଲି ପଞ୍ଚାୟତର କୁମୁଲି ଡିଏନକେ ଗ୍ରାମରେ ଏକ ଭଡା ଖପର ଘରେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିବା ଦେଖିବାକୁ ମିଳିଛି। ଗତ ୨ ବର୍ଷ ହେଲା ଏକ ଖପର ଘରେ ୩୦ ଜଣ କୁନି କୁନି ପିଲାଙ୍କୁ ପ୍ରାକ୍ ଶିକ୍ଷା ଦିଆଯାଉଛି। ପୂର୍ବରୁ ସରକାରଙ୍କ ଦ୍ୱାରା ନିର୍ମିତ କୋଠାଘରେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିଲା। କିନ୍ତୁ ଛାତରୁ ପ୍ଲାଷ୍ଟର ଖସିବା ସହ ବର୍ଷା ଦିନେ ପାଣି ଗଳୁଥିବାରୁ କୁନି କୁନି ପିଲା ବସିବାରେ ଅସୁବିଧା ହୋଇଥିଲା। ବିପଦସଙ୍କୁଳ ଘରେ ପିଲାମାନଙ୍କୁ ନ ବସାଇ ଅଙ୍ଗନୱାଡି କର୍ମୀ ସିପ୍ରା ସରକାର କୁମୁଲି ଡିଏନକେ ଠାରେ ଖାଲିଥିବା ଜଣକ ଖପର ଘରକୁ ଭଡାରେ ନେଇଥିଲେ। ସେଠାରେ ଗତ ୨ ବର୍ଷ ହେବ ପିଲାମାନଙ୍କୁ ପଢାଯାଉଛି। ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କୁ ମଧ୍ୟ ଏହି ସମସ୍ୟା ବିଷୟରେ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ଏହା ମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ କହିଛନ୍ତି। ବହୁ କଷ୍ଟରେ ଏକ ମାଟି ଖପର ଘରେ ପିଲାମାନେ ବର୍ତ୍ତମାନ ପାଠ ପଢୁଥିବା ଗ୍ରାମବାସୀ କହିଛନ୍ତି। ଅଙ୍ଗନୱାଡି କେନ୍ଦ୍ର ପାଇଁ ଏକ ନୂଆ କୋଠାଘର ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଅଙ୍ଗନୱାଡି ଗୃହ ।



ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

# ଦିବ୍ୟାଙ୍ଗ ଅଧିକାର ସମ୍ବନ୍ଧୀୟ ଶୋଭାଯାତ୍ରା

ନବରଙ୍ଗପୁର,୧୬।୧୧( ଡି.ଏନ୍.ଏ. )

ଅନ୍ତର୍ନିବେଶୀ ଗୋଷ୍ଠୀ ଶିକ୍ଷା ଆନୁକୂଲ୍ୟରେ ସଦର ବ୍ଲକ ବଡ ମସିଗାଁ ସେବାଶ୍ରମ ବିଦ୍ୟାଳୟରେ ଦିବ୍ୟାଙ୍ଗ ଅଧିକାର ସୁରକ୍ଷା, ସୁବିଧା ଓ ସୁଯୋଗ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବଡ ମସିଗାଁ ସେବାଶ୍ରମ ଓ ଦିଗାଗୁଡା ଗାଁ କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀ, ସେମାନଙ୍କ ଅଭିଭାବକ ଓ ଶିକ୍ଷକ ସାମିଲ ହୋଇଥିଲେ। ନବରଙ୍ଗପୁର ବ୍ଲକ ଡବ୍ଲୁଇଓ ସୁବାଷ ଚନ୍ଦ୍ର ମିଶ୍ର ଅନ୍ତର୍ନିବେଶୀ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଲଳିତ କୁମାର ଦାଶ ଦିବ୍ୟାଙ୍ଗଙ୍କ ଅଧିକାର, ସୁରକ୍ଷା, ସୁବିଧା ସୁଯୋଗ, ଅସ୍ତ୍ରୋପଚାର ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ସଚେତନ ଶୋଭାଯାତ୍ରା ସ୍କୁଲରୁ ବାହାରି ଗାଁ ପରିକ୍ରମା କରିଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସହ ଦିବ୍ୟାଙ୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ଆଣାଯାଇଥିବା ସଂସ୍କାର ଓ ଜରୁରୀ ସେବାଗୁଡିକ ଉପରେ ସଚେନତ କରାଯାଇଥିଲା । ସିଆର୍‌ସିସି ଅରୁଣ ମହାପାତ୍ର, ମାନସ ସାହୁଙ୍କ ସମେତ ଶିକ୍ଷକ ବାଲାଜୀ ସାହୁ ଯୋଗ ଦେଇଥିଲେ।







# ପରବ ୨୦୧୮

## ଉଦ୍‌ଘାଟିତ ହେଲା ମୁଖ୍ୟ ମହୋତ୍ସବ

# ସଂସ୍କୃତି, ଐତିହ୍ୟର ବାର୍ତ୍ତାବହ 'ପରବ'

କୋରାପୁଟ,୧୬।୧୧(ସ୍ୱ.ପ୍ର.)

ସଂସ୍କୃତି ହେଉଛି ଏକ ଜାତିର ପରିଚୟ। ଯେଉଁଠି ସଂସ୍କୃତି ନାହିଁ, ସେଇଠି ଜାତି ବଞ୍ଚିପାରେନା। ତେଣୁ କୋରାପୁଟର ଲୋକ ମହୋତ୍ସବ 'ପରବ' ହେଉଛି ଆଦିବାସୀଙ୍କ ସଂସ୍କୃତି ଓ ଐତିହ୍ୟର ବାର୍ତ୍ତାବହ। କୋରାପୁଟ ଲାଣ୍ଡିଗୁଡ଼ା ପଡ଼ିଆରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ ଲୋକ ମହୋତ୍ସବ 'ପରବ-୨୦୧୮' ସମାରୋହରେ ମୁଖ୍ୟ ଅତିଥି ଥିବା ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏହା କହିଛନ୍ତି। ମଶାଲ ପ୍ରଜ୍ୱଳନ ପରେ 'ପରବ' ପତାକାକୁ ସ୍ଥାପନ କରି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ମୁଖ୍ୟ ଅତିଥି ସାମଲ। କୋରାପୁଟର ଆଦିବାସୀ ସଂସ୍କୃତି ହେଉଛି ବହୁ ପ୍ରାଚୀନ । ପରବ କାର୍ଯ୍ୟକ୍ରମ କଟକ ବାଲିଯାତ୍ରାଠୁ ମଧ୍ୟ ବଡ଼ ବୋଲି ସେ ନିଜ ବକ୍ତବ୍ୟରେ କହିଛନ୍ତି। 'ପରବ' ମାଧ୍ୟମରେ ଜିଲା ନିଜ ବିକାଶର ମୂଲ୍ୟାୟନ କରିବା ସହ ଏହା ମାଧ୍ୟମରେ ଜିଲାର ସଂସ୍କୃତି ଓ ବିଭବ ସୁଦୂର ପ୍ରସାରୀ ହେଉଛି। ଆଗାମୀ ଦିନରେ କୋରାପୁଟ ଜିଲା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଶ୍ରେଷ୍ଠ ଜିଲା ଭାବେ ପରିଗଣିତ ହେବ ବୋଲି ସେ କହିଛନ୍ତି।

ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ସ୍ୱାଗତ ଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ପରବ ଜରିଆରେ କୋରାପୁଟ ଜିଲାର ବିକାଶ ଲକ୍ଷ୍ୟ ରଖାଯାଇଥିବା କହିଥିଲେ। ସମ୍ମାନିତ ଅତିଥି ଥିବା ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି କହିଛନ୍ତି, ପରବ ସମସ୍ତଙ୍କୁ ଏକାଠି କରିପାରିଛି। ଏହା ପରସ୍ପର ମଧ୍ୟରେ ଭଲପାଇବା, ଭାଇଚାରା ବୃଦ୍ଧି କରିଛି। ଏହି ଭଲ ପାଇବା ରହିଲେ ଜିଲାର ବିକାଶ ହେବ। ଅନ୍ୟତମ ଅତିଥି କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା କହିଥିଲେ, ପରବ ଜିଲାର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣୁଛି। ଏହି ପ୍ରତିଭା ଆଗକୁ ନେବା ପାଇଁ ସମସ୍ତେ ସଙ୍କଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପଟ୍ଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଯୋଗଦେଇ କହିଥିଲେ, ରାଜ୍ୟ ସରକାର ପରବ ମାଧ୍ୟମରେ ଜିଲାର ସର୍ବାଙ୍ଗିନ ବିକାଶ ଲକ୍ଷ୍ୟ ରଖିଛନ୍ତି। ପରବର ଆରମ୍ଭ କୋଟିଆରେ ହୋଇଥିବାବେଳେ ଏହା ମାଧ୍ୟମରେ ୧୫୦ କୋଟି ଟଙ୍କା ବ୍ୟୟବରାଦରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରି କହିଥିଲେ, ଜିଲାରେ ପରବ ଦ୍ୱାରା ବିଭିନ୍ନ ସରକାରୀ ଯୋଜନାର ସଫଳତା ସର୍ବସାଧାରଣରେ ପ୍ରଦର୍ଶିତ ହୋଇପାରୁଛି। ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ କୈଳାସ ଚନ୍ଦ୍ର କୁଲେସିକା କହିଥିଲେ, ପରବ ଲୋକଲୋଚନକୁ ଆଣୁଥିବା ସମସ୍ତ କଳାକାର ଓ ପ୍ରତିଭାଙ୍କୁ ଉପଯୁକ୍ତ ଥଇଥାନ କରାଯିବାର ଆବଶ୍ୟକତା ରହିଛି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି କହିଥିଲେ ଯେ, ପରବ ପାଇଁ ଜିଲାର ସଂସ୍କୃତି ଆଜି ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିଛି। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଦିବାସୀ ପରିଷଦ ଅଧ୍ୟକ୍ଷ କମଲୁ ଜାନି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦୁଲ ଅଖ୍‌ତାର ଉପସ୍ଥିତ ଥିଲେ।

### ତାରା, ଚନ୍ଦ୍ର, କୃଷ୍ଣ, ବଳଭଦ୍ର ଅନୁପସ୍ଥିତ ନେଇ ଚର୍ଚ୍ଚା

ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି 'ପରବ'ର ସ୍ମରଣିକାକୁ ଉନ୍ମୋଚନ କରିବା ସହିତ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ 'ପରବ' ସମ୍ମାନ ପ୍ରଦାନ କରିଥିଲେ। । ୭ ଜଣ ବ୍ୟକ୍ତିଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ତେବେ ଉଦ୍‌ଘାଟନୀ ଉତ୍ସବରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, କୃଷ୍ଣଚନ୍ଦ୍ର ସଗରିଆ ଅନୁପସ୍ଥିତ ରହିଥିବାରୁ ଏନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିଲା ।

### ବିହୁ, ଲାବଣୀ ସାଙ୍ଗକୁ ଢେମ୍‌ସାରେ ମଞ୍ଚ ଦୁଲୁକିଲା

ଉଦ୍‌ଘାଟନୀ ଦିବସରେ ବୈପାରୀଗୁଡ଼ା ବ୍ଲକ ସିରିଗୁଡ଼ାର ଦୁରୁଆ ନୃତ୍ୟ, କୋଲକାତାର କଳାକାରଙ୍କ ଦ୍ୱାରା ଆସାମର ବିହୁ ନୃତ୍ୟ, ଜୟପୁର ପ୍ରେରଣା ଅନୁଷ୍ଠାନ, ମହାରାଷ୍ଟ୍ରର ଗଡ଼ୱାଲି ଓ ଲାବଣୀ ନୃତ୍ୟ, ବରଗଡ଼ର ବଣ୍ଡାନାଚ, ଝାଡ଼ଖଣ୍ଡର ନାଗପୁରୀ ନୃତ୍ୟ, ସମ୍ବଲପୁରର ପଦ୍ମିନୀ ଦୋରାଙ୍କ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। 'ପରବ'ରେ ଏଥର ରାଜ୍ୟର ୨୦ଟି ଜିଲା ଓ ୧୫ଟି ରାଜ୍ୟର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ। ଏହି ଅବସରରେ ପରବ ପଡ଼ିଆରେ ଜାତୀୟ ପଲ୍ଲିଶ୍ରୀ ମେଳା, ହସ୍ତତନ୍ତ ମେଳା, ଖାଦ୍ୟ ମେଳା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ୩୫୦ଟି ଷ୍ଟଲ୍ ଲାଗିଛି।





## ଜାତୀୟ ପ୍ରେସ୍ ଦିବସ ପାଳିତ

# 'ନିର୍ଭୀକ, ସତ୍ୟ ଖବର ପରିବେଷଣ ହେଉ'

କୋରାପୁଟ,୧୬।୧୧(ସ୍ୱ.ପ୍ର.)

ଖବରଦାତାମାନେ ନିଷ୍ଠାପର ଓ ନିର୍ଭୀକ ଭାବେ ସତ୍ୟ ଖବର ପରିବେଷଣ କରି ଦେଶର ବିକାଶରେ ସହାୟକ ହୋଇପାରିବେ। ବିଭିନ୍ନ ସୋସିଆଲ ମିଡିଆ କେବେହେଲେ ମୁଦ୍ରିତ କିମ୍ବା ବୈଦ୍ୟୁତିକ ଗଣମାଧ୍ୟମର ସ୍ଥାନ ନେଇପାରିବ ନାହିଁ ବୋଲି ଜାତୀୟ ପ୍ରେସ୍ ଦିବସ ଅବସରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଜାତୀୟ ପ୍ରେସ ଦିବସ ବୈଠକରେ କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମାଜର ବିଭିନ୍ନ ସମସ୍ୟା ଉପରେ ନିର୍ଭୀକ ଭାବେ ସତ୍ୟ ଖବର ପରିବେଷଣ କରିବା ଆବଶ୍ୟକ। ଏହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଏମ୍‌ପି ତଥା ବିଜେଡି ଜିଲା ପର୍ଯ୍ୟବେକ୍ଷକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ କହିଥିଲେ, ବର୍ତ୍ତମାନ ଯୁଗରେ ଖବରଦାତାମାନେ ଘଟଣାର ପୁଙ୍ଖାନୁପୁଙ୍ଖ ସୂଚନା ନେଇ ଖବର ପଠାଇବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ଯୋଗଦେଇ ଜାତୀୟ ପ୍ରେସ ଦିବସର ଉଦ୍ଦେଶ୍ୟ, ସମ୍ବେଦନଶୀଳ ଅଞ୍ଚଳରେ ସାମ୍ବାଦିକତା ସମ୍ପର୍କରେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଭବାନିଶଙ୍କର ମିଶ୍ର, ସି.ଏଚ୍. ସାନ୍ତାକାର, ଅମିତାଭ ବେହେରା, ଘନଶ୍ୟାମ ରଥ, ପ୍ରଶାନ୍ତ ସାମନ୍ତରାୟ, ପତିତପାବନ ସାହୁ, ଭୂଷିତ ବିଡ଼ିକା, ରଞ୍ଜନ ଦାସ ଉପସ୍ଥିତ ଥିଲେ। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସହରାଞ୍ଚଳ ପ୍ରାଥମିକ ଚିକିତ୍ସାଳୟ ଉଦ୍‌ଘାଟିତ

କୋରାପୁଟ,୧୬।୧୧(ସ୍ୱ.ପ୍ର.)

କୋରାପୁଟ ସହର ଗାନ୍ଧୀନଗରରେ ନବନିର୍ମିତ ସହରାଞ୍ଚଳ ପ୍ରାଥମିକ ଚିକିତ୍ସାଳୟକୁ ଶୁକ୍ରବାର ଅପରାହ୍ନରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରିଛନ୍ତି। ୭୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ସହରାଞ୍ଚଳ ପ୍ରାଥମିକ ଚିକିତ୍ସାଳୟ ଉଦ୍‌ଘାଟନ ହେବା ଦ୍ୱାରା କୋରାପୁଟ ମ୍ୟୁନିସପାଲିଟି ସମେତ ଆଖପାଖ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏହାଦ୍ୱାରା ଚିକିତ୍ସା ସେବା ପାଇପାରିବେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା, ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି, ସୌମ୍ୟରଞ୍ଜନ ପଟ୍ଟନାୟକ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଙ୍ଗି, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ସିଡିଏମ୍‌ଓ ଡାକ୍ତର ଲଳିତ ମୋହନ ରଥ, ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ପୂର୍ବତନ କୋରାପୁଟ ପୌରାଧ୍ୟକ୍ଷ ଭଗବାନ ବାହିନୀପତିଙ୍କ ସମେତ ବହୁ ନେତା ଓ ଅଧିକାରୀ ଉପସ୍ଥିତ ଥିଲେ।

## ଲାଞ୍ଚ: ଅବକାରୀ ସବ୍‌ଇନ୍ସପେକ୍ଟର ଧରାପଡ଼ିଲେ

କଟକ ଅଫିସ, ୧୬।୧୧

୨୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କୋରାପୁଟ ଜିଲା କୋଟପାଡ଼ରେ କାର୍ଯ୍ୟରତ ଅବକାରୀ ସବ୍‌ଇନ୍ସପେକ୍ଟର ଥାଇଲୋ ଓରାମ। ଶୁକ୍ରବାର ରାତି ୮ଟାରେ ଓରାମ କୁନ୍ଦୁରା ଥାନା ଅଧୀନ ରାଣୀଗୁଡ଼ା ଗ୍ରାମର ପଦମନ ନାୟକ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଏହି ଲାଞ୍ଚ ଗ୍ରହଣ କରୁଥିଲେ। ପଦମନଙ୍କ ମୋଟରସାଇକେଲକୁ ଅବକାରୀ ସବ୍‌ଇନ୍ସପେକ୍ଟର ଓରାମ ଅଟକ ରଖିଥିଲେ। ମୋଟରସାଇକେଲକୁ ମୁକୁଳାଇବା ପାଇଁ ସେ ଏହି ଲାଞ୍ଚ ଦାବି କରିଥିଲେ। ଏ ନେଇ କୋରାପୁଟ ଭିଜିଲାନ୍ସ ଥାନାରେ ୩୦/୨୦୧୮ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଓରାମଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ୧ରେ ବ୍ଲକସ୍ତରୀୟ ବିଜ୍ଞାନମେଳା

ଜୟପୁର, ୧୬।୧୧(ଡି.ଏନ.ଏ):

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ଡିସେମ୍ବର ୧ ତାରିଖରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହେବ। ଏନେଇ ଶୁକ୍ରବାର ସ୍ଥାନୀୟ ବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ଲକର ସମସ୍ତ ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ । ଏହି ବୈଠକରେ ଆସନ୍ତା ବିଜ୍ଞାନମେଳାକୁ ସଫଳତାର ସହ ପରିଚାଳନା ଏବଂ ଗତ ବର୍ଷ ହୋଇଥିବା ବିଜ୍ଞାନମେଳାର ଖର୍ଚ୍ଚ ନେଇ ଆଲୋଚନା ହୋଇଥିଲା । ଏଥିରେ ବିଇଓ ସରୋଜିନୀ ଦଣ୍ଡସେନା, ପ୍ରଧାଶିକ୍ଷକ ସୁରେନ୍ଦ୍ରନାଥ ପଟ୍ଟନାୟକ, ଏବିଇଓ ହେମଲାଟ ଚେଟ୍ଟି, ହରିଶ ରାଓ, ଶିକ୍ଷକ ସଂଘର ବ୍ଲକ ସଭାପତି ସୁରେନ୍ଦ୍ର ପଟ୍ଟନାୟକ, ସଂପାଦକ ଦେବୀ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମେଳାରେ ୯୫ ବିଜ୍ଞାନ, ଖାଦ୍ୟ ପ୍ରକଳ୍ପ ପ୍ରଦର୍ଶିତ

ଜୟପୁର,୧୬।୧୧(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ସାଙ୍ଗକୁ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜିନୀ ଦଣ୍ଡସେନା ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ପୌରୋହିତ୍ୟ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦୁର୍ଗା ପ୍ରସାଦ ଦାସ, ସିମାଦ୍ରୀ ଆପନା, କିଶୋର ଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ୪୨ଟି ବିଜ୍ଞାନ ପ୍ରକଳ୍ପ ଓ ୫୩ଟି ଖାଦ୍ୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ୬ଟି ପ୍ରକଳ୍ପ ବ୍ଲକସ୍ତରକୁ ମନୋନୀତ ହୋଇଥିଲା । ସେଗୁଡିକ ହେଲା ଧର୍ମ ପେଣ୍ଟିଆଙ୍କ ବୁନ୍ଦା ଜଳସେଚନ, ଟେକେଶ୍ୱରୀ ମାଝୀଙ୍କ ସ୍ୱଚ୍ଛ ଭାରତ, ଚକା ନୟନ ସାହୁଙ୍କ ସ୍ମାର୍ଟ ସିଟି, ରବିନ୍ଦ୍ର ତ୍ରିପାଠୀଙ୍କ ୱେଷ୍ଟ ୱାଟର ଟ୍ରିଟ୍‌ମେଣ୍ଟ, ସ୍ୱାଗତ ମଣ୍ଡଳଙ୍କ ସ୍ମାର୍ଟ ଅମ୍ବ୍ରେଲା ଓ ପୀତବାସ ସାହୁଙ୍କ ଆମେ ଭାବିଥିବା ସଂଖ୍ୟା ମୁଁ ଜାଣେ ପ୍ରକଳ୍ପ। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ଏନ୍. ଯୋଗେଶ୍ୱର, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଦୁର୍ଗାପ୍ରସାଦ ପାତ୍ର, ଗୋପାଳ ମଣ୍ଡଳ, ଦେବେନ୍ଦ୍ର କୁମାର ପାଢ଼ୀ, ମୋନାଲିସା ପଣ୍ଡା, ରଶ୍ମିତା ନାହାକ, କେ. ପ୍ରମିଳା, ଶୁଭସ୍ମିତା ସାହୁ, ଯଜ୍ଞେଶ୍ୱର ପଣ୍ଡା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କରିଥିଲେ। ଡିସେମ୍ବର ୧ରେ ଉକ୍ତ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଆୟୋଜନ ହେବ ବୋଲି ପ୍ରଧାନ ଶିକ୍ଷକ ପଟ୍ଟନାୟକ ସୂଚନା ଦେଇଛନ୍ତି।



ଅତିଥିମାନେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି ।

# ବିପଦସଙ୍କୁଳ ଅବସ୍ଥାରେ ସ୍କୁଲଘର

ଲମତାପୁଟ,୧୬।୧୧(ଡି.ଏନ୍.ଏ.)



- ବିମ୍‌ରୁ ପ୍ଲାଷ୍ଟର ଖସୁଛି
- ଛାତରୁ ଗଳୁଛି ପାଣି
- ଛତା ଧରି ପାଠ ପଢୁଛନ୍ତି ପିଲା

ଲମତାପୁଟ ବ୍ଲକ୍ ଜଲାରହଞ୍ଜି ପଞ୍ଚାୟତ ମଜାପୁଟ ଗ୍ରାମ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଗୃହ ଅବସ୍ଥା ଶୋଚନୀୟ। କେଉଁଠି ଛାତରୁ ପାଣି ଗଳୁଛି ତ ଆଉ କେଉଁଠି ବିମ୍‌ରୁ ପ୍ଲାଷ୍ଟର ଖସୁଛି। ଛାତ୍ରୀଛାତ୍ରମାନେ ବିପଦ ସଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଯାଏ ୫୨ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ତୁକୁମ ଗ୍ରାମ ଓ ପିପଳ ପୁଟ ଗ୍ରାମର ଦୁଇଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ କରାଯାଇ ମଜାପୁଟ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରାଯିବାରୁ ଏଠାରେ ପିଲାଙ୍କ ବସିବା ପାଇଁ ସ୍ଥାନ ସମସ୍ୟା ଦେଖାଦେଇଛି। ଦୁଇଟି ଶ୍ରେଣୀ ଗୃହ ଥିବାରୁ ଛାତ୍ରୀଛାତ୍ରମାନେ ପାଠ ପଢ଼ିବାରେ ନାନା ପ୍ରକାର ହଇରାଣ ହରକତ ହେଉଛନ୍ତି। ପିଲାଙ୍କୁ ବାରଣ୍ଡାରେ ବସି ପଢ଼ିବାକୁ ପଡୁଛି। ଘର ଛାତ କେଉଁ ମୁହୂର୍ତ୍ତରେ ଭୁଶୁଡି ପଡ଼ିବ ତାହା କେହି କହି ପାରିବେନି। ଛାତର ବିମ୍ ପ୍ଲାଷ୍ଟର ଛାଡ଼ିବା ସହ ଝରକା , କବାଟ ଭାଙ୍ଗି ଯାଇଛି। ପ୍ରଧାନଶିକ୍ଷକ ଏବଂ ସହଶିକ୍ଷକ ମିଶି ଏଥିରେ ସାମୟିକ ମରାମତି କରିଛନ୍ତି। ଜୀବନପ୍ରତି ବିପଦ ଥିବା ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ କହିଛନ୍ତି । ବର୍ଷାଦିନେ ଛାତରୁ ପାଣି ଗଳୁଛି। ପିଲାମାନେ ଛତା ଧରି ପାଠ ପଢୁଛନ୍ତି। ସମସ୍ୟା ସମ୍ପର୍କରେ ବିଇଓ କାର୍ଯ୍ୟାଳୟରେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ମରାମତି କରିବାକୁ ଦାବି ହୋଇଛି।

## ବାତ୍ୟାଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ

ପାରଳାଖେମୁଣ୍ଡି,୧୬।୧୧(ସ୍ୱ.ପ୍ର.):

ଗଜପତି ଜିଲାରେ ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲକ୍ଷ୍ମୀପୁର ଓ କେରାଣ୍ଡି ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ମାଧ୍ୟମରେ କାର୍ଯ୍ୟ ଆରମ୍ଭ ହୋଇଛି । ଅମରସିଂ, ରାଇସିଂ, ମାଢା, ତାରାସିଂ, ବୁରୁସୁଣ୍ଡା, ସିନ୍ଦଲିଙ୍ଗ ଏବଂ ଅଲାସର ଇତ୍ୟାଦି ଗ୍ରାମରେ କାମ ଚାଲିଛି। କଇଁପୁର ପଞ୍ଚାୟତର ୩ଟି ଗ୍ରାମରେ ମଙ୍ଗଳବାରଠାରୁ ୧୮୨ଜଣ କର୍ମ ନିଯୁକ୍ତି ପାଇଥିବା ବେଳେ କେରାଣ୍ଡି ପଞ୍ଚାୟତରେ ଗୋଟିଏ ଗ୍ରାମର ୩୦ଜଣ କର୍ମନିଯୁକ୍ତି ପାଇଛନ୍ତି । ଯେଉଁ ପ୍ରକଳ୍ପଗୁଡିକ ଆରମ୍ଭ ହୋଇଛି ସବୁ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ ବୋଲି ଜଣାପଡିଛି ।

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JHARSUGUDA

Phone/Fax: 06645 - 273104, E-mail: cdmojharsuguda@gmail.com

Order No. 7562 Dated 16.11.18

### NOTICE

The data base of the applications prepared for the post of **Radiographer, Lab. Tech & Attendant** have been published herewith for inviting objection if any in the database.

The candidates those have any objection in the database may submit their objection only if any by **Regd. Post / Speed Post** on or before **30.11.2018** to put up before the committee for final decision. No fresh documents or personal contact will be allowed along with the objection.

The candidates are hereby instructed to verify the district website **www.jharsuguda.nic.in**.

**Sd./- Chief District Medical & Public Health Officer, Jharsuguda**

---

NANDANKANAN

## NANDANKANAN ZOOLOGICAL PARK

### PROCUREMENT OF ANIMALS

**NOTICE NO.13 OF 2018-19** **Date: 15.11.2018**

Deputy Director, Nandankanan Zoological Park invites sealed tender in prescribed form from interested firms / proprietor for the following tender of Nandankanan Zoological Park during the year 2018-19.

| Sl. No. | Name of the tender | Last date of submission of sealed tender | Opening of sealed tender |
|---|---|---|---|
| 1 | Procurement of Animals | **5.00 PM of 15.12.2018** | **11.30 AM of 18.12.2018** |

The detailed tender notice and the format for use in offer along with the terms and conditions for procurement of Animals to Nandankanan Zoological Park for the year 2018-19 will be available at (**www.nandankanan.org**) w.e.f **20.11.2018** for information of all concerned. Interested firms should submit their offers in sealed covers superscribed **"PROCUREMENT OF ANIMALS"** and addressed to Deputy Director, Nandankanan Zoological Park.

**Sd./- Deputy Director**
**Nandankanan Zoological Park**

---

## GOVERNMENT OF ODISHA
## DEPARTMENT OF WATER RESOURCES

**"e" Procurement Notice-BAID 06 OF 2018-19**

No.783-A:- **BID IDENTIFICATION NO. BAID 06 OF 2018-19**

| | | |
|---|---|---|
| 1. | Name of the Work | River Embankment Road for the year 2018-19 |
| 2. | Total No. of Package | 1 No. |
| 3. | Tender Cost | 43.77 Lakhs as per DTCN |
| 4. | Bid Security (Online) | Rs 43800/- as per DTCN |
| 5. | Cost of Tender Paper (Online) | Rs. 6000/- as per DTCN |
| 6. | Period of Completion | 120 Days |
| 7. | Availability of Tender online for bidding | From 20.11.2018 at 12.00 Noon to 29.11.2018 upto 5.00 PM |
| 8. | Date and Place of opening | Dt. 30.11.2018 at 11.00 AM in the office of the Executive Engineer, Baitarani Division, Salapada |
| 9. | Tender Inviting Authority | Executive Engineer, baitarani Division, Salapada, Keonjhar, Odisha |

Further details can be seen from the website http://www.tendersorissa.gov.in / www.dowrodisha.gov.in. Any addendum/ Corrigendum/ Cancellation to the above notice will be published in this website only.

**Sd./- Executive Engineer**
**Baitarani Division, Salapada**

32006/11/0009/1819

---

GOVERNMENT OF ODISHA
DEPARTMENT OF WATER RESOURCES

## OFFICE OF THE EXECUTIVE ENGINEER, MINOR IRRIGATION DIVISION, RAYAGADA

**Phone No.(06856)-222081(Off.), E-mail:- eemirgd@ymail.com**

No.772-A:- e-PROCUREMENT NOTICE

**BID IDENTIFICATION NO. ONLINE - 07/MID RGD/2018-19**

| | | |
|---|---|---|
| Name of work | : | Renovation of Canal & Embankment Roads (RCER) and Imp. to Tanks and MIPS |
| No. of works | : | 4 (Four ) Nos. |
| Estimated cost | : | Varies Approximately from Rs. 16.71 lakh to Rs. 61.15 lakh. |
| Tender paper cost | : | Refer DTCN. |
| Period of completion | : | Refer DTCN. |
| Availability of bid documents | : | From 11.00AM on 22.11.2018 to 05.00PM on 04.12.2018 in website (www.tendersorissa.gov.in) |
| Period of receipt of bid through online | : | From 11.00AM on 22.11.2018 to 05.00PM on 04.12.2018 through online. |
| Date of receipt of Bid cost & Bid security through On-line payment mode. | : | From 11.00AM on 22.11.2018 to 05.00PM on 04.12.2018 through online |
| Date of opening of bid documents | : | From 11.00AM on 05.12.2018 |
| Date of Transpararant lottery ( If Case arises ) | : | 17.12.2018 at 11.00AM onwards |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |

The detail tender call notice can also be seen in the DOWR website-http://dowrorissa.gov.in

| | | |
|---|---|---|
| Name & Address of the OIT | : | Executive Engineer, M.I. Division, Rayagada, Dist:-Rayagada. PIN-765001, Ph-06856-222081, E-mail ID-eemirgd@ymail.com |
| Further details can be seen from the e-Procurement market place. | : | http://tendersorissa.gov.in |

**Executive Engineer,**
**M.I. Division, Rayagada**

32056/11/0007/1819

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, BALASORE

E-Mail:- serw_balasore@yahoo.in Tel/FAX:- 06782-260318

### NOTICE

### FOR PRADHAN MANTRI GRAM SADAK YOJANA (PMGSY)

**NATIONAL COMPETITIVE BIDDING THROUGH "e"-Procurement**

**Bid identification No. PMGSY On-line N.C.B. No.- 242**

No.1021-O: **The Superintending Engineer, Rural Works Circle, Balasore on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads under Pradhan Mantri Gram Sadak Yojana in the districts of Balasore for 4 (Four) number of packages with estimated cost totalling to **Rs .7.66 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd. **20.11.2018.**

**Availability of Bid Documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB at **Three places** i.e. **O/O Chief Engineer, PMGSY, Rural Works, Odisha, Bhubaneswar // Superintending Engineer, Rural Works Circle, Balasore// Executive Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand (i.e 13.12.2018 up-to 3.00 P.M), failing which the bids shall be declared non-responsive.

**Last Date/ Time for receipt of bids through e-procurement: 10.12.2018 upto 3.00 P.M.**

For further details and corrigendum (if any) please log on to **www.pmgsytenders.gov.in.**

**Sd./- Superintending Engineer**
**R.W.Circle, Balasore**

25105/11/0030/1819

---

GOVT. OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER, CENTRAL IRRIGATION CIRCLE, BHUBANESWAR

No.786-A

**'e' Procurement Notice No. SECIC - 08 / 2018-19**

| Procure-ment Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractors | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| SECIC/Bhubaneswar | SECIC/ NGR-06 of 2018-19 | Road on Ring Bundh of Lunijhara Left Embankment near Champatipur. | 110.48 | 110500/- (On-line) | 10000/- On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |
| | SECIC/ NGR-07 of 2018-19 | Service Road on Mahanadi Right Embankment from Manitri to Badabara. | 141.07 | 141100/- (On-line) | 10000/- (On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |
| | SECIC/ NGR-08 of 2018-19 | Service Road on Left & Right Embankment of Duanto River from Barasahi bridge of Sikharpur. | 115.04 | 115500/- (On-line) | 10000/- (On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |
| | SECIC/ NGR-09 of 2018-19 | Service Road on Right Embankment of Kusumi River from P.WD. road to Nuapalli. | 166.73 | 166800/- (On-line) | 10000/- (On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |
| | SECIC/ NGR-10 of 2018-19 | Improvement to Road on Left Bank of Panchirida Distributary of Budhabudhiani Irrigation Project. | 199.11 | 200000/- (On-line) | 10000/- (On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |
| | SECIC/ NGR-11 of 2018-19 | Improvement to Road on Left Bank of Itamati Distributary from Bayapalli to Ghaduala of Dahuka Irrigation Project. | 194.58 | 194600/- (On-line) | 10000/- (On-line) | "B" Class & "A" Class | 20.11.2018 at 11.00 A.M. | 05.12.2018 up to 5.00 P.M | 06.12.2018 at 11.00 A.M. | 06 (Six) Calendar Months |

e-mail ID:- secic_dowr@yahoo.com

Further details conditions can be seen from Govt. website **www.tenderorissa.gov.in**.

32160/11/0019/1819

**Sd./- Superintending Engineer, Central Irrigation Circle**

---

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**RDM-LAC-ANG-0029-2017- 45185 / R&DM- ତାରିଖ 29.12.17**

**No.XXIX-21:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ତାଳଚେର-ସମ୍ବଲପୁର (ସମ୍ବଲପୁର-ବାମୁର ସେକସନ) ରେଳପଥ ଦୋହରିକରଣ ନିମନ୍ତେ ମୌଜା-ମଝୀକା, ଥାନା-ଅନୁଗୁଳ, ତହସିଲ-ବଅଁରପାଳ, ଜିଲ୍ଲା-ଅନୁଗୁଳରେ ନିମ୍ନ ତଫସିଲ ମତେ ପ୍ରାୟ ୦.୩୧୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ତାଳଚେର-ସମ୍ବଲପୁର ରେଳପଥର ଦୋହରିକରଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ନିର୍ମାଣ, ଅନୁଗୁଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ:- ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ:- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ସଂଖ୍ୟା- ୨୯୭୩୧ ତା-୦୬।୦୯।୨୦୧୭ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପ-ଜିଲ୍ଲାପାଳ, ଅନୁଗୁଳ।
୬. ଜମିର ବିବରଣୀ:-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଅଁରପାଳ | ମଝୀକା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୩୧୦ ଏକର | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ତାଳଚେର-ସମ୍ବଲପୁର ରେଳପଥ ଦୋହରିକରଣ ପ୍ରକଳ୍ପ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଯୁଗ୍ମ ଶାସନ ସଚିବ**

### ଭୂମି ଅନୁସୂଚୀ

**ମୌଜା: ମଝୀକା, ତହସିଲ: ବଅଁରପାଳ, ଥାନା: ଅନୁଗୁଳ ନଂ.୨୬, ଜିଲ୍ଲା: ଅନୁଗୁଳରେ ସମ୍ବଲପୁର-ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ**

| କ୍ର. ନଂ. | ଖାତା ନମ୍ବର | ପ୍ରଜାଙ୍କର ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| | ୨୧ | କାର୍ତ୍ତିକ ଦେହୁରୀ, ପି: ମଙ୍ଗୁଳି ଦେହୁରୀ, ଜା: କନ୍ଧ, ବା: ନିଜଗାଁ | ୨୭ | ଦେଉଳ ଡିପ | ୦.୨୫୦ | ୦.୦୪୦ |
| | ୪୪ | ଗୋଲେଖ ପ୍ରସାଦ ସିଂସାମନ୍ତ, ପି: ଉଦୟନାଥ ସିଂହ, ଜା: କ୍ଷତ୍ରିୟ, ବା: ନିଜଗାଁ | ୨୦ | ଘରବାରି | ୦.୨୮୦ | ୦.୦୧୦ |
| | ୭୯ | ନିଳମଣୀ ସାହୁ, କୁଳମଣି ସାହୁ, ପି: ବାଳକୃଷ୍ଣ ସାହୁ, ବେଦ ପ୍ରଧାନ, ପି: ଗୌତମ ପ୍ରଧାନ, ବିଛନ୍ଦ ପ୍ରଧାନ, ପି: ସୁଲି ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ, ପି: ଧନୁ ପ୍ରଧାନ, ଭିକାରୀ ମହାପାତ୍ର, ପି: ଗାଡୁ ମହାପାତ୍ର, ଜୟ ମହାପାତ୍ର, ଅନ୍ତର୍ଯ୍ୟାମୀ ମହାପାତ୍ର, ଶାନ୍ତନୁ ମହାପାତ୍ର, ନବୀନ ମହାପାତ୍ର, ପି: ମଙ୍ଗଳୁ ମହାପାତ୍ର, ଶୀତ ମହାପାତ୍ର, ପି: ବେଣୁ ମହାପାତ୍ର, ବଣି ମହାପାତ୍ର, ସ୍ୱା: ବେଣୁ ମହାପାତ୍ର, ପାଣ୍ଡୁ ମହାପାତ୍ର, ପି: ଅର୍ଜୁନ ମହାପାତ୍ର, ଅରକ୍ଷିତ ବେହେରା, ଧରମୁ ବେହେରା, ପି: କୁଲେଇ ବେହେରା, ଜାତି: ତଅଁଲା, ବା: ନିଜଗାଁ | ୩୯ | ଦେଉଳ ଡିପ | ୦.୨୦୦ | ୦.୦୪୦ |
| | ୧୬୩ | ସାହେବ ସାହୁ, ସଦା ସାହୁ, ସ୍ୱା: ବାଞ୍ଛାନିଧି ସାହୁ, ଜା: କୌଶଲ୍ୟା ସାହୁ, ସ୍ୱା: ବାଞ୍ଛାନିଧି ସାହୁ, ଜା: ଚଷା, ବା: ନିଜଗାଁ | ୨୨ | ଦେଉଳ ଡିପା | ୧.୦୫୦ | ୦.୧୧୦ |
| | ୧୯୪/୫ | ବିଜୟ କୁମାର ସାହୁ, ସ୍ୱା: ଅଲେଖ ଚରଣ ସାହୁ, ଅନୁଗୁଳ ଟାଉନ (ହାତୀଶାଳପଡ଼ା) | ୪୧ | ଦେଉଳ ଡିପା | ୦.୪୬୦ | ୦.୧୧୦ |
| | | | | ମୋଟ | | ୦.୩୧୦ |

**ସ୍ୱା./-ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ,**
**ତାଳଚେର-ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର**

24001/14/0388/1819

---

## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

**No.- RDM-LAC-ANG-0033-2017-45213/R&DM** **ତାରିଖ: 29.12.17**

No.: VI-05: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତାଳଚେର-ସମ୍ବଲପୁର (ସମ୍ବଲପୁର-ବାମୁର ସେକ୍ସନ) ରେଳପଥ ଦୋହରୀକରଣ ନିମନ୍ତେ ମୌଜା- ଜାମୁଣ୍ଡା, ଥାନା- ଜରପଡ଼ା, ତହସିଲ- ବଅଁରପାଳ, ଜିଲ୍ଲା- ଅନୁଗୁଳରେ ନିମ୍ନ ତଫସିଲ ମତେ ପ୍ରାୟ ୧.୮୨୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ତାଳଚେର-ସମ୍ବଲପୁର ରେଳପଥ ଦୋହରୀକରଣ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ନିର୍ମାଣ, ଅନୁଗୁଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ସଂଖ୍ୟା- ୨୯୭୩୧ ତା୦୬।୦୯।୨୦୧୭ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଅନୁଗୁଳ।
୬. ଜମିର ବିବରଣୀ :

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଅନୁଗୁଳ | ବଅଁରପାଳ | ଜାମୁଣ୍ଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧.୮୨୦ ଏକର | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ସମ୍ବଲପୁର ରେଳପଥ ଦୋହରୀକରଣ ପ୍ରକଳ୍ପ, ସମ୍ବଲପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୁଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ଅନୁଗୁଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଯୁଗ୍ମ ଶାସନ ସଚିବ**

### ଭୂମି ଅନୁସୂଚୀ

**ମୌଜା- ଜାମୁଣ୍ଡା, ତହସିଲ- ବଅଁରପାଳ, ଥାନା- ଜରପଡ଼ା ନଂ.୩୪, ଜିଲ୍ଲା- ଅନୁଗୁଳରେ ସମ୍ବଲପୁର-ତାଳଚେର ଦୋହରା ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ**

| କ୍ରମିକ ନମ୍ବର | ଖାତା ନମ୍ବର | ରୟତଙ୍କର ନାମ ଓ ବାସସ୍ଥାନ | ପ୍ଲଟ ନମ୍ବର | କିସମ | ମୋଟ ରକବା | ଅଧିକୃତ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୪ | କାଳନ୍ଦି ସାଉ, ବାଞ୍ଛା ସାଉ, ପି.- ଭରତ ସାଉ, ଭୁବନ ସାଉ, ବିଟି ସାଉ, ପି. କେଶବ ସାଉ, ଜା: ଚଷା, ବା: ନିଜଗାଁ | ୧୬୯<br>୪୪୦<br>୪୭୪<br>୧୨୦୦ | ତଇଲା-୧<br>ବାଜେଫସଲ<br>ଶାରଦ-୩<br>ଶାରଦ-୨ | ୦.୧୦୦<br>୦.୦୯୦<br>୦.୧୬୦<br>୦.୦୬୦ | ୦.୦୨୦<br>୦.୦୨୦<br>୦.୦୭୦<br>୦.୦୫୦ |
| ୨ | ୨୮ | କୁଆଁ ସାଉ, ପି.- ନରସିଂହ ସାହୁ, ଧୁବେଇ ସାଉ, ପି.- ସାନ୍ତରା ସାହୁ, ମଧୁ ସାଉ, ପି.- ଗାଉରୁରା ସାହୁ, ଜା: ଚଷା, ବା: ନିଜଗାଁ | ୪୩୭<br>୪୩୯<br>୧୦୨୮ | ବାଜେଫସଲ<br>ଶାରଦ-୩<br>ଶାରଦ-୨ | ୦.୦୩୦<br>୦.୦୯୦<br>୦.୧୦୦ | ୦.୦୩୦<br>୦.୦୩୦<br>୦.୦୩୦ |
| ୩ | ୩୧ | କୃଷ୍ଣୁ ସାଉ, ରଂତ ସାଉ, ପି.- ସନ୍ଥ ସାଉ, ଜା: ଚଷା, ବା: ନିଜଗାଁ | ୪୨୮ | ବାଜେଫସଲ | ୦.୦୯୦ | ୦.୦୧୦ |
| ୪ | ୩୩ | କୃତିବାସ ପଧାନ, ପି.- କାଶି ପଧାନ, ଜା: ଚଷା, ବା: ନିଜଗାଁ, କିସିମତ ଟ.୦.୫୦ ନୁ.ପ.ବା, ପଦିଆ ପଧାନ, ଫିରିଂଗି ପଧାନ, ପି.- ଅନନ୍ତ ପଧାନ, ଜା: ଚଷା, ବା: ନିଜଗାଁ, କିସ୍ମତ ୦.୦୫୦ ପ.ନୁ.ପ. | ୪୦୭<br>୭୭୭<br>୧୨୦୭ | ବାଜେଫସଲ<br>ଶାରଦ-୨<br>ଶାରଦ-୧ | ୦.୦୧୦<br>୦.୨୮୦<br>୦.୦୫୦ | ୦.୦୧୦<br>୦.୦୯୦<br>୦.୦୫୦ |
| ୫ | ୩୭ | ଗୋପାଳ ପଧାନ, ପି.- ଦଇତାରି ପଧାନ, ଏକାଦଶି ପଧାନ, ମଦନ ପଧାନ, ବିଟି ପଧାନ, ଟିହିରୁ ପଧାନ, ପି.- ମୁରାରି ପଧାନ, ଫକିର ପଧାନ, ପି.- ମାଧବ ପଧାନ, କୁଳମଣି ପଧାନ, ପି.- ପର୍ଶୁରାମ ପଧାନ, ଜା: ଚଷା, ବା: ନିଜଗାଁ | ୧୬୬<br>୧୨୦୮ | ତଇଲା-୧<br>ଶାରଦ-୧ | ୧.୨୩୦<br>୦.୦୭୦ | ୦.୦୩୦<br>୦.୦୬୦ |
| ୬ | ୪୦ | ଚକ୍ରଧନ ଜେନା, ପି.- ସାତୁକ ଜେନା, ଜା: ଚଷା, ବା: ନିଜଗାଁ | ୪୪୫<br>୭୮୦ | ଶାରଦ-୩<br>ଶାରଦ-୩ | ୦.୦୮୦<br>୦.୦୩୦ | ୦.୦୬୦<br>୦.୦୩୦ |
| ୭ | ୪୬ | ଚୈତନ୍ୟ ସାଉ, ସଂଖାଳି ସାଉ, କହ୍ନେଇ ସାଉ, ପି.- ବିଦୁର ସାଉ, ବାବନ ସାଉ, ବିଶୋଇ ସାଉ, ସାର୍ଦୁକ ସାଉ, ପି.- ଘୁସୁରା ସାଉ, ରଥି ସାଉ, ପି.- ନନ୍ଦ ସାଉ, ବାଞ୍ଛା ସାଉ, ଅର୍ଜୁନ ସାଉ, ନିରାକାର ସାଉ, ପଂଡ଼ିତ ସାଉ, ପି.- ନାରଣ ସାଉ, ଆସିଲି ବେବା, ସ୍ୱା.- ଭାଇଗ ସାଉ, ଜା: ଚଷା, ବା: ନିଜଗାଁ | ୪୨୦<br>୪୨୧ | ବାଜେଫସଲ<br>ବାଜେଫସଲ | ୦.୦୫୦<br>୦.୦୪୦ | ୦.୦୨୦<br>୦.୦୧୦ |
| ୮ | ୪୯ | ଜୟ ସାଉ, ପି.- ଶଙ୍କର ସାଉ, ଜା: ଚଷା, ବା: ନିଜଗାଁ | ୭୮୪ | ଶାରଦ-୩ | ୦.୦୬୦ | ୦.୦୧୦ |
| ୯ | ୫୭ | ଦ୍ୱାରି ପଧାନ, ପି.- କାଠି ପଧାନ, ଜା: ଚଷା, ବା: ନିଜଗାଁ | ୧୫୨<br>୧୫୩ | ତଇଳା-୧<br>ତଇଳା-୧ | ୦.୩୪୦<br>୧.୫୬୦ | ୦.୦୪୦<br>୦.୧୩୦ |
| ୧୦ | ୫୮ | ଦ୍ୱାରି ପଧାନ, ଶ୍ରୀଧର ପଧାନ, ପି.- କାଠି ପଧାନ, ଜା: ଚଷା, ବା: ନିଜଗାଁ | ୧୨୦୧ | ଶାରଦ-୨ | ୦.୧୧୦ | ୦.୦୬୦ |
| ୧୧ | ୫୯ | ଦ୍ୱାରି ପଧାନ, ଶ୍ରୀଧର ପଧାନ, ପି.- କାଠି ପଧାନ ଓ ଦାଶରଥି ପଧାନ, ନହିଁଆ ପଧାନ ଓ ବାଜି ପଧାନ, ପି.- ବୃନ୍ଦାବନ ପଧାନ, ବିଦ୍ୟାଧର ପଧାନ, ଲୋଚନ ପଧାନ, ଅରକ୍ଷିତ ପଧାନ, ପି.- ଦୟା ପଧାନ, ଜା: ଚଷା, ବା: ନିଜଗାଁ | ୧୬୫<br>୨୧୧<br>୨୧୨<br>୩୩୫<br>୩୩୬ | ତଇଳା-୧<br>ତଇଳା-୧<br>ବାଜେଫସଲ<br>ଶାରଦ-୨<br>ବାଜେଫସଲ | ୦.୨୯୦<br>୦.୧୧୦<br>୦.୧୦୦<br>୦.୦୯୦<br>୦.୧୮୦ | ୦.୦୩୦<br>୦.୦୧୦<br>୦.୦୨୦<br>୦.୦୩୦<br>୦.୦୪୦ |
| ୧୨ | ୬୩ | ଦୀନବନ୍ଧୁ ଖିଲାର, ଗୌରାଙ୍ଗ ଖିଲାର, ପି.- ଡମ୍ବରୁ ଖିଲାର, ଜା: ଗୌଡ଼, ବା: ନିଜଗାଁ | ୧୫୧ | ତଇଳା-୧ | ୦.୯୭୦ | ୦.୧୧୦ |
| ୧୩ | ୮୨ | ନାରାୟଣ ପଧାନ, ପି.- ବନମାଳି ପଧାନ, ବାସୁଦେବ ପଧାନ, ପି.- ଅଚ୍ୟୁତ ପଧାନ, ମଧୁସୁଦନ ପଧାନ, ପି.- ଡମ୍ବୁର ପଧାନ, ବାବନ ପଧାନ, ଶୁକଦେବ ପଧାନ, ପି.- ଚକ୍ରଧର ପଧାନ, ଏକାଦଶି ପଧାନ, ମଦନ ପଧାନ, ବିଟି ପଧାନ, ଟିହିଲୁ ପଧାନ, ପି.- ମୁରାରି ପଧାନ, ଫିକିର ପଧାନ, ପି.- ମାଧବ ପଧାନ, କୁଳମଣି ପଧାନ, ପି.- ପର୍ଶୁରାମ ପଧାନ, ଗୋପାଳ ପଧାନ, ପି.- ଦଇତାରି ପଧାନ, ଦ୍ୱାରି ପଧାନ, ଶ୍ରୀଧର ପଧାନ, ପି.- କାଠି ପଧାନ, ଜା: ଚଷା, ବା: ନିଜଗାଁ | ୪୪୮<br>୨୦୦<br>୨୦୧<br>୪୦୮<br>୪୦୯<br>୧୨୦୬<br>୧୨୦୫ | ଶାରଦ-୩<br>ତଇଳା-୧<br>ତଇଳା-୧<br>ଶାରଦ-୩<br>ଶାରଦ-୩<br>ଶାରଦ-୧<br>ଶାରଦ-୧ | ୦.୦୩୦<br>୦.୩୩୦<br>୦.୩୩୦<br>୦.୦୪୦<br>୦.୦୧୦<br>୦.୦୭୦<br>୦.୦୧୦ | ୦.୦୩୦<br>୦.୦୧୦<br>୦.୦୨୦<br>୦.୦୩୦<br>୦.୦୧୦<br>୦.୦୩୦<br>୦.୦୧୦ |
| ୧୪ | ୧୦୩ | ବଂଶୀଧର ସାଉ, ବିଦ୍ୟାଧର ସାଉ, ଶ୍ରୀଧର ସାଉ, ସୁରେନ୍ଦ୍ର ସାଉ, ପି.- ଭରତ ସାଉ, ଦ୍ୱାରି ପଧାନ, ଶ୍ରୀଧର ପଧାନ, ପି.- କାଠି ପଧାନ, ଜା: ଚଷା, ବା: ନିଜଗାଁ | ୯୯୪ | ଶାରଦ-୨ | ୦.୦୪୦ | ୦.୦୨୦ |
| ୧୫ | ୧୧୩ | ବିକ୍ରମ ସାହୁ, ନୀଳ ସାହୁ, କସ୍ତୁ ସାହୁ, ଦିବାକର ସାହୁ, ପିତା- ଉତ୍ସବ ସାହୁ, କମାର ସାଉ, ପି.- ଗଇନ ସାଉ, ଜଗ ସାଉ, ପି.- ଅନନ୍ତ ସାଉ, ସୋମନାଥ ସାଉ, ଆକୁଳ ସାଉ, ନକୁଳ ସାଉ, ପି.- କେଶବ ସାଉ, ଚଂଦ୍ରି ମୁସମାତ, ପି.- ଶାମ ସାଉ, ଜା: ଚଷା, ବା: ନିଜଗାଁ | ୪୨୯<br>୭୮୩<br>୯୯୩ | ବାଜେଫସଲ<br>ଶାରଦ-୩<br>ଶାରଦ-୧ | ୦.୦୫୦<br>୦.୦୭୦<br>୦.୦୪୦ | ୦.୦୫୦<br>୦.୦୨୦<br>୦.୦୩୦ |
| ୧୬ | ୧୧୭ | ବିଟି ସାଉ, ପି.- କେଶବ ସାଉ, ଦ୍ୱାରି ପଧାନ, ଶ୍ରୀଧର ପଧାନ, ପି.- କାଠି ପଧାନ, ଜା: ଚଷା, ବା: ନିଜଗାଁ | ୧୨୬/<br>୧୬୧୦ | ତଇଳା-୧ | ୦.୪୫୧୦ | ୦.୦୪୦ |
| ୧୭ | ୧୨୨ | ବିପିନ ପଧାନ, ପି.- ପାହାଡିଆ ପଧାନ, ଅର୍ଜୁନ ପଧାନ, ନିରଂଜନ ପଧାନ, ପି.- ମାର୍କଂଡ ପଧାନ, ଜା: ଚଷା, ବା: ନିଜଗାଁ | ୪୧୯ | ବାଜେଫସଲ | ୦.୦୫୦ | ୦.୦୩୦ |
| ୧୮ | ୧୨୭ | ଭାଇଗ ଜେନା, ରପେନ୍ଦ୍ର ଜେନା, ପି.- ହରି ଜେନା, ଜା: ଚଷା, ବା: ନିଜଗାଁ | ୪୩୮<br>୧୦୨୪ | ଶାରଦ-୩<br>ଶାରଦ-୨ | ୦.୦୭୦<br>୦.୦୪୦ | ୦.୦୫୦<br>୦.୦୪୦ |
| ୧୯ | ୧୩୧ | ଭୁବନ ସାଉ, ବିଟି ସାଉ, ପି.- କେଶବ ସାଉ, ଜା: ଚଷା, ବା: ନିଜଗାଁ | ୯୯୨ | ଶାରଦ-୨ | ୦.୧୩୦ | ୦.୦୩୦ |
| ୨୦ | ୧୩୭ | ମାଗୁଣି ଜେନା, ପି.- ପାଇକେରା ଜେନା, ଶିବ ଜେନା, ପି.- ଗୋବିନ୍ଦ ଜେନା, ନଟ ଜେନା, ମହାଦେବ ଜେନା, ସହଦେବ ଜେନା, ପି.- ଅଧିକାରୀ ଜେନା, ଜା: ଚଷା, ବା: ନିଜଗାଁ | ୪୩୦ | ଶାରଦ-୩ | ୦.୦୧୦ | ୦.୦୧୦ |
| ୨୧ | ୧୪୪ | ଶଂକର ପଧାନ, ପି.- ସିଂଧୁ ପଧାନ, ଜା: ଚଷା, ବା: ନିଜଗାଁ, ବାଳକୃଷ୍ଣ ପଧାନ, ପି.- ଜନକ ପଧାନ, ଜା: ଚଷା, ବା: ଟୁକୁଡ଼ା | ୧୬୮<br>୨୧୩<br>୨୧୪ | ତଇଳା-୧<br>ଶାରଦ-୩<br>ତଇଳା-୧ | ୦.୩୦୦<br>୦.୦୪୦<br>୦.୦୨୦ | ୦.୦୭୦<br>୦.୦୨୦<br>୦.୦୨୦ |
| ୨୨ | ୧୪୬ | ଶରଦି ବେବା, ବାସୁ ସାଉ, ଚଇନ୍ଦ୍ର ସାଉ ଓ ସାଧୁ ସାଉ, ପି.- କାଶି ସାଉ, ଜା: ଚଷା, ବା: ନିଜଗାଁ | ୭୭୭<br>୭୮୧ | ଶାରଦ-୩<br>ଶାରଦ-୩ | ୦.୦୮୦<br>୦.୧୭୦ | ୦.୦୩୦<br>୦.୦୪୦ |
| ୨୩ | ୧୫୬/୨୭ | ବଂଶୀଧର ସାହୁ, ବିଦ୍ୟାଧର ସାହୁ, ଶ୍ରୀଧର ସାହୁ, ସୁରେନ୍ଦ୍ର ସାହୁ, ପି.- ଭରତ ସାହୁ, ଜା: ଚଷା, ବା: ଜାମୁଂଡା | ୯୮୯ | ଶାରଦ-୨ | ୦.୧୨୦ | ୦.୦୩୦ |
| ୨୪ | ୧୫୬/୫୬ | ଭରତ ପ୍ରଧାନ, ପି.- ନଟବର ପ୍ରଧାନ, ଜା: ଚଷା, ବା: ନିଜଗାଁ | ୪୭୮ | ଶାରଦ-୩ | ୦.୦୭୦ | ୦.୦୫୦ |
| | | | | ମୋଟ | | ୧.୮୨୦ |

**ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ**
**ତାଳଚେର-ସମ୍ବଲପୁର ଦୋହରା ରେଳପଥ, ସମ୍ବଲପୁର**

24001/14/0383/1819

# ଜୁଏଲେରୀ ଡିଜାଇନରେ କ୍ୟାରିୟର



ଗହଣା ପିନ୍ଧିବାକୁ କିଏ ଅବା ଭଲ ନ ପାଏ। ବିଶେଷ କରି ଆମ ଦେଶ ଭାରତରେ ଏହାର ବହୁଳ ପ୍ରୟୋଗ କରାଯାଏ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ,ଭାରତ ଏଭଳି ଏକ ଦେଶ, ଯେଉଁଠି ଆଜି ମଧ୍ୟ ଗହଣାକୁ ହାତରେ ତିଆରି କରାଯାଏ। ଏଥିଲାଗି ମେଶିନ ଅଥବା କୌଣସି ଡାଇ ପ୍ରୟୋଗ କରାଯାଏନି। ଏହି କାରଣରୁ ଭାରତୀୟ ଗହଣାର ଆଦର ସାରା ବିଶ୍ୱରେ ରହିଛି। ଭାରତ ଗହଣାର ରପ୍ତାନି କରି ପ୍ରଚୁର ଡଲାର ଅର୍ଜନ କରୁଛି। ମହାନଗରଠାରୁ ଆରମ୍ଭ କରି ଛୋଟ ସହର ପର୍ଯ୍ୟନ୍ତ ଗହଣା ବ୍ୟବସାୟ କାୟାବିସ୍ତାର କରିଛି। ଏଠାରେ ଦୈନିକ ନୂଆ ନୂଆ ଡିଜାଇନ ଦେଖିବାକୁ ମିଳେ। ଏହି ଡିଜାଇନରେ ରହିଥିବା କଳାତ୍ମକତା ଏବଂ ଗଢ଼ଣରୁ ଯେକେହି ପ୍ରଭାବିତ ହେବେ। ଗହଣା ପ୍ରତି ମହିଳାଙ୍କ ଦୁର୍ବଳତା ସର୍ବଜନବିଦିତ ହୋଇଥିଲେ ହେଁ ଆଜିର ଦୁନିଆରେ ପୁରୁଷମାନେ ମଧ୍ୟ ଡିଜାଇନଯୁକ୍ତ ଗହଣା ପ୍ରତି ଆକର୍ଷିତ ହେଉଛନ୍ତି। ମୁଦି, ଚେନ୍, କଡ଼ା ଆଦିର ନୂଆ ଡିଜାଇନ ମଧ୍ୟ ବଜାରରେ ଉପଲବ୍ଧ ହେଲାଣି। କେହି କେବେ ଭାବିଛନ୍ତି କି ଏହି ନୂଆ ନୂଆ ଡିଜାଇନ ଆସୁଛି କେଉଁଠୁ ? ଦେଶରେ ଏଭଳି କିଛି ନାମୀଦାମୀ ଡିଜାଇନର ରହିଛନ୍ତି ସେମାନେ ଏବଂ ଅଜଣା ଗାଁଗଣ୍ଡାରେ ରହିଥିବା ଡିଜାଇନରମାନେ ହିଁ ଗ୍ରାହକଙ୍କୁ ନୂଆ ନୂଆ ଡିଜାଇନ ପରଷି ଦେଉଛନ୍ତି। ସେମାନଙ୍କ ପରିଶ୍ରମ କାରଣରୁ ଆଜି ଏହି କ୍ଷେତ୍ରରେ ଦୈନିକ ନୂଆ ଇତିହାସ ରଚନା କରାଯାଉଛି।

ଗହଣା ପିନ୍ଧୁଥିବା ପୁରୁଷ ହୁଅନ୍ତୁ ଅଥବା ମହିଳା କେବଳ ଗହଣା ଦୋକାନକୁ ମନେ ରଖନ୍ତି। ସେହି ଶୋ'ରୁମ୍‌ରେ ଭଳିକି ଭଳି ଡିଜାଇନର ଗହଣାକୁ ନେଇ ବେଶ୍ ଚର୍ଚ୍ଚା ମଧ୍ୟ କରନ୍ତି। ତେବେ ବାସ୍ତବରେ ଏହି ଡିଜାଇନକୁ ସେହି ଡିଜାଇନର ମାନେ ହିଁ ତିଆରି କରନ୍ତି ଯେଉଁମାନେ ପରଦା ଆଢୁଆଳରେ ରହିଯାଆନ୍ତି। ବର୍ଷସାରା ଗହଣାର ଚାହିଦା ଲାଗିରହିଛି। ଏହା ମଧ୍ୟ କୁହାଯାଇପାରେ ଯେ, ଚାହିଦା ବଢ଼ି ବଢ଼ି ଚାଲିଛି। କ୍ୟାରିୟର ଲାଗି ଏହା ଏକ ଭଲ କ୍ଷେତ୍ର କୁହାଯାଇପାରେ। କଳାତ୍ମକତା ପ୍ରଦର୍ଶନ ସହ ରୁଚିକର ତଥା ଯୁଗ ସହ ତାଳ ଦେଇ ଆଧୁନିକ ଡିଜାଇନର ଗହଣା ତିଆରି କରିବାର ଆହ୍ୱାନ ଏ କ୍ଷେତ୍ରରେ ରହିଛି। ଯେକୌଣସି ଇନଷ୍ଟିଚ୍ୟୁଟ୍‌ରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ଆପଣ ନିଜର କର୍ମକ୍ଷେତ୍ରରେ ପାଦ ଥାପି ପାରିବେ।

### ଜୁଏଲେରୀ ଡିଜାଇନିଂର ଇତିହାସ

ଗହଣା ନିର୍ମାଣ ଜଗତରେ ଜୁଏଲେରୀ ଡିଜାଇନ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ନୂଆ ହୋଇଥିଲେ ହେଁ ଗହଣା ଓ ଏହାର ନିର୍ମାଣ



କୌଶଳର ଉପଯୋଗ ପ୍ରାଚୀନ କାଳରୁ ହୋଇଆସୁଛି। ନିଜର ଉତ୍ପତ୍ତି ସମୟରୁ ମଣିଷ ଗହଣା ପ୍ରତି ଆକର୍ଷିତ ହୋଇଛି। ପ୍ରାରମ୍ଭରେ ପତ୍ରରେ ତିଆରି ମାଳ ଓ ମୁକୁଟ ପିନ୍ଧାଯାଉଥିଲା। ପରେ ପଥର ଓ ଏହା ପରେ ଧାତୁର ବ୍ୟବହାର ଆରମ୍ଭ ହେଲା। ସମୟକ୍ରମେ ସଭ୍ୟତା ବିକଶିତ ହେବା ସହିତ ସୁନା-ରୁପା ତଥା ହୀରା ଏବଂ ମୂଲ୍ୟବାନ ପଥର ଆବିଷ୍କାର ପରେ ଏହାକୁ ବ୍ୟବହାର କରି ଗହଣା ପ୍ରସ୍ତୁତ ହେବା ଆରମ୍ଭ ହେଲା। ଏଭଳି ଦେଖିଲେ ଜୁଏଲେରୀ ଡିଜାଇନ କାମ ହଜାର ହଜାର ବର୍ଷ ପୂର୍ବରୁ ଆରମ୍ଭ ହୋଇଯାଇଥିଲା।

ଧୀରେ ଧୀରେ ସମୟ ଅତିବାହିତ ହେଲା ଓ ବର୍ତ୍ତମାନ ଯୁଗର ଟେକ୍‌ନିକର ପ୍ରୟୋଗ ଆରମ୍ଭ ହେଲା। ଜୁଏଲେରୀ ଡିଜାଇନର ନୂଆ ନୂଆ କ୍ଷେତ୍ର ବିକଶିତ ହେବାକୁ ଲାଗିଲା ଏବଂ ସାରା ଦେଶରେ ଲକ୍ଷ ଲକ୍ଷ କାରିଗର ଏଦିଗରେ ଲାଗି ପଡିଲେ। ଦୈନିକ ନୂଆ ନୂଆ ଡିଜାଇନ ସାମ୍ନାକୁ ଆସିଲା। ଡିଜାଇନର ପ୍ରଚଳନ ଯୋଗୁ ଗହଣା ବ୍ୟବସାୟରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିଛି ଏବଂ ବର୍ତ୍ତମାନ ଏହା ସବୁଠାରୁ ମହଙ୍ଗା ବ୍ୟବସାୟରେ ପରିଣତ ହେଲାଣି। ଏହାର ଆଦର ବିଦେଶରେ ପହଞ୍ଚିଗଲାଣି ଏବଂ ବିଦେଶୀମାନେ ଭାରତୀୟ ଗହଣା ପ୍ରତି ଆକୃଷ୍ଟ ହେଲେଣି।

ଆଜିକାଲି ସୁନା, ରୁପାର ଗହଣା ମେଶିନରେ ତିଆରି ହେଲାଣି। ଯାହାକୁ କଷ୍ଟ୍ୟୁମ ଜୁଏଲେରୀ କୁହାଯାଉଛି। ଏହାଛଡା କମ୍ ମୂଲ୍ୟର ଧାତୁ ଅଥଚ ଦେଖିବାକୁ ସୁନ୍ଦର ଏଭଳି ଶସ୍ତା ସୁନ୍ଦର ମଜଭୁତ ଗହଣା ତିଆରି ହେବାରେ ଲାଗିଛି। ଏହାକୁ ସେମି ପ୍ରେସିୟସ ଜୁଏଲେରୀ କୁହାଯାଉଛି। ଏଥିରେ ଆର୍ଟ-କାରାଟ ଭଳି ଗହଣା ରହିଛି ଯେଉଁଥିରେ ନିଲମ, ମୋତି, ଶଙ୍ଖ, ସୁନ୍ଦର ପଥରକୁ ବ୍ୟବହାର କରାଯାଉଛି।

### ଜୁଏଲେରୀ ଡିଜାଇନ କୋର୍ସ

ଏହି କୋର୍ସରେ ସୁନା-ରୁପା ତଥା ଅନ୍ୟ ମୂଲ୍ୟବାନ ଧାତୁ ଗହଣାର ସୁନ୍ଦର ତଥା ଆକର୍ଷଣୀୟ ଡିଜାଇନ ପ୍ରସ୍ତୁତ କରିବା ଶିଖାଯାଏ। ଏହାଛଡା ମୁଗା, ମୋତି, ପାନ୍ନା, ନିଲମ ଆଦି ଗ୍ରହପଥରକୁ ଚିହ୍ନି ଏହାକୁ ତିଆରି କରିବା ଏବଂ ଧାତୁରେ ଏହାକୁ ଲଗାଇବା ଶିଖା ଯାଏ। ଏହାଛଡ଼ା ଗହଣାରେ ବ୍ୟବହୃତ ହେଉଥିବା ଅନେକ ପ୍ରକାର ଧାତୁ ସମ୍ପର୍କରେ ଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯାଏ। କାରଣ ଗହଣା କେବଳ ସୁନା ଓ ରୁପାର ତିଆରି ହୁଏ ନାହିଁ ବରଂ ପିତ୍ତଳ, ଆଲୁମିନିୟମ, ତମ୍ବା, ଷ୍ଟିଲ୍, ନିକେଲ, ଗିଲଟ ଆଦିର ତିଆରି କରାଯାଏ। ସିଲାବସ ଅନୁଯାୟୀ ପାଠ ପଢ଼ାଯିବା ସହ ପ୍ରୋଜେକ୍ଟ ଆସାଇନ୍‌ମେଣ୍ଟ ଦିଆଯାଏ ଏବଂ କ୍ରାଫ୍ଟ ଡକ୍ୟୁମେଣ୍ଟେଶନ ଦ୍ୱାରା ପ୍ରଶିକ୍ଷଣ ଦିଆଯାଏ। ବଡ଼ ସଂସ୍ଥାରେ ପ୍ରଶିକ୍ଷଣର ଅନ୍ତିମ ଚରଣରେ କୌଣସି ଗହଣା ନିର୍ମାତାଙ୍କ ନିକଟରେ ଛାତ୍ରୀଛାତ୍ରଙ୍କୁ ବ୍ୟବହାରିକ ଜ୍ଞାନ ମଧ୍ୟ ଦିଆଯାଏ। କୋର୍ସ ସମ୍ପୂର୍ଣ୍ଣ ହେବା ପରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ଡିଜାଇନ ହୋଇଥିବା ଗହଣାକୁ କୌଣସି ବଡ଼ ଗହଣା ନିର୍ମାତାଙ୍କ ସହଯୋଗରେ ହୋଇଥିବା ପ୍ରଦର୍ଶନୀରେ ପ୍ରଦର୍ଶିତ କରାଯାଏ।

### କିପରି ଡିଜାଇନ ହୁଏ

ଜଣେ ଜୁଏଲେରୀ ଡିଜାଇନର ଗହଣା ଡିଜାଇନ କରିବା ପୂର୍ବରୁ ପ୍ରଥମେ କଳ୍ପନାରେ ଏହାର ଏକ ସ୍କେଚ୍ ପ୍ରସ୍ତୁତ କରି କାଗଜରେ ରୂପ ଦେଇଥାନ୍ତି। ପରେ ଏଥିରେ ଯୋଡିବା ଅବା ବାଦ୍ ଦେବା ପ୍ରକ୍ରିୟା ଚାଲେ। ଏହି କାରଣରୁ ଜଣେ ଡିଜାଇନର ଭଲ ସ୍କେଚ୍ ଆର୍ଟିଷ୍ଟ ହେବାକୁ ପଡିବ। ଆଜିକାଲି କମ୍ପ୍ୟୁଟରରେ ମଧ୍ୟ ଡିଜାଇନ ତିଆରି କରାଯାଉଛି। ଏହାଛଡା ଗହଣା ନିର୍ମାତା ଏବଂ କିଛି ଅନ୍ୟ ଲୋକଙ୍କୁ ଦେଖାଇ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହେବା ପରେ ହି ଗୋଟିଏ ଡିଜାଇନକୁ ଫାଇନାଲ କରାଯାଏ।

### ପ୍ରବେଶ

ଜୁଏଲେରୀ ଡିଜାଇନିଂରେ ପ୍ରବେଶ ଲାଗି ବଡ଼ ଏବଂ ଖ୍ୟାତିପ୍ରାପ୍ତ ସଂସ୍ଥାରେ ମାନସିକ ଦୃଢ଼ତା ପରୀକ୍ଷା ତଥା କ୍ରିଏଟିଭ ଆବିଲିଟି ସିଚ୍ୟୁଏଶନ ଟେଷ୍ଟ ଦେବାକୁ ପଡେ। ଏହା ପରେ ଇଣ୍ଟରଭ୍ୟୁରେ ସଫଳ ହେବା ପରେ ହିଁ ଜଣଙ୍କୁ ପାଠ ପଢ଼ିବା ଲାଗି ପ୍ରବେଶ ମିଳେ। ଏହି ପାଠ୍ୟକ୍ରମରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ହୋଇଥାଏ। ଏହାଛଡା ଘରୋଇ ଇନଷ୍ଟିଚ୍ୟୁଟ୍‌ରୁ ପାଠ ପଢ଼ି ଜଣେ ସଫଳ ବ୍ୟବସାୟୀ ହୋଇପାରିବ। ଏଥିରେ ପ୍ରବେଶ ଲାଗି ଜଣେ ଛାତ୍ରୀ/ଛାତ୍ରଙ୍କୁ ଦ୍ୱାଦଶ ଶ୍ରେଣୀରେ ୫୫ରୁ ୬୦ ପ୍ରତିଶତ ମାର୍କ ରଖିବାକୁ ପଡିବ।

### କୋର୍ସ ଅବଧି

ଜୁଏଲେରୀ ଡିଜାଇନ ସମ୍ପର୍କିତ ପାଠ୍ୟକ୍ରମର ଅବଧି ଭିନ୍ନ ଭିନ୍ନ ହୋଇଥାଏ। କାରଣ ବିଭିନ୍ନ ସଂସ୍ଥା ଏଥିପାଇଁ ନିଜସ୍ୱ ଅବଧି ଚୟନ କରିଥାନ୍ତି। ଏହା ୪ ମାସରୁ ଆରମ୍ଭ ହୋଇ ୪ ବର୍ଷ ଯାଏ ଶିକ୍ଷା ନିଆଯାଇପାରେ।

### ଆୟ

ଭଲ ଇନଷ୍ଟିଚ୍ୟୁଟ୍‌ରୁ ଉକ୍ତ କୋର୍ସ କରିଥିଲେ ଆରମ୍ଭରୁ ୭ ହଜାରରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ବେତନ ମିଳିଥାଏ। ଏହା ପରେ ଯୋଗ୍ୟତା ଓ ଅଭିଜ୍ଞତା ଆଧାରରେ ଦରମା ବଢ଼େ। ଅଭିଜ୍ଞତା ଆଧାରରେ ୫୦ ହଜାର ବା ତତୋଽଧିକ ବେତନ ମିଳିବାର ସମ୍ଭାବନା ରହିଛି। ଏହା ଏଭଳି ଏକ କ୍ଷେତ୍ର ଯେଉଁଠି ଅଭିଜ୍ଞତା ହାସଲ ପରେ ପ୍ରଚୁର ଅର୍ଥ ରୋଜଗାର କରିବାର ସୁଯୋଗ ରହିଛି। ଜୁଏଲେରୀ ଡିଜାଇନିଂ ଗହଣା ବ୍ୟବସାୟର ମେରୁଦଣ୍ଡ କୁହାଯାଏ। କିଛି ଡିଜାଇନର ସ୍ୱତନ୍ତ୍ର ଭାବେ କାମ କରନ୍ତି। ସେମାନେ ଗୋଟିଏ ଷ୍ଟାର ପରେ ଲକ୍ଷ ଲକ୍ଷ ଟଙ୍କା ଆୟ କରନ୍ତି।

## ଜୁଏଲେରୀ ଇନ୍‌ଷ୍ଟିଚ୍ୟୁଟ୍

୧) ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫ୍ୟାଶନ ଟେକ୍ନୋଲୋଜି, ହୌସ୍‌ଖାସ୍, ନୂଆଦିଲ୍ଲୀ
୨) ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ, ପାଲଡି, ଅହମ୍ମଦାବାଦ
୩) ଜେଡି ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି, ୩୯, ଦର୍ଯାଚା ବିଲଡିଂ, ହୌସ୍‌ଖାସ୍ ଭିଲେଜ, ନୂଆଦିଲ୍ଲୀ
୪) ଆପିଜେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ, ନୂଆଦିଲ୍ଲୀ
୫) ସାଉଥ ଦିଲ୍ଲୀ ପଲିଟେକ୍ନିକ୍ ଫର୍ ଓମେନ, ନୂଆଦିଲ୍ଲୀ
୬) ଏକାଡେମୀ ଅଫ୍ ଫ୍ୟାଶନ ଷ୍ଟଡିଜ, ନୂଆଦିଲ୍ଲୀ
୭) ଜୁଏଲେରୀ ଡିଜାଇନ ଆଣ୍ଡ୍ ଟେକ୍ନୋଲୋଜି ଇନଷ୍ଟିଚ୍ୟୁଟ୍, ନୋଇଡା, ୟୁପି
୮) ଜେମ୍ସ ଆଣ୍ଡ୍ ଜୁଏଲେରୀ ଏକ୍ସପୋର୍ଟ ପ୍ରମୋଶନ କାଉନସିଲ୍ , ଜୟପୁର, ରାଜସ୍ଥାନ
୯) ଜେ.କେ. ଡାଏମଣ୍ଡସ ଇନଷ୍ଟିଚ୍ୟୁଟ୍ ଅଫ୍ ଜେମ୍ସ ଆଣ୍ଡ୍ ଜୁଏଲେରୀ, ମୁମ୍ବାଇ, ମହାରାଷ୍ଟ୍ର


**WANTED**
VIGEN INDIA required Male/ Female candidates for office Job in Nayapalli and Lewis Road Branch. **Age:** 20-30. **Edu:** 10th to Graduate.
Contact: 9348916882

**SALES MAN WANTED**
A reputed Shoe Show Room at Puri requires Salesman. **Qualification:** 10th above.
Contact: 9040199889

**DRIVER REQUIRED**
12/14 ଚକିଆ Truck ଏବଂ Fly Ash Bulker/Tanker ଚଳାଇବା ପାଇଁ ଅନ୍ୟୂନ 5 ବର୍ଷର Experience ଥିବା Driver ଆବଶ୍ୟକ। Salary best in Industries.
Contact: 9090848325

**WANTED**
ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କଲେଜ ନିମନ୍ତେ ବସ୍ ଡ୍ରାଇଭର/ କାର ଡ୍ରାଇଭର/ ପିଅନ ଓ ହାଉସକିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
**BIMSR,** 1480, IRC Village, Bhubaneswar.
9040009727, 8456845313

**RALLIS INDIA LTD**
REQUIRED
Post : CROP ADVISOR(03)
Job Profile : Sales & Marketing (Agrochemicals)
Salary : Rs.12,000 - 14,000
Send Biodata : ajayk.singh@rallis.co.in
Last Date : 22.11.18.
Contact: 9439511339, 6370377100

**GRAPHIC DESIGNER**
**DTP OPERATOR**
**OFFICE ASST.** | **PEON**
Walk in Interview
( 23.11.2018 , 11am to 2pm )
MCPL ,#31 Gautam Nagar ,1st Floor, BBSR. Ph : 8249416516
need only male candidates

**REQUIRED**
• **SALES BOY** for Office & Godown work (Undermatric)
• **DRIVER** for private vehicles.
**H.R. Trading Co.,** 57, Budha Nagar, Near Kalpana Sqr., BBSR - 06, Ph : 0674-2310921

**WANTED TEACHERS**
A leading Play School in Sisupalagarh, Bhubaneswar requires Pre-Primary Teachers (Female) 03 (Three Numbers). Freshers may apply.
Contact
9178086321, 9348487933

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
**Rs. 18000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ଓଡ଼ିଶାର ବିଭିନ୍ନ ହାଇସ୍କୁଲ ପାଇଁ **କମ୍ପ୍ୟୁଟର ଶିକ୍ଷକ** ଆବଶ୍ୟକ। **ଯୋଗ୍ୟତା:** +3, PGDCA, ଦରମା: ଟ.୧୨,୦୦୦/-। ବିଭିନ୍ନ କମ୍ପାନୀ ପାଇଁ ITI, Diploma, Degree ପ୍ରାର୍ଥୀ ଆବଶ୍ୟକ।
India Jobs & Services.
8117853127, 7992880344, 9090409265

**EXIDE LIFE INSURANCE IS HIRING !**
We invite you to be part of a winning performance culture
**ROLE : BRANCH MANAGER & AGENCY DEVELOPMENT MANAGER**
Eligibility : Graduate with min. 3 years of Experience in Life Insurance.
Salary : As per the Industry + Variable
Location : Puri, Kendrapara, Angul, Baripada, Jajpur, Jharsuguda, Aska (Near Berhampur)
Interested Candidates can call on
**8908022111/ 9748686600**
**Email : jayati.basu@exidelife.in**
Exide Life Insurance Company Limited
(Formerly known as ING Vysya Life Insurance Company Limited), CIN: U66010KA2000P-LC028273. Registered office: 3rd floor, JP Techno Park, No.3/1, Millers Road, Bengaluru- 560001, India. Toll Free : 18004198228, visit : exidelife.in

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। **ଦରମା:** 25,000/-, **ଶିକ୍ଷାଗତ ଯୋଗ୍ୟତା:** 8th to 10th & above.
Contact:
8339922964

ଭୁବନେଶ୍ୱରରେ ରହି କାମ କରିବା ପାଇଁ **Computer Operator** ସହିତ **Screen Printing** ଜାଣିଥିବା ମହିଳା ପ୍ରାର୍ଥିନୀ ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ରହିବାର ସୁବିଧା ଅଛି।
Walk in Interview
( 19 & 23 Nov.'18 , 11am to 2pm )
MCPL ,#31 Gautam Nagar ,1st Floor, BBSR. Ph : 8249416516

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**WANTED**
ଧରିତ୍ରୀ DHARITRI Oriya daily is looking for
**OFFICE ASSISTANTS**
• Required Intermediate male candidates having 1-2 yrs. experience in assisting administration team.
Apply immediately to :
recruitment@dharitri.com
Attractive salary commensurate with experience

**REQUIRES SALES EXECUTIVE**
Graduates having smart and dynamic personality with 2 to 3 years experience in sales and collection for Bhubaneswar location may apply.
Salary: (Negotiable+TA+Incentive)
Mobile : 7077799953, Email : rs.jagannath@gmail.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ବାଲେଶ୍ୱର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। **ଯୋଗ୍ୟତା:** 10th/ above. Monthly Salary upto Rs.25000/-.
Contact: 9938676412

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319945331

**URGENTLY REQUIRED**
SAVhome.in (A Unit of SAVson Solutions Pvt. Ltd)
**Marketing Executive** for Bhubaneswar
**Qualification:** Any Graduate
**Salary:** 5,000/- to 10,000/- + Incentive
Walk In Interview
17.11.2018 (Sunday), 10 A.M. to 5 P.M.
E-mail: career@savhome.in
Plot-75, Saptasati Vihar, Near Saptasati Temple, Palasuni, BBSR-25, Phone: 8117-8118-13

**WANTED**
**SALES / MARKETING EXECUTIVE**
**For Sales & Marketing of Industrial Products**
**LOCATION – GANJAM & BALANGIR, ODISHA**
**Job Responsibilities:** Increasing customer base, identity and develop new opportunities, service existing clients, market monitoring.
**Candidate's Requirements:**
- Minimum Qualification Required – Graduate in any Stream.
- Experience in Marketing of Industrial Product & field visit will be preferred.
- Only local candidate with own bike will be preferred.
- Possess Marketing & Communication Skills & hard worker.
- Language should be known Hindi, English & Oriya.

Please Contact: **7631999639, 7631999266** Or Interested Candidates send their CV with recent photograph on **hr@purohitconveyor.com**

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately
Mob: 8763257042

**REQUIRED**
• **MARKETING BOY** for BATHROOM FITTINGS.
• **ACCOUNTANT** with exp. of Tally 9.
**H.R. Trading Co.,** 57, Budha Nagar, Near Kalpana Sqr., BBSR - 06, Ph : 0674-2310921, mail : hrtrading.co.in@gmail.com

ଭୁବନେଶ୍ୱରରେ ଘରୋଇ ରୋଷେଇ ପାଇଁ ରୋଷେୟା(COOK) ପୁରୁଷ / ମହିଳା ଆବଶ୍ୟକ ଏବଂ ଘରୋଇ ବଗିଚା ପାଇଁ ଭୁବନେଶ୍ୱରରେ PART TIME ମାଳୀ ଆବଶ୍ୟକ।
ଯୋଗାଯୋଗ: ୯୯୩୭୨୦୩୧୭୮


## ADVERTISEMENT

### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH
### DISTRICT HEALTH SOCIETY, BARGARH

**No.: 10086/NHM/2018** **Date: 15.11.2018**

**Walk-in-Interview** will be conducted as mentioned below for **empanelment of Part Time Specialists - O&G/Paediatric/Medicine/Psychiatric/Nutritionist/ Ophthalmology/Dental/ENT/Skin & VD** to be engaged in **AMA CLINIC at UPHC** in Bargarh Municipality area on part time basis and subject to approval as per terms & conditions of OSH&FWS, Odisha or Zilla Swasthya Samiti, Bargarh.

| Name of the Post | No. of Vacancy | Remuneration | Date of Registration / Interview |
|---|---|---|---|
| Part Time O&G Specialist | 2 | Rs.1250/- per Session (First or Second Session) Rs.2500/- per Day | Walk-in-Interview on Dt.28.11.2018 at 10.00 A.M. |
| Part Time Paediatric Specialist | 2 | | |
| Part Time Medicine Specialist | 2 | | |
| Part Time Ophthalmology Specialist | 2 | | |
| Part Time Dental Specialist | 2 | | |
| Part Time ENT Specialist | 2 | | |
| Part Time SKIN & VD Specialist | 2 | | |
| Part Time Psychiatric Specialist | 1 | For Psychiatric Specialist Rs.1250/- per Session (First or Second Session) Rs.2500/- per Day; For Clinical Psychologist Rs.1000/- per Day | |
| Part Time Nutritionist Specialist | 1 | Rs.1000/- per Day | |

** Days & Time of Service: Fixed day assured specialist service will be provided in the UPHC OPD/Outreach services (when required). OPD will be opened once in a week from 8 A.M. to 11 A.M. and 5 P.M. to 8 P.M. (6 hours a day), 4 days in a month per UPHC. Separate OPD register will be maintained for specialist service.

The interested candidates for the aforesaid posts may attend the **Walk-in-Interview at Office of the CDM&PHO, Bargarh on Dt.28.11.2018 at 10.00 A.M.** (registration for the same will be started from 10.00 A.M. to 12.00 Noon) along with their bio-data in specified format (same as application form) and attested photocopies of required testimonials along with original documents for verification. After due time no registration will be accepted. The details of eligibility criteria, remunerations & application form can be downloaded from the official website of Bargarh district i.e. **www.bargarh.nic.in**. Incomplete application in any form will be summarily rejected. The undersigned reserves the right to cancel any or all applications without assigning any reason thereof. No personal inquiry shall be entertained.

**Sd./- Chief District Medical & Public Health Officer, Bargarh**

## PARADIP PORT TRUST

PARADIP - 754142, ODISHA (INDIA)
(An autonomous body under Ministry of Shipping, Govt. of India)
SAGARMALA PORT-LED PROSPERITY

**No. AD/RSC-I-21/66/2011/3976** **Dated, the 5th Nov., 2018**

### ADVERTISEMENT

Applications are invited from Indian Nationals for filling up following **Class-I posts** on **absorption / deputation** basis in Paradip Port Trust.

1. Dy. C.M.O (Surgery)
2. Dy. C.M.O. (Obstetrics & Gynaecology)
3. Dy. C.M.O. (Pediatrics)
4. Dy. C.M.O. (Orthopaedic)
5. Dy. C.M.O. (Pathology)
6. Dy. C.M.O. (Anesthesiology)

For further details, refer to our website **www.paradipport.gov.in**

*PPT/PR/462/18-19 Dt.12.11.2018* **Secretary**

## OFFICE OF THE CHAIRMAN, DLSA, DHENKANAL

**Dated, 15th day of November, 2018**

**Walk-In-Interview**

Willing and eligible retired Court/ Govt. Employees are required to attend Walk-In-Interview for engagement in the Post of one Stenographer and one Head Clerk on contract basis and **may attend on 01.12.2018 at 3.00 PM in the Civil Court Premises, Dhenkanal.** The candidate(s) is/are required to remain present **before 1.00 PM** on the said date with the original and other requisite documents in the **ADR, Building near old S.P. office, Dhenkanal** for verification of documents for the purpose of interview. **N.B.: For Format of Application, Eligibilities of the candidates, Age, List of Documents and other details may visit the link below. https://districts.ecourts.gov.in/dhenkanal and www.dhenkanal.nic.in.**

**Sd./- Sri Taraprasad Rath**
**Chairman**
**District Legal Services Recruitment Committee, Dhenkanal**


**SWETA SUPER BAZAR**
required experienced Cashier/ Computer Operator, Salesman.
7008731441

**ଆବଶ୍ୟକତା**
**ଶିପିଂ କମ୍ପାନୀରେ**
ଦଶମ, ଦ୍ୱାଦଶ ଏବଂ ସ୍ନାତକ ପ୍ରାର୍ଥୀଙ୍କର ତାଲିମ ପରେ କ୍ୟାରିୟର ଆରମ୍ଭ କରନ୍ତୁ
25,000ରୁ 35,000 ଦରମା + ଅନ୍ୟାନ୍ୟ ସୁବିଧା ସହିତ
ବୟସ:- 18 ରୁ 25 ବର୍ଷ
ଯୋଗାଯୋଗ- 08766655532
ଇମେଲ: careerpoint821@gmail.com

**SWIGGY REQUIRES**
Work Full Time/ Part Time with Swiggy as a **DELIVERY EXECUTIVE** (Bike and DL) and **earn up to 12000 - 25000 / month** (Incentives and Insurance worth 6 lakhs extra).
**Walk-in at Swiggy office at**
**Gulmohar Building,** Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
**or give a missed call or call us on**
**011 30017619**


## ଭାରତୀୟ ରିଜର୍ଭ ବ୍ୟାଙ୍କ୍ ସର୍ଭିସେସ୍ ବୋର୍ଡ, ମୁମ୍ବାଇ

www.rbi.org.in

**ବିଜ୍ଞାପନ ସଂଖ୍ୟା. ୪/୨୦୧୮-୧୯**

୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| ପଦବୀ | ଖାଲିଥିବା ସ୍ଥାନ |
|---|---|
| ଗବେଷକ ପଦବୀ ନିମନ୍ତେ ପି.ଏଚ୍‌ଡି. (Ph.D.) ଗ୍ରେଡ୍ 'ବି' | ୧୪ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in) ରେ ଅକ୍ଟୋବର ୩୦, ୨୦୧୮ରେ ପ୍ରକାଶିତ ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀ ଗୁଡିକ ପାଇଁ କେବଳ ଅନଲାଇନ୍ ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।

**୩. ଗୁରୁତ୍ୱପୂର୍ଣ୍ଣ ତାରିଖ :**

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ-ଅନଲାଇନ୍ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ୍ (fees)/ସୂଚନା ଦେୟ ପ୍ରଦାନ ନିମନ୍ତେ | ଅକ୍ଟୋବର ୩୦, ୨୦୧୮ ରୁ ନଭେମ୍ବର ୩୦, ୨୦୧୮ |
| ନିର୍ଦ୍ଧାରିତ ଫିସ୍ (fees) ସହିତ ଅନଲାଇନ୍ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ | ନଭେମ୍ବର ୩୦, ୨୦୧୮ |


ଦ୍ରଷ୍ଟବ୍ୟ : ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍ ରେ ପ୍ରକାଶିତ ହେବ।

See Career Appointment on every Wednesday & Saturday

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

$ Dollar 71.93 (4) | Sensex 196.62 35,457.16 | Nifty 65.50 10,682.20 | Gold ₹235 32,015.00 | Silver ₹450 37,900.00

କମ୍ ଖର୍ଚ୍ଚରେ ଭଲ ସଡ଼କ ନିର୍ମାଣ ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।
– ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ



ଗ୍ରାହକମାନେ ଦିନକୁ ଦିନ ସ୍ୱାସ୍ଥ୍ୟ ସଚେତନ ହେଉଥିବାରୁ ଆମେ ଖାଦ୍ୟ ତଥା ପାନୀୟ ସେଗମେଣ୍ଟରେ ଭଲ ଅଭିବୃଦ୍ଧି କରୁଛୁ।
– ଟାଟା ସନ୍ସ, ବ୍ରାଣ୍ଡ କଷ୍ଟୋଡିଆନ୍



## ସଂକ୍ଷେପରେ

### ପିଏନ୍‌ବିର ପୂର୍ବତନ ଅଧିକାରୀଙ୍କ ବିରୋଧରେ ମାମଲା

ନୂଆଦିଲ୍ଲୀ,୧୬-୧୧: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ପୂର୍ବତନ ଡେପୁଟି ମ୍ୟାନେଜର ଗୋକୁଳନାଥ ସେଟ୍ଟିଙ୍କ ବିରୋଧରେ ସିବିଆଇ ପକ୍ଷରୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ଦାଏର କରାଯାଇଛି। ସେ ନୀରବ ମୋଦି ମହାଦୁର୍ନୀତି ମାମଲାରେ ଅନ୍ୟତମ ଅଭିଯୁକ୍ତ ରହିଛନ୍ତି। ମୁମ୍ବାଇସ୍ଥିତ ସିବିଆଇର ଦୁର୍ନୀତି ବିରୋଧୀ ଶାଖା ପକ୍ଷରୁ ସେଟ୍ଟି, ତାଙ୍କ ପତ୍ନୀ ଆଶାଲତାଙ୍କ ବିରୋଧରେ ମାମଲା ଦାଏର କରାଯାଇଛି। ଏହି ଦମ୍ପତି ୨୦୧୧ ଏପ୍ରିଲ ପହିଲାରୁ ୨୦୧୭ ମେ ୩୧ ମଧ୍ୟରେ ୨.୬୩ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ ବୋଲି ସିବିଆଇ ଅଭିଯୋଗ କରିଛି।

### ମିଶିଯିବେ ମିନ୍ତ୍ରା-ଜବଙ୍ଗ

ନୂଆଦିଲ୍ଲୀ,୧୬-୧୧: ଅନଲାଇନ ଫ୍ୟାଶନ ରିଟେଲର ମିନ୍ତ୍ରା ଏହାର ସହଯୋଗୀ କମ୍ପାନୀ ଜବଙ୍ଗକୁ ନିଜ ସହ ମିଶାଇ ଦେବ ବୋଲି ଶୁକ୍ରବାର ପ୍ରକାଶ କରିଛି। ତେବେ ଦୁହେଁ ସ୍ୱତନ୍ତ୍ର ଭାବେ ବ୍ୟବସାୟ କରିବେ। ଅନ୍ୟପକ୍ଷରେ ମିନ୍ତ୍ରାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନନ୍ତ ନାରାୟଣନ ମିଶ୍ରଣ ପରେ ଏହାର ନେତୃତ୍ୱ ନେବେ। ସୂଚନାଥାଉ କି, ୨୦୧୪ରେ ଫ୍ୟାଶନ ପୋର୍ଟାଲ ମିନ୍ତ୍ରାକୁ ଫ୍ଲିପ୍‌କାର୍ଟ ଅଧିଗ୍ରହଣ କରିଥିଲା। ଏହା ପରେ କମ୍ପାନୀ ୨୦୧୬ରେ ଜବଙ୍ଗକୁ ନିଜର ସହଯୋଗୀ କମ୍ପାନୀ ଭାବେ ନେଇଥିଲା। ଏହି ମିଶ୍ରଣ ପରେ ମିନ୍ତ୍ରା ଓ ଜବଙ୍ଗ ନିଜର ବ୍ୟବସାୟରେ ପରିବର୍ତ୍ତନ ଆଣିବେ ଏବଂ ବ୍ୟବସ୍ଥାକୁ ସୁଦୃଢ଼ କରିବେ ବୋଲି ମିନ୍ତ୍ରା ପକ୍ଷରୁ କୁହାଯାଇଛି।

### ଟେଲିଫୋନ ବିଲ୍‌ର ପ୍ରିଣ୍ଟଆଉଟ୍ ବିକଳ୍ପ ଖୋଜୁଛି ଟ୍ରାଇ

ନୂଆଦିଲ୍ଲୀ,୧୬-୧୧: ଟେଲିଫୋନ ଉଦ୍ୟୋଗର ନିୟନ୍ତ୍ରକ କୁହାଯାଉଥିବା ଭାରତୀୟ ଦୂରସଞ୍ଚାର ବିନିୟାମକ ପ୍ରାଧିକରଣ(ଟ୍ରାଇ) ପୋଷ୍ଟପେଡ୍ ଟେଲିଫୋନ ବିଲ୍ ଛପାର ବିକଳ୍ପ ଖୋଜିବା ଆରମ୍ଭ କରିଛି। ଏହାକୁ ନେଇ ଲୋକଙ୍କଠାରୁ ପରାମର୍ଶ ମଗାଯାଇଛି। ଇଲେକ୍ଟ୍ରୋନିକ ମାଧମରେ ବିଲ୍ ପଠାଇବାର ବ୍ୟବସ୍ଥା ଆପଣାଇବା ଉଦ୍ଦେଶ୍ୟରେ ନିୟମ ପ୍ରଣୟନ କରିବାକୁ ଟ୍ରାଇ ଚାହୁଁଛି। ଏହାଦ୍ୱାରା କାଗଜ ସଞ୍ଚୟ ହେବା ସହିତ ଦୈନିକ ଲକ୍ଷ ଲକ୍ଷ ଗଛ କଟାକୁ ରୋକାଯାଇପାରିବ। ଫଳରେ ପରିବେଶ ସନ୍ତୁଳନକୁ ରକ୍ଷା କରାଯାଇପାରିବ। ଆଜିକାଲି ସ୍ମାର୍ଟଫୋନରେ ଡାଟା ଉପଯୋଗ ଯେଭଳି ଭାବେ ବଢ଼ିଚାଲିଛି ଇଲେକ୍ଟ୍ରୋନିକ ବିଲ୍ ପଠାଇବା ବ୍ୟବସ୍ଥା ଅଧିକ ତର୍କସଙ୍ଗତ ଲାଗୁଛି। ଏଥିପୂର୍ବରୁ ପୋଷ୍ଟପେଡ ଉପଭୋକ୍ତାଙ୍କୁ ବିଲ୍ ଦେବା ଲାଗି ଟ୍ରାଇ ଟେଲିକମ ଅପରେଟରଙ୍କୁ ନିର୍ଦ୍ଦେଶ ଦେଇଥିଲା।

# କଟିଯିବ କୋଟିଏ ଏଲ୍‌ପିଜି ସଂଯୋଗ

ନୂଆଦିଲ୍ଲୀ,୧୬-୧୧



- ବାଧ୍ୟତାମୂଳକ ଥିଲେ ସୁଦ୍ଧା ଗ୍ରାହକ ଦେଇନାହାନ୍ତି କେୱାଇସି
- ଦାଖଲ ଲାଗି ଚଳିତ ମାସ ୩୦ ପର୍ଯ୍ୟନ୍ତ ସୁଯୋଗ
- ଡିସେମ୍ବର ପହିଲାରୁ ଗ୍ରାହକଙ୍କୁ ମିଳିବନି ଗ୍ୟାସ୍
- କେୱାଇସି ଦେବେ ସଂଯୋଗ ଛାଡିଥିବା ଗ୍ରାହକ

ପେଟ୍ରୋଲିୟମ ମନ୍ତ୍ରଣାଳୟ ଚଳିତ ବର୍ଷ ଡିସେମ୍ବର ପହିଲାରୁ ୧ କୋଟି ଏଲ୍‌ପିଜି ଗ୍ରାହକଙ୍କ ସଂଯୋଗ କାଟିବାକୁ ସ୍ଥିର କରିଛନ୍ତି। ଅଭିଯୋଗ ଯେ, ବହୁ ଗ୍ରାହକ ଡିଲରଙ୍କ ନିକଟରେ ସେମାନଙ୍କ 'ନୋ ୟୋର କଷ୍ଟମର' ବା କେୱାଇସି ଦାଖଲ କରିନାହାନ୍ତି। ସରକାର ଏଥିପାଇଁ ଏଲ୍‌ପିଜି ଗ୍ରାହକଙ୍କୁ ଚଳିତ ବର୍ଷ ନଭେମ୍ବର ୩୦ ଯାଏ ସମୟ ଦେଇଛନ୍ତି। ଏହି ତାରିଖ ସୁଦ୍ଧା କେୱାଇସି ଦାଖଲ ହୋଇ ନ ଥିଲେ ଡିସେମ୍ବର ପହିଲାରୁ ଗ୍ରାହକଙ୍କୁ ଆଉ ଗ୍ୟାସ୍ ଦିଆଯିବ ନାହିଁ।

ଉଲ୍ଲେଖଥାଉ କି, ଡିସେମ୍ବର ପହିଲା ସୁଦ୍ଧା କେୱାଇସି ଅନ୍ତର୍ଗତରେ ଆଧାର ନମ୍ବର ଜମା କରି ନ ଥିବା ଗ୍ରାହକଙ୍କ ସମ୍ପର୍କରେ ତଥ୍ୟ ଦେବାକୁ କେନ୍ଦ୍ର ସରକାର ସମସ୍ତ ତୈଳ ବିପଣନ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇସାରିଛନ୍ତି। ଏହାଛଡ଼ା 'ଗିଭ୍ ଇଟ୍ ଅପ୍' ସ୍କିମ୍‌କୁ ଆପଣାଇଥିବା ଗ୍ରାହକଙ୍କ ସମ୍ପର୍କରେ ମଧ୍ୟ ସରକାର ଜାଣିବାକୁ ଚାହିଁଛନ୍ତି। ସେମାନେ କେୱାଇସି ଦାଖଲ କଲେ ଜାଲ୍ ଗ୍ରାହକଙ୍କୁ ସହଜରେ ଧରିହେବ। ସେମାନେ ସବ୍‌ସିଡିରୁ ବାଦ୍ ପଡିବେ। ସରକାରଙ୍କ ଅର୍ଥ ବାଟମାରଣା ହୋଇପାରିବ ନାହିଁ। ଏହାଦ୍ୱାରା ପ୍ରକୃତ ହିତାଧିକାରୀଙ୍କୁ ଏଲ୍‌ପିଜି ଗ୍ୟାସ୍ ସଂଯୋଗ ମିଳିପାରିବ। ସୂଚନାଥାଉ କି, ୩ ବର୍ଷ ପୂର୍ବେ ସରକାର ଗ୍ୟାସ୍ ସଂଯୋଗ ଲାଭାର୍ଥୀଙ୍କୁ ବ୍ୟାଙ୍କ ଖାତା ସହ ଯୋଡିବା ଯୋଜନା ଆରମ୍ଭ କରିଥିଲେ। ଏହାଦ୍ୱାରା ସବ୍‌ସିଡିକୁ ସିଧାସଳଖ ସେମାନଙ୍କ ଖାତାରେ ପହଞ୍ଚାଇ ଦେଇହେଉଛି। ତେବେ ଦେଖିବାକୁ ମିଳିଛି ଯେ, ଏଲ୍‌ପିଜି ଗ୍ୟାସ ସଂଯୋଗ ନେଇଥିବା ଅଧିକାଂଶ ଗ୍ରାହକ ସେମାନଙ୍କ କେୱାଇସି ଡିଲରଙ୍କ ନିକଟରେ ଦାଖଲ କରିନାହାନ୍ତି। ଫଳରେ ସେମାନେ ଗ୍ୟାସ୍ ସବ୍‌ସିଡିରୁ ବଞ୍ଚିତ ହେଉଛନ୍ତି। ଏହାଛଡା ବାର୍ଷିକ ୧୦ ଲକ୍ଷ ଟଙ୍କା ବା ଏହାଠାରୁ ଅଧିକ ଆୟକାରୀ ମଧ୍ୟ ଏଲପିଜି ସବ୍‌ସିଡିର ଫାଇଦା ନେଉଛନ୍ତି। ସେମାନେ ନିଜର କେୱାଇସିର ଅପ୍‌ଡେଟ ବା ସଂଶୋଧନ କରିନାହାନ୍ତି। ଏଭଳି ଗ୍ରାହକଙ୍କ ସଂଖ୍ୟା ଦିଲ୍ଲୀ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରେ ଅଧିକ ଦେଖିବାକୁ ମିଳିଛି। କେୱାଇସି ଲାଗି ଗ୍ରାହକ ତାଙ୍କର ଆଧାର, ଡ୍ରାଇଭିଂ ଲାଇସେନ୍ସ, ଲିଜ୍ ଏଗ୍ରିମେଣ୍ଟ, ଭୋଟର ଆଇକାର୍ଡ,ଟେଲିଫୋନ/ବିଦ୍ୟୁତ୍ /ପାଣି ବିଲ୍, ପାସପୋର୍ଟ, ରାଶନ କାର୍ଡ, ଫ୍ଲାଟ୍ ଆଲଟମେଣ୍ଟ ଏବଂ ପଜେସନ ଲେଟର, ଏଲ୍‌ଆଇସି ପଲିସି, ବ୍ୟାଙ୍କ/କ୍ରେଡିଟ କାର୍ଡର ଷ୍ଟେଟ୍‌ମେଣ୍ଟ ଆଦି ଦେଇପାରିବେ।

# ଟାଇଟନର ଇକୋ ଅଭିଯାନ



ଭୁବନେଶ୍ୱର,୧୬-୧୧

ଟାଟା ଗ୍ରୁପ ସହଯୋଗରେ ଟାଇଟନ କମ୍ପାନୀ ପକ୍ଷରୁ ଇକୋ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ଲାଟଫର୍ମରେ ଟାଇଟନର ବିଜନେସ ଆସୋସିଏଟ୍ ତଥା ଅନ୍ତର୍ଜାତୀୟ ସ୍କେଟର ରାଣା ଉପାଲପତି ଯୋଡି ହୋଇଛନ୍ତି। ଏହି ଅବସରରେ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅଭିଯାନ ଅନ୍ତର୍ଗତ ରାଣା ୯୦ ଦିନର ନିଜର ସ୍କେଟିଂ ଦ୍ୱାରା ଭାରତର ସ୍ୱର୍ଣ୍ଣିମ ଚତୁର୍ଭୁଜ ଯାତ୍ରାରେ ବାହାରିଛନ୍ତି। ହୋସୁର ଘଣ୍ଟା କାରଖାନାରୁ ସେ ଯାତ୍ରା ଆରମ୍ଭ କରିଥିଲେ। ବିଭିନ୍ନ ସହର ପରିଭ୍ରମଣ କରିବା ପରେ ସେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ୪ ହଜାର କିମି ଅତିକ୍ରମ କରି ସାରିଛନ୍ତି। ୯,୦୦୦ରୁ ଅଧିକ ବାଳିକାଙ୍କ ଶିକ୍ଷା ଲାଗି ସେ ପାଣ୍ଠି ଯୋଗାଡ କରିବେ। ପ୍ରାୟ ୬ ଲକ୍ଷ ବାଳିକାଙ୍କ ସୁରକ୍ଷା ଲାଗି ସେ ସଚେତନତା ସୃଷ୍ଟି କରିବେ। ଏଭଳି ଅଭିଯାନ ଅତି ରୋମାଞ୍ଚକର ହୋଇଥିବା ଏହା ପ୍ରକୃତି ସହ ଯୋଡି ରଖିବାରେ ସହାୟତା କରୁଥିବା କମ୍ପାନୀର ଏମ୍‌ଡି ଭାସ୍କର ଭଟ୍ଟ ସୂଚନା ଦେଇଛନ୍ତି। ଏଭଳି ଅଭିଯାନ ବାଳିକାଙ୍କ ଶିକ୍ଷା ନିମନ୍ତେ ବିଶେଷ ଭାବେ ସହାୟକ ହେବ ବୋଲି କମ୍ପାନୀର କର୍ପୋରେଟ ସଷ୍ଟେନେବିଲିଟି ଏଭିପି ଓ ମୁଖ୍ୟ ଏନ୍.ଇ. ଶ୍ରୀଧର ସୂଚନା ଦେଇଛନ୍ତି। ଏହି ଅଭିଯାନ ସହ ଯୋଡି ହୋଇ ବହୁତ ଖୁସି ବୋଲି ରାଣା କହିଛନ୍ତି।

# ଏସ୍ଏମ୍ଇଙ୍କୁ ଏସ୍‌ବିଆଇର ୨୫୬୭୨ କୋଟି ଋଣ

ଭୁବନେଶ୍ୱର,୧୬-୧୧




ଭାରତୀୟ ଷ୍ଟେଟ ବ୍ୟାଙ୍କ ରାଜ୍ୟରେ ୩.୨୫ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡିକୁ ମୋଟ୍ ୩୨୪୮.୩୧ କୋଟି ଟଙ୍କାର ଋଣ ଦେଇଛି। ସେହିଭଳି ବ୍ୟାଙ୍କ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗଗୁଡିକୁ ୨୫,୬୭୨ କୋଟି ଟଙ୍କାର ଋଣ ଯୋଗାଇ ଦେଇଛି। ଏହି ସମୟରେ ବ୍ୟାଙ୍କର କାସା ଅନୁପାତ ୫୦.୩୩% ରହିଛି। ସେହିଭଳି ଜମା ପରିମାଣ ୯୬,୩୩୦ କୋଟି ଟଙ୍କା ରହିଛି। କୃଷି କ୍ଷେତ୍ରକୁ ୩୨୮୯ କୋଟି ଟଙ୍କାର ଅଗ୍ରୀମ ପ୍ରଦାନ କରାଯାଇଛି। ଅପରପକ୍ଷରେ ଅଗ୍ରାଧିକାର କ୍ଷେତ୍ରକୁ ଏହା ୪୪.୭୬% ରହିଛି ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ସ୍ଥାନୀୟ ଆଞ୍ଚଳିକ କାର୍ଯ୍ୟାଳୟଠାରେ ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ବ୍ୟାଙ୍କର ୩୯୯୧ ସର୍ଭିସ ପଏଣ୍ଟ ରହିଛି। ଏହା ନିୟମିତ ଶାଖା, କ୍ଷୁଦ୍ର ଶାଖା ଦ୍ୱାରା ସେବା ଯୋଗାଇ ଦେଉଛି। ରାଜ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ବ୍ୟାଙ୍କ କାର୍ଯ୍ୟ କରୁଛି। ଓଡିଶାରେ ଏସ୍‌ବିଆଇର ୨୮୫୪ ଏଟିଏମ୍ ରହିଛି ବୋଲି କୁମାର ସୂଚନା ଦେଇଛନ୍ତି। ଓଡିଶାରେ ବ୍ୟାଙ୍କର ୮୮୩ ଶାଖା ରହିଛି। ଏହା ମଧ୍ୟରେ ୫୨୨ ରୁରାଲ ସେଣ୍ଟର, ୧୮୪ ଅର୍ଦ୍ଧ ସହରାଞ୍ଚଳ, ସହରାଞ୍ଚଳରେ ୧୭୭ ଶାଖା ସ୍ଥାନିତ ହୋଇଛି। କାର୍ଯ୍ୟକ୍ରମ ଅବସରରେ ଏସ୍‌ବିଆଇ ସିଜିଏମ୍ ପ୍ରବିଣା କାଲା, ସିଜିଏମ୍ ଗିରିଧର କିନି, ଡିଜିଏମ୍ ଏସ୍.ଟି ଲାମା ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାଇଲ ସ୍ପା ପକ୍ଷରୁ ବେଡ୍‌ରୁମ୍ ମ୍ୟାରେଜ୍ ଅଫର

ଭୁବନେଶ୍ୱର,୧୬-୧୧

STYLESPA Live Smart

ଷ୍ଟାଇଲ ସ୍ପା ପକ୍ଷରୁ ବେଡ୍‌ରୁମ ମ୍ୟାରେଜ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଦ୍ୱାରା ଗ୍ରାହକ ୪୦% ପର୍ଯ୍ୟନ୍ତ ରିହାତି ପାଇ ପାରିବେ। ୱେଡିଂ ଅଫର ଅନ୍ତର୍ଗତ କମ୍ପାନୀ ନୂଆ ବେଡରୁମ କମ୍ବୋ ପ୍ୟାକେଜ କଲେକ୍ସନ ପ୍ରଦାନ କରୁଛି। ନିଜସ୍ୱ ମାନୁଫାକଚରିଂ ଏବଂ ଲାଇଫ ଲଙ୍ଗ ସର୍ଭିସ ଦ୍ୱାରା ଏଭଳି ଅଫର ପ୍ରଦାନ କରୁଥିବା କମ୍ପାନୀ ପ୍ରକାଶ କରିଛି। ସାରା ଦେଶରେ କମ୍ପାନୀ ୯୦ ଅଧିକୃତ ଆଉଟଲେଟ ବର୍ତ୍ତମାନ ରହିଛି। ୟୁରୋପିଆନ ଟେକ୍ନୋଲୋଜି ଆଧାରରେ ଅନ୍ତର୍ଜାତୀୟ ମାନର ପ୍ରଡକ୍ଟ ଯୋଗାଣ କ୍ଷେତ୍ରରେ ଏହା କାର୍ଯ୍ୟରତ। ଏହା ବର୍ତ୍ତମାନ ହୋମ ଫର୍ନିଚର, ମଡ୍ୟୁଲାର କିଚେନ, ଅଫିସ ଫର୍ନିଚର, ଇଣ୍ଟେରିଅର ସଲ୍ୟୁଶନ ଯୋଗାଣ କରୁଛି। ଫେଷ୍ଟିଭ ଅଫର ଦ୍ୱାରା ୦% ସୁଧହାରରେ ଗ୍ରାହକ ବିଭିନ୍ନ ପ୍ରଡକ୍ଟ ପାଇ ପାରିବେ। ବଜାଜ ଫାଇନାନ୍ସ କାର୍ଡଧାରୀଙ୍କ ପାଇଁ ନଭେମ୍ବରରେ ରିହାତି ସୁବିଧା ରହିଛି। କଟକ, ଭୁବନେଶ୍ୱର, ପୁରୀ, ଯାଜପୁରରୋଡ ଗ୍ରାହକଙ୍କ ଲାଗି ବଜାଜ କାର୍ଡରେ ଫାଇନାନ୍ସ ସୁବିଧା ଉପଲବ୍ଧ। ସେହିଭଳି ୦% ସୁଧହାର, ୦% ଡାଉନପେମେଣ୍ଟ ବ୍ୟବସ୍ଥା ମଧ୍ୟ ରହିଛି। ସୋଫା, ବେଡ୍, ଡାଇନିଂ ବର୍ଗର ନୂଆ ପ୍ରଡକ୍ଟ କମ୍ପାନୀ ବଜାରକୁ ଆଣିଛି। ଶୋ'ରୁମ ରବିବାର ମଧ୍ୟ ଖୋଲା ରହୁଛି ବୋଲି କମ୍ପାନୀର ଏଏସ୍‌ଏମ୍ ଇନ୍ଦ୍ରଜିତ ମହାନ୍ତି ସୂଚନା ଦେଇଛନ୍ତି।

## ଇଞ୍ଜିନବିହୀନ ଟ୍ରେନର ଟ୍ରାଏଲ ଆଜିଠୁ

ନୂଆଦିଲ୍ଲୀ,୧୬-୧୧

ଦେଶର ପ୍ରଥମ ଇଞ୍ଜିନବିହୀନ ଟ୍ରେନ ୧୮ର ଟ୍ରାଏଲ ଶନିବାରଠାରୁ ଆରମ୍ଭ ହୋଇଯିବ। ଭାରତୀୟ ରେଳୱେ ପକ୍ଷରୁ ଏହାର ଟ୍ରାଏଲ ବରେଲି-ମୋରଦାବାଦ୍ ସେକ୍ସନର ଷ୍ଟାଣ୍ଡାର୍ଡ ଟ୍ରାକ୍‌ରେ ଆରମ୍ଭ କରାଯିବ। ଏଥିପାଇଁ ରିସର୍ଚ୍ଚ ଡିଜାଇନ ଆଣ୍ଡ ଷ୍ଟାଣ୍ଡାର୍ଡ ଅର୍ଗାନାଇଜେଶନ(ଆର୍‌ଡିଏସ୍‌ଓ)ର ଏକ ଦଳ ମୋରଦାବାଦ ପହଞ୍ଚି ଯାଇଛନ୍ତି। ଏଥିପୂର୍ବରୁ ମଙ୍ଗଳବାର ସନ୍ଧ୍ୟାରେ ଟ୍ରେନ-୧୮କୁ ଚେନ୍ନାଇସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରିରୁ ଅଣାଯାଇ ନୂଆଦିଲ୍ଲୀର ସଫଦରଜଙ୍ଗ ଷ୍ଟେଶନରେ ରଖାଯାଇଥିଲା। ବୁଧବାର ଏହା ଉପରୁ ପରଦା ହଟାଯିବା ପରେ ସେଠାରେ ଉପସ୍ଥିତ ଦର୍ଶକ ଓ ଯାତ୍ରୀ ନିଜ ମୋବାଇଲ କ୍ୟାମେରାରେ ଏହାକୁ ଧରି ରଖିଥିଲେ।



ଉଲ୍ଲେଖ କରାଯାଇ ପାରେ ଯେ, ଟି-୧୮ ଦେଶର ଅତ୍ୟାଧୁନିକ ଟ୍ରେନଗୁଡିକ ମଧ୍ୟରେ ପରିଗଣିତ ହେଉଛି। ରେଳୱେ ଅଧିକାରୀଙ୍କ କହିବାନୁଯାୟୀ ଯାତ୍ରୀଙ୍କ ସ୍ଥାନରେ ବାଲି ବସ୍ତା ଭର୍ତ୍ତି କରି ଟ୍ରାଏଲ କରାଯିବ। ବରେଲି-ମୋରଦାବାଦ ରୁଟ୍‌ରେ ଦ୍ରୁତଗତିରେ ଯିବା ବେଳେ ଟ୍ରେନ-୧୮ର ପ୍ରତିକ୍ରିୟାକୁ ଲକ୍ଷ୍ୟ କରାଯିବ। ସେହିପରି ଘଣ୍ଟାକୁ ୧୬୦ କିମି ବେଗରେ ଗତି କରୁଥିବା ବେଳେ ହଠାତ୍ ବ୍ରେକ୍ ମାରିଲେ ଏହା କେତେ ଦୂରରେ ଯାଇ ରହୁଛି ତାହା ମଧ୍ୟ ଲକ୍ଷ୍ୟ କରାଯିବ। ଏହିସବୁ ଟେକନିକାଲ ଦିଗକୁ ଯାଞ୍ଚ କରାଯିବା ପରେ ଟ୍ରେନ-୧୮କୁ ବିଧିବଦ୍ଧ ଚଳାଚଳ ଲାଗି ରେଳୱେ ସେଫ୍ଟି କମିଶନର ଅନୁମତି ପ୍ରଦାନ କରିବେ। ସୂଚନାଥାଉ କି, ଏହି ଅତ୍ୟାଧୁନିକ ଟ୍ରେନରେ ଯାତ୍ରୀଙ୍କୁ ଅନ୍ତର୍ଜାତୀୟ ମାନର ସୁବିଧା ଯୋଗାଇ ଦିଆଯିବ। ଏଥିରେ ଯାତ୍ରା କରୁଥିବା ଯାତ୍ରୀ ନିଜ ଆସନକୁ ୩୬୦ଡିଗ୍ରୀ ପର୍ଯ୍ୟନ୍ତ ବୁଲାଇପାରିବେ।

# ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟରର ନୂତନ ବ୍ଲକ ଉଦଘାଟିତ



ଭୁବନେଶ୍ୱର,୧୬-୧୧

ପୂର୍ବତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟରେ ନୂତନ ବ୍ଲକ ଉଦଘାଟିତ ହୋଇ ଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଉମେଶ ସିଂ, ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା, ଚିକିତ୍ସା ନିର୍ଦ୍ଦେଶକ ଡ. ସୁକାନ୍ତ କୁମାର ମହାନ୍ତି, ଖୋର୍ଦ୍ଧା ରୋଡ ମଣ୍ଡଳର ପ୍ରବନ୍ଧକ ବ୍ରିଜ ମୋହନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଏହି ବ୍ଲକକୁ ଉଦଘାଟନ କରିଛନ୍ତି। ଅତି ସମ୍ବେଦନଶୀଳ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ବ୍ଲକରେ ୧୪ ଶଯ୍ୟା ସହ ପାଥୋଲୋଜି, ରେଡିଓଲୋଜି, ଅଲ୍ଟ୍ରାସାଉଣ୍ଡ୍ ଭଳି ସୁବିଧା ଉପଲବ୍ଧ ହେଉଛି।

# ଟାଟା ପାୱାର ସୋଲାରର ଆବାସିକ ରୁଫ୍‌ଟପ୍ ସଲ୍ୟୁଶନ

ଭୁବନେଶ୍ୱର,୧୬-୧୧

ଟାଟା ପାୱାର ସୋଲାର ପକ୍ଷରୁ ଭୁବନେଶ୍ୱର ଠାରେ ସମ୍ପୂର୍ଣ୍ଣ ରେସିଡେନସିଆଲ୍ ରୁଫ୍‌ଟପ୍ ସଲ୍ୟୁଶନର ଶୁଭାରମ୍ଭ ହୋଇଛି। ସେସୁର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏମ୍‌ଡି.ସିଦ୍ଦିକି ଆଲାମ,ସାଉଥ୍‌କୋର ପୂର୍ବତନ ସିଇଓ ସୁରେଶ ଚୌଧରୀ, ଶକ୍ତି ବିଭାଗର ଇଞ୍ଜିନିୟରିଂ ମୁଖ୍ୟ ରାଜ କୁମାର ମିଶ୍ର ଏହାକୁ ଉଦଘାଟନ କରିଥିଲେ। ଦିଲ୍ଲୀ, ମୁମ୍ବାଇ, ଆଜମେର ଭଳି ସ୍ଥାନଗୁଡିକରେ ସଫଳ ଭାବେ ଲାଗୁ ପରେ ଏହାକୁ ଓଡ଼ିଶାରେ ଆରମ୍ଭ ହୋଇଛି ବୋଲି କମ୍ପାନୀର ଏମ୍.ଡି ତଥା ସିଇଓ ପ୍ରବୀର ସିହ୍ନା ସୂଚନା ଦେଇଛନ୍ତି।





**PARADIP PORT TRUST**

File No.CMO/OE/A/GL-84/2014(Pt.II)/2171 Dt.12.11.2018

**e-TENDER CALL NOTICE**

Name of the work : **"Establishment of 400 bedded super speciality hospital with an option to further develop a medical college and further expand the capacity of hospital on PPP basis"**. Last Date & time of submission of tender is **18.12.2018 upto 14.00 Hrs.** For details please refer our Website : **https://eprocure.gov.in/eprocure/app**

**Chief Medical Officer**

PPT/PR/479/18-19 Dt-14/11/18

**ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ**
**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବଶିକ୍ଷା ଅଭିଯାନ, ନବରଙ୍ଗପୁର**

ODISHA PRIMARY EDUCATION PROGRAMME AUTHORITY (OPEPA)
DISTRICT PROJECT OFFICE, RTE-SSA, NABARANGPUR - 764059
Phone: (06858) - 222568(Off), E-mail: dpcnawrangssa.opepa@nic.in
No. 5063/2018 Dated.15.11.2018

**NOTICE**

In pursuance to the Advertisement No.2847, Dtd.30.04.2018 & No.2848, Dtd.30.04.2018 of this office for recruitment of MIS-cum-Planning Coordinator, Accountant-cum-Support Staff and Part Time Instructor (Both Physical & Art) under RTE-SSA, Nabarangpur, it is informed that, the draft eligible and reject list of candidates of the above-mentioned posts is hereby published. The applicants are hereby required to go through the draft eligible and reject list which is hosted at www.nabarangpur.nic.in and OPEPA website i.e. www.opepa.odisha.gov.in. Applicants having any objection to the concerned post is hereby submit their objection through postal i.e. (Speed/ Registered Post) /e-mail i.e. dpcnawrangssa.opepa@nic.in / by hand by **23.11.2018**. Objections received after due date shall not be entertained.

**Sd./- District Project Coordinator**
**RTE-SSA, Nabarangpur**

**ODISHA STATE AGRICULTURAL MARKETING BOARD**

Plot No.1800(P), Baramunda, Post-Khandagiri, Near Indian Oil Petrol Pump Bhubaneswar
Ph. No.0674-2351311, Fax : 0674-2351310, Email : osamboard99@yahoo.com, Website : osamboard.org
No. 3452 / Estt-79/2018 Dated 16.11.2018

**QUOTATION CALL NOTICE**

The Odisha State Agricultural Marketing Board, Bhubaneswar invites sealed quotation from reputed, registered and experienced Services Providers firms for providing services of 2(two) nos. accountant and 01(one) Establishment Officer on outsourcing basis for day to day official works of OSAM Board, Bhubaneswar.

The interested eligible services providers firms are requested to visit our website **www.osamboard.org** for detailed terms and conditions & to download the application format & submit the same duly filled & signed along with attested copies of all documents in support of their eligibility by Speed Post / Courier in a cover super-scribed **"QUOTATION TO PROVIDE TWO NOS. ACCOUNTANT AND ONE ESTABLISHMENT OFFICER ON OUTSOURCING BASIS"** so as to reach the Odisha State Agricultural Marketing Board, Bhubaneswar by **dtd. 24.11.2018 upto 05:00 PM** positively with a Bank Draft of Rs.1,000.00 (Rupees One thousand) only in favour of OSAM Board, Bhubaneswar in shape of Demand Draft payable at Bhubaneswar towards processing fee charges (non-refundable). Quotations received after the last date due to delay in postal / courier or any other reason shall not be entertained and will be rejected. The quotation shall be opened on date: **26.11.2018 at 11.30 AM** in the Conference of OSAM Board in presence of all quotationers.

The undersigned reserves the right to accept or reject any or all quotations without assigning any reason thereof.

**Sd./- General Manager, OSAM Board, Bhubaneswar**

**OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR**

(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287 (E-Mail / E-Despatch)
No. E-Tender // 4409 // RWC// BAM // Dated. 14.11.2018

**Corrigendum to Bid identification No. Online Tender/21-2018-19/BPR**

**No. 1027-O:-** Due to change of Labour Rate vide Odisha Gazette Notification S.R.O. No. 431/2018 dtd. 30.10.2018 of Labour & ESI Department, Odisha, Bhubaneswar. The following changes has been made vide this office Bid Identification No. Online Tender/21-2018-19/BPR dtd. 27.10.2018.

(1)

| | | | |
|---|---|---|---|
| 1. | Availability of tender | : | 22.11.2018 at 10.00 AM to 06.12.2018 upto 3.00 PM instead of 02.11.2018 at 10.00 AM to 22.11.2018 upto 3.00 PM. |
| 2. | Last date of seeking tender clarification | : | 04.12.2018 upto 2.00 PM instead of 20.11.2018 upto 2.00 PM |
| 3. | Date of opening of Technical Bid | : | 07.12.2018 at 3.00 PM instead of 24.11.2018 at 3.00 PM |
| 4. | Date of opening of Financial Bid | : | 15.12.2018 at 11.00 AM instead of 30.11.2018 at 11.00 AM |

(2)

| Sl No of NIT | Name of the Work | Earlier: Approx. Estimated cost (Exclusive of GST) (in Rs.) | Earlier: EMD Required (in Rs.) to be submitted online | Earlier: Class of Con-tractor | Now Changed to: Approx. Estimated cost (Exclusive of GST) (in Rs.) | Now Changed to: EMD Required (in Rs.) to be submitted online | Now Changed to: Class of Con-tractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Impvt to Nuatangan to Kepiti via Pochalundi road under State Plan completion of incomplete road and bridges for the year 2018-19 | 2,08,65,062/- | 2,08,700/- | "B" Class or "A" Class | 2,22,88,717/- | 2,22,900/- | "B" Class or "A" Class |
| 2 | Impvt to Raipalli to Gopinathpur via Netapalli Dhananjaypur road under State Plan completion of incomplete road and bridges for the year 2018-19 | 2,92,62,543/- | 2,92,700/- | "B" Class or "A" Class | 3,09,85,130/- | 3,09,900/- | "A" Class or "Special" Class |
| 3 | Impvt to Kalamba-Gahangu road under State Plan improvement to existing RD road for the year 2018-19 | 1,59,30,760/- | 1,59,400/- | "B" Class or "A" Class | 1,64,76,158/- | 1,64,800/- | "B" Class or "A" Class |

All other contents will remain unchanged.

25071/11/0034/1819

*Sd./- Superintending Engineer, R.W.Circle, Berhampur*




# ଏସିଆନ୍ ପେଟାନ୍‌କ୍ୟୁ ଚାମ୍ପିୟନଶିପ୍ ଆରମ୍ଭ

**ଭୁବନେଶ୍ୱର, ୧୬।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ୧୨ରେ ଶୁକ୍ରବାର ଆରମ୍ଭ ହୋଇଛି ଏସିଆନ୍ ବୋଉଲ୍ସ ସ୍ପୋର୍ଟ୍ସ କନଫେଡେରେଶନ ପେଟାନ୍‌କ୍ୟୁ ଚାମ୍ପିୟନଶିପ୍। ପେଟାନ୍‌କ୍ୟୁ ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଖେଳାଯାଉଛି। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, ପେଟାନ୍‌କ୍ୟୁ ଫେଡେରେଶନ ଅଫ୍ ଇଣ୍ଡିଆ ସମ୍ପାଦକ ଭରତ ଜେ.ଚୌହାନ, ଇନ୍‌କମ୍ ଟ୍ୟାକ୍ସ କମିଶନର ଦେବେନ୍ଦ୍ର କର, କିଟ୍‌ର କ୍ରୀଡା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତା ଆୟୋଜନ ପାଇଁ ପୂର୍ଣ୍ଣ ସହଯୋଗ କରିଥିବାରୁ ଅତିଥିମାନେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଥିଲେ।

ପ୍ରଥମ ଦିବସରେ ଅନୁଷ୍ଠିତ ପ୍ରତିଯୋଗିତା ମଧ୍ୟରେ ଭାରତ-୨ ମହିଳା ଡବଲ୍ସ ଗ୍ରୁପ-୧ରେ ୮-୧୩ ପଏଣ୍ଟରେ କାମ୍ବୋଡ଼ିଆଠାରୁ ହାରି ଯାଇଛି। ଅନ୍ୟ ୨ମ୍ୟାଚରେ ବିଜୟୀ ହୋଇ କାମ୍ବୋଡ଼ିଆ ହ୍ୟାଟ୍ରିକ କରିଥିଲା। ଏହି ଦଳ ୧୩-୨ରେ ଇରାନ ଏବଂ ୧୩-୧୦ରେ ମାଲେସିଆକୁ ପରାସ୍ତ କରିଥିଲା। ପରେ ମାଲେସିଆ ୧୩-୩ରେ ଭାରତ-୨ ଓ ୧୩-୧ରେ ଇରାନକୁ ହରାଇ ଦେଇଥିଲା। ଇରାନ ୧୩-୯ରେ ଭାରତ-୨କୁ ପରାସ୍ତ କରିଥିଲା। ପୁରୁଷ ଡବଲ୍ସ ଗ୍ରୁପ-୧ରେ ଥାଇଲାଣ୍ଡ ୧୩-୧ରେ ଭାରତ-୧କୁ, ୧୩-୧ରେ ନେପାଳକୁ ଏବଂ ୧୩-୦ରେ ମାଲେସିଆକୁ ହରାଇ ହ୍ୟାଟ୍ରିକ ବିଜୟ ହାସଲ କରିଥିଲା। ପରେ ମାଲେସିଆ ୧୩-୯ରେ ନେପାଳ-୧ ଏବଂ ୧୩-୨ରେ ନେପାଳକୁ ହରାଇଥିବାବେଳେ ଭାରତ-୧ ନେପାଳକୁ ୧୩-୩ରେ ପରାସ୍ତ କରିଥିଲା।

■ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର

# ଜିମ୍ନାଷ୍ଟିକ୍‌ରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ରୌପ୍ୟ

**କଟକ ଅଫିସ,୧୬।୧୧**

ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୩ୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ପ୍ରତିଯୋଗିତାର ପୁରୁଷ ଜିମ୍ନାଷ୍ଟିକ ଇଭେଣ୍ଟ ଶୁକ୍ରବାର ଶେଷ ହୋଇଛି । ୬ଟି ବିଭାଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ଦଳ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛି । ପୁରୁଷ ପାରାଲାଲ ବାର୍ ଇଭେଣ୍ଟରେ ସୀତାକାନ୍ତ ଓଝା ସ୍ୱର୍ଣ୍ଣ ବିଜୟୀ ହୋଇଥିବା ବେଳେ ପୁରୁଷ ଫ୍ଲୋରରେ ଉମାକାନ୍ତ ଓଝାଙ୍କୁ ରୌପ୍ୟ ମିଳିଛି ।


ଜଣେ ପ୍ରତିଯୋଗୀ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

ଫ୍ଲୋର ଇଭେଣ୍ଟରେ ସିଆଇଏସ୍ଏଫ୍‌ର ଅନୁଜ ରଥ୍ ସ୍ୱର୍ଣ୍ଣ, ଓଡ଼ିଶା ପୋଲିସର ଉମାକାନ୍ତ ରୌପ୍ୟ, ଏସ୍ଏସ୍‌ବିର କପିଲ, ଉତ୍ତରପ୍ରଦେଶର ଏସ୍ ପ୍ରଭାସ, ଏସ୍ଏସ୍‌ବିର ଅଙ୍କିତ କୁମାର ବ୍ରୋଞ୍ଜ ଜିତିଛନ୍ତି । ସେହିପରି ପୋମେଲ ହର୍ସରେ ଉତ୍ତରାଖଣ୍ଡର କ୍ରିପାଲ ସିଂ ସ୍ୱର୍ଣ୍ଣ, ବିଏସ୍ଏଫ୍‌ର ସିମେହିରାନ ରୌପ୍ୟ, ମହାରାଷ୍ଟ୍ରର ସୌରଭ କୋକଟେ, ସିଆର୍‌ପିଏଫ୍‌ର ଅଜିତ ପ୍ରସାଦ, ଉତ୍ତରପ୍ରଦେଶର ମନୋହର ସିଂ ବ୍ରୋଞ୍ଜ, ରିଙ୍ଗସରେ ବିଏସ୍ଏଫ୍‌ର ଆନନ୍ଦ ସିଂ ବିଷ୍ଟ ସ୍ୱର୍ଣ୍ଣ, ସିଆଇଏସ୍ ଗୁରୁମିତ ସିଂ ଓ ହରିୟାଣାର ପରବୀନ ସାଇନି ମିଳିତ ରୌପ୍ୟ, ଉତ୍ତରାଖଣ୍ଡର ସୁମିତ କୁମାର, ଉତ୍ତରପ୍ରଦେଶର ବିକ୍ରାନ୍ତ ସିଂ, ଆଇଟିବିପିର ମଦନ ଲାଲ ବ୍ରୋଞ୍ଜ, ଭଲ୍ଟରେ ଏସ୍ଏସ୍‌ବିର କୁଳଦୀପ ସିଂ ସ୍ୱର୍ଣ୍ଣ, ପଞ୍ଜାବର ଅରୁଣ କୁମାର ରୌପ୍ୟ, ଉତ୍ତରପ୍ରଦେଶର ରବୀନ କନୌଜିଆ, ଆଇଟିବିପିର ଚନ୍ଦ୍ରକେଶ କୁମାର, ଉତ୍ତରାଖଣ୍ଡର ଆଶୁତୋଷ ରାଓତ ବ୍ରୋଞ୍ଜ, ପାରାଲାଲ ବାର୍‌ରେ ଓଡ଼ିଶାର ସୀତାକାନ୍ତ ଓଝା ସ୍ୱର୍ଣ୍ଣ, ସିଆଇଏସ୍ଏଫ୍‌ର ହୀରା ଲାଲ ଓ ଉତ୍ତରାଖଣ୍ଡର ସୁନୀଲ ରାମୋଲା ମିଳିତ ରୌପ୍ୟ, ବିଏସ୍ଏଫର ନିଖିଲ ଭଟ୍ଟ, ଆଇଟିବିପିର ଅନୀଲ କୁମାର ବ୍ରୋଞ୍ଜ, ହୋରିଜେଣ୍ଟାଲ ବାର୍‌ରେ ପଞ୍ଜାବର ବିକ୍ରମ ମାନରୋ ସ୍ୱର୍ଣ୍ଣ, ସିଆଇଏସ୍ଏଫ୍‌ର ସୁରେନ୍ଦ୍ର ଶର୍ମା ରୌପ୍ୟ, ସିଆର୍‌ପିଏଫ୍‌ର ରାଷ୍ଟ୍ର କୁମାର, ମନପ୍ରୀତ ସିଂ, ଆଇଟିବିପିର ଆଇ ବୋମଚା ବ୍ରୋଞ୍ଜ ପଦକ ଜିତିଛନ୍ତି । ପୁରସ୍କାର ବିତରଣୀ ଉତ୍ସବରେ ନାଲକୋ ସିଏମ୍‌ଡି ତପନ କୁମାର ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅତିରିକ୍ତ ଡିଜି ବିନୟତୋଷ ମିଶ୍ର ଉପସ୍ଥିତ ଥିଲେ ।

# ଭାରତ ସେମିରେ

**ମହିଳା ଟି୨୦ ବିଶ୍ୱକପ୍**

**ଗୁୟାନା, ୧୬।୧୧(ପି.ଟି.)**

ଚଳିତ ମହିଳା ଟି୨୦ ବିଶ୍ୱକପ୍‌ରେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ କ୍ରମାଗତ ତୃତୀୟ ବିଜୟ ହାସଲ କରି ୨୦୧୦ ପରେ ପ୍ରଥମଥର ପାଇଁ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ପାକିସ୍ତାନକୁ ହରାଇବା ପରେ ସ୍ପିନରଙ୍କ ଦମ୍‌ଦାର ବୋଲିଂ ପ୍ରଦର୍ଶନ ବଳରେ ଭାରତ ଗୁରୁବାର ତୃତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ବୃହତ୍ ୫୨ ରନରେ ପରାସ୍ତ କରି ଏହି ମେଗା ଇଭେଣ୍ଟରେ ଦ୍ୱିତୀୟ ଦଳ ଭାବେ ସେମି ଟିକେଟ ହାସଲ କରିଛି। ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଆୟର୍ଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଜବାବରେ ଆୟର୍ଲାଣ୍ଡ ୨୦ ଓଭରରେ ୮ ଉଇକେଟ ହରାଇ ୯୩ ରନରେ ସୀମିତ ରହିଥିଲା। ଶନିବାର ଭାରତ ତା'ର ଅନ୍ତିମ ତଥା ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଭେଟିବ। ୫୧ ରନ (୫୬ ବଲ, ୪ ଚୌକା, ୧ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଭାରତୀୟ ଓପନର ମିଥାଲି ରାଜ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୪୬ ରନ ଟାର୍ଗେଟର ପିଛା କରି ଆୟର୍ଲାଣ୍ଡ ଭଲ ଆରମ୍ଭ କରିଥିଲା। ଏକଦା ୨ ଉଇକେଟ ହରାଇ ୭୦ ରନ କରି ଆୟର୍ଲାଣ୍ଡ ଭଲ ସ୍ଥିତିରେ ଥିଲା। କିନ୍ତୁ ଭାରତୀୟ ସ୍ପିନରଙ୍କ ସମ୍ମୁଖୀନ ହୋଇ ନ ପାରି ଆୟର୍ଲାଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ଆବଶ୍ୟକ ହାରରେ ରନ୍ ସଂଗ୍ରହ କରିପାରି ନ ଥିଲା। ଓପନର କ୍ଲେୟାର ଶିଲିଂଟନ ୨୩ ଓ ଇସୋବେଲ ଜୋଏସ ୩୩ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ରାଧା ଯାଦବ ସର୍ବାଧିକ ୩, ଦୀପ୍ତି ଶର୍ମା ୨, ପୁନମ ଯାଦବ ଓ ହରମନପ୍ରୀତ କୌର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଭାରତ ଭଲ ଆରମ୍ଭ କରିଥିଲା। କିନ୍ତୁ ଏହାପରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା କାରଣରୁ ଭାରତ ଭଲ ହାରରେ ରନ୍ ସଂଗ୍ରହ କରିପାରି ନ ଥିଲା। ଫଳରେ ଭାରତ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ପ୍ରାରମ୍ଭିକ ଯୋଡିରେ ଦୁଇ ଓପନର ମିଥାଲି ରାଜ ଓ ସ୍ମୃତି ମନ୍ଧାନା ୬୭ ରନ ସଂଗ୍ରହ କରିଥିଲେ। ମନ୍ଧାନା ୨୯ ବଲରୁ ୪ ଚୌକା ଓ ୧ ଛକା ସହ ୩୩ ରନ କରି ଆଉଟ ହେବା ପରେ ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଓପନିଂ କରିବାକୁ ଆସିଥିବା ମିଥାଲି ୫୬ଟି ବଲ ଖେଳି ୪ ଚୌକା ଓ ୧ ଛକା ସହ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୪୫/୬ (ମିଥାଲି- ୫୧, ମନ୍ଧାନା- ୩୩, ରୋଡ୍ରିଗୁଏଜ- ୧୮, ଗାର୍ଥ- ୨/୨୨)।

ଆୟର୍ଲାଣ୍ଡ ୨୦ ଓଭରରେ ୯୩/୮ (ଜୋଏସ୍- ୩୩, ଶିଲିଂଟନ- ୨୩, ରାଧା- ୩/୨୫, ଦୀପ୍ତି- ୨/୧୫)।

# କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. କେନ୍ଦୁଝର

## ୬୫ତମ ବାର୍ଷିକ ସାଧାରଣ ସଭା ନୋଟିସ

ନୋଟିସ ନଂ ୨୭୯୬ — ତା ୧୩.୧୧.୨୦୧୮ ରିଖ

ଏତଦ୍ୱାରା କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମସ୍ତ ସଭ୍ୟ ଏବଂ ସଭ୍ୟା ମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୬୫ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା ୨୮.୧୧.୨୦୧୮ ରିଖ (ବୁଧବାର) ପୂର୍ବାହ୍ନ ୧୧ଘଟିକା ସମୟରେ ବ୍ୟାଙ୍କର ସଭାଗୃହ, କେନ୍ଦୁଝରଠାରେ ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଅଛି । ଉକ୍ତ ସଭାରେ ଆପଣମାନେ ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ ।

### ସଭାର କାର୍ଯ୍ୟକ୍ରମ

୧. ବ୍ୟାଙ୍କର ୬୪ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ ।
୨. ବ୍ୟାଙ୍କର ୬୫ତମ ବାର୍ଷିକ ସାଧାରଣ ସଭାର ବିବରଣୀ ପଠନ ଓ ଅନୁମୋଦନ ।
୩. ବ୍ୟାଙ୍କର ୨୦୧୭-୧୮ ଆର୍ଥିକ ବର୍ଷର ସମୀକ୍ଷା ଫର୍ଦ୍ଦ ଓ ତତ୍ ସଂଲଗ୍ନ ଆୟ, ବ୍ୟୟ, ପ୍ରାପ୍ୟ, ଦେୟ ହିସାବ ପଠନ ଓ ଅନୁମୋଦନ ।
୪. ବ୍ୟାଙ୍କର ୨୦୧୮-୧୯ ଆର୍ଥିକ ବର୍ଷର ଆୟ ବ୍ୟୟ ଅଟକଳ (ବଜେଟ) ଓ କାର୍ଯ୍ୟକାରୀ ଉନ୍ନୟନ ଯୋଜନାକୁ ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ଅନୁମୋଦିତ ସମ୍ବନ୍ଧରେ ଆଲୋଚନା ଓ ଅନୁମୋଦନ ।
୫. ବ୍ୟାଙ୍କର ପ୍ରାଧିକୃତ ଅଂଶ ଧନର ପରିମାଣ ୩୭ କୋଟି ଟଙ୍କାରୁ ୬୦ କୋଟି ଟଙ୍କାକୁ ବୃଦ୍ଧି ନିମନ୍ତେ ଅନୁମୋଦନ ସମ୍ବନ୍ଧରେ ।
୬. ବ୍ୟାଙ୍କର ୨୦୧୭-୧୮ ଆର୍ଥିକ ବର୍ଷରେ ହୋଇଥିବା ନିଟ୍ ଲାଭାଂଶ ବଣ୍ଟନ ।
୭. ଅନ୍ୟାନ୍ୟ (ବ୍ୟାଙ୍କର ସଭାପତିଙ୍କ ଅନୁମତି କ୍ରମେ) ।

**ସଭାପତିଙ୍କ ଅନୁମୋଦନ କ୍ରମେ**

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

ବି.ଦ୍ର.: ପ୍ରତ୍ୟେକ ପ୍ରତିନିଧିମାନଙ୍କୁ ବ୍ୟାଙ୍କର ସଭାଗୃହ ପ୍ରାଙ୍ଗଣରେ ତା.୨୮.୧୧.୨୦୧୮ ରିଖ (ବୁଧବାର) ଦିନ ୧୦ ଘଟିକା ଠାରୁ ନିଜର ନାମ, ସମିତି ନିର୍ଦ୍ଧାରଣର ଅବିକଳ ନକଲ ସହ ପଞ୍ଜୀକରଣ କରିବାକୁ ଅନୁରୋଧ କରାଗଲା ।

ପରିପତ୍ର ନଂ ୨୭୯୭ (୧୦୪) ତା ୧୩.୧୧.୨୦୧୮ ରିଖ

ଏହାର ପ୍ରତିଲିପି ଅନୁବନ୍ଧିତ ସମସ୍ତ ସମବାୟ ସମିତିର ସଭାପତିମାନଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ଓ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଗଲା । ଏଥିସହ ଏହା ସ୍ପଷ୍ଟ କରିଦିଆଗଲା କି ପ୍ରତ୍ୟେକ ସମବାୟ ସମିତିରୁ ସଭାପତି/ ଉପସଭାପତି କିମ୍ବା ଜଣେମାତ୍ର ସ୍ୱୀକୃତିପ୍ରାପ୍ତ ପ୍ରତିନିଧିଙ୍କୁ ସଭାରେ ଯୋଗଦାନ ପାଇଁ ଅନୁରୋଧ କରାଗଲା ।

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

ପରିପତ୍ର ନଂ ୨୭୯୮ (୮) ତା ୧୩.୧୧.୨୦୧୮ ରିଖ

ଏହାର ପ୍ରତିଲିପି ସମବାୟ ସମିତି ସମୂହର ନିବନ୍ଧକ ଭୁବନେଶ୍ୱର / ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ, ଭୁବନେଶ୍ୱର / ସମବାୟ ସମିତି ସମୂହର ଉପନିବନ୍ଧକ, କେନ୍ଦୁଝର / ସମବାୟ ସମିତି ସମୂହର ସହକାରୀ ନିବନ୍ଧକ, କେନ୍ଦୁଝର, ଆନନ୍ଦପୁର, ଓ ଚମ୍ପୁଆ / ସମବାୟ ସମିତି ସମୂହର ସହକାରୀ ସମୀକ୍ଷା ଅଧିକାରୀ କେନ୍ଦୁଝର / ଜିଲ୍ଲା ଉନ୍ନୟନ ଅଧିକାରୀ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ କେନ୍ଦୁଝରଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ଓ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଗଲା ।

**ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ**

ପରିପତ୍ର ନଂ ୨୭୯୯ (୧୬) ତା.୧୧.୨୦୧୮ ରିଖ

ଏହାର ପ୍ରତିଲିପି କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ. କେନ୍ଦୁଝରର ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଶକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ସଭାରେ ଯୋଗଦାନ କରିବାକୁ ଅନୁରୋଧ କରାଗଲା ।

**ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ**

### ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କ ୨୦୧୭-୧୮ ଆର୍ଥିକ ବର୍ଷର ବାର୍ଷିକ ବିବରଣୀ ଉପସ୍ଥାପନ ।

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ "ବିହାର ଓ ଓଡିଶା ଆଇନ ୧୯୩୫" ଦ୍ୱାରା ଏପ୍ରିଲ ୨୦୧୮, ୧୯୫୦ ମସିହାରେ ପଞ୍ଜୀକୃତ ହୋଇ ମେ ୦୯ ୧୯୫୦ ମସିହା ବ୍ୟାଙ୍କ ଭାବରେ କାର୍ଯ୍ୟ ସଂପାଦନ କରିଥିବା ବେଳେ ବର୍ତ୍ତମାନ ଓଡିଶା ସମବାୟ ସମିତି ଆଇନ ୧୯୬୨ ଓ ସମବାୟ ସମିତି ନିୟମାବଳୀ ୧୯୬୫ ଏବଂ ବ୍ୟାଙ୍କିଙ୍ଗ୍ ରେଗୁଲେସନ ଆକ୍ଟ ୧୯୪୯ ଅନୁଯାୟୀ ପ୍ରଥମେ ଏପ୍ରିଲ ୨୦ ୧୯୮୨ ମସିହାରେ ବ୍ୟାଙ୍କ ଭାବରେ ଏବଂ ପରବର୍ତ୍ତି ସମୟରେ ଏହି ଆକ୍ଟ ବଳରେ ମେ ୦୬. ୨୦୧୨ ମସିହାଠାରୁ କେବଳ କେନ୍ଦୁଝର ଜିଲ୍ଲାରେ ବ୍ୟାଙ୍କିଙ୍ଗ ବ୍ୟବସାୟ କରି ଆସୁଅଛି । ବ୍ୟାଙ୍କର ସମସ୍ତ ବ୍ୟବସାୟିକ କାର୍ଯ୍ୟକ୍ରମ ଗ୍ରାମଭିମୁଖୀ ଏବଂ ସରକାରଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ କରି ଜିଲ୍ଲାର କୃଷକ ଓ କୃଷି ପରିବାର ତଥା ସମିତି ସଭ୍ୟଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାର ବ୍ୟାଙ୍କର ମୂଳ ଲକ୍ଷ୍ୟ ଏବଂ ଏଥିପାଇଁ ସଦାସର୍ବଦା ଚେଷ୍ଟିତ ରହି ଆସିଅଛି । ବ୍ୟାଙ୍କ ବର୍ତ୍ତମାନ ସୁଦ୍ଧା ୨୭ ଗୋଟି ପ୍ରାଥମିକ କୃଷି ସମବାୟ ସମିତି, ୧୭ ଗୋଟି ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଓ ---- ଗୋଟି ଅନ୍ୟାନ୍ୟ ସମବାୟ ସମିତି ସହ ସହବନ୍ଧିତ ହୋଇ ନିଜସ୍ୱ ୧୫ ଗୋଟି ଶାଖା ମାଧ୍ୟମରେ ଜିଲ୍ଲାର ମୋଟ ୧୩ ଗୋଟି ବ୍ଲକରେ ବର୍ତ୍ତମାନ କାର୍ଯ୍ୟ କରୁଅଛି ।

**ସାମ୍ପ୍ରତିକ ଦୃଶ୍ୟପଟ**

ବ୍ୟାଙ୍କମାନଙ୍କର ମାର୍ଚ୍ଚ ୨୦୧୮ ସୁଦ୍ଧା ସମୁଦାୟ ବା ମୋଟ ଅଣ ଉତ୍ପାଦନ ସମ୍ପତି ବା ମୋଟ ଋଣର ଉଦ୍‌ବେଗଜନକ ୧୨.୧୦ ପ୍ରତିଶତ ସରକାରଙ୍କର ମୁଣ୍ଡ ବ୍ୟାଥା କାରଣ ହୋଇ ଥିବା ବେଳେ ଏହାକୁ ପ୍ରତିହତ କରିବା ପାଇଁ "ଇନସଲଭେନସି ଏବଂ ବ୍ୟାଙ୍କ କ୍ରଟସି କୋଡ ----- ୨୦୧୬ କଡାକଡି ଲଙ୍ଘଙ୍କର କରାଯାଉଅଛି । କେନ୍ଦ୍ର ସରକାର ଦ୍ୱାରା ବ୍ୟାଙ୍କିଙ୍ଗ୍ ରେଗୁଲେସନ (ସଂଶୋଧନ) ଆକ୍ଟ, ୨୦୧୭ ପ୍ରଣୟନ କରି ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ ବ୍ୟବସାୟ ପରିଦର୍ଶିତ । ସାମ୍ପ୍ରତିକ ଧିମା ଅର୍ଥନୀତିକୁ ଉଦଦ୍ୱିତ କରିବାପାଇଁ ଅନୁସୂଚିତ ବା ସିଡ୍ୟୁଲଡ୍ ବ୍ୟାଙ୍କମାନଙ୍କ ପାଇଁ ଅକ୍ଟୋବର ୨୦୧୭ରେ ପୁନଃ ପଞ୍ଜୀକରଣ ବା ରିକେପିଟାଇଲେଜସନ କାର୍ଯ୍ୟକାରୀ କରାଯାଇଅଛି । ସରକାର ବର୍ତ୍ତମାନ ବ୍ୟାଙ୍କ ମାନଙ୍କ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କଙ୍କ ଦୁର୍ବଳ ତଥା ଅସୁବିଧାରେ ସମ୍ମୁଖୀନ ହୋଇଥିବା ବ୍ୟାଙ୍କ ମାନଙ୍କ ପାଇଁ ତ୍ୱରିତ ସଠିକ କାର୍ଯ୍ୟକ୍ରମ ବା Prompt Corrective Action (PCA) ର ଲଙ୍ଘଙ୍କର କରିବା ଏକ ବଡ ପଦକ୍ଷେପ ଏବଂ ବ୍ୟାଙ୍କିଙ୍ଗ ସେବାକୁ ଦେଶସାରା ସହଜ ଓ ସୁବିଧାରେ ଲୋକଙ୍କ ପାଖରେ ପହଂଚାଇବା ଏବଂ ବିଶେଷଭାବରେ କୃଷି ଓ କ୍ଷୁଦ୍ର ଏବଂ ଅଣୁ ଶିଳ୍ପରେ ଋଣ ଲଗାଇବାର ଅଧିକା ପ୍ରାଧାନ୍ୟ ବର୍ତ୍ତମାନ ଦିଆଯାଉଛି । ଋଣପ୍ରଦାନ ସହ ଆର୍ଥିକ ଅନ୍ତର୍ଭୁକ୍ତକରଣ (Financial Inclusion) ଉନ୍ନତି ଆଣିବା ପାଇଁ ସବୁପ୍ରକାର ଉଦ୍ୟମ ଜାରିରହିଛି । ଉଭୟ କେନ୍ଦ୍ର ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କମାନଙ୍କ ପାଇଁ ତ୍ୱରିତ୍ୱ ଓ ସୁଧାରଧର୍ମି କାର୍ଯ୍ୟକ୍ରମ ମାନ ବ୍ୟାଙ୍କ ଶିଳ୍ପରେ ଆଗାମୀ ଦିନରେ ବ୍ୟାଙ୍କ ମାନଙ୍କରେ ଉନ୍ନତି ଆଣିବ ଏହା ନିସନ୍ଦେହ ।

କେନ୍ଦ୍ରସରକାର ପ୍ରତିବର୍ଷ ପରି ୨୦୧୭-୧୮ ଆର୍ଥିକ ବର୍ଷରେ କୃଷିଋଣ ପାଇଁ ୧୦୦୦୦ ବିଲିୟନ ଟଙ୍କା ଧାର୍ଯ୍ୟ ଲକ୍ଷ୍ୟ କରିଥିଲେ । ରିଜର୍ଭ ବ୍ୟାଙ୍କର ବାର୍ଷିକ ସମୀକ୍ଷା ରିପୋର୍ଟ ଅନୁଯାୟୀ ମାର୍ଚ୍ଚ ୩୧, ୨୦୧୮ ସୁଦ୍ଧା ବ୍ୟବସାୟିକ ବ୍ୟାଙ୍କ ୧୨୪.୬୦ ପ୍ରତିଶତ ସେମାନଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିଥିବା ବେଳେ, ସମବାୟ ବ୍ୟାଙ୍କ ଓ ଗ୍ରାମାଂଚଳ ବ୍ୟାଙ୍କ (RRBS) ମାନେ ଯଥାକ୍ରମେ ସେମାନଙ୍କ ଧାର୍ଯ୍ୟର ୯୬.୪୦ ପ୍ରତିଶତ ଓ ୧୦୦.୭୦ ପ୍ରତିଶତ ପୂରଣ କରି ପାରିଛନ୍ତି । ଆମ୍ଭ ରାଜ୍ୟସରକାର ଏହି ଆର୍ଥିକ ବର୍ଷ ପାଇଁ ସମୁଦାୟ --- କୋଟି ଟଙ୍କା କୃଷିଋଣ ଧାର୍ଯ୍ୟ କରିଥିବାବେଳେ ରାଜ୍ୟର ସମସ୍ତ ୧୭ଟି କେନ୍ଦ୍ର ସମବାୟ ମାନେ ମିଶି --- ଗୋଟି ଟଙ୍କା ପ୍ରଦାନ କରିଛନ୍ତି, ଯାହାକି ସମୁଦାୟ ଧାର୍ଯ୍ୟ ଲକ୍ଷ୍ୟ --- ପ୍ରତିଶତ ।

ବର୍ତ୍ତମାନ ଅତିମାତ୍ରାରେ ପ୍ରତିଯୋଗିତା ମୂଳକ ବ୍ୟାଙ୍କିଙ୍ଗ୍ ବ୍ୟବସାୟରେ ସବୁ ବ୍ୟବସାୟିକ ତଥା ନୂଆପିଢିର ସ୍ମଲ ଫାଇନାନ୍ସ୍ ବ୍ୟାଙ୍କ (Small Finance Bank) ସହ ପେମେଂଟ ବ୍ୟାଙ୍କ (Payment Bank) ଏବଂ ଅସଂଖ୍ୟ ମାଇକ୍ରୋ ଫାଇନାନ୍ସ କମ୍ପାନୀ ମାନେ ଅଧିକରୁ ଅଧିକ ଗ୍ରାହକ ଯୋଗାଡ କରି ବ୍ୟବସାୟ ବୃଦ୍ଧି କରିବା ପାଇଁ ଗ୍ରାମାଭିମୁଖୀ, ଏହା ମୂଳରେ ସେମାନେ ଉପଲବଧି କରିଛନ୍ତି ଯେ ଗ୍ରାମାଂଚଳରେ ଅଧିକା ଚାହିଦା ଅଛି । ଏହାଫଳରେ ଦୀର୍ଘ ବର୍ଷ ଧରି ଗ୍ରାମାଂଚଳରେ ସମର୍ପିତ ଭାବେ କୃଷକ ତଥା ସାଧାରଣ ବର୍ଗଙ୍କୁ ଆର୍ଥିକ ସହାୟତା କରିଆସୁଥିବା ସମବାୟ ବ୍ୟାଙ୍କ ଓ ସମିତି ମାନଙ୍କର ଉତର ଜୀବିତ ହୋଇ କାର୍ଯ୍ୟ କରିବା ଆଶଙ୍କା କରାଯାଏ । ବ୍ୟବସାୟିକ ବ୍ୟାଙ୍କ ହେଉ କିମ୍ବା ନୂଆପିଢିର ବ୍ୟାଙ୍କ ମାନେ ସମବାୟ ବ୍ୟାଙ୍କ ତୁଳନା ବୈଷୟିକଜ୍ଞାନ କୌଶଳରେ ଏବଂ ତ୍ୱରିତ୍ୱ ନିଷ୍ପତି ସହ ଖୁବ ଶୀଘ୍ର ଆର୍ଥିକ ସେବା ଯୋଗାଇ ଦେବାରେ ଦକ୍ଷ ଓ ପାରଙ୍ଗମ୍ । ଏହି ଦିଗରୁ ମଧ୍ୟ ସମବାୟ ବ୍ୟାଙ୍କ ମାନେ ପଛରେ ପଡି ନିଜର ଗ୍ରହକ ହରାଇବେ ତାହା ନିଶ୍ଚିତ । ଅମ୍ଭ ସମବାୟ ବ୍ୟାଙ୍କରେ ଥିବା ମାନସିକତାରେ କେବଳ ପରିବର୍ତ୍ତନ ନୁହେଁ ବରଂ ତାହାକୁ ସଶକ୍ତକରଣ ସହ କରିବା ଆମ୍ଭ ପାଇଁ ବର୍ତ୍ତମାନର ଏକ ବଡ ଆହ୍ୱାନ । ସମୟୋପଯୋଗୀ ତଥା ବଳିଷ୍ଠ ପଦକ୍ଷେପ ନେବାକୁ ଆଜି ଏ ଅବସରରେ ବ୍ୟାଙ୍କର ବ୍ୟବସାୟ ବା କାର୍ଯ୍ୟକ୍ରମ ଅବତାରଣ କରିବା ଆରମ୍ଭରୁ ମୁଁ ଆପଣମାନଙ୍କର ସଦୟ ଉପଦେଶ ତଥା ସହଯୋଗ କାମନା କରୁଅଛି ।

**ପରିଚାଳନା :**

ଗତ ଏପ୍ରିଲ ୨୮, ୨୦୧୫ ଠାରୁ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ପରିଚାଳନା ପରିଷଦ ଶ୍ରୀଯୁକ୍ତ କାନନ ବିହାରୀ ପୋହୀଙ୍କ ସଭାପତିତ୍ୱରେ ବ୍ୟାଙ୍କ ପରିଚାଳନା ଦାୟିତ୍ୱରେ କାର୍ଯ୍ୟ ନିର୍ବାହ କରିଆସୁଅଛନ୍ତି । ୨୦୧୭-୧୮ ରେ ପରିଚାଳନା ପରିଷଦ --- ଥର ---- ବୈଠକ ଆବଶ୍ୟକୀୟ ପରିଚାଳନା ଗତ ନିଷ୍ପତି ଗ୍ରହଣ କରିଛି ।

**ସଭ୍ୟ ଓ ଅଂଶଧନ :**

ଆଲୋଚ୍ୟ ବର୍ଷ ୨୦୧୭-୧୮ ସୁଦ୍ଧା ରାଜ୍ୟସରକାର ଓ ୧୦୪ ଗୋଟି ସମବାୟ ଅନୁଷ୍ଠାନ ଅନୁବନ୍ଧିତ ହୋଇଛନ୍ତି । ମୋଟ ସଭ୍ୟ ମଧ୍ୟରୁ ୨୭ ଗୋଟି ପ୍ରାଥମିକ ସେବା ସମବାୟ ସମିତି, ୧୭ ଗୋଟି ବୃହଦାଗାର ଆଦିବାସୀ ବହୁମୁଖୀ ସମବାୟ ସମିତି ୬୦ ଗୋଟି ଅନ୍ୟାନ୍ୟ ସମବାୟ ସମିତି ଓ ୧୫୫୦୩ ସଂଖ୍ୟକ ଅନୁବନ୍ଧିତ ନାମମାତ୍ର ସଭ୍ୟଙ୍କ ମାଧ୍ୟମରେ ଆଲୋଚ୍ୟ ବର୍ଷରେ ଜମା ଓ ଋଣ କରିଅଛି । ଏହି କ୍ରମରେ ରାଜ୍ୟସରକାର ୧.୦୪ କୋଟି ଟଙ୍କା ବିଭିନ୍ନ ଅନୁବନ୍ଧିତ ସମିତି ଓ ନାମମାତ୍ର ସଭ୍ୟଙ୍କ ଠାରୁ ସଂଗୃହୀତ ଯଥାକ୍ରମେ ୨୮.୨୪ କୋଟି ଓ ୪.୬୬ କୋଟି ଟଙ୍କା ଅଂଶଧନ ବାବଦରେ ବ୍ୟାଙ୍କ ସଂଗ୍ରହ କରି ପାରିଛି । ବିଗତ ୫ବର୍ଷର ଏହି ଅଂଶଧନ ପରିମାଣ ନିମ୍ନ ସାରଣୀ ଓ ସୂଚକ ରେଖା ଚିହ୍ନ ମାଧ୍ୟମରେ ପ୍ରଦାନ କରାଗଲା ।

| ଆର୍ଥିକ ବର୍ଷ | ମୋଟ ଅଂଶଧନ | ବୃଦ୍ଧି (ପ୍ରତିଶତ) | ମୋଟ ଅଂଶଧନରୁ ରାଜ୍ୟ ସରକାରଙ୍କ ଅଂଶଧନ |
|---|---|---|---|
| ୨୦୧୩-୧୪ | ୧୯.୨୧ | ୧୩.୮୭ | ୧.୦୪ |
| ୨୦୧୪-୧୫ | ୨୧.୧୭ | ୧୦.୨୦ | ୧.୦୪ |
| ୨୦୧୫-୧୬ | ୨୫.୧୬ | ୧୮.୮୫ | ୧.୦୪ |
| ୨୦୧୬-୧୭ | ୨୭.୬୧ | ୯.୭୪ | ୧.୦୪ |
| ୨୦୧୭-୧୮ | ୩୦.୯୫ | ୧୨.୧୦ | ୧.୦୪ |

**ନିଜସ୍ୱ ପାଣ୍ଠି :**

ସମୀକ୍ଷା ଫର୍ଦ୍ଦ ଅନୁଯାୟୀ ବ୍ୟାଙ୍କର ନିଜସ୍ୱ ପାଣ୍ଠି ଗତ ୫ ବର୍ଷରେ ଦ୍ୱିଗୁଣିତରୁ ଅଧିକ ହୋଇ ୨୦୧୭-୧୮ ସୁଦ୍ଧା ୪୬.୯୧ କୋଟି ଟଙ୍କାରେ ପହଂଚି ଯାହାକି ବିବରଣୀ ନିମ୍ନରେ ସୂଚିତ କରାଗଲା ।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | ମୋଟ ନିଜସ୍ୱ ପାଣ୍ଠି | ବୃଦ୍ଧି (ପ୍ରତିଶତରେ) |
|---|---|---|
| ୨୦୧୩-୧୪ | ୨୬.୧୭ | ୧୦.୪୬ |
| ୨୦୧୪-୧୫ | ୩୧.୧୫ | ୧୯.୦୩ |
| ୨୦୧୫-୧୬ | ୩୮.୯୪ | ୨୫.୦୧ |
| ୨୦୧୬-୧୭ | ୪୨.୭୦ | ୯.୬୬ |
| ୨୦୧୭-୧୮ | ୪୬.୯୧ | ୯.୮୬ |

ଜମା ସଂଗ୍ରହ:

ବ୍ୟାଙ୍କର ସଂଗୃହୀତ ଜମାରାଶୀ ୨୦୧୩-୧୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୩୦୭.୯୦ କୋଟି ଟଙ୍କାରେଥିଲାବେଳେ ତାହା ବର୍ଷାନୁ କ୍ରମେ ବୃଦ୍ଧି ପାଇ ୨୦୧୭-୧୮ ଆର୍ଥିକ ବର୍ଷ ଶେଷ ବେଳକୁ ୪୦୮.୪୭ କୋଟି ଟଙ୍କାରେ ପହଂଚିପାରିଛି । ଗତ ବର୍ଷ ତୁଳନାରେ ଆଲୋଚ୍ୟ ବର୍ଷରେ ବୃଦ୍ଧି ୭.୯୯ ପ୍ରତିଶତ । ବିଗତ ପାଂଚ ବର୍ଷରେ ଜମା ରାଶୀର ପରିମାଣ ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | ମୋଟ ଜମାସଂଗ୍ରହର ପରିମାଣ | ବୃଦ୍ଧି ପରିମାଣରେ | ପ୍ରତିଶତରେ |
|---|---|---|---|
| ୨୦୧୩-୧୪ | ୩୦୭.୯୦ | ୪୩.୫୩ | ୧୬.୪୭ |
| ୨୦୧୪-୧୫ | ୩୦୫.୩୮ | (-)୨.୫୨ | (-)୦.୮୨ |
| ୨୦୧୫-୧୬ | ୩୩୨.୩୫ | ୨୬.୯୭ | ୮.୮୩ |
| ୨୦୧୬-୧୭ | ୩୭୮.୨୩ | ୪୫.୮୮ | ୧୩.୮୦ |
| ୨୦୧୭-୧୮ | ୪୦୮.୪୭ | ୩୦.୨୪ | ୮.୦୦ |

ଋଣ ଗ୍ରହଣ

ସମିତି ମାନଙ୍କ ମାଧ୍ୟମରେ ଫସଲଋଣ, ମିଆଦି ଋଣ ଏବଂ ବ୍ୟାଙ୍କ ଋଣ ଚାହିଦା ମେଂଟାଇବାକୁ ଜମାରାଶି ଯଥେଷ୍ଟ ହେଉନଥିବାରୁ ବ୍ୟାଙ୍କ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ, ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ ନାବାର୍ଡ ଓ ରାଜ୍ୟସରକାର ଠାରୁ ଋଣ କରିଥାଏ । ଋଣ ଗ୍ରହଣ କରିବାର ପରିମାଣ ୨୦୧୩-୧୪ ଆର୍ଥିକ ବର୍ଷ ସୁଦ୍ଧା ୧୪୨.୧୨ କୋଟି ଟଙ୍କାରେ ଥିଲାବେଳେ ତାହା କ୍ରମଶଃ ବୃଦ୍ଧିଘଟି ଏହି ପରିମାଣ ୨୦୧୭-୧୮ ଆର୍ଥିକ ବର୍ଷ ୨୪୭.୩୦ କୋଟି ଟଙ୍କାରେ ପହଂଚିଛି । ଏହି ସମୁଦାୟ ଋଣ ପରିମାଣ ମଧ୍ୟରୁ ନାବାର୍ଡ ଓ ରାଜ୍ୟ ସମବାୟ ବ୍ୟାଙ୍କଠାରୁ ମୋଟ ଋଣ ୨୪୭.୧୮ କୋଟି ଟଙ୍କା ଯାହାକି ମୋଟ ଋଣର ୯୯.୯୫ ପ୍ରତିଶତ । ବିଗତ ୫ବର୍ଷରେ ଋଣ ପରିମାଣ ବିବରଣୀ ନିମ୍ନ ସାରଣୀ ଏବଂ ସୂଚକ ରେଖା ଚିହ୍ନ ଦ୍ୱାରା ପ୍ରଦାନ କରାଗଲା ।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | ମୋଟ ଋଣ ପରିମାଣ | ବୃଦ୍ଧି (ପ୍ରତିଶତ) |
|---|---|---|
| ୨୦୧୩-୧୪ | ୧୪୨.୧୨ | ୨୯.୦୬ |
| ୨୦୧୪-୧୫ | ୧୮୬.୩୩ | ୩୧.୧୦ |
| ୨୦୧୫-୧୬ | ୨୧୫.୬୮ | ୧୫.୭୫ |
| ୨୦୧୬-୧୭ | ୨୨୫.୫୭ | ୪.୫୯ |
| ୨୦୧୭-୧୮ | ୨୪୭.୩୦ | ୯.୬୩ |

**କାର୍ଯ୍ୟକାରୀ ମୂଳଧନ :**

ବ୍ୟାଙ୍କର କାର୍ଯ୍ୟକାରୀ ମୂଳଧନ ଗତ ୫ବର୍ଷ ମଧ୍ୟରେ ପାଖାପାଖି ୧.୫୦ ଗୁଣ ବୃଦ୍ଧିପାଇଛି । ଏହା ୨୦୧୩-୧୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୨୫.୦୩ କୋଟି ଥିଲାବେଳେ ତାହା କ୍ରମାନ୍ୱୟ ବୃଦ୍ଧି ଘଟି ୨୦୧୭-୧୮ ଆର୍ଥିକ ବର୍ଷ କୁ ୭୭୪.୭୯ କୋଟି ଟଙ୍କାରେ ପହଂଚିଛି । ବିଗତ ୫ବର୍ଷର ବ୍ୟାଙ୍କର କାର୍ଯ୍ୟକାରୀ ମୂଳଧନର ପରିମାଣ ନିମ୍ନ ସାରଣୀ ଓ ସୂଚକ ରେଖା ଚିହ୍ନ ଦ୍ୱାରା ସୂଚିତ କରାଯାଇଅଛି ।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | କାର୍ଯ୍ୟକାରୀ ମୂଳଧନର ପରିମାଣ | ବୃଦ୍ଧି (ପ୍ରତିଶତରେ) |
|---|---|---|
| ୨୦୧୩-୧୪ | ୫୨୫.୦୩ | ୧୯.୭୩ |
| ୨୦୧୪-୧୫ | ୫୮୬.୦୧ | ୧୧.୬୧ |
| ୨୦୧୫-୧୬ | ୬୫୭.୮୧ | ୧୨.୨୫ |
| ୨୦୧୬-୧୭ | ୭୦୬.୧୫ | ୭.୩୫ |
| ୨୦୧୭-୧୮ | ୭୭୪.୭୯ | ୯.୭୨ |

**ଋଣ ଲଗାଣ :**

ଜିଲ୍ଲାର ପ୍ରଦାନ କରାଯାଉଥିବା ଫସଲ ଋଣର ପ୍ରାୟ ୮୦ ପ୍ରତିଶତରୁ ଉର୍ଦ୍ଧ କେବଳ ଏହି ବ୍ୟାଙ୍କ ଯୋଗାଇଥାଏ । ଏହି ଫସଲ ଋଣ ବ୍ୟତୀତ ବ୍ୟାଙ୍କ କୃଷି ଓ ଅଣକୃଷି ମିଆଦି ଋଣ ସହ କ୍ଷୁଦ୍ର ବ୍ୟବସାୟୀ ଗ୍ରାମ୍ୟ କାରିଗରୀ, ଗୃହଋଣ, ଯାନବାହନ ଋଣ, ବ୍ୟକ୍ତିଗତ ଋଣ ସହ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମଦେୟ ଗୋଷ୍ଠୀ ଇତ୍ୟାଦି ସମସ୍ତ ଋଣ ବ୍ୟାଙ୍କର ୧୫ ଗୋଟି ଶାଖା ଓ ୪୪ଟି ପ୍ରାଥମିକ କୃଷି ଋଣ ସମିତି ମାଧ୍ୟମରେ ଯୋଗାଇ ଦିଆଯାଇଥାଏ । ବ୍ୟାଙ୍କ ୫ବର୍ଷ ତଳେ ଅର୍ଥାତ୍ ୨୦୧୩-୧୪ ଆର୍ଥିକ ବର୍ଷରେ ୨୫୪.୧୧ କୋଟି ଋଣ ଲଗାଣ କରିଥିବାବେଳେ ତାହା ପ୍ରତିବର୍ଷ ବୃଦ୍ଧିପଟି ୨୦୧୭-୧୮ ଆର୍ଥିକ ବର୍ଷରେ ୪୦୬.୨୦ କୋଟିରେ ପହଂଚି ପାରିଛି । ଆଲୋଖ ବର୍ଷରେ ଫସଲ ଋଣ ଲଗାଣ ୩୭୮.୬୭ କୋଟି ଟଙ୍କା ଯାହାକି ମୋଟ ଋଣଲଗାଣର ୯୩.୨୨ ପ୍ରତିଶତ, ବିଗତ ୫ ବର୍ଷର ବ୍ୟାଙ୍କର ଋଣଲଗାଣର କ୍ରମାନ୍ୱୟ ବୃଦ୍ଧି ନିମ୍ନ ସାରଣୀ ଓ ସୂଚକ ରେଖା ଚିହ୍ନ ଦ୍ୱାରା ସୂଚିତ କରାଯାଇଅଛି ।

(ଟଙ୍କା କୋଟିରେ)

| ଆର୍ଥିକ ବର୍ଷ | ମୋଟ ଋଣ ଲଗାଣର ପରିମାଣ | ବୃଦ୍ଧିର ପରିମାଣ | ମୋଟ ଲଗାଇ ଥିବା ଋଣରୁ ଫସଲଋଣ ଲଗାଣର ପରିମାଣ | ଫସଲଋଣ ଲଗାଣରେ ଫସଲ ଋଣର ଅଂଶ ପ୍ରତିଶତରେ |
|---|---|---|---|---|
| ୨୦୧୩-୧୪ | ୨୫୪.୧୧ | | ୨୧୯.୪୩ | ୮୬.୩୫ |
| ୨୦୧୪-୧୫ | ୩୦୧.୦୧ | ୪୬.୯୦ | ୨୬୬.୦୬ | ୮୮.୩୯ |
| ୨୦୧୫-୧୬ | ୩୬୧.୬୧ | ୬୦.୬୦ | ୩୨୯.୩୪ | ୯୧.୦୮ |
| ୨୦୧୬-୧୭ | ୩୭୩.୩୬ | ୧୧.୭୫ | ୩୪୩.୩୪ | ୯୧.୯୬ |
| ୨୦୧୭-୧୮ | ୪୦୬.୨୦ | ୩୨.୮୪ | ୩୭୮.୬୭ | ୯୬.୨୨ |

**ସ୍ୱୟଂ ସହାୟକ ଗୋଷ୍ଠୀ, ଯୁଗ୍ମଦେୟ ଗୋଷ୍ଠୀ ଗଠନ ଓ ଋଣ ଲଗାଣ**

ଦାରିଦ୍ର ସୀମା ରେଖାତଳେଥିବା ପରିବାର ମାନଙ୍କର ଆର୍ଥିକ ଉନ୍ନତି ପାଇଁ ଗ୍ରାମାଂଚଳରେ ସମଭାବାପନ୍ନ ପୁରୁଷ ଓ ବିଶେଷ କରି ମହିଳା ମାନଙ୍କ ମଧ୍ୟରେ ସମିତି ଓ ବ୍ୟାଙ୍କ ଶାଖା ମାଧ୍ୟମରେ ୨୦୧୭-୧୮ ବର୍ଷ ଶେଷ ସୁଦ୍ଧା------ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ---- ଗୋଟି ଗୋଷ୍ଠୀକୁ ----- କୋଟି ଟଙ୍କା ଋଣ ଲଗାଣ କରାଯାଇପାରିଛି । ସେହିପରି ଭୂମିହୀନ ଓ ଭାଗଚାଷୀ ମାନଙ୍କୁ ଋଣ ଆବଶ୍ୟକତା ପାଇଁ ଯୁଗ୍ମଦେୟ ଗୋଷ୍ଠୀରେ ଗୁରୁତ୍ୱ ଦିଆଯାଇ ପ୍ରାଥମିକ କୃଷିଋଣ ସମିତି ମାନଙ୍କ ମାଧ୍ୟମରେ ମୋଟ ---- ଗୋଟି ଗଠନ କରାଯାଇଥିବାବେଳେ ଆଲୋଖ ବର୍ଷ ଅର୍ଥାତ୍ ୨୦୧୭-୧୮ ରେ ---- ଗୋଷ୍ଠୀକୁ ---- କୋଟି ଋଣ ପ୍ରଦାନ କରାଯାଇଅଛି ।

**ମତ୍ସ୍ୟ ଓ ଗୋପାଳନ ଋଣ ଲଗାଣ :**

ମତ୍ସ୍ୟ ଓ ଗୋପାଳନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରାଯାଇ, ଏହି ଦୁଇ କ୍ଷେତ୍ରରେ ଯଥାକ୍ରମେ ୧୫ ଜଣଙ୍କୁ ୧୦.୮୨ ଲକ୍ଷ ଏବଂ ୪୮ ଜଣଙ୍କୁ ୨୪.୩୭ ଲକ୍ଷ ଟଙ୍କା ଏହି ଆଲୋଚ୍ୟ ବର୍ଷରେ ଋଣ ପ୍ରଦାନ ଏକ ଗୁରୁତ୍ୱପୂର୍ଣ୍ଣ ସାଫଲ୍ୟତା ।


**ପୁଞ୍ଜି ନିବେଶ :**

ଭାରତୀୟ ରିଜର୍ଭ ବ୍ୟାଙ୍କ ସଭାବଳୀ ଅନୁଯାୟୀ ଜମାରାଶିର ନିର୍ଦ୍ଦିଷ୍ଟ ପରିମାଣ ବ୍ୟାଙ୍କକୁ ପୁଞ୍ଜିବିନିଯୋଗ କ୍ଷେତ୍ରରେ ଏସ୍.ଏଲ.ଆର ଓ ସି.ଆର.ଆର ନିବେଶ କରିବାକୁ ପଡିଥାଏ । ବ୍ୟାଙ୍କ ବର୍ତ୍ତମାନ ସୁଦ୍ଧା ଏଦିଗରେ କୌଣସି ଖିଲାପୀ କରିନାହିଁ । ପୁନଶ୍ଚ ଏସ୍.ଏଲ.ଆର ଓ ସି.ଆର.ଆର ଠାରୁ ଉଦବୃତ ପୁଞ୍ଜି ରାଷ୍ଟ୍ରାୟତରେ ବ୍ୟାଙ୍କରେ ମିଆଦି ଜମାରଖି ସେଥିରୁ ସୁଧ ସଂଗ୍ରହ କରିଥାଏ ଏବଂ ତାହା ମଧ୍ୟ କରିଅଛି । ଏହି ପୁଞ୍ଜି ନିବେଶ ପରିମାଣ ୨୦୧୩-୧୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୨୩.୯୭ କୋଟି ଥିଲା ବେଳେ ତାହା ବର୍ଷକୁ ବର୍ଷ ବୃଦ୍ଧିପାଇ ୨୦୧୭-୧୮ ଆର୍ଥିକ ବର୍ଷ ଶେଷ କୁ ୩୩୦.୫୭ କୋଟି ଟଙ୍କାରେ ପହଂଚି ଅଛି । ଅତଏବ ଏହି ପାଂଚ ବର୍ଷ ମଧ୍ୟରେ ନିବେଶ ବୃଦ୍ଧିର ପରିମାଣ ୧୦୬.୬୦ କୋଟି ଟଙ୍କା । ବିଗତ ୫ ବର୍ଷର ଏହି କ୍ଷେତ୍ରରେ ସ୍ଥିତି ନିମ୍ନ ସୂଚକରେଖା ଚିହ୍ନ ଦ୍ୱାରା ସୂଚିତ କରାଯାଇଅଛି ।

**ବାର୍ଷିକ ଲାଭ / କ୍ଷତି :**

ବ୍ୟାଙ୍କ ୨୦୦୩-୦୪ ଆର୍ଥିକ ବର୍ଷଠାରୁ ନିରନ୍ତର ନିଟ୍ ଲାଭ ଉପାର୍ଜନ କରିଆସୁଅଛନ୍ତି । ୨୦୧୩-୧୪ ଆର୍ଥିକ ବର୍ଷର ନିଟ୍ ଲାଭ ପରିମାଣ ୪୨୫.୫୩ ଲକ୍ଷ ଥିଲାବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ତାହା ୪୭୫.୫୪ ଲକ୍ଷ ହୋଇଅଛି ଏବଂ ଏହି ଲାଭର ପରିମାଣ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କର ରେକର୍ଡ । ଏବଂ ଏହି ପ୍ରକ୍ରିୟା ଆଗାମୀ ବର୍ଷରେ ବଳବର୍ତ୍ତର ରହିବ ବୋଲି ଆମ୍ଭେ ନିଶ୍ଚତ । ଲାଭରବର୍ଗୱାରି ପରିମାଣ ନିମ୍ନ ସୂଚକ ରେଖା ଚିହ୍ନ ଦ୍ୱାରା ସୂଚିତ କରାଗଲା ।

ପରିମାଣ




**ସେବା ସମବାୟ ସମିତି ଓ ଲ୍ୟାମ୍ପ୍ ଜରିଆରେ ଚାଷୀଙ୍କ ଫସଲର ବିପଣନ :**

ଚାଷୀମାନଙ୍କର ଉତ୍ପାଦିତ ବଳକା ଧାନର ଅଭାବ ବ୍ୟକ୍ତି ସମସ୍ୟାକୁ ରୋକି ସରକାରଙ୍କ ଧାର୍ଯ୍ୟ ହୋଇଥିବା ସହାୟକ ମୂଲ୍ୟ ଠିକ୍ ସମବାୟ ସେମାନଙ୍କ ବ୍ୟାଙ୍କ ଖାତା ମାଧ୍ୟମରେ ସେମାନଙ୍କୁ ଉପଲବ୍ଧ କରିବା ଉଦ୍ଦେଶ୍ୟରେ ରାଜ୍ୟସରକାର ଖାଦ୍ୟ ସଂଗ୍ରହ ଯୋଜନାରେ ଭାଗ ନେଇ ପ୍ରାଥମିକ କୃଷିଋଣ ଖରିଫ ୨୦୧୦-୧୧ ବର୍ଷଠାରୁ ଚାଷୀମାନଙ୍କ ଠାରୁ ଧାନ କ୍ରୟରେ ରାଜ୍ୟ ଯୋଗାଣ ନିଗମର କମିଶନ ଏଜେଂଟ୍ ଭାବରେ ନିୟୋଜିତ କରିଅଛନ୍ତି ଏହି ପ୍ରକ୍ରିୟା ଆରମ୍ଭ ହେବାଠାରୁ ବ୍ୟାଙ୍କ ଏହାକୁ ସମସ୍ତ ପକ୍ଷ ସହ ସମନ୍ୱୟ ରକ୍ଷାକରି ସଫଳତାସହ ପରିଚାଳନା ଓ ତଦାରଖ କରିଆସୁଅଛି । ଏହି ଧାନ କ୍ରୟ ବ୍ୟବସାୟରୁ ମିଳିଥିବା କମିଶନ ସମିତି ତଥା ବ୍ୟାଙ୍କର ଆୟ ବୃଦ୍ଧିରେ ସାହାଯ୍ୟ କରୁଛି । ୨୦୧୭-୧୮ ଆର୍ଥିକ ବର୍ଷରେ ସମସ୍ତ ୨୭ ଗୋଟି ସମିତି ଓ ୧୭ ଗୋଟି ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ବା ଲ୍ୟାମ୍ପ ମାଧ୍ୟମରେ ୯୯୪୭୦ ଜଣ ଚାଷୀଙ୍କୁ ଟ.୪୦.୯୪ ଲକ୍ଷ କୁଇଂଟାଲ ଧାନ କିଣି ୫୮୫.୧୮ କୋଟି ବିକ୍ରେତା ଚାଷୀ ପ୍ରଦାନ କରିଛନ୍ତି ।

**ଶାଖା ଓ କର୍ମଚାରୀ ପ୍ରତି ବ୍ୟବସାୟ :**

ଗତ କେତେ ବର୍ଷର ବ୍ୟାଙ୍କର ଅଭିବୃଦ୍ଧିକୁ ଆକଳନ କଲେ ଜଣାଯାଏ ଯେ ଏହି ବ୍ୟାଙ୍କର ଶାଖାପ୍ରତି ହାରାହାରି ବ୍ୟବସାୟ ଜିଲ୍ଲାସ୍ତରୀୟ ପ୍ରମୁଖ କେତୋଟି ବ୍ୟାଙ୍କ ବ୍ୟବସାୟ ତୁଳନାରେ ନିମ୍ନନୁହେଁ ବରଂ ସମକକ୍ଷ । ଏହିପରି କର୍ମଚାରୀ ପିଛା ବ୍ୟବସାୟରେ ଏହି ବ୍ୟାଙ୍କର ସଂଖ୍ୟା ନିଶ୍ଚିତ ଭାବେ ଆକର୍ଷଣୟୀ ଏହାର ଏକ ଚିତ୍ର ନିମ୍ନରେ ପ୍ରଦାନ କରାଗଲା ।

| ୨୦୧୭-୧୮ରେ ବ୍ୟାଙ୍କର ମୋଟ ବ୍ୟବସାୟ | ମୋଟ ଶାଖା ସଂଖ୍ୟା | ଶାଖା ପ୍ରତି ବ୍ୟବସାୟ | ମୋଟ କର୍ମଚାରୀ ସଂଖ୍ୟା | କର୍ମଚାରୀ ପିଛା ବ୍ୟବସାୟ | ପରିଚାଳନା ଖର୍ଚ୍ଚ ବାସ୍ତବ ଆୟର |
|---|---|---|---|---|---|
| ୭୮୭.୫୫ | ୧୫ | ୫୨.୫୦ | ୮୯ | ୮.୮୫ | ୩୨.୨୫% |

ପରିଶେଷରେ ଆଜିର ୬୫ତମ ବାର୍ଷିକ ସାଧାରଣ ସଭାରେ ସଭାପତି ଶ୍ରୀଯୁକ୍ତ କାନନ ବିହାରୀ ପହୀ ମହୋଦୟ, ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଶକ, ସମସ୍ତ ୪୪ ଗୋଟି ପ୍ରାଥମିକ କୃଷିଋଣ ସମବାୟ ସମିତିର ସଭାପତି, ବ୍ୟାଙ୍କ ସହ ଅନୁବନ୍ଧିତ ସମିତିର ସଭାପତି, ସମବାୟ ସମିତିର ଉପନିବନ୍ଧକ, କେନ୍ଦୁଝର, ଆନନ୍ଦପୁର ଓ ଚମ୍ପୁଆର ସହନିବନ୍ଧକ, ଜିଲ୍ଲା ସମବାୟ ସମୀକ୍ଷା କର୍ତ୍ତା ପକ୍ଷ ତଥା ନିରୀକ୍ଷକ ବୃନ୍ଦ, ମୋର ପ୍ରିୟ ସହକାରୀ ବୃନ୍ଦ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବ୍ୟାଙ୍କର ଅଗଣିତ ଗ୍ରାହକ, ପୃଷ୍ଠ ପୋଷକ ତଥା ଶୁଭେଚ୍ଛୁ ଓ ସର୍ବୋପରି ଜିଲ୍ଲା ତଥା ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କକୁ ସେମାନଙ୍କର ଅକୁଣ୍ଠିତ ତଥା ସମୟୋପଯୋଗୀ ସହାଯ୍ୟ ଓ ସହଯୋଗ ପାଇଁ ବ୍ୟକ୍ତିଗତ ଏବଂ ବ୍ୟାଙ୍କ ତରଫରୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ବ୍ୟାଙ୍କକୁ ରାଜ୍ୟ ତଥା ଦେଶର ଏକ ଅଗ୍ରଣୀ ତଥା ଆଦର୍ଶ ବ୍ୟାଙ୍କ ଭାବେ ଗଢିତୋଳିବାକୁ ସେମାନଙ୍କର ସହଯୋଗ କାମନା କରି ମୋର ବାର୍ଷିକ ବିବରଣୀ ପଠନ କାର୍ଯ୍ୟ ସମାପ୍ତ କରୁଛି ।

ଜୟ ହିନ୍ଦ୍ ! ଜୟତୁ ସମବାୟ

ନାରାୟଣ ମହେଇ

ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ



> ଅଷ୍ଟ୍ରେଲିଆ କଣ୍ଡିଶନ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସୁହାଇବ। ଆସନ୍ତା ଟେଷ୍ଟ ସିରିଜରେ ଭାରତ ତାଙ୍କ ଅନୁପସ୍ଥିତି ଅନୁଭବ କରିପାରେ ।
> – ମାଇକ୍ ହସି, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର



> ଆମେ ବିଶ୍ୱ ଚାମ୍ପିୟନ ହୋଇଥିଲେ ସୁଦ୍ଧା ପ୍ରତିଭା ସମ୍ପନ୍ନ ଯୁବ ଖେଳାଳି ଡି ଜଙ୍ଗଙ୍କ ସହ ନୂଆ ରୂପ ନେଇଥିବା ନେଦରଲାଣ୍ଡକୁ ହେୟଜ୍ଞାନ କରିବା ଉଚିତ୍ ହେବନି ।
> – ଡିଡିଅର ଡେସ୍‌ଚାମ୍ପ୍ସ, ଫ୍ରାନ୍ସ ଫୁଟ୍‌ବଲ କୋଚ୍

## ସଂକ୍ଷେପରେ

### ଏକାମ୍ର କଲେଜ ୯ ଉଇକେଟରେ ବିଜୟୀ

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି): ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଅଫ୍ ସାଇନ୍ସ ଆଣ୍ଡ ଏଜୁକେଶନ ମହାବିଦ୍ୟାଳୟରେ ଜୋନ-୪ ଆନ୍ତଃ କଲେଜ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱରର ଏକାମ୍ର କଲେଜ ୯ ଉଇକେଟରେ ଏଡି କଲେଜ ବ୍ରହ୍ମଗିରିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବ୍ରହ୍ମଗିରି କଲେଜ ୯.୫ ଓଭରରେ ୪୧ ରନ କରି ଅଲଆଉଟ ହୋଇ ଯାଇଥିଲା। ଏକାମ୍ର ବୋଲରଙ୍କ ମଧରେ ଚିନ୍ମୟ ପରିଡ଼ା ୫ ଉଇକେଟ ସଫଳତା ପାଇଥିବାବେଳେ ସୌରଭ ପାଣିଗ୍ରାହୀ ୩ ଓ ଶଶିକାନ୍ତ ବେହେରା ୨ଟି ଉଇକେଟ ନେଇଥିଲେ। ୪୨ ରନର ବିଜୟ ଲକ୍ଷ୍ୟକୁ ଏକାମ୍ର କଲେଜ ୩.୩ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଗିରିଜା ମିଶ୍ର ୨୯ ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

### ଅଷ୍ଟ୍ରେଲିଆ ଟୁର୍‌ରେ ଟିମ୍ ଇଣ୍ଡିଆ

ବମ୍ବେ, ୧୬।୧୧ (ପି.ଟି.)-ଭାରତୀୟ କ୍ରିକେଟ ଦଳ ଶୁକ୍ରବାର ଅଷ୍ଟ୍ରେଲିଆ ଟୁର୍‌ରେ ଯାଇଛି। ଦଳ ସେଠାରେ ୪ ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବ। ଦେଶ ଛାଡ଼ିବା ପୂର୍ବରୁ ଦଳର କେତେଜଣ ସଦସ୍ୟ ସେମାନଙ୍କ ଭାବନା ଟ୍ୱିଟରରେ ଶେୟାର କରିଛନ୍ତି। ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ଏହି ଟୁର୍‌କୁ ରୋମାଞ୍ଚ ଏବଂ ଚ୍ୟାଲେଞ୍ଜ ଭରା ହେବ ବୋଲି ଉଲ୍ଲେଖ କରିଛନ୍ତି। ଟିମ୍‌ମେଟ୍ ତଥା ଯୁବ ଉଇକେଟକିପର ରିଶଭ ପନ୍ତ, ରୋହିତ ଶର୍ମା ଏବଂ ଅନ୍ୟମାନଙ୍କ ସହ ମିଳିତ ଫଟୋକୁ ମଧ ସେ ପୋଷ୍ଟ କରିଛନ୍ତି। ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଟ୍ୱିଟରରେ ତାଙ୍କ ଫଟୋ ଛାଡ଼ିବା ସହ "ଅଫ୍ ୱି ଗୋ" ବୋଲି ଉଲ୍ଲେଖ କରିଛନ୍ତି। କୁନାଲ ପାଣ୍ଡ୍ୟା ଟିମ୍‌ମେଟ୍‌ଙ୍କ ସହିତ ତାଙ୍କ ଫଟୋ ପୋଷ୍ଟ କରିଛନ୍ତି। କୁନାଲ ପାଣ୍ଡ୍ୟା ମଧ ଟ୍ୱିଟରରେ ତାଙ୍କ ମନୋଭାବ ପ୍ରକାଶ କରିବ ସହ ଟିମ୍‌ମେଟଙ୍କ ସହ କେତେକ ଫଟୋ ପୋଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆରେ ଆମ ବ୍ୟାଟ୍ସମ୍ୟାନମାନଙ୍କୁ ଭଲ ବ୍ୟାଟିଂ କରିବାକୁ ପଡ଼ିବ ବୋଲି ଅଧିନାୟକ ବିରାଟ କୋହଲି ଦେଶ ଛାଡ଼ିବା ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କହିଛନ୍ତି ବିଶ୍ୱକପ୍ ପୂର୍ବରୁ ଆମ ହାତରେ ଆଉ ମାତ୍ର ୧୩ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ରହିଛି। ତେଣୁ ଆମ ଦିନିକିଆ ଦଳରେ ଆଉ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ଏହି ଅବସରରେ କ୍ରିକେଟ ବିଶେଷଜ୍ଞ ଏବଂ ପୂର୍ବତନ ଖେଳାଳିମାନେ ମତବ୍ୟକ୍ତ କରି କହିଛନ୍ତି, ଦକ୍ଷିଣ ଆଫ୍ରିକାରେ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲ ପାଇଁ ଦୁଇ ପ୍ରମୁଖ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଏବଂ ଡେଭିଡ ୱାର୍ନର ବର୍ତ୍ତମାନ ବର୍ଷକିଆ ବାସନ୍ଦ ଦଣ୍ଡରେ ରହିଥିବାରୁ ଟେଷ୍ଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ଲାଗି ଏହା ଏକ ବଡ଼ ସୁଯୋଗ।

## ■ ମିଷ୍ଟର ୟୁନିଭର୍ସ ବିଶ୍ୱ ବଡିବିଲ୍ଡିଂ ଚାମ୍ପିୟନଶିପ୍

# ପଦକ ଆଶାରେ ଜନ୍ମେଜୟ

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ବଡିବିଲ୍ଡର ଜନ୍ମେଜୟ ମହାନ୍ତି କ୍ୟାରିୟରର ସବୁଠାରୁ ବଡ଼ ପ୍ରତିଯୋଗିତାରେ ଭାଗନେବାକୁ ଯାଉଛନ୍ତି। ଜର୍ମାନୀର ହାମ୍‌ବର୍ଗଠାରେ ହେବାକୁ ଯାଉଥିବା ମିଷ୍ଟର ୟୁନିଭର୍ସ ବିଶ୍ୱ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ସେ ଭାରତୀୟ ବଡିବିଲ୍ଡିଂ ଫେଡେରେଶନ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହା ଚଳିତ ମାସ ୨୪ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଭିଜା ଆଦି ସମସ୍ତ ଔପଚାରିକତା ପୂରଣ କରିସାରିଛନ୍ତି ଜନ୍ମେଜୟ। ଭାରତୀୟ ଦଳ ସହ ୨୨ରେ ଯୋଗଦେଇ ୨୩ ତାରିଖରେ ଜର୍ମାନୀ ଯାତ୍ରା କରିବେ। "ଗତମାସରେ ଭାରତୀୟ ବଡିବିଲ୍ଡିଂ ଫେଡେରେଶନ ପକ୍ଷରୁ ଦିଲ୍ଲୀଠାରେ ଏକ ଚୟନ ଟ୍ରାଏଲ ହୋଇଥିଲା। ଏଥିରେ ୨୨ ଜଣ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନ ଭିତ୍ତିରେ ମିଷ୍ଟର ୟୁନିଭର୍ସ ପାଇଁ ପ୍ରତିଯୋଗୀ ଚୟନ ହୋଇଛନ୍ତି। ଭାରତରୁ ମୋଟ ୧୯ ଜଣ ଏହି ପ୍ରତିଯୋଗିତାରେ ଭାଗନେବେ।



କୋଚ୍ ଲଲାଟ କେଶରୀ ପଟ୍ଟନାୟକଙ୍କ ସହ ଜନ୍ମେଜୟ ମହାନ୍ତି (ବାମ)।

ଏମାନଙ୍କ ମଧରେ ୧୨ ପ୍ରତିଯୋଗୀ ଏବଂ ୭ ଅଫିସିଆଲ ସାମିଲ। ଭାରତୀୟ ବଡିବିଲ୍ଡିଂ ଫେଡେରେଶନ ସମ୍ପାଦକ ସୁରେଶ କଦମଙ୍କ କହିବା ଅନୁସାରେ, ଜର୍ମାନୀ ପ୍ରତିଯୋଗିତାରେ ୨୮ଟି ଦେଶର ୨୫୦ରୁ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତେଣୁ ପ୍ରତିଯୋଗିତା ନିଶ୍ଚିତ ଟପ୍ ହେବ। ଗତଥର ମୁଁ ଚୟନ ହୋଇଥିଲେ ହେଁ ଭିଜା ସମସ୍ୟା ଯୋଗୁ ଭାଗ ନେଇପାରି ନ ଥିଲି। ଏଥର ପ୍ରଥମଥର ପାଇଁ ଜୀବନର ସବୁଠାରୁ ବଡ଼ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବାରୁ ବହୁତ ଉତ୍ସାହିତ ଅଛି ଏବଂ ଭଲ ପ୍ରଦର୍ଶନ ପାଇଁ ଆଶା ମଧ ରଖିଛି" ବୋଲି ଶୁକ୍ରବାର ଖବରଦାତା ସମ୍ମିଳନୀରେ କହିଛନ୍ତି ଜନ୍ମେଜୟ। ମିଷ୍ଟର ୟୁନିଭର୍ସ ପ୍ରତିଯୋଗିତା ହାଇଟ୍(ଉଚ୍ଚତା) କାଟେଗୋରିରେ ହେବ। ପ୍ରାୟୋଜକ ନ ଥିବାରୁ ପ୍ରତିଯୋଗିତା ପାଇଁ ରହିବା, ଖାଇବା, ଟିକେଟ ଆଦି ସମସ୍ତ ଖର୍ଚ୍ଚ ଲାଗି ଭାରତୀୟ ଫେଡେରେଶନକୁ ବ୍ୟକ୍ତିଗତ ଭାବେ ୧ ଲକ୍ଷ ୩୦ ହଜାର ଟଙ୍କା ଦେବାକୁ ପଡ଼ିଛି। ମିଷ୍ଟର ଏସିଆରେ ମୁଁ ଟପ୍-୫ରେ ରହିଥିଲି। ଏଥର ମଧ ମୁଁ ଏକ ଭଲ ପୋଜିଶନ ପାଇବା ଆଶାରେ ରହିଛି। ମୋ କ୍ୟାରିୟରର ଏହା ସବୁଠାରୁ ଶ୍ରେଷ୍ଠ ପ୍ରତିଯୋଗିତା। ବଡ଼ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ମୁଁ ଭଲ ପ୍ରସ୍ତୁତି ମଧ କରିଛି। ତେଣୁ ପଦକ ଜିତିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ଓଡ଼ିଶାରେ ଏବେ ଓଡ଼ିଶା ବଡିବିଲ୍ଡିଂ ଆଣ୍ଡ ୱେଲ୍‌ଫେୟାର ଆସୋସିଏଶନ ଗଠନ ହୋଇଛି। ତେଣୁ ମୁଁ ଆଗକୁ ଆଉ କଲିକତା ନ ଯାଇ ଏବେ ଓଡ଼ିଶା ଆସୋସିଏଶନ ପକ୍ଷରୁ ହିଁ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇପାରିବି ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଜନ୍ମେଜୟଙ୍କ କୋଚ୍ ତଥା ଓଡ଼ିଶା ବଡିବିଲ୍ଡିଂ ଆଣ୍ଡ ୱେଲ୍‌ଫେୟାର ଆସୋସିଏଶନ ସମ୍ପାଦକ ଲଲାଟ କେଶରୀ ପଟ୍ଟନାୟକ ଏବଂ ଅନ୍ୟ ବଡିବିଲ୍ଡରମାନେ ଉପସ୍ଥିତ ଥିଲେ।

# ଦୃଢ଼ ସ୍ଥିତିରେ ଓଡ଼ିଶା

କଟକ ଅଫିସ,୧୬।୧୧

ଗୋଆର ସାନଗୁଏମ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି ଓଡ଼ିଶା–ଗୋଆ ବିପକ୍ଷ ମ୍ୟାଚ୍‌ର ୩ୟ ଦିବସ ଖେଳ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ କରି ୪ ଉଇକେଟ ବିନିମୟରେ ୨୦୮ ରନ୍ କରିଛି। ଅଧିନାୟକ ଦେବାଶିଷ ସାମନ୍ତରାୟ ଓ ଉଇକେଟକିପର ଅମ୍ରିତ୍ ଖଟୁଆ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି। ଓଡ଼ିଶା ମୋଟ୍ ୨୬୪ ରନ୍‌ର ଅଗ୍ରଣୀ ହାସଲ କରିଥିବା ବେଳେ ଶନିବାର ମ୍ୟାଚ୍‌ର ଅନ୍ତିମ ଦିବସ ରହିଛି। ଏଣୁ ଓଡ଼ିଶା ଗୋଆକୁ ଦ୍ୱିତୀୟ ଇନିଂସ୍ ବ୍ୟାଟିଂର ସୁଯୋଗ ଦେବା ସହ ବିଜୟ ପଏଣ୍ଟ ହାତେଇବାକୁ ଲକ୍ଷ୍ୟ ରଖିବ।

ଓଡ଼ିଶାର ପ୍ରଥମ ଇନିଂସ୍ ୨୯୩ ରନ୍ ଜବାବରେ ଘରୋଇ ଗୋଆ ଦଳ ୨୩୭ ରନ୍‌ରେ ସୀମିତ ରହିଥିଲା । ଶୁକ୍ରବାର ଖେଳ ଆରମ୍ଭରୁ ଓଡ଼ିଶା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଉଇକେଟରେ ୭୧ ରନ୍ ଯୋଡ଼ିଥିଲା। ଓପ୍‌ନର ବିଶ୍ୱଜିତ ଭୂୟାଁ ୩୭ ରନ୍‌ରେ ପ୍ରଥମ ଉଇକେଟ ଭାବେ ପାଭିଲିୟନ ଫେରିବା ପରେ ଅଧିନାୟକ ଦେବାଶିଷ ଓ ଅନ୍ୟତମ ଓପ୍‌ନର ତଥା ଉଇକେଟକିପର ଅମ୍ରିତ୍ ଦ୍ୱିତୀୟ ଉଇକେଟରେ ପୁନର୍ବାର ୭୧ ରନ୍‌ର ଭାଗୀଦାରି ସୃଷ୍ଟି କରିଥିଲେ। ଅମ୍ରିତ ୧୨୮ଟି ବଲ୍‌ରୁ ଓ ଦେବାଶିଷ ୧୧୨ଟି ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଛନ୍ତି। ପରେ ଅମ୍ରିତ(୬୮ରନ୍) ଓ ଦେବାଶିଷ(୫୪ରନ୍) ଅଳ୍ପ ରନ୍ ବ୍ୟବଧାନ ମଧରେ ଆଉଟ ହୋଇଥିଲେ।

# ଡିସେମ୍ବର ୨୮ରୁ ରାଜ୍ୟ ଆଥ୍‌ଲେଟିକ ମିଟ୍

କଟକ ଅଫିସ,୧୬।୧୧

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ (ଓଏଏ) ଆନୁକୂଲ୍ୟରେ ଡିସେମ୍ବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ୬୬ତମ ରାଜ୍ୟ ଆଥ୍‌ଲେଟିକ ମିଟ୍ ଅନୁଷ୍ଠିତ ହେବ । ଉଭୟ ବାଳିକା, ବାଳକ ବର୍ଗର ୧୪ ବର୍ଷରୁ କମ୍, ୧୬ ବର୍ଷରୁ କମ୍, ୧୮ ବର୍ଷରୁ କମ୍ ଓ ୨୦ ବର୍ଷରୁ କମ୍ ବିଭାଗର ପ୍ରତିଯୋଗିତା ସମେତ ସିନିୟର ପୁରୁଷ ଓ ମହିଳା ବର୍ଗର ପ୍ରତିଯୋଗୀ ମଧ ଭାଗନେବେ । ଏତଦ୍‌ବ୍ୟତୀତ ଡିସେମ୍ବର ୨୨ ଓ ୨୩ ତାରିଖ ଦୁଇଦିନ ଧରି କଟକ ଜିଲା ଆଥ୍‌ଲେଟିକ ମିଟ୍ ବାରବାଟୀରେ ହେବ ବୋଲି ଓଏଏ ସମ୍ପାଦକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି ।

**ବିଶ୍ୱ କ୍ୟାଡେଟ୍ ଚେସ୍**

# ଭାରତକୁ ୨ ସ୍ୱର୍ଣ୍ଣ, ଫେଡେରେଶନକୁ ରୌପ୍ୟ

ଭୁବନେଶ୍ୱର, ୧୬।୧୧(କ୍ରୀଡ଼ା ପ୍ରତିନିଧି)

ସ୍ପେନ୍‌ର ସାଣ୍ଟିଆଗୋଠାରେ ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍ (୮, ୧୦, ୧୨ ବର୍ଷରୁ କମ୍ ବାଳିକା–ବାଳକ) ଉଦ୍‌ଯାପିତ ହୋଇଛି। ଏହା ଚଳିତ ମାସ ୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହାର ୬ଟି କାଟେଗୋରିରେ ମୋଟ ୨୧ ଭାରତୀୟ ଖେଳାଳି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨ ବର୍ଷରୁ କମ୍ ଓପନରେ ଆଇଏମ୍ ଗୁକେଶ ଡି. ୧୧ ରାଉଣ୍ଡରୁ ୧୦ ପଏଣ୍ଟ ଏବଂ ବାଳିକା କାଟେଗୋରିରେ ସବିତାଶ୍ରୀ ୧୧ ରାଉଣ୍ଡରୁ ୧୦ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ୨ଟି ସ୍ୱର୍ଣ୍ଣ ପଦକ ମିଳିଥିବାରୁ ଭାରତୀୟ ଫେଡେରେଶନ ରୌପ୍ୟ ପଦକ ହାସଲ କରିଛି। ଚାଇନା ଫେଡେରେଶନ ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ସହ ସ୍ୱର୍ଣ୍ଣ ପଦକ ପାଇଛି। ଆମେରିକା ଫେଡେରେଶନକୁ ବ୍ରୋଞ୍ଜ ପଦକ ମିଳିଛି। ଭାରତୀୟ କ୍ୟାଡେଟ୍ ଦଳର କୋଚ୍ ଦାୟିତ୍ୱ ତୁଲାଇଥିବା ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ଅପରାଜିତା ଗୋଚ୍ଛିକାର ଫେଡେରେଶନ ପକ୍ଷରୁ ରୌପ୍ୟ ପଦକ ଗ୍ରହଣ କରିଥିଲେ।



ପୁରସ୍କାର ସହ ସବିତାଶ୍ରୀ, ଅପରାଜିତା ଗୋଚ୍ଛିକାର ଓ ଗୁକେଶ ଡି.।

# ଆଜିଠାରୁ ଆଇଟା ଚାମ୍ପିୟନଶିପ ସିରିଜ୍

ବ୍ରହ୍ମପୁର ଅଫିସ,୧୬।୧୧

- ■ ବାଳକରେ ୧୫, ବାଳିକାରେ ୮ ଖେଳାଳି
- ■ ଆଶିଷ, ଅର୍ଚ୍ଚିତା ଟପ୍‌ସିଡେଡ୍
- ■ ଦୁଇଟି କ୍ଲେ କୋର୍ଟରେ ଖେଳାଯିବ ମ୍ୟାଚ୍

ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏଶନ୍ (ଆଇଟା) ୧୬ବର୍ଷରୁ କମ୍ ବାଳିକା ଏବଂ ବାଳକ ଚାମ୍ପିୟନଶିପ୍ ସିରିଜ ଶନିବାରଠାରୁ ବ୍ରହ୍ମପୁରସ୍ଥିତ ୟୁନିୟନ୍ କ୍ଲବ ଠାରେ ଆରମ୍ଭ ହେବ। ଗଞ୍ଜାମ ଜିଲା ଟେନିସ୍ ଆସୋସିଏଶନ୍ (ଜିଡିଟିଏ) ତରଫରୁ ତଥା ଓଡ଼ିଶା ଟେନିସ୍ ଆସୋସିଏଶନ ସହଯୋଗରେ ଆୟୋଜିତ ହେଉଥିବା ଏହି ଟୁର୍ନାମେଣ୍ଟରେ ୧୫ ବାଳକ ଏବଂ ୮ ବାଳିକା ଖେଳାଳି ଭାଗନେଉଛନ୍ତି । ବାଳକରେ ଓଡ଼ିଶାର ଆଶିଷ କୁମାର ପରିଡ଼ା ଟପ୍‌ସିଡେଡ୍ ଅଛନ୍ତି । ଆଶିଷ ସଂପ୍ରତି ସର୍ବଭାରତୀୟ ୧୦୪ତମ ର୍‍ୟାଙ୍କିଙ୍ଗ୍‌ରେ ରହିଛନ୍ତି। ସେହିପରି ୨ଶହ ର୍‍ୟାଙ୍କଧାରୀ ଆନ୍ଧ୍ରପ୍ରଦେଶର ପି.ଅରବିନ୍ଦ ଦ୍ୱିତୀୟ, ୨୭୫ତମ ର୍‍ୟାଙ୍କଧାରୀ ଓଡ଼ିଶାର ରାହୁଲ ବେହେରା ତୃତୀୟ ଏବଂ ୩୯୧ ର୍‍ୟାଙ୍କଧାରୀ ପଶ୍ଚିମବଙ୍ଗର ଭ୍ୟାୟାମ୍ କ୍ରିଷ୍ଣା ଚତୁର୍ଥ ସିଡେଡ୍ ଖେଳାଳି ଭାବେ ରହିଛନ୍ତି । ଅନ୍ୟପକ୍ଷରେ ବାଳିକାରେ ଓଡ଼ିଶାର ଅର୍ଚ୍ଚିତା ସାହୁ ଟପ୍‌ସିଡେଡ୍ ରହିଛନ୍ତି । ସଂପ୍ରତି ଅର୍ଚ୍ଚିତାଙ୍କ ର୍‍ୟାଙ୍କ୍ ସର୍ବଭାରତୀୟ ସ୍ତରରେ ୯୧ ରହିଛି । ୯୭ ର୍‍ୟାଙ୍କଧାରୀ ପଶ୍ଚିମବଙ୍ଗର ସାନ୍ୟା ଯାଦବ ଦ୍ୱିତୀୟ ସିଡେଡ୍ ହୋଇଥିବା ବେଳେ ୧୪୬ତମ ର୍‍ୟାଙ୍କଧାରୀ ଓଡ଼ିଶାର ସିମରନ୍ ନେହା ଏକ୍କା ତୃତୀୟ ଏବଂ ୩୨୭ ର୍‍ୟାଙ୍କଧାରୀ ଝାଡ଼ଖଣ୍ଡର ଅଦିତି ପ୍ରଧାନ ଚତୁର୍ଥ ସିଡେଡ୍ ରହିଛନ୍ତି ।



ଖେଳାଳିମାନେ ନାମ ପଞ୍ଜୀକରଣ କରୁଛନ୍ତି ।

ଶନିବାର ବାଳକ ବର୍ଗରେ ଦ୍ୱିତୀୟ ରାଉଣ୍ଡ ପର୍ଯ୍ୟନ୍ତ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ସୋମବାର ଯାଏ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ୟୁନିୟନ୍ କ୍ଲବର ଦୁଇଟି କ୍ଲେ କୋର୍ଟରେ ଖେଳାଯିବ । ଶନିବାର ସକାଳ ୯ଟାରେ ଓଡ଼ିଶାର ଦୁଇ ଖେଳାଳି ଷ୍ଟିଭେନ୍ ଅଙ୍କିତ ଏକ୍କାଙ୍କ ସହ ବୈଷ୍ଣବ କୁନ୍ଦଲା ଏବଂ ପଶ୍ଚିମବଙ୍ଗର ଭ୍ୟାପମ୍ କ୍ରୀଷ୍ଣାଙ୍କ ସହ ଓଡ଼ିଶା ଆର୍ଯ୍ୟନ ସ୍ୱାମୀଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ପୂର୍ବାହ୍ନ ୧୦ଟାରେ ଓଡ଼ିଶାର ସି.ଭିନିତ୍ ପାତ୍ର ସହ ତାମିଲନାଡୁର ଅନ୍ୱେଷ ମିଶ୍ର ଏବଂ ଓଡ଼ିଶାର ରବିନାରାୟଣ ସାହୁ ସହ ପ୍ରଣେଶ ସାହୁଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ । ପୂର୍ବାହ୍ନ ୧୧ଟାରେ ଓଡ଼ିଶାର ସାଫଲ୍ୟ ମହାନ୍ତି ସହ ରାହୁଲ ବେହେରା ଏବଂ ଓଡ଼ିଶାର ଅର୍ପିତ କୁମାର ସାହୁଙ୍କ ସହ ପଶ୍ଚିମବଙ୍ଗର ଶୁଭ୍ରନୀଲ୍ ବର୍ମନ୍‌ଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ । ମଧ୍ୟାହ୍ନ ୧୨ଟାରେ ଓଡ଼ିଶାର ସାଇ ଧୀରଜ କୁନ୍ଦଲାଙ୍କ ସହ ଆନ୍ଧ୍ରପ୍ରଦେଶର ପି.ଅରବିନ୍ଦଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ସେମିଫାଇନାଲ୍ ଲାଇନ୍‌ଅପ୍ ଚୂଡ଼ାନ୍ତ ହେବା ପରେ ଏହି ମ୍ୟାଚ୍‌ଗୁଡ଼ିକ ରବିବାର ଖେଳାଯିବ।

ଅନ୍ୟପଟେ ବାଳିକା ବର୍ଗରେ ପ୍ରଥମ ମ୍ୟାଚ୍ ଟପ୍‌ସିଡେଡ୍ ଓଡ଼ିଶାର ଅର୍ଚ୍ଚିତା ସାହୁଙ୍କ ସହ ପଶ୍ଚିମବଙ୍ଗର ଭୂମି ଶେଖରଙ୍କ ମଧ୍ୟରେ ଅପରାହ୍ନ ଗୋଟାଏରେ ଖେଳାଯିବ। ଏହି ସମୟରେ ଓଡ଼ିଶାର ଦୁଇ ଖେଳାଳି ଏଲିନା ସୟଦ୍‌ଙ୍କ ସହ ସିମରନ୍ ନେହା ଏକ୍କାଙ୍କ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହେବ । ଅପରାହ୍ନ ଦୁଇଟାରେ ଦୁଇଟି ମ୍ୟାଚ୍ ଖେଳାଯିବ । ଗୋଟିଏ ମ୍ୟାଚ୍ ଝାଡ଼ଖଣ୍ଡର ଅଦିତି ପ୍ରଧାନଙ୍କ ସହ ଓଡ଼ିଶାର ପ୍ରିୟା ଗୋୟଲ୍ ଏବଂ ଅନ୍ୟ ମ୍ୟାଚ୍‌ଟି ଓଡ଼ିଶାର ରିୟା ମର୍ଦ୍ଦରାଜାଙ୍କ ସହ ପଶ୍ଚିମବଙ୍ଗର ସାନ୍ୟା ଯାଦବଙ୍କ ମଧ୍ୟରେ ଖେଳାଯିବ । ଏହାର ସେମିଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ରବିବାର ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଆଇଟାର ରେଫରି ଯତିନ ବସ୍ୟ ମ୍ୟାଚ୍‌ଗୁଡ଼ିକ ପରିଚାଳନା କରିବେ ।

# ଯୁବ ଡିଫେଣ୍ଡର ବରୁଣ କୁମାର



ଜଣେ ଡିଫେଣ୍ଡର ହିସାବରେ ବରୁଣ କୁମାର ଭାରତୀୟ ହକି ଦଳରେ ସ୍ଥାନ ପକ୍କା କରିଛନ୍ତି। ଆଗାମୀ ହକି ବିଶ୍ୱକପ୍‌ରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ପଞ୍ଜାବରେ ଜନ୍ମଗ୍ରହଣ କରିଥିବା ବରୁଣ ସ୍କୁଲରେ ପଢୁଥିବା ବେଳେ ହକି ଖେଳିବା ଆରମ୍ଭ କରିଥିଲେ। ୨୦୧୨ ଜୁନିୟର ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ସେ ନିଜ ରାଜ୍ୟ ପଞ୍ଜାବ ତରଫରୁ ପ୍ରତିନିଧିତ୍ୱ କରିଥିଲେ ଓ ଦମ୍‌ଦାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ତାଙ୍କୁ ଜୁନିୟର ଦଳରେ ସାମିଲ କରାଯାଇଥିଲା। ଏହାପରେ ସେ ଆଘାତ ସମସ୍ୟାର ଶିକାର ହୋଇଥିଲେ ଓ ଦୁଇବର୍ଷ ଖେଳରୁ ଦୂରେଇ ରହିଥିଲେ। ଏହାପରେ ୨୦୧୪ ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ସେ ଉନ୍ନତ ପ୍ରଦର୍ଶନ କରି ପୁଣି ଥରେ ଜାତୀୟ ଜୁନିୟର ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

ଏହାପରେ ହାଇପ୍ରୋଫାଇଲ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଖେଳିବାର ସୁଯୋଗ ହାସଲ କରିଥିଲେ। ପଞ୍ଜାବ ୱାରିୟର୍ସ ପାଇଁ ସେ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ପଞ୍ଜାବ ପକ୍ଷରୁ ସେ ୨୦୧୪ଓପରେ ୨୦୧୫, ୨୦୧୬ ସେସନ ପାଇଁ ମଧ ଏହି ଲିଗ୍ ଖେଳିଥିଲେ। ସ୍ପେନ୍‌ରେ ଖେଳାଯାଇଥିବା ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ସେ ଭାରତୀୟ ଜୁନିୟର ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିବା ସହ ସେ ଜୁନିୟର ବିଶ୍ୱକପ୍ ଖେଳିବାର ସୁଯୋଗ ହାସଲ କରିଥିଲେ।

ବରୁଣଙ୍କ ସିନିୟର ଆନ୍ତର୍ଜାତିକ କ୍ୟାରିୟର ସେତେ ଦୀର୍ଘ ହୋଇ ନ ଥିଲେ ମଧ ପ୍ରତିଭା ଓ ଦକ୍ଷତା କାରଣରୁ ବିଶ୍ୱକପ୍ ଦଳରେ ସ୍ଥାନ ହାସଲ କରିଛନ୍ତି। ଜଣେ ଯୁବ ଡିଫେଣ୍ଡର ହିସାବରେ ସେ ଆଗାମୀ ବିଶ୍ୱକପ୍‌ରେ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

୨୦୧୭ରେ ଢାକାରେ ଅନୁଷ୍ଠିତ ଏସିଆ କପ୍‌ରେ ସେ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ ଓ ଏହି ଟୁର୍ନାମେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଆନ୍ତର୍ଜାତିକସ୍ତରରେ ଏହା ଥିଲା ତାଙ୍କ କ୍ୟାରିୟରର ପ୍ରଥମ ବଡ଼ ସଫଳତା। ଏହାପରେ ୨୦୧୮ରେ ବ୍ରେଡାରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫିରେ ଭାରତ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଥିଲା। ସେ ମଧ ଏହି ଭାରତୀୟ ଦଳର ସଦସ୍ୟ ଥିଲେ।

୨୦୧୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ପୁରୁଷ ଜୁନିୟର ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣ ବରୁଣଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଡିସେମ୍ବର ୮ରୁ ୧୮ ତାରିଖ ମଧରେ ଖେଳାଯାଇଥିବା ଏହି ମେଗା ଇଭେଣ୍ଟରେ ଭାରତ ଫାଇନାଲରେ ବେଲ୍‌ଜିୟମକୁ ୨–୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଭାରତର ଏହି ସଫଳତା ପଛରେ ବରୁଣଙ୍କର ପ୍ରଚ୍ଛନ୍ନ ହାତ ରହିଥିଲା। ଜଣେ ଡିଫେଣ୍ଡର ଓ ଡ୍ରାଗ ଫ୍ଲିକର ହିସାବରେ ଭାରତୀୟ ଜୁନିୟର ଦଳରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିବା ବରୁଣ ୨୦୧୨ରେ ଅନୁଷ୍ଠିତ ଜୁନିୟର ଜାତୀୟ ଚାମ୍ପିୟନଶିପ୍‌ରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଇଞ୍ଜୁରି କାରଣରୁ ସେ ଦଳରୁ ବାରମ୍ବାର ବାଦ୍ ପଡିଥିଲେ। ୩ଥର ଦଳକୁ ଫେରିବା ପାଇଁ ସେ ପ୍ରୟାସ କରିଛନ୍ତି। ବରୁଣ ଏବେ ଭାରତୀୟ ଦଳ ପାଇଁ ଅପରିହାର୍ଯ୍ୟ ହୋଇପଡିଛନ୍ତି। ୨୦୧୬ରେ ଭାଲେନ୍‌ସିଆରେ ଖେଳାଯାଇଥିବା ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଓ ଭାରତକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଦଳର ସିନିୟର ଖେଳାଳି ମନପ୍ରୀତ ସିଂଙ୍କ ଖେଳ ଦେଖି ବରୁଣ ହକି ଖେଳିବା ଆରମ୍ଭ କରିଥିଲେ।

ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ବରୁଣ ଗାଁରେ ହକି ଖେଳିବା ଆରମ୍ଭ କରିଥିଲେ। ମନପ୍ରୀତ ସିଂ ମୋତେ ଗାଇଡ୍ କରିଥିଲେ ଓ ହକି ଖେଳିବା ପାଇଁ ଉତ୍ସାହିତ କରିଥିଲେ। ମନପ୍ରୀତ ମୋ ଗାଇଡ ଓ ମେଣ୍ଟର ବୋଲି ବରୁଣ କୁହନ୍ତି। ବରୁଣ ଓ ମନପ୍ରୀତ୍ ଗୋଟିଏ ସ୍କୁଲରେ ପଢୁଥିଲେ। ୨୦୦୭ରେ ଜଲନ୍ଧରର ସୁର୍ଜିତ ଏକାଡେମୀରେ ଭର୍ତ୍ତି ହେବା ତାଙ୍କ କ୍ୟାରିୟରର ମୋଡ଼ ବଦଳାଇ ଦେଇଥିଲା। ଏହାପରେ ସେ ଜାତୀୟ ଜୁନିୟର ଓ ସିନିୟର ଦଳ ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିଥିଲେ। ତେବେ ଆରମ୍ଭରୁ ସେ ଅଭାବ ଅନଟନର ସମ୍ମୁଖୀନ ହୋଇଥିଲେ ଓ ଏଥିପାଇଁ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ପିଲାବେଳେ ସେ ଶ୍ରମିକ ଭାବେ କାର୍ଯ୍ୟ କରିଥିଲେ। ବରୁଣଙ୍କ ପିତା ବ୍ରହ୍ମାନନ୍ଦ ଜଣେ ଟ୍ରକ୍ ଡ୍ରାଇଭର। ହକି ଖେଳିବା ଆରମ୍ଭ କରି ନ ଥିବା ବେଳେ ତାଙ୍କ ବଡ଼ଭାଇ ରୋଜଗାରକ୍ଷମ ହୋଇ ନ ଥିଲେ। ପ୍ରତ୍ୟେକ ଟ୍ରିପ୍‌ରେ ତାଙ୍କ ପିତା ମାତ୍ର ୫୦୦୦ ଟଙ୍କା ରୋଜଗାର କରୁଥିଲେ। ଏଥିପାଇଁ ବରୁଣଙ୍କ ପିତାଙ୍କୁ ଦେଶର ପୂର୍ବଉପକୂଳବର୍ତ୍ତୀ ଅଞ୍ଚଳ ଓ ଓଡ଼ିଶା ଏବଂ ଝାଡଖଣ୍ଡ ଭଳି ରାଜ୍ୟକୁ ଟ୍ରକ ନେବାକୁ ହେଉଥିଲା। ଭାରତୀୟ ସେନାରେ ଯୋଗ ଦେବା ପରେ ଅବଶ୍ୟ ଆଉ ଆର୍ଥିକ ସମସ୍ୟା ନାହିଁ। ହକି ଖେଳିବା କାରଣରୁ ତାଙ୍କ ପଢାରେ କ୍ଷତି ହୋଇଛି ବୋଲି ବରୁଣ ସ୍ୱୀକାର କରିଛନ୍ତି। ସ୍କୁଲ ପରେ ସେ ଏବେ ଜଲନ୍ଧର ଡିଏଭି କଲେଜରେ ପାଠପଢା ଚାଲୁ ରଖିଛନ୍ତି। ଆସନ୍ତା ୨୮ ତାରିଖରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁଥିବା ହକି ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରି ଭାରତକୁ ଜିତାଇବାକୁ ପ୍ରୟାସ କରିବି ବୋଲି ସେ କହିଛନ୍ତି।

**ସଂକ୍ଷେପରେ...**

- ■ ପୂରା ନାମ: ବରୁଣ କୁମାର
- ■ ଜନ୍ମସ୍ଥାନ: ମିଠାପୁର, ଜଲନ୍ଧର, ପଞ୍ଜାବ
- ■ ବୟସ: ୨୩ ବର୍ଷ
- ■ ପ୍ଲେଇଙ୍ଗ୍ ପୋଜିଶନ: ଡିଫେଣ୍ଡର

**ମେଡାଲ ରେକର୍ଡ**

- ■ ୨୦୧୭ ଢାକା, ଏସିଆ କପ୍- ସ୍ୱର୍ଣ୍ଣ
- ■ ୨୦୧୮ ବ୍ରେଡା, ଚାମ୍ପିୟନ୍ସ ଟ୍ରଫି- ରୌପ୍ୟ
- ■ ହକି ଇଣ୍ଡିଆ ଲିଗ୍ ଦଳ- ପଞ୍ଜାବ ୱାରିୟର୍ସ

**ହକି ବିଶ୍ୱକପ୍**



**ଆଉ ୧୦ ଦିନ**

■ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ

# ସୈନିକ, ଖବରଦାତା ଦେଶର ରକ୍ଷାକାରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ନବରଙ୍ଗପୁର,୧୬।୧୧(ବି.ପ୍ର.)**

ଜିଲାସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶୁକ୍ରବାର ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ ଯୋଗଦେଇ ଥିଲେ। ଗଣତନ୍ତ୍ରର ସୁରକ୍ଷା ପାଇଁ ନୀରପେକ୍ଷ ସାମ୍ବାଦିକତାର ଆବଶ୍ୟକତା ରହିଥିବା ସେ କହିଥିଲେ। ସୈନିକ ଓ ଖବରଦାତାମାନେ ପ୍ରକୃତରେ ଦେଶର ରକ୍ଷାକାରୀ। ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଖବରଦାତାମାନେ ପହଞ୍ଚି ଲୋକଙ୍କ ସମସ୍ୟାକୁ ସାମ୍ନାକୁ ଆଣୁଛନ୍ତି। ଏହାଦ୍ୱାରା ସମାଧାନର ବାଟ ଫିଟୁଛି ବୋଲି ଅତିଥି କହିଥିଲେ। ସମ୍ମାନୀତ ଅତିଥିଭାବେ ସିଡିଏମଓ ଡଃ.ସରୋଜ କୁମାର ନାୟକ ଯୋଗଦେଇ ବିନା ସାମ୍ବାଦିକତାରେ ସମାଜ ରହିବନି ବାଲି କହିଥିଲେ। ସାମ୍ବାଦିକତା ସମାଜର ଏହା ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ଡଃ.ରାଧାନାଥ ବେହେରା ସାମ୍ବାଦକିତା କ୍ଷେତ୍ରରେ ବିପଦ ରହିଛି, ତେଣୁ ସବୁବେଳେ ସତର୍କତା ଅବଲମ୍ବନ କରିବାକୁ ଗୁରୁତ୍ୱ ଦେଇଥିଲେ । ଖବରଦାତାମାନେ ଜାଗ୍ରତ ପ୍ରହରୀ ହୋଇଥିବାବେଳେ ନୀରପେକ୍ଷ ଓ ବ୍ୟକ୍ତି ସ୍ୱାଧୀନତାକୁ ପାଥେୟକରି ଖବର ପରିବେଷଣ କରିବା ଉପରେ ଗୁରତ୍ୱ ଦେବାକୁ ଅଧ୍ୟାପକ ସୁରେନ୍ଦ୍ର କୁମାର ବିଷୋୟୀ କହିଥିଲେ। ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ବିଜୟ କୁମର ଚୌଧୁରୀ, କବି ନାରାୟଣ ପଣ୍ଡା ମନୋରମା ମାଝି ଅତିଥିଭାବେ ଉପସ୍ଥିତ ଥିଲେ। ଏଥିରେ ଖବରଦାତା ବାଙ୍କବିହାରୀ ବିଷୋୟୀ, ପି.ପ୍ରକାଶ, ହୃଷିକେଶ ମିଶ୍ର, ପ୍ରଭାତି ବିଷୋୟୀ, ଭାଗୀରଥୀ ମଲ୍ଲିକ ପ୍ରମୁଖ ଖବରଦାତାମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅଣାକାର ଠାକୁର, ନବରଙ୍ଗପୁର ବିଡିଓ ଲଳିତ ମଣ୍ଡଳ, ଉପକୃଷି ନିର୍ଦ୍ଦେଶକ ଆନନ୍ଦ ରାଓ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ହୋଇଥିବା ବକ୍ତୃତା ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅବନ୍ତିକା ଦାଶ ପ୍ରଥମ ହୋଇଥିବାବେଳେ ବିଭୂଦ ବିଷୋୟୀ, ପ୍ରଫୁଲ କର, ଆଭାଶ୍ରୀ ଦାସ, ଲାଲୁ ହରିଜନ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଛି । ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ହଳଧର ନିଆଲ ସମସ୍ତ କାର୍ଯ୍ୟ ପରିଚଳନା କରିଥିଲେ।

# ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

**ରାଇଘର, ୧୬।୧୧(ଡି.ଏନ୍.ଏ.)**–

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଧଡ୍ରାପାରାସ୍ଥିତ ଗୋଣ୍ଡୱାନାଭବନଠାରେ ଆଦିବାସୀ ଜନନାୟକ ବିର୍ସା ମୁଣ୍ଡାଙ୍କ ୧୪୪ତମ ଜୟନ୍ତୀ ଗଣ୍ଡୱାନା ଛାତ୍ର ସଂଘ ପକ୍ଷରୁ ପାଳନ କରାଯାଇଛି। ବ୍ଲକ ସଂଘ ସଭାପତି ନବକିଶୋର ଗଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଂଘର ସଭାପତି ଅଶ୍ୱିନୀ କୁମାର ଗଣ୍ଡ, ସମ୍ପାଦକ ଚନ୍ଦନ ଗଣ୍ଡ ଏବଂ ରାଜ୍ୟ ଛାତ୍ର ସଂଘ ସଦସ୍ୟ ଜୟମନ ଗଣ୍ଡ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୁନି କୁନି ପିଲାଙ୍କୁ ନେଇ କୁଇଜ, ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଶିବାନୀ ଗଣ୍ଡ, ଦୀନବନ୍ଧୁ ଗଣ୍ଡ, ସଙ୍ଗୀତ ଗଣ୍ଡ, ଶିବା ହରିଜନ, ସାବିତ୍ରୀ ମାଝି, ପ୍ରଭା ଗଣ୍ଡ ପ୍ରମୁଖ ବିଜୟୀ ହୋଇଥିଲେ। ଏଥିସହ ଏହି ସଭାରେ ଫଗୁନୁ ଗଣ୍ଡ, ଯତିନ୍ଦ୍ର ଗଣ୍ଡ, ଅଶୋକ ନାୟକ, ଗୁପ୍ତ ଶଙ୍କର, ବାଦୁ ଗଣ୍ଡ, ପରଶୁ ମାଝି, ବୁଦୁ ଗଣ୍ଡ, ସେକୁଡୁ ଗଣ୍ଡ, ସୁକୁମନ ଗଣ୍ଡ, ମନରାଜ ଗଣ୍ଡ ପ୍ରମୁଖ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମଟି ରାଇଘର ଗୋଣ୍ଡୱାନା ଛାତ୍ର ସଂଘ ପକ୍ଷରୁ ଆୟୋଜିତ ହୋଇଥିବାବେଳେ ସମ୍ପାଦକ ବିଜୟ ଗଣ୍ଡ, ସମିତ ଗଣ୍ଡ, ନନ୍ଦିତା ଗଣ୍ଡ, ଚନ୍ଦନ ଗଣ୍ଡ, ଗିରିଧାରୀ ଗଣ୍ଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ସହ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।




# ଲୋକସେବା ଅଧିନିୟମ ସଚେତନତା ଶିବିର

**ଡାବୁଗାଁ, ୧୬।୧୧ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ଓଡିଶା ଲୋକସେବା ଅଧିନିୟମ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର (ସିଏମ୍‌ଜିଆଇ) ଜିଲା ସଂଯୋଜକ ଅକ୍ଷୟ କୁମାର ପାଳ ଲୋକସେବା ଅଧିନିୟମ ବିଷୟରେ ପ୍ରୋଜେକ୍ଟର ମାଧ୍ୟମରେ ଜନସାଧାରଣଙ୍କ ପାଇଁ ଥିବା ସୁବିଧା ସମ୍ବନ୍ଧରେ ଲୋକ ପ୍ରତିନିଧି ଏବଂ ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପରେ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ନିଜ ନିଜ ବିଭାଗରେ ଜନସାଧାରଙ୍କ ପାଇଁ ଥିବା ବିଭିନ୍ନ ସେବା ଉପରେ କହିଥିଲେ। ଏହି ଶିବିରରେ ବ୍ଲକ ଅଧକ୍ଷ ବଂଶୀଧର ମାଝୀ, ବିଡିଓ ଗୌରହରି ପାତ୍ର, ତହସିଲଦାର ନରସିଂହ ଗାଦବା, ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, , ଏବିଇଓ ଅଞ୍ଜଳି ବିଶ୍ୱାସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କମଳାକାନ୍ତ ସାଇଁ, ଥାନା ସବଇନିସ୍ପେକ୍ଟର ରଙ୍କନିଧି ସାହୁ, କନିଷ୍ଠ ମତ୍ସ୍ୟ ସହାୟକ ମନୋରଞ୍ଜନ ମାଝୀ, ଉଦ୍ୟାନ ସମ୍ପ୍ରସାରଣ କର୍ମୀ ଜଗଦୀଶ ତରାସିଆ, ସମସ୍ତ ସରପଞ୍ଚ, ସମିତି ସଭ୍ୟା/ସଭ୍ୟ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପ୍ରଧାନ ପରିଚାଳନା କରିଥିଲେ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ■ ବ୍ୟାଙ୍କିଙ୍ଗ ଲୋକପାଳ ଯୋଜନା ସଂକ୍ରାନ୍ତ ସଚେତନତା

# ଅଭିଯୋଗ ଜଣାଇ ନ୍ୟାୟ ପାଇପାରିବେ ଗ୍ରାହକ

**ପାରଳାଖେମୁଣ୍ଡି, ୧୬।୧୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ ସହାୟତାରେ ଲିଡ୍ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କିଙ୍ଗ ଲୋକପାଳ ଯୋଜନା ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଲିଡ୍ ବ୍ୟାଙ୍କ ପରିଚାଳକ ଦାମୋଦର ଉଗ୍ରୁରସାଣ୍ଡିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଅନୁପମ ଶାହା ଯୋଗଦେଇ କହିଥିଲେ ଯେ, ବ୍ୟାଙ୍କିଙ୍ଗ ଲୋକପାଳ ଯୋଜନା ହେଉଛି ଅଭିଯୋଗ ଜଣାଇବା ପ୍ରକ୍ରିୟା ଯାହା ଦ୍ୱାରା ଗ୍ରାହକମାନେ ବ୍ୟାଙ୍କ ସମ୍ବନ୍ଧୀୟ ଅଭିଯୋଗ ଲୋକପାଳଙ୍କୁ ଜଣାଇ ସମାଧାନ ପାଇପାରିବେ । ଗଜପତି ଜିଲାର ବ୍ୟାଙ୍କଗୁଡିକ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇଆସୁଛନ୍ତି। ତିତ୍‌ଲି ବାତ୍ୟା ପରବର୍ତ୍ତୀ ସମୟରେ ବ୍ୟାଙ୍କ ମାଧ୍ୟମରେ ସରକାରୀ ଆର୍ଥିକ ସହାୟତା ଯୋଗାଇଦେବା କ୍ଷେତ୍ରରେ ସେମାନେ ସହଯୋଗ କରୁଛନ୍ତି । ଭୁବନେଶ୍ୱରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କର ଲୋକପାଳ ସଚିବ ତଥା ସହକାରୀ ମହାପ୍ରବନ୍ଧକ ବାସନ୍ତୀ ରଥ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କିଙ୍ଗ ଲୋକପାଳର କାର୍ଯ୍ୟ ଏବଂ ବ୍ୟାଙ୍କସେବା ସମ୍ବନ୍ଧୀୟ ଅଭିଯୋଗ କିପରି ଦିଆଯାଇପାରିବ ସେ ବିଷୟରେ ବୁଝାଇଥିଲେ । ଜିଲା ନାବାର୍ଡ ଅଧିକାରୀ ସୁଦମ୍ନ୍ୟ ପାଲ ଯୋଗଦେଇ ବ୍ୟାଙ୍କ ପରିଚାଳକ ଓ ଗ୍ରାହକମାନେ ଏ ସମ୍ପର୍କରେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ । ବ୍ୟାଙ୍କ ସେବାରେ ତ୍ରୁଟି ଓ ବିଳମ୍ବଜନିତ କାରଣ ଦର୍ଶାଇ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜରଙ୍କୁ ଲିଖିତ ଅଭିଯୋଗ ଦେଇ ଏକ ମାସ ମଧ୍ୟରେ ସମାଧାନ ନ ହେଲେ ବ୍ୟାଙ୍କ ବିରୋଧରେ ଲୋକପାଳଙ୍କୁ ଅଭିଯୋଗ କରିପାରିବେ ବୋଲି ପାଲ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ପ୍ରବନ୍ଧକ କେ.ଭି.ଭି.ଏନ୍.ଏସ୍.ରାମମୂର୍ତ୍ତି ଏବଂ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଲାଞ୍ଚ ନେଇ ଧରାପଡ଼ିଲେ ଫରେଷ୍ଟର

**ବ୍ରହ୍ମପୁର ଅଫିସ୍,୧୬।୧୧**

ଖଲ୍ଲିକୋଟ ରେଞ୍ଜ୍ ଅଧିନସ୍ଥ ପୁରୁଷୋତ୍ତମପୁର ବିଟ୍ ହାଉସ୍‌ର ଫରେଷ୍ଟର ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ଫରେଷ୍ଟର ଶିବ ବେହେରା ଜଣେ କାଠ ବେପାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ପକ୍ଷରୁ କାବୁ କରାଯାଇଛି। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ପୁରୁଷୋତ୍ତମପୁର ନିକଟସ୍ଥ ଅରଖପୁର ଗ୍ରାମର ପ୍ରଭାକର ମହାରଣା କାଠ କାମ କରନ୍ତି। ଫରେଷ୍ଟର ଜଣକ ତାଙ୍କୁ ବିଭିନ୍ନ ସମୟରେ ଅର୍ଥ ଦାବି କରୁଥିଲେ । ନ ଦେଲେ ବନବିଭାଗ ସଂକ୍ରାନ୍ତିୟ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିବେ ବୋଲି ଭୟ ଦେଖାଉଥିଲେ। ଏ ନେଇ ପ୍ରଭାକର ବ୍ରହ୍ମପୁରସ୍ଥିତ ଭିଜିଲାନ୍ସ ଅଫିସ୍‌ରେ ଜଣାଇଥିଲେ। ଭିଜିଲାନ୍ସ ପକ୍ଷରୁ ନଂ.୪୯/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ପୂର୍ବ ଯୋଜନା ମୁତାବକ ଶୁକ୍ରବାର ଅପରାହ୍ନରେ ପ୍ରଭାକର ପୁରୁଷୋତ୍ତମ ବିଟ୍ ହାଉସ୍ ନିକଟସ୍ଥ ଫରେଷ୍ଟ ଗେଟ୍‌କୁ ଯାଇଥିଲେ । ସେଠାରେ ଫରେଷ୍ଟର ବେହେରାଙ୍କ ସହ କଥା ହେବା ପରେ କେମିକାଲ୍ ବୋଳା ୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ବେହେରା ଉକ୍ତ ଟଙ୍କା ନେଇ ପାଖରେ ରଖିଥିଲେ । ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ କର୍ମଚାରୀ ମାନେ ତାଙ୍କୁ କାବୁ କରିଥିଲେ ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି ।


ଗିରଫ ଫରେଷ୍ଟର ଶିବ ବେହେରା ।

## ବିବାହ ବନ୍ଧନରେ ପୂର୍ବତନ ମହିଳା ମାଓବାଦୀ

**ଫୁଲବାଣୀ ଅଫିସ୍, ୧୬।୧୧**

କନ୍ଧମାଳ ଜିଲା ପୋଲିସ ହେପାଜତରେ ଥିବା ପୂର୍ବତନ ମହିଳା ମାଓବାଦୀ ଜ୍ୟୋତି ମାଡକାମୀଙ୍କ ଶୁକ୍ରବାର ବିବାହ ହୋଇଛି। ପୋଲିସ ଜିଲାର ଜଣେ ସାଧାରଣ ଯୁବକଙ୍କ ସହ ତାଙ୍କର ବିବାହ କରାଇଛି। ରିଜର୍ଭ ପୋଲିସ ବାରାକ ରାଧାକୃଷ୍ଣ ମନ୍ଦିରରେ ଏହି ବିବାହ ଅନୁଷ୍ଠିତ ହୋଇଥିଲା। ପୂର୍ବତନ କ୍ୟାଡର ମାଓବାଦୀ ଜ୍ୟୋତିଙ୍କ ବିବାହ ସମ୍ପୂର୍ଣ୍ଣ ବୈଦିକ ରୀତିରେ ବାଟାଗୁଡା ଗ୍ରାମର ରାହୁଲ କହଁରଙ୍କ ସହ କରାଯାଇଥିଲା। ରାହୁଲଙ୍କ ପରିବାର ଲୋକଙ୍କ ସହ ପୋଲିସ କର୍ମଚାରୀମାନେ ବରଯାତ୍ରୀରେ ସାମିଲ ହୋଇଥିଲେ।




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେ ଖାଇଲେ ନ ପୂରିଲା ପେଟ,**
**ବିରି ଓଳିଆରେ ମାଇଲା ଥଣ୍ଟ ।**

ଯାହାର ଖାଦ୍ୟ ପ୍ରତି ଅଧିକ ଲୋଭ ରହିଥାଏ ସେ ଯେତେ ପେଟ ପୂରାଇ ଖାଇଥିଲେ ମଧ୍ୟ ଆହୁରି ଖାଦ୍ୟ ଖାଇବା ନେଇ ମନ ବଳାଇଥାଏ । ଖାଦ୍ୟଲୋଭୀ ବ୍ୟକ୍ତିଙ୍କୁ ଖାଦ୍ୟ ଛଡ଼ା ଆଉ କିଛି ବି ଦୃଶ୍ୟ ହୋଇ ନ ଥାଏ । ପେଟୁ ସ୍ୱଭାବ ବ୍ୟକ୍ତିଙ୍କର ଖାଦ୍ୟ ପ୍ରତି ରହିଥିବା ଅହେତୁକ ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଯାହାର ଲାଗି ଚୋରି କଲି,**
**ସେ ଡାକୁଛି ଚୋର ବୋଲି ।**

ଯାହା ପ୍ରତି ମନରେ ସ୍ନେହ, ଆଦର ତଥା ଦରଦଭାବ ରହିଥାଏ ତା'ପ୍ରତି ମନରେ ସ୍ୱତଃପ୍ରବୃତଃ ଦୁର୍ବଳତା ରହିଥାଏ। ଏଭଳି ସ୍ଥିତିରେ ଉକ୍ତ ଆତ୍ମୀୟ ବ୍ୟକ୍ତିର ରୁକ୍ଷ ବ୍ୟବହାର ଭଲ ପାଉଥିବା ବ୍ୟକ୍ତିର ଦେହ ଓ ମନକୁ ଯନ୍ତ୍ରଣାସିକ୍ତ କରିଦେଇଥାଏ। ଯାହାକୁ ଖୁସି କରିବା ଲାଗି ଯିଏ ନାନା ବିପଦକୁ ଭୃକ୍ଷେପ ନ କରି ବହୁ କଷ୍ଟ ସ୍ୱୀକାର କରି କାର୍ଯ୍ୟ କରେ ସେ ବାହାବା ବା ପ୍ରଶଂସା ବଦଳରେ ଯଦି ଲାଞ୍ଛନା ପାଏ ତା'ହେଲେ ମନର ବେଦନା ଦ୍ୱିଗୁଣିତ ହୋଇଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ରିଲିଫ ଚାଉଳ ଗଚ୍ଛିତ ଅଭିଯୋଗର ତଦନ୍ତ

**ପାରଳାଖେମୁଣ୍ଡି/କାଶୀନଗର, ୧୬।୧୧(ସ୍ୱ.ପ୍ର./ଡି.ଏନ.ଏ.)**

ଗଜପତି ଜିଲା କାଶୀନଗର ବ୍ଲକର କେ.ସୀତାପୁର ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରାୟ ୮୬ ବସ୍ତା ରିଲିଫ ଚାଉଳ ଗଚ୍ଛିତ ଥିବା ଅଭିଯୋଗ ପାଇବା ପରେ ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ପାରଳାଖେମୁଣ୍ଡି ସଦର ସହକାରୀ ଯୋଗାଣ ଅଧିକାରୀ ପି.କେ. ନାୟକ ଏବଂ ଯୋଗାଣ ନିରୀକ୍ଷକ ସଞ୍ଜୟ ମଲ୍ଲିକ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ଚାଉଳ ଗଚ୍ଛିତ ରହିବା ସମ୍ପର୍କରେ ଅନୁସନ୍ଧାନ କରିଛନ୍ତି । ସହକାରୀ ଯୋଗାଣ ଅଧିକାରୀ ନାୟକଙ୍କ କହିବା ମୁତାବକ, ତିତ୍‌ଲି ବାତ୍ୟା ପରେ ଯେଉଁ ଚାଉଳ ବସ୍ତାଗୁଡିକ ରିଲିଫ ପାଇଁ ଆସିଥିଲା ସେଗୁଡିକ ସଠିକ ଭାବେ ବଣ୍ଟାଯାଇଥିଲା। ତେବେ କିଛି ପରିବାରର ସଦସ୍ୟ କାମ କରିବା ପାଇଁ ବାହାର ରାଜ୍ୟକୁ ଚାଲିଯାଇଥିବାରୁ ସେମାନେ ଏହି ରିଲିଫ ଚାଉଳ ଗ୍ରହଣ କରିପାରିନାହାନ୍ତି । ତେଣୁ ଉକ୍ତ ୮୬ବସ୍ତା ଚାଉଳ ସହ ୮୬ ପରିବାରର ୧ହଜାର ଟଙ୍କା ଲେଖାଏ ଅର୍ଥ ମଧ୍ୟ ପଡିରହିଛି। ଏ ସମ୍ପର୍କରେ ଆହୁରି ଅଧିକ ତଦନ୍ତ କରାଯିବା ପରେ ସବିଶେଷ ବିବରଣୀ ଜଣାପଡିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କେ.ସୀତାପୁର ପଞ୍ଚାୟତ କାର୍ଯ୍ୟାଳୟରେ ରିଲିଫ ଚାଉଳ ଗଚ୍ଛିତ ରହିଥିବା ଓ ଏହା କଳାବଜାର ହେଉଥିବା ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ସେମାନେ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦେବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି ଜଣାଇଥିଲେ।


ଯୋଗାଣ ବିଭାଗ ଅଧିକାରୀ ତଦନ୍ତ କରୁଛନ୍ତି।

## ସଂକ୍ଷେପରେ

ଜାଗାକୁ ନେଇ ମାର୍‌ପିଟ ଘଟଣା:

### ପୂର୍ବତନ ସରପଞ୍ଚଙ୍କ ସମେତ ଗୋଟିଏ ପକ୍ଷର ୪ ଗିରଫ

ପାରଳାଖେମୁଣ୍ଡି, ୧୬।୧୧(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାମସାଗର ନିକଟରେ ଦୁଇଦିନ ତଳେ ଜାଗାବାଡିକୁ ନେଇ ଦୁଇଟି ପରିବାର ମଧ୍ୟରେ ହୋଇଥିବା ମାର୍‌ପିଟ୍ ଘଟଣାରେ ଗୋଟିଏ ପକ୍ଷର ୪ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଜାଗାବାଡ଼ିକୁ କେନ୍ଦ୍ରକରି ଡି.ଧର୍ମାରାଓ ଏବଂ ଟି.ସିମାଦ୍ରୀଙ୍କ ପରିବାର ମଧ୍ୟରେ ମାରପିଟ ଘଟି ଉଭୟ ପକ୍ଷର ୫ଜଣ ଆହତ ହୋଇ ଥିଲେ। ୨ଜଣଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସିମାଦ୍ରୀଙ୍କ ପରିବାର ପକ୍ଷରୁ ପାରଳାଖେମୁଣ୍ଡି ଥାନାରେ ଏତଲା ଦିଆଯାଇଥିଲା। ଏ ସଂକ୍ରାନ୍ତରେ କେସ୍ ନଂ. ୨୩୬/୧୮ ରୁଜୁ କରି ପୋଲିସ ଅପରପକ୍ଷର ଡି.ବୈକୁଣ୍ଠ, ଟି. ବୈରାଗୀ, ଡି. ନୈଉକାମ୍ପା ଏବଂ ପୂର୍ବତନ ସରପଞ୍ଚ ଧନମଣି କାର୍ଜୀଙ୍କୁ ଗିରଫ କରିଛି। ସେହିପରି ଅପରପକ୍ଷର ଡି.ଧର୍ମାଙ୍କ ପରିବାର ପକ୍ଷରୁ ମଧ ପୃଥକ ଏତଲା ଦିଆଯାଇଛି। ଏ ନେଇ କେସ୍ ନଂ. ୨୩୭/୧୮ ରୁଜୁ ହୋଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ଘଟଣା ଘଟିବା ଦିନ ମାରପିଟ ସମୟର ଏକ ଭିଡିଓ ଭାଇରାଲ ହେବା ପରେ ପୋଲିସ ପକ୍ଷରୁ ତନାଘନା କରାଯାଇ ୪ଜଣଙ୍କୁ ଗିରଫ କରାଯାଇଛି ବୋଲି ଜଣାପଡିଛି ।

ଫସଲ କ୍ଷତି ଯୋଗୁ ଚାଷୀଙ୍କ ଆତ୍ମହତ୍ୟା ଘଟଣା

### ପରିବାରକୁ ସହାୟତା ଦେଲେ ସାମାଜିକ କର୍ମୀ

ପାରଳାଖେମୁଣ୍ଡି, ୧୬।୧୧(ସ୍ୱ.ପ୍ର.)- ଗଜପତି ଜିଲା ଗୋଷାଣୀ ବ୍ଲକ ତୋଟାଗୁମୁଡା ଗ୍ରାମର ଆତ୍ମହତ୍ୟା କରିଥିବା ଚାଷୀ କେ. ଶ୍ରୀନୁଙ୍କ ପରିବାରଙ୍କୁ ସାମାଜିକ କର୍ମୀ ଡି.ଜଗନ୍ନାଥ ରାଜୁ ୫୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି । ଶ୍ରୀନୁଙ୍କ ନିଜର ଗୋଟିଏ ଏକର ଜମି ଏବଂ ଭାଗ ଚାଷ କରୁଥିବା ୫ ଏକର ଜମିର ସମ୍ପୂର୍ଣ୍ଣ ଫସଲ ଗତ ତିତ୍‌ଲି ବାତ୍ୟାରେ ଉଜୁଡ଼ିଯାଇଥିଲା। ଧାରକରଜ କରି ଚାଷ କରୁଥିବା ଏହି ଚାଷୀ ଋଣରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିଥିଲେ। ଶ୍ରୀନୁଙ୍କ ଦୁଇ କନ୍ୟା ମଧ୍ୟରୁ ଜ୍ୟେଷ୍ଠା କନ୍ୟା ବାହା ହୋଇ ଅନ୍ୟତ୍ର ରହୁଥିବାବେଳେ କନିଷ୍ଠ କନ୍ୟା ବର୍ତ୍ତମାନ ଯୁକ୍ତ୨ ପଢୁଛନ୍ତି । ଏହି ସହାୟତା ପ୍ରଦାନ ବେଳେ ମାଛମରା ସରପଞ୍ଚ ଏ. କାନ୍ତାରାଓ, ମଧୁସୂଦନପୁରର ପୂର୍ବତନ ସରପଞ୍ଚ ଏସ୍.ମୋହନ ରାଓ, ୱାର୍ଡମେମ୍ବର କେ.ବୁଡିଆ, ସାମାଜିକ କର୍ମୀ ଭାଗବତ ପାଢୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ■ ଜାତୀୟ ଗଣମାଧ୍ୟମ ଦିବସ ପାଳିତ

# 'ଗଣମାଧ୍ୟମ ପ୍ରତିନିଧି ହିଁ ସମାଜର ଜାଗ୍ରତ ପ୍ରହରୀ'

**ପାରଳାଖେମୁଣ୍ଡି, ୧୬।୧୧(ସ୍ୱ.ପ୍ର.)-**

ଗଜପତି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ଗଣମାଧ୍ୟମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଗଣମାଧ୍ୟମର ନୈତିକ ମୂଲ୍ୟବୋଧ ଓ ଡିଜିଟାଲ ଯୁଗରେ ଏହାର ଆହ୍ୱାନ' ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ନିର୍ଭୀକ ଓ ନିଷ୍ପାର ସହ ନିରପେକ୍ଷତା ଓ ସ୍ୱଚ୍ଛତା ରଖି ଖବର ପରିବେଷଣ କଲେ ଏକ ସୁନ୍ଦର ସୁସ୍ଥ ସମାଜ ଗଠନ ହେବାରେ ସହାୟକ ହୋଇପାରିବ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଖବରଦାତା ଦ୍ୱିଜେନ ନାଥ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଅନୁପମ ଶାହା, ସମ୍ମାନିତ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା, ଖବରଦାତା ଗରୁଡଧ୍ୱଜ ଚୌଧୁରୀ, ଅଧ୍ୟାପିକା ଡ.କଲ୍ୟାଣୀ ମିଶ୍ର ଯୋଗଦେଇ ଗଣମାଧ୍ୟମର ପ୍ରତିନିଧିମାନେ ହିଁ ସମାଜର ଜାଗ୍ରତ ପ୍ରହରୀ ବୋଲି କହିଥିଲେ । କିଛିଦିନ ତଳେ ଗଜପତି ଜିଲାରେ ସାମୁଦ୍ରିକ ଝଡ ତିତ୍‌ଲି ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଓ ଜୀବନହାନୀ ଘଟିଥିଲା । ଏହି ବିପର୍ଯ୍ୟୟର ସୂଚନା ଜିଲା ପ୍ରଶାସନକୁ ପ୍ରଥମେ ଗଣମାଧ୍ୟମର ପ୍ରତିନିଧିମାନେ ହିଁ ଖବର ପରିବେଷଣ ମାଧ୍ୟମରେ ଜଣାଇଥିଲେ। ସ୍ୱାଭାବିକ ପରିସ୍ଥିତ ଫେରାଇ ଆଣିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପୁନଃ ନିର୍ମାଣ, ବିପନ୍ନଙ୍କୁ ଥଇଥାନ, ରିଲିଫ ପହଞ୍ଚାଇବା କାମ କରାଯାଇପାରିଛି। ସେଥିପାଇଁ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରଶଂସାର ପାତ୍ର। ସର୍ବଦା ଅନୁସନ୍ଧାନମୂଳକ ସତ୍ୟ ଓ ନିରପେକ୍ଷ ତଥା ନୈତିକବୋଧକ ଖବର ପରିବେଷଣ କରିବା ଉଚିତ। ଅନ୍ୟର ପ୍ରରୋଚନାରେ କାହାକୁ ହାନୀ ପହଞ୍ଚାଇବା ଭଳି ଖବର ପରିବେଷଣ କରିବା ଅନୁଚିତ ବୋଲି ଅତିଥିମାନେ କହିଥିଲେ । ପରେ ଖବରଦାତାମାନେ ସମସ୍ୟା ଓ ଦାବି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ । ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅଚ୍ୟୁତାନନ୍ଦ ବସ୍ତିଆ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ସୁଚିତ୍ରା ଭୂୟାଁ ପରିଚାଳନା କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

FINANCE
New India Corporation
ପର୍ସନାଲ, ଏଜୁ୍ୟକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

## ସଂକ୍ଷେପରେ



### ବାତ୍ୟାଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ

**ପାରଳାଖେମୁଣ୍ଡି,୧୬।୧୧(ସ୍ୱ.ପ୍ର.):** ଗଜପତି ଜିଲାରେ ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲକ୍ଷ୍ମୀପୁର ଓ କେରାଣ୍ଡି ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ମାଧମରେ କାର୍ଯ୍ୟ ଆରମ୍ଭ ହୋଇଛି । ଅମରସିଂ, ରାଇସିଂ, ମାଢ଼ା, ତାରାସିଂ, ବୁରୁସୁଣ୍ଡା, ସିନ୍ଦଲିଙ୍ଗ ଏବଂ ଅଲାସର ଇତ୍ୟାଦି ଗ୍ରାମରେ କାମ ଚାଲିଛି। କଇଁପୁର ପଞ୍ଚାୟତର ୩ଟି ଗ୍ରାମରେ ମଙ୍ଗଳବାରଠାରୁ ୧୮୨ଜଣ କର୍ମ ନିଯୁକ୍ତି ପାଇଥିବା ବେଳେ କେରାଣ୍ଡି ପଞ୍ଚାୟତରେ ଗୋଟିଏ ଗ୍ରାମର ୩୦ଜଣ କର୍ମନିଯୁକ୍ତି ପାଇଛନ୍ତି । ଯେଉଁ ପ୍ରକଳ୍ପଗୁଡିକ ଆରମ୍ଭ ହୋଇଛି ସବୁ ଗୋଷ୍ଠୀଭିତ୍ତିକ ପ୍ରକଳ୍ପ ବୋଲି ଜଣାପଡିଛି । ଆସନ୍ତା ୨-୩ଦିନ ଭିତରେ ରାୟଗଡ ବ୍ଲକର ସମସ୍ତ କ୍ଷତିଗ୍ରସ୍ତ ଗ୍ରାମରେ ଏଭଳି କାମ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଲୋକମାନଙ୍କୁ ବୁଝାଇ କାମରେ ନିୟୋଜିତ କରିବା ପାଇଁ ସଚେତନ କରାଯାଇଛି ।

### ବାତ୍ୟାରେ କ୍ଷତିଗ୍ରସ୍ତ ସତ୍ତ୍ୱେ ମରାମତି ହେଉନି
### ରାମଗିରି ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଅବହେଳିତ

**ପାରଳାଖେମୁଣ୍ଡି/ରାମଗିରି,୧୬।୧୧ (ସ୍ୱ.ପ୍ର./ଡି.ଏନ୍.ଏ.):** ଗଜପତି ଜିଲା ଆର୍.ଉଦୟଗିରି ବ୍ଲକର ରାମଗିରିସ୍ଥିତ ପ୍ରାଣୀଧନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ମରାମତି ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ତିତ୍‌ଲି ବାତ୍ୟାରେ ଏହା କ୍ଷତିଗ୍ରସ୍ତ ହୋଇଥିଲା । କାର୍ଯ୍ୟାଳୟ ଛାତରୁ ଆଜବେଷ୍ଟସ୍ ଉଡ଼ିଯାଇଥିଲା। ଏପର୍ଯ୍ୟନ୍ତ ତାହାକୁ ମରାମତି କରାଯାଇନାହିଁ। ଉକ୍ତ ଭଙ୍ଗାଘରେ ବର୍ତ୍ତମାନ କାର୍ଯ୍ୟାଳୟ ଚାଲିଛି । ୧୯୫୬ ମସିହାରେ ରାମଗିରିଠାରେ ପ୍ରାଣୀଧନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା। ଏହା ଉପରେ ୮ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ତେବେ ଏଠାରେ ଅନେକ ସମସ୍ୟା ଲାଗିରହିଛି। ଷ୍ଟାଫ୍ କ୍ୱାର୍ଟର୍ସ ନ ଥିବାରୁ ପ୍ରାଣୀଧନ ନିରୀକ୍ଷକ ବାହାରେ ଭଡା ରହୁଛନ୍ତି । ରାତି ସମୟରେ କୌଣସି ବ୍ୟକ୍ତି ଗୃହପାଳିତ ପଶୁକୁ ଚିକିତ୍ସା ପାଇଁ ଆଣିଲେ ହଇରାଣ ହେଉଛନ୍ତି। ସେହିପରି କାର୍ଯ୍ୟାଳୟର ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି। ତୁରନ୍ତ ଏହାକୁ ମରାମତି କରାଯିବା ସହ ନୂତନ କୋଠା ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ପୂର୍ବତନ ବ୍ଲକ ଉପାଧକ୍ଷା ଅମ୍ବିକା ଗୌଡ ଦାବି କରିଛନ୍ତି । ଏ ନେଇ ଜିଲା ପ୍ରାଣୀଧନ ନିରୀକ୍ଷକ କିଶୋର ଚନ୍ଦ୍ର ଆଚାର୍ଯ୍ୟଙ୍କୁ ପଚାରିବାରେ 'ମୁଁ ସରକାର ଓ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ଲିଖିତ ଭାବେ ଜଣାଇଛି ବୋଲି କହିଛନ୍ତି।

### ବଡ଼ ମେଡିକାଲ: ୟୁଜର୍ସ ଫି ଫଳକ ହଟୁନି

**ବ୍ରହ୍ମପୁର ଅଫିସ୍,୧୬।୧୧:** ବ୍ରହ୍ମପୁର ବଡମେଡିକାଲ ଆରଡିସି (ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର)ରୁ ୟୁଜର୍ସ ଫି ଫଳକ କମାଯାଇନି। ଯଦ୍ଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟ ଫଳକକୁ ଦେଖି ଦ୍ୱନ୍ଦ୍ୱରେ ପଡୁଥିବା ଦେଖିବାକୁ ମିଳିଛି । ରାଜ୍ୟ ସରକାର ନିଦାନ ଏବଂ ନିରାମୟ ଯୋଜନାର ଶୁଭାରମ୍ଭ କରିବା ପରେ ରୋଗୀଙ୍କୁ ସମସ୍ତ ପ୍ରକାର ଔଷଧ ଏବଂ ଡାଇଗ୍ନୋଷ୍ଟିକ୍ ପରୀକ୍ଷାନିରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି । ତେବେ ବଡ ମେଡିକାଲରେ ୟୁଜର୍ସ ଫି ଫଳକଟିକୁ କର୍ତ୍ତୃପକ୍ଷ ହଟାଇ ନ ଥିବାରୁ ସମସ୍ୟା ଉପୁଜିଛି । ସେହିପରି ଓପିଡିରୁ ଟିକଟ୍ କାଟି ଆରଡିସି ମଧ୍ୟକୁ ରୋଗୀଙ୍କୁ ନେଇ ସମ୍ପର୍କୀୟମାନେ ଆସୁଥିବା ବେଳେ ୟୁଜର୍ସ ଫି ଫଳକକୁ ଦେଖି ଆଚମ୍ବିତ ହୋଇଯାଉଛନ୍ତି । ପରେ କର୍ତ୍ତୃପକ୍ଷଙ୍କ ଠାରୁ ବୁଝି ମାଗଣାରେ ନିଜର ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା କରୁଥିବା ଅଭିଯୋଗ ହୋଇଛି । ଏ ନେଇ ବଡମେଡିକାଲ କ୍ୱାଲିଟି ମ୍ୟାନେଜର୍ ସରୋଜ ସାମଲଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ଡାଇଗ୍ନୋଷ୍ଟିକ୍ ପରୀକ୍ଷା ନିରୀକ୍ଷା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି। ପୂର୍ବରୁ ରହିଥିବା ଟିକଟ କାଉଣ୍ଟରଟି ସ୍ଥାନାନ୍ତର ହୋଇଛି। ଉକ୍ତ ଫଳକଟିକୁ ଖୁବ୍ ଶୀଘ୍ର ହଟାଇ ଦିଆଯିବ ।

# ମୁନିଗୁଡାକୁ ମିଳୁନି ଏନ୍‌ଏସି ମାନ୍ୟତା

## ରାଜନେତାଙ୍କ ଇଚ୍ଛାଶକ୍ତି ଅଭାବ

**ମୁନିଗୁଡା, ୧୬।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡରେ ଥିବା ଚନ୍ଦ୍ରପୁର, ମୁନିଗୁଡ଼ା ଓ ବିଷମକଟକ ତହସିଲ ମଧ୍ୟସ୍ଥଳରେ ମୁନିଗୁଡ଼ା ଅବସ୍ଥିତ। କନ୍ଧମାଳ, ରାୟଗଡ଼ା ଓ କଳାହାଣ୍ଡି ଜିଲାର ଅଧିକାଂଶ ଲୋକଙ୍କ ସମେତ ଉପରୋକ୍ତ ୩ଟି ତହସିଲର ପ୍ରାୟ ୩୦ଟି ପଞ୍ଚାୟତ ମୁନିଗୁଡ଼ା ଉପରେ ନିର୍ଭରଶୀଳ। ମୁନିଗୁଡ଼ା ଷ୍ଟେଶନରୁ ସିଧାସଳଖ ଦିଲ୍ଲୀ, ଭୁବନେଶ୍ୱର, ବାଙ୍ଗାଲୋର, ବମ୍ବେ, ଚେନ୍ନାଇ, କଲିକତା ଆଦି ସ୍ଥାନକୁ ଟ୍ରେନ ଚଳାଚଳ ମଧ କରୁଛି। ଭୌଗୋଳିକ ଅବସ୍ଥିତି, ଦୂରତା, ଜନସଂଖ୍ୟା, ବାଣିଜ୍ୟ ଆଦି ଦୃଷ୍ଟିକୋଣରୁ ମୁନିଗୁଡ଼ା ସବ୍ ଡ଼ିଭିଜନ ଓ ଏନଏସି ମାନ୍ୟତା ପାଇଁ ପ୍ରକୃଷ୍ଟ ସ୍ଥାନ । ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରି ଆସୁଥିଲେ ମଧ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି। ତୁରନ୍ତ ଏହି ଦାବି ପୂରଣ ନ ହେଲେ ଆଗାମୀ ନିର୍ବାଚନରେ ଉଚିତ ଜବାବ ଦେବୁ ବୋଲି ମୁନିଗୁଡା ଅଞ୍ଚଳର ବୁଦ୍ଧିଜୀବୀମାନେ କହିଛନ୍ତି।

ରାୟଗଡା ଜିଲା ମୁନିଗୁଡାକୁ ସବ୍‌ଡିଭିଜନ ଓ ଏନଏସି ମାନ୍ୟତା ପ୍ରଦାନ ନେଇ କିଛିବର୍ଷ ହେବ ଦାବି ଜୋର ଧରିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସରକାର ଏଥିପ୍ରତି ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଦେଖାଯାଇଛି। ରାଜ୍ୟ ସରକାର ମୁନିଗୁଡା, ବାଲିଗୁଡା, ଧର୍ମଗଡ ସହ ଅନ୍ୟ କେତୋଟି ସହରକୁ ଏନ୍‌ଏସି ମାନ୍ୟତା ଘୋଷଣା କରିଥିଲେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ବାଲିଗୁଡା ଓ ଧର୍ମଗଡଠାରେ ଏହା କାର୍ଯ୍ୟକାରୀ ହୋଇଥିବାବେଳେ ମୁନିଗୁଡାକୁ ଏଥିରୁ ବାଦ୍ ଦିଆଯାଇଛି। ମୁନିଗୁଡାକୁ କାହିଁକି ବାଦ ଦିଆଯାଇଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ମୁନିଗୁଡାରେ ରାଜନୈତିକ ଦଳ ମାନଙ୍କର ଏ ଦିଗରେ ଇଚ୍ଛାଶକ୍ତି ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ସେହିଭଳି ଏଠାରୁ କୌଣସି ଜଣେ ନେତା ଯିଏକି ରାଜ୍ୟସ୍ତରରେ ଏହି ଦାବିକୁ ନେଇ ଦୃଢତାର ସହ ଉପସ୍ଥାପନ କରିବାର କ୍ଷମତା ରଖିପାରି ନ ଥିବା ଯୋଗୁ ମୁନିଗୁଡା ଆଜି ଅବହେଳିତ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି। ମୁନିଗୁଡାକୁ ଏନ୍‌ସି ମାନ୍ୟତା ଦାବିରେ ମୁନିଗୁଡା ବିକାଶ ପରିଷଦ, ଯୁବ ବିକାଶ ପରିଷଦ, ନାଗରିକ ମଞ୍ଚ, ବଜରଙ୍ଗଦଳ ସହ ବିଭିନ୍ନ ଅନୁଷ୍ଠାନ ଓ କ୍ଲବ ସଦସ୍ୟମାନେ ୨୦୧୭ ସେପ୍ଟେମ୍ବରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ୧୦ଦିନ ଧରି ଧାରଣା ଦେଇଥିଲେ। ପରେ ମୁନିଗୁଡାର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଏକ ନକଲ ମୁଖ୍ୟଶାସନ ସଚିବ, ନଗର ଉନ୍ନୟନ ମନ୍ତ୍ରୀ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ମଧ ପ୍ରଦାନ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏହି ଦାବି ପୂରଣ କରିବାକୁ ସାଧାରଣରେ ଦାବି ହୋଇଛି ।



ମୁନିଗୁଡ଼ାରେ ଆୟୋଜିତ ପ୍ରେରଣାତ୍ମକ ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ହିରୋର ନୂଆ ଡେଷ୍ଟିନି ୧୨୫ ସ୍କୁଟର ବଜାରରେ



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ରାୟଗଡା ଅଫିସ୍, ୧୬।୧୧**

ହିରୋ ମୋଟୋକର୍ପର ନୂଆ ୧୨୫ ସିସି ସ୍କୁଟର 'ଡେଷ୍ଟିନି'କୁ ରାୟଗଡାସ୍ଥିତ 'ଅଜିତ ହିରୋ' ଶୋ'ରୁମ ପକ୍ଷରୁ ଉନ୍ମୋଚନ କରାଯାଇଛି। ସ୍ଥାନୀୟ ତେଜସ୍ୱୀ ଇଣ୍ଟରନ୍ୟାସନାଲ ହୋଟେଲରେ ଆୟୋଜିତ ଉତ୍ସବରେ ରାୟଗଡା ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳାଇ ମୁଖ୍ୟଅତିଥି, ଏମ୍‌ଭିଆଇ ଶିବଶଙ୍କର ଚୌଧୁରୀ ସମ୍ମାନିତ ଅତିଥି, ଇଣ୍ଡିଆନ ଆଇଡଲ ଫେମ୍ ଅନୁରାଧା ପାଣିଗ୍ରାହୀ ଯୋଗଦେଇ ଏହାର ବଜାର ପ୍ରବେଶ କରାଇଥିଲେ। ଏଥିରେ ଅଜିତ ହିରୋର ସ୍ୱତ୍ତ୍ୱାଧିକାରୀ ଅଶୋକ ଜୈନଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଆଞ୍ଚଳିକ ସ୍ତରୀୟ ପ୍ରେରଣାତ୍ମକ ପ୍ରଶିକ୍ଷଣ ଶିବିର

**ମୁନିଗୁଡା, ୧୬।୧୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଅନ୍ତର୍ଗତ ମୁନିଗୁଡା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ମୁନିଗୁଡା, ବିଷମକଟକ, ଚନ୍ଦ୍ରପୁର ବ୍ଲକର ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ନେଇ ଆଞ୍ଚଳିକସ୍ତରୀୟ ପ୍ରେରଣାତ୍ମକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା. ଦିଲୀପ କୁମାର ବେହେରା ଅଧକ୍ଷତା କରିଥଲେ । ଜିଲା ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଅଧକ୍ଷ ଯୁଗଳ କିଶୋର ମିଶ୍ର ମୁଖ୍ୟବକ୍ତା, ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ହୃଷିକେଶ ଜାଲି, ଅବସରପ୍ରାପ୍ତ ଜିଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲିକ, ସମାଜସେବୀ ଗୌରାଙ୍ଗ ଚରଣ ରାଉତ, ୟୁନିସେଫ୍ ସଂଯୋଜକ ବିପିନ ବିହାରୀ ବାରିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଚନ୍ଦ୍ର ପାଠୀ, ରାଧାକାନ୍ତ ଛତ୍ରୀ, ଜୀବନ କିଶୋର ବରୁଆ, ପ୍ରଧାନଶିକ୍ଷକ କରୁଣାକର ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାରେ ଗାନ୍ଧିଜୀଙ୍କ ଆଦର୍ଶବୋଧ, ବ୍ୟକ୍ତିଗତ ଜୀବନ, ବୃତ୍ତିଗତ ନୈତିକତା ଓ ବ୍ୟବହାରିକ ପରିବର୍ତ୍ତନ, ଦଳଗତ କାର୍ଯ୍ୟଶୈଳୀ ଦ୍ୱାରା ବିଦ୍ୟାଳୟ ପରିବେଶ ପରିବର୍ତ୍ତନ ଓ ପରିଚାଳନା, ସକାରାତ୍ମକ ଚିନ୍ତାଧାରାର ବିକାଶ , ବିଦ୍ୟାଳୟ କ୍ୟାବିନେଟ୍‌ର ଭୂମିକା ଆଦି ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଅକ୍ଷୟ କୁମାର ରଥ ମଞ୍ଚ ପରିଚାଳନା କରିଥିଲେ । ସରକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଶବର, ରତ୍ନାକର ବେହେରା, ଭାସ୍କର ରାଓ, ସିଆରସିସି ପ୍ରବୀର ଲିମା, ପ୍ରଦୀପ ରତ୍ନାଲୁ, ନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା



ଜଣେ ଛାତ୍ରୀ ନିଜ ପ୍ରକଳ୍ପ ସମ୍ପର୍କରେ କହୁଛନ୍ତି ।

**ରାୟଗଡା ଅଫିସ୍, ୧୬।୧୧**

ରାୟଗଡା ଜିଲା ସଦର ବ୍ଲକ୍ ଉଗ୍ରତାରା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଗ୍ରତାରା କଲେଜ ପ୍ରିନ୍ସପାଲ ପ୍ରଭାକର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପ୍ରଧାନଶିକ୍ଷକ ଧିରେନ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ୧୮ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ବ୍ଲକ୍ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ରାୟଗଡା ନ୍ୟୁକଲୋନୀସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ର ଆୟୁଷ ଅନିମେଶ ଭୂୟାଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହିଭଳି କୋଲନରା ବ୍ଲକ୍‌ର ଜଗଦମ୍ବା ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ମିଟ୍ସ କଲେଜ ପ୍ରିନ୍ସପାଲ ରଘୁନାଥ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ରନାଥ ମିଶ୍ର ସଭାପତିତ୍ୱ କରିଥିବା ବେଳେ ବ୍ଲକ୍ ଶିକ୍ଷାଧିକାରୀ ଖଗେଶ୍ୱର ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ୍‌ର ୧୨୦ଟି ସ୍କୁଲର ଛାତ୍ରୀଛାତ୍ର ୨୨୦ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ପଦାର୍ଥ ବିଜ୍ଞାନ, ଗଣିତ, ବାୟୁ ପ୍ରଦୂଷଣ, ମୃତ୍ତିକା ସଂରକ୍ଷଣ, ବିଦ୍ୟୁତ୍ ଉପଯୋଗିତା, ଜଳ ସଂରକ୍ଷଣ, ଜଙ୍ଗଲ ସୁରକ୍ଷା, ଡାଲି ଜାତୀୟ ଖାଦ୍ୟ ସଂରକ୍ଷଣ, ହାଇଡ୍ରୋଲିକ୍ ଯନ୍ତ୍ରର ଉପଯୋଗିତା, ଟ୍ରାଫିକ୍ ନିୟନ୍ତ୍ରଣ ଭଳି ବିଭିନ୍ନ ପ୍ରକଳ୍ପ ଅତିଥିମାନେ ବୁଲି ଦେଖିଥିଲେ । ୧୦ ପ୍ରକଳ୍ପକୁ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ଚୟନ କରାଯାଇଛି। ଶେଷରେ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିଆ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦାବନ ମାରାଣ୍ଡୀ, ଅରୁଣ କର, ରବୀନ୍ଦ୍ରନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ମୁନିଗୁଡ଼ା,୧୬।୧୧(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ମହାବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁନିଗୁଡ଼ା ବିଡ଼ିଓ ଡ଼ା. ଦିଲୀପ କୁମାର ବେହେରା ମୁଖ୍ୟଅତିଥି, ବ୍ଲକ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଏବିଡ଼ିଓ ସୁବାସ ଶବର, ମୁନିଗୁଡ଼ା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ଦେବାନନ୍ଦ ମିଶ୍ର, ଭାସ୍କର ରାଓ, ରତ୍ନାକର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ା ପତାକାକୁ ଉତ୍ତୋଳନ କରିଥିଲେ। ପରେ ବିଭିନ୍ନ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ସଞ୍ଜୀବ କାତ୍ରାକା, ସୁଭେନ୍ଦୁ ଦାସ, କୃଷ୍ଣଚନ୍ଦ୍ର ଗୌଡ଼,ପ୍ରଭାତୀ ଟୁଙ୍ଗ, ଶେଖ ଜାବିର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ରୀଡ଼ାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଶିକ୍ଷକ ଅକ୍ଷୟ ରଥ, ସିଆରସିସି ପ୍ରବିର ଲିମା, ନାରାୟଣ ପଣ୍ଡା, ପ୍ରଦୀପ ରତ୍ନାଲୁ, ରାଧାକାନ୍ତ ମହାପାତ୍ର, ଦେବେନ୍ଦ୍ର ବେହେରା,ଚିତରଞ୍ଜନ ମିଶ୍ର, କୃଷ୍ଣଚନ୍ଦ୍ର ଷଡଙ୍ଗୀ, କେଦାର ନାୟକ, ଲକ୍ଷ୍ମଣ ଜେନା ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ମହାବିଦ୍ୟାଳୟ କ୍ରୀଡ଼ା ଅଧ୍ୟାପକ ଚତୁର୍ଭୁଜ ବନ୍‌ଛର ଓ ମନୋଜ ପାଢୀଙ୍କ ମିଳିତ ନେତୃତ୍ୱ ନେଇଥିଲେ ।



କ୍ରୀଡ଼ା ପ୍ରତିଯୋଗିତାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

# ଅଗ୍ନିବିପନ୍ନ ପରିବାରକୁ ସହାୟତା

**କାଶୀନଗର ୧୬।୧୧(ଡି.ଏନ୍.ଏ.)**

କାଶୀନଗର ବ୍ଲକ ବୁଦୁରା ପଞ୍ଚାୟତ ଅନ୍ତର୍ଗତ କିତିଙ୍ଗ ଗ୍ରାମରେ ବୁଧବାର ୧୨ଟି ପରିବାର ପୋଡ଼ି ଭସ୍ମୀଭୂତ ହୋଇଯାଇଥିଲା। ଫଳରେ ଏହି ପରିବାରଗୁଡ଼ିକ ବାସହରା ହୋଇପଡ଼ିଛନ୍ତି। ଶୁକ୍ରବାର ଏହି ଗ୍ରାମରେ ବରିଷ୍ଠ କଂଗ୍ରେସ ନେତା ତଥା ହାଇଟେକ୍ ମେଡିକାଲ କଲେଜର ଅଧକ୍ଷ ତିରୁପତି ପାଣିଗ୍ରାହୀ ପହଞ୍ଚି ଅଗ୍ନିକାଣ୍ଡ ବିପନ୍ନମାନଙ୍କୁ ଭେଟି ଚାଉଳ ଓ ୨ହଜାର ଟଙ୍କା ପ୍ରଦାନ କରିବା ସହ ଆଶ୍ୱାସନା ଦେଇଛନ୍ତି। ସେମାନଙ୍କୁ କିପରି ସରକାରୀ ସହାୟତା ମିଳିପାରିବ ସେନେଇ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ତାଙ୍କ ସହ ଗାବରା ତିରୁପତି ଏବଂ ଅଖିଳ ପାତ୍ରଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ବିପନ୍ନମାନଙ୍କୁ କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀ ସହାୟତା ପ୍ରଦାନ କରୁଛନ୍ତି।

# ରାଜ୍ୟପାଳଙ୍କୁ ଦାବିପତ୍ର ଦେଲା ଭାଜପା

**ରାୟଗଡା ଅଫିସ୍, ୧୬।୧୧**

ରାୟଗଡା ଜିଲା ଭାଜପା ପକ୍ଷରୁ ୯ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପ୍ରଦାନ କରାଯାଇଛି । ଭାଜପା ସଭାପତି ଶିବଶଙ୍କର ଉଲ୍ଲାକାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ। ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ୩୬ ରହିବା ସ୍ଥଳେ ୨୦ ଅଛନ୍ତି, ଷ୍ଟାଫ୍ ନର୍ସ ୮୩ରୁ ୮ଜଣ ରହିଛନ୍ତି, ଲାବ ଟେକନିସିଆନ ୧୨ରୁ ୮, ଏଏନ୍‌ଏମ୍ ୫୩ରୁ ୨୯, କାଶୀପୁର ବ୍ଲକ୍‌ରେ ୧୦ରୁ ୫ଜଣ ଡାକ୍ତର ଅଛନ୍ତି । ବିଶେଷଜ୍ଞ ଡାକ୍ତରଙ୍କ ମରୁଡି ଏପରି ଅସ୍ଥିଶଲ୍ୟ, ଇଏନ୍‌ଟି ଭଳି ବହୁ ଅତ୍ୟାବଶ୍ୟକ ଓ ଜରୁରୀ ବିଶେଷଜ୍ଞ ନ ଥିବାରୁ ଜନସାଧାରଣ ବାହାରକୁ ଯାଇ ବହୁ ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ୯୯ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଅତି କମ୍‌ରେ ୧୬୦ଜଣ ରୋଗୀ ପ୍ରତିଦିନ ଚିକିତ୍ସାଳୟର ବିଭିନ୍ନ ୱାର୍ଡରେ ଭର୍ତ୍ତି ହୋଇ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି, ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଗୁଣପୁର ମହାବିଦ୍ୟାଳୟ ଜିଲାର ସର୍ବ ପୁରାତନ କଲେଜ ହୋଇଥିବାସ୍ଥଳେ ସରକାରୀ ମାନ୍ୟତା ପାଇ ପାରିନାହିଁ। ଯାହାଫଳରେ ହଜାର ହଜାର ଆଦିବାସୀ ଓ ଅନ୍ୟବର୍ଗର ଛାତ୍ରୀଛାତ୍ରମାନେ ଅତ୍ୟଧିକ ଫି ଦେଇ ପାଠ ପଢ଼ିବା କଷ୍ଟକର ହେଉଛି, ଆୟୁଷ୍ମାନ ଯୋଜନା ଓଡ଼ିଶାରେ ଲାଗୁ କରିବା, ରାୟଗଡାରେ ଥିବା ଏକଲବ୍ୟ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଉକ୍ତ ସ୍କୁଲର ଫଳାଫଳ ଭଲ ହେଉନି । ଏଭଳିକି ଉକ୍ତ ସ୍କୁଲରେ ଖାଦ୍ୟ ନିମ୍ନମାନର ଯୋଗାଇ ଦିଆଯାଉଛି । ଏମ୍‌ଜିଏନ୍‌ଆର୍‌ଏଜିଏସ୍ ଜରିଆରେ ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଗଛ ଲଗାଇବାରେ କାଶୀପୁର ବ୍ଲକ୍‌ରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବାରୁ ଏହାର ତଦନ୍ତ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ସମୟରେ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି କାଳୀରାମ ମାଝି, ଭାଜପାର କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ରଜତ ମାଦଳା, ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା, ରାୟଗଡା ନଗର ସଭାପତି ଏମ୍.ରାମ୍ମା ରାଓ, ଜିଲା ସାଧାରଣ ସମ୍ପାଦକ ଭାସ୍କର ପଣ୍ଡା, ଜିଲା ଉପସଭାପତି ହଳଧର ମିଶ୍ର, ରାୟଗଡା ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ଭାଜପା କର୍ମୀମାନେ ରାଜ୍ୟପାଳଙ୍କ ସହ ଆଲୋଚନା କରୁଛନ୍ତି ।